ଧରିତ୍ରୀ
DHARITRI
52 Years

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୩୧/୨୦୨୬ (୧୮ ପୃଷ୍ଠା) | Bhubaneswar, Tuesday, March 31/2026 | Page 18 | ₹ 7.00

୫୨ଶ ଭାଗ ୧୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 125 | ମୂଲ୍ୟ ₹୭/-



ଶୀତଲ ୱାର୍ଲ୍ଡ ଆର୍ଚର ଅଫ୍ ଇୟର

ୱାର୍ଲ୍ଡ ଆର୍ଚେରୀ ଦ୍ୱାରା 'ୱାର୍ଲ୍ଡ ଆର୍ଚର ଅଫ୍ ଇୟର ୨୦୨୫' ବିବେଚିତ ହୋଇଛନ୍ତି ଭାରତୀୟ ତୀରନ୍ଦାଜ ଶୀତଲ ଦେବୀ।

୧୮

୦୨

ଭୟଭୀତ ଶାହରୁଖ

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଭୟଭୀତ ବଲିଉଡ ବାଦଶାହା ଶାହରୁଖ ଖାନ୍ ତାଙ୍କ ଫିଲ୍ମ 'କିଙ୍ଗ୍'ର ଶୁଟିଂ ଦୁବାଇ ପରିବର୍ତ୍ତେ ମୁମ୍ବାଇରେ କରିବାକୁ ସ୍ଥିର କରିଛନ୍ତି।

ଡଲାର ହେଲା ୯୫.୨୧ ଟଙ୍କା

- ଭାରତର ବିତ୍ତୀୟ ନିଅଣ୍ଟ ୧୨.୫ ଲକ୍ଷ କୋଟି ଟଙ୍କା
- କୋଭିଡ୍ ପରଠୁ ସବୁଠୁ ଖରାପ ସ୍ଥିତିରେ ପୁଞ୍ଜି ବଜାର

ଭାରତୀୟ ଟଙ୍କା ଗତ କିଛି ମାସ ଧରି ଏସିଆର ସବୁଠୁ ନିକୃଷ୍ଟ ମୁଦ୍ରା ଭାବେ ପ୍ରଦର୍ଶନ ଜାରି ରଖିଥିବାବେଳେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଏହାର ଦୁର୍ଦ୍ଦଶାକୁ ବହୁଗୁଣିତ କରିଦେଇଛି। ବିଶେଷକରି ଇରାନ୍ ଯୁଦ୍ଧ ଥମିବାର ନାଁ ନେଉ ନ ଥିବାରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଓ ପ୍ରାକୃତିକ ବାଷ୍ପ ମୂଲ୍ୟ ବୃଦ୍ଧି ଭାରତୀୟ ଅର୍ଥନୀତି ପାଇଁ କାଳ ହୋଇଛି। ଭୂରାଜନୈତିକ ଉତ୍ତେଜନା ଭିତରେ ଘରୋଇ ବଜାର ଉପରେ ନିବେଶକମାନେ ଭରସା କରିପାରୁ ନାହାନ୍ତି। ଏଭଳି ସ୍ଥିତିରେ ପୁଞ୍ଜି ବଜାରରୁ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ) ବିପୁଳ ଅର୍ଥ ଉଠାଇ ନିବେଶର ନିରାପଦ ବିକଳ୍ପକୁ ବାଛୁଥିବା ଦେଖିବାକୁ ମିଳିଛି। ଫେବୃଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବା ପରଠୁ ସେନ୍ସେକ୍ସ ୬,୪୪୩ ପଏଣ୍ଟ (୮.୨୦%) ଓ ନିଫ୍ଟି ୨,୨୮୦ (୯.୨୫%) ଖସିସାରିଲାଣି। ୨୦୨୦ ମାର୍ଚ୍ଚରେ କୋଭିଡ୍-୧୯ ସଂକ୍ରମଣ ପରଠାରୁ ଶେୟାର ବଜାରର ଏପରି ଅବସ୍ଥା ଦେଖିବାକୁ ମିଳି ନ ଥିଲା। ଗୁଜରାଟ ଓ ମହାରାଷ୍ଟ୍ର ଭଳି ରାଜ୍ୟରେ ଶିଳ୍ପ ୟୁନିଟ୍‌ଗୁଡ଼ିକ ବନ୍ଦ ହେବାରେ ଲାଗିଥିବାରୁ ଦେଶର ମାନୁଫାକ୍ଚରିଂ (ବିନିର୍ମାଣ) କାର୍ଯ୍ୟକଳାପ ଗତ ସାଢ଼େ ୪ ବର୍ଷରେ ସର୍ବନିମ୍ନ ସ୍ତରକୁ ଖସିଯାଇଛି। ଅପରପକ୍ଷେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ସୋମବାର ଡଲାର ତୁଳନାରେ ୯୫.୨୧ ଟଙ୍କା ଅତିକ୍ରମ କରିବା ଦେଶର ଅର୍ଥନୀତି ପାଇଁ ଚିନ୍ତାଜନକ ସ୍ଥିତି ଉପୁଜାଇଛି। ସରକାରୀ ସ୍ତରରେ ନିଆଯାଉଥିବା ନୀତି ଆର୍ଥିକ ସଂସ୍କାର କ୍ଷେତ୍ରରେ ପର୍ଯ୍ୟାପ୍ତ ହେଉ ନ ଥିବାବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମଧ ସ୍ୱାଧୀନ ଭାବେ କୌଣସି ନିଷ୍ପତ୍ତି ନେଇପାରୁ ନାହିଁ। ଏସବୁ ଭିତରେ ବିଦାୟୀ ଆର୍ଥିକବର୍ଷରେ ଦେଶର ବିତ୍ତୀୟ ନିଅଣ୍ଟ ୧୨.୫ ଲକ୍ଷ କୋଟି ଟଙ୍କାକୁ ଛୁଇଁଛି।

ନୂଆଦିଲ୍ଲୀ,୩୦।୩(ରଏଟର୍ସ/ପି.ଟି.)

ଭାରତୀୟ ଅର୍ଥନୀତି ଗତ କିଛି ବର୍ଷ ହେଲା ଆର୍ଥିକ ଚାପ ଦେଇ ଗତି କରୁଛି। ବଡ଼ ବଡ଼ ପରିସଂଖ୍ୟାନ ଦେଖାଇ ବିକାଶର କଥା କୁହାଯାଉଛି। କିନ୍ତୁ ତାହା ବାସ୍ତବ କ୍ଷେତ୍ରରେ ଦେଖିବାକୁ ମିଳୁ ନ ଥିବାରୁ କେବଳ କାଗଜ କଲମ ଓ ଭାଷଣରେ ସୀମିତ ବୋଲି ସଙ୍କଟ ସମୟରେ ଧରାପଡ଼ିଯାଉଛି। ପୂର୍ବରୁ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ଆମେରିକାର ୫୦% ରେସିପ୍ରୋକାଲ ଟାରିଫ୍ ଦେଶର ରପ୍ତାନି କ୍ଷେତ୍ରକୁ ଏକପ୍ରକାର ସ୍ଥାଣୁ ଅବସ୍ଥାକୁ ଟାଣିଆଣିଥିବାବେଳେ ଏହି ଆର୍ଥିକବର୍ଷରେ ବିଦେଶୀ ନିବେଶକମାନେ ଭାରତୀୟ ଶେୟାର ମାର୍କେଟରୁ ୧୯.୬୯ ବିଲିୟନ୍ ଆମେରିକୀୟ ଡଲାରର ଷ୍ଟକ୍ସ ବିକି ମୁହଁ ଫେରାଇନେଇଛନ୍ତି। ୨୦୨୬ ମାର୍ଚ୍ଚ ୩୦ରେ ଭାରତୀୟ ମୁଦ୍ରାର ସବୁଠୁ ଖରାପ ପ୍ରଦର୍ଶନ ଦେଖିବାକୁ ମିଳିଛି। ଡଲାର ତୁଳନାରେ ଏହାର ବିନିମୟ ମୂଲ୍ୟ ପ୍ରଥମ ଥର ପାଇଁ ୯୫ ଟଙ୍କାର ସ୍ତରକୁ ଭାଙ୍ଗିଦେଇଛି। ୨୦୨୬ ଆର୍ଥିକବର୍ଷରେ ଟଙ୍କା ପ୍ରାୟ ୯.୯% ଦୁର୍ବଳ ହୋଇଛି, ଯାହାକି ଗତ ୧୪ ବର୍ଷରେ ଏହାର ସବୁଠୁ ଦୁର୍ବଳ ବାର୍ଷିକ ଅବମୂଲ୍ୟାୟନ। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜ (ଫରେକ୍ସ) ମାର୍କେଟରେ ସୋମବାର ସେସନ୍‌ରେ କାରବାର ଆରମ୍ଭ ବେଳକୁ ଟଙ୍କା ଖୋଲିବା ମାତ୍ରେ ୯୫.୨୧କୁ ଖସିଥିଲା। କାରବାର ଶେଷ ଆଡ଼କୁ ସ୍ଥିତିରେ ସାମାନ୍ୟ ସୁଧାର ଆସି ଡଲାର ତୁଳନାରେ ଏହାର ବିନିମୟ ମୂଲ୍ୟ ୯୪.୭୦ ଟଙ୍କା ରହିଥିଲା। ୨୦୨୫ ଏପ୍ରିଲରେ ଆରମ୍ଭ ହୋଇଥିବା ଏହି ଆର୍ଥିକବର୍ଷରେ ଟଙ୍କା ୧୧% ଖସିସାରିଲାଣି। ୨୦୧୧-୧୨ ପରେ ଏହା ହେଉଛି ଟଙ୍କାର ସବୁଠୁ ନିକୃଷ୍ଟ ପ୍ରଦର୍ଶନ। ଦେଖିବାକୁ ଗଲେ ୨୦୨୬ ପ୍ରାରମ୍ଭରୁ ଭାରତୀୟ ଅର୍ଥନୀତି

☞ପୃଷ୍ଠା-୪

ଆଜିର ସମ୍ପାଦକୀୟ

ନିର୍ବାଚନ ପରେ

ଦିଲ୍ଲୀରେ ଆଜି

କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ, କିରେନ ରିଜିଜୁ ଏବଂ ଡ. ସୁକାନ୍ତ ମଜୁମଦାରଙ୍କ ନେତୃତ୍ୱରେ ଭାଜପାର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ସୋମବାର ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଭେଟିବା ପରେ ଇସି ମୁଖ୍ୟାଳୟଠାରେ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି। (ଫଟୋ: ଚମନ ଗୌତମ)

ଭାରତ ମାଓବାଦୀ ମୁକ୍ତ ହୋଇଛି: ଶାହା

ନୂଆଦିଲ୍ଲୀ,୩୦।୩(ପି.ଟି.)

ଭାରତ ମାଓବାଦୀ ମୁକ୍ତ ହୋଇଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସୋମବାର ଘୋଷଣା କରିଛନ୍ତି। ମାଓବାଦୀମାନଙ୍କ ଶୀର୍ଷ ସଂଗଠନ ଏବଂ କେନ୍ଦ୍ରୀୟ ଢାଞ୍ଚା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଛି ବୋଲି ଶାହା କହିବା ସହ ଦୀର୍ଘ ବର୍ଷ ଧରି ଲାଗିରହିଥିବା ମାଓବାଦୀ ହିଂସା ବନ୍ଦ ପାଇଁ କଂଗ୍ରେସ କିଛି କରି ନ ଥିଲା ବୋଲି ଅଭିଯୋଗ କରିଛନ୍ତି।

ଦେଶକୁ ମାଓବାଦୀ ମୁକ୍ତ କରିବା ପାଇଁ ସରକାରଙ୍କ ଉଦ୍ୟମ ଉପରେ ଲୋକ ସଭାରେ ବିତର୍କର ଉତ୍ତର ରଖି ଶାହା କହିଛନ୍ତି, କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଅନେକ ସମୟରେ ମାଓବାଦୀଙ୍କ ମାର୍ଗକୁ ସମର୍ଥନ କରୁଥିବା ଲୋକଙ୍କ ସହ ଦେଖିବାକୁ ମିଳୁଛି। ଏପରିକି ସେ ମାଓବାଦୀଙ୍କ ପ୍ରତି ସମ୍ବେଦନଶୀଳ ଭିଡିଓଗୁଡ଼ିକୁ ନିଜ ସୋସିଆଲ ମିଡିଆ ହ୍ୟାଣ୍ଡଲରେ ପୋଷ୍ଟ କରୁଛନ୍ତି। କଂଗ୍ରେସକୁ ଟାର୍ଗେଟ କରି ଶାହା କହିଛନ୍ତି, ୭୦ ଦଶକରେ ତତ୍କାଳୀନ ଅବିଭାଜିତ ଆନ୍ଧ୍ରପ୍ରଦେଶ ନିର୍ବାଚନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ମାଓବାଦୀଙ୍କ ସହାୟତା ଗ୍ରହଣ କରିଥିଲେ ଏବଂ ମାଓବାଦୀ ବିଚାରଧାରା ଦ୍ୱାରା ପ୍ରଭାବିତ ହୋଇଥିଲେ। କ୍ଷମତାରେ ଥିବା ଲୋକମାନଙ୍କ ସମର୍ଥନ ବିନା ଲାଲ୍ କରିଡର ସୃଷ୍ଟି ହୋଇପାରି ନ ଥାନ୍ତା ବୋଲି ବିଶେଷଜ୍ଞମାନେ ମତ ଦେଇଥିବା ଶାହା କହିଛନ୍ତି।

୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ମାଓବାଦୀ ମୁକ୍ତ କରିବା ଲାଗି ଶାହା ଗତବର୍ଷ ସମୟସୀମା ଘୋଷଣା କରିଥିବାବେଳେ ଏହାର ଦିନକ ପୂର୍ବରୁ ଲୋକ ସଭାରେ ବିତର୍କ ହୋଇଥିଲା। ସେ କହିଛନ୍ତି, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ଛତିଶଗଡ଼ ରାଜ୍ୟ କମିଟିର ସମସ୍ତ ସଦସ୍ୟ ଆତ୍ମସମର୍ପଣ କରିଛନ୍ତି। ଓଡ଼ିଶାର ୪ ସଦସ୍ୟଙ୍କ ମଧ୍ୟରୁ ଜଣେ ଆତ୍ମସମର୍ପଣ କରିଥିବାବେଳେ ଅନ୍ୟ ୩ ଜଣ ନିହତ ହୋଇଛନ୍ତି। ତେଲଙ୍ଗାନାରେ ୬ ଜଣ ଆତ୍ମସମର୍ପଣ କରିଥିବାବେଳେ ଅନ୍ୟ ୩ ଜଣ ନିହତ ହୋଇଛନ୍ତି। ମାଓବାଦୀ ମୂଳୋତ୍ପାଟନ ପ୍ରକ୍ରିୟା ଆନୁଷ୍ଠାନିକ ଭାବେ ସମ୍ପୂର୍ଣ୍ଣ ହେବା ପରେ ଦେଶକୁ ଅବଗତ କରାଯିବ। ତେବେ ଦେଶ ମାଓବାଦୀ ମୁକ୍ତ ହୋଇଥିବା କୁହାଯାଇପାରେ ବୋଲି ଶାହା ଗୃହରେ କହିଛନ୍ତି।

ପ୍ରେମିକାଙ୍କୁ ହତ୍ୟାକରି ୩ ଖଣ୍ଡ କଲେ ନୌସେନା କର୍ମଚାରୀ

ହାଇଦ୍ରାବାଦ,୩୦।୩

ପ୍ରେମିକା ପୋଲିପାଲ୍ଲି ମୌନିକାଙ୍କୁ ହତ୍ୟାକରି ମୃତଦେହକୁ ୩ ଖଣ୍ଡ କରିବା ପରେ ଫ୍ରିଜ୍‌ରେ ଲୁଚାଇ ରଖିଥିବା ଅଭିଯୋଗରେ ନୌସେନାର ୩୦ ବର୍ଷୀୟ ଟେକ୍‌ନିସିଆନ୍ ଚିଣ୍ଟଦା ରବୀନ୍ଦ୍ରଙ୍କୁ ଗିରଫ କରାଯାଇଛି। ବିଶାଖାପାଟଣାରେ ଏକ ଭଡ଼ା ଫ୍ଲାଟ୍‌ର ବନ୍ଦ ଘରେ ଏଭଳି ଅପରାଧ ଘଟିଛି। ଆଇଏନ୍ଏସ୍ ଡେଗାରେ ପୋଷ୍ଟିଂ ହୋଇଥିବା ରବୀନ୍ଦ୍ର ଗଜୁୱାକାରେ ଘର ଭଡ଼ାନେଇ ରହୁଥିଲେ। ରବିବାର ସେ ମୌନିକାଙ୍କୁ ଘରକୁ ଡାକିଥିଲେ। ସେ ପହଞ୍ଚିବା ପରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ମୌନିକା ରବୀନ୍ଦ୍ରଙ୍କଠାରୁ ୩.୫ ଲକ୍ଷ ଟଙ୍କା ନେଇଥିଲେ। ସେମାନଙ୍କ ସମ୍ପର୍କକୁ ରବୀନ୍ଦ୍ରଙ୍କ ସ୍ତ୍ରୀଙ୍କୁ ଜଣାଇଦେବେ ବୋଲି ମୌନିକା ଧମକ ଦେଉଥିଲେ। ରବୀନ୍ଦ୍ର ତାଙ୍କୁ ଶ୍ୱାସରୁଦ୍ଧ କରି ମାରିଦେବା ପରେ ମୃତଦେହକୁ ୩ ଖଣ୍ଡ କରି ଫ୍ରିଜ୍‌ରେ ଲୁଚାଇଥିଲେ ବୋଲି ପୋଲିସ କହିଛି।

ହର୍ମୁଜ୍ ଖୋଲ, ନଚେତ୍ ଖର୍ଗ ଧ୍ୱଂସ କରିଦେବୁ

ଇରାନ୍‌କୁ ଟ୍ରମ୍ପଙ୍କ ଚରମବାଣୀ

ୱାଶିଂଟନ୍, ୩୦।୩

ଇରାନ୍-ଆମେରିକା ଯୁଦ୍ଧ ପରିପ୍ରେକ୍ଷୀରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋମବାର ଇରାନ୍‌କୁ ଚେତାବନୀ ଦେବା ସହ ଆଣବିକ ବୁଝାମଣା ଏବଂ ହର୍ମୁଜ୍ ଷ୍ଟ୍ରେଟ୍‌କୁ ସ୍ୱାଭାବିକ କରିବା ଲାଗି ଚେତାବନୀ ଦେଇଛନ୍ତି। ଯଦି ଇରାନ୍ ତୁରନ୍ତ ଏଥିନେଇ ପଦକ୍ଷେପ ଗ୍ରହଣ ନ କରେ ତେବେ ଆମେରିକା ଇରାନ୍‌ର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ଆକ୍ରମଣ କରିବ ବୋଲି ଟ୍ରମ୍ପ୍ କହିଛନ୍ତି। ଇରାନ୍‌ର ପାୱାର ପ୍ଲାଣ୍ଟଗୁଡ଼ିକ ସହ ଏହାର ଗୁରୁତ୍ୱପୂର୍ଣ୍ଣ ତୈଳ ଭଣ୍ଡାର ଥିବା ଖର୍ଗ ଦ୍ୱୀପକୁ ଧ୍ୱଂସ କରିଦିଆଯିବ ବୋଲି ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି। ଟ୍ରମ୍ପ୍ 'ଟ୍ରୁଥ୍' ସୋସିଆଲ ମିଡିଆରେ ଉଲ୍ଲେଖକରି କହିଛନ୍ତି, ଯୁଦ୍ଧ ବନ୍ଦ ଓ ଆଣବିକ ବୁଝାମଣା କରିବାକୁ ଇରାନ୍‌ର ଏକ ନୂଆ ଏବଂ ଅପେକ୍ଷାକୃତ ନରମବାଦୀ ଗୋଷ୍ଠୀ ସହ ଆଲୋଚନା ଜାରି ରହିଛି। ଏହି ଗୋଷ୍ଠୀ ଯୁଦ୍ଧ ବନ୍ଦ କରିବାକୁ ଅନୁକୂଳ ପଦକ୍ଷେପ ନେବ ବୋଲି ଆମେ ଆଶାବାଦୀ। କିନ୍ତୁ କୌଣସି କାରଣରୁ ଯଦି ବୁଝାମଣା ସମ୍ଭବ ନ ହୁଏ ତେବେ

ଆମେରିକା ତୁରନ୍ତ ଇରାନ୍‌ର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ଆକ୍ରମଣ ଆରମ୍ଭ କରିଦେବ ବୋଲି ଟ୍ରମ୍ପ୍ କହିଛନ୍ତି। ପୂର୍ବ ଧମକ ଅନୁସାରେ ଆମେରିକା ଇରାନ୍‌ର ପ୍ରମୁଖ ତୈଳ କୂପ ସମେତ ଖର୍ଗ ଦ୍ୱୀପ ଏବଂ ଏହାର ପାୱାର ପ୍ଲାଣ୍ଟଗୁଡ଼ିକୁ ଧ୍ୱଂସ କରିଦେବ ବୋଲି ସେ କହିଛନ୍ତି। ଇରାନ୍‌ର ଖାମେନେଇ ନେତୃତ୍ୱାଧୀନ କ୍ଷମତା କେନ୍ଦ୍ରକୁ ଧ୍ୱଂସ କରିଦିଆଯାଇଥିଲାବେଳେ ଖୁବ୍‌ଶୀଘ୍ର ଇରାନ୍ ସହ ଚାଲିଥିବା ଯୁଦ୍ଧ ଶେଷ କରିଦିଆଯିବ ବୋଲି ଟ୍ରମ୍ପ୍ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଇରାନ୍ ବାଚସ୍ପତି ମହମ୍ମଦ ବାଘେର ଘାଲିବାଫ୍‌ଙ୍କ ନେତୃତ୍ୱରେ ଏକ ଗୋଷ୍ଠୀ ସହ ଆମେରିକା ଆଲୋଚନା ଜାରି ରଖିଥିବା ଟ୍ରମ୍ପ୍ ପରୋକ୍ଷରେ ଇଙ୍ଗିତ କରିଆସୁଥିଲେ ହେଁ ଟ୍ରମ୍ପଙ୍କ ଏଭଳି ଚେତାବନୀକୁ ନେଇ ଇରାନ୍‌ର କୌଣସି ପ୍ରତିକ୍ରିୟା ସାମ୍ନାକୁ ଆସିନାହିଁ। ସେପଟେ ଆରବସାଗରରେ ଆମେରିକାର ୨ଯୁଦ୍ଧ ଜାହାଜ ଆବ୍ରାହମ୍ ଲିଙ୍କନ୍ ଓ ୟୁଏସ୍‌ଏସ୍ ତ୍ରିପୋଲିର ଉପସ୍ଥିତି ଏବଂ ୫୦ ହଜାରରୁ ଅଧିକ ଆମେରିକୀୟ ସୈନିକ ନିୟୋଜିତ ରହିଥିଲାବେଳେ ଇରାନ୍‌ରେ ଗ୍ରାଉଣ୍ଡ ଅପରେଶନ ଆରମ୍ଭ କରିବାକୁ ଆମେରିକା ପ୍ରସ୍ତୁତି ନେଇସାରିଥିବା କୁହାଯାଇଛି। ତା' ଭିତରେ ଟ୍ରମ୍ପଙ୍କ ଉକ୍ତ ଚେତାବନୀ ଆଗକୁ ଭୟଙ୍କର ସ୍ଥିତି ଉତ୍ପନ୍ନ କରିବା ଆଶଙ୍କା ବଢାଇଛି।

ପାକିସ୍ତାନ ମଧ୍ୟସ୍ଥତାରେ ଆମେରିକା ସହ ଆଲୋଚନାକୁ ଇରାନ୍‌ର ଅସ୍ୱୀକାର

ମୁମ୍ବାଇ , ୩୦।୩

ପାକିସ୍ତାନ ମଧ୍ୟସ୍ଥତାରେ ଆମେରିକା ସହ ଇରାନ୍‌ର ଆଲୋଚନା ବିଷୟକୁ ଇରାନ୍ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଅସ୍ୱୀକାର କରାଯାଇଛି। ଯୁଦ୍ଧ ବୁଝାମଣା ପାଇଁ ଆମେରିକା ସହ ପ୍ରତ୍ୟକ୍ଷ ଭାବେ କୌଣସି ଆଲୋଚନା ହୋଇ ନାହିଁ ବୋଲି ମୁମ୍ବାଇସ୍ଥିତ ଇରାନ୍‌ର ବାଣିଜ୍ୟ ଦୂତାବାସ ପ୍ରବକ୍ତା କହିଛନ୍ତି। ଆମେରିକା ଇରାନ୍‌କୁ ଦେଇଥିବା ୧୫ ସୂତ୍ରୀ ସର୍ତ୍ତାବଳୀକୁ କେବଳ ପାକିସ୍ତାନ ମାଧ୍ୟମରେ ଇରାନ୍‌କୁ ଦିଆଯାଇଛି। କିନ୍ତୁ ଯୁଦ୍ଧ ବୁଝାମଣାକୁ ନେଇ ଆମେରିକା ସହ ଇରାନ୍‌ର ପ୍ରତ୍ୟକ୍ଷ ଆଲୋଚନା ହୋଇ ନାହିଁ ବୋଲି ସେ କହିଛନ୍ତି।

୧ରୁ ଫାସ୍‌ଟାଗ୍ ବାର୍ଷିକ ଦେୟ ବଢ଼ିବ

ନୂଆଦିଲ୍ଲୀ,୩୦।୩

ଏପ୍ରିଲ ୧ରୁ ଫାସ୍‌ଟାଗ୍ ବାର୍ଷିକ ଦେୟ ବଢ଼ିବ ବୋଲି ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ପକ୍ଷରୁ ଘୋଷଣା କରାଯାଇଛି। ଗତବର୍ଷ ଆରମ୍ଭ ହୋଇଥିବା ଏହି ପ୍ରିପେଡ୍ ଟୋଲ୍ ଯୋଜନା ପାସ୍ ମୂଲ୍ୟ ୩,୦୦୦ ଟଙ୍କା ରହିଥିଲା। ଏଥିରେ ୨୦୦ ଥର ପର୍ଯ୍ୟନ୍ତ କିମ୍ବା ସମ୍ପୂର୍ଣ୍ଣ ଗୋଟିଏ ବର୍ଷ (ଯେଉଁଟି ପ୍ରଥମେ) ଟୋଲ୍ ଅତିକ୍ରମ କରିବା ଅନୁମତି ରହିଛି। ଏପ୍ରିଲ ୧ରୁ ଆରମ୍ଭ ହେଉଥିବା ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଫାସ୍‌ଟାଗ୍ ବାର୍ଷିକ ପାସ୍ ମୂଲ୍ୟରେ ୭୫ ଟଙ୍କା ବୃଦ୍ଧି କରାଯାଇ ୩,୦୭୫ ଟଙ୍କା ରଖାଯାଇଛି। ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ନୂଆ ମୂଲ୍ୟ ଘୋଷଣା କରାଯାଇଛି। ଜାତୀୟ ରାଜପଥ ଦେୟ (ମୂଲ୍ୟ ନିର୍ଦ୍ଧାରଣ ଓ ସଂଗ୍ରହ) ନିୟମ, ୨୦୦୮ର ବ୍ୟବସ୍ଥା ଅନୁଯାୟୀ ମୂଲ୍ୟରେ ସଂଶୋଧନ କରାଯାଇଥିବା ମନ୍ତ୍ରଣାଳୟ କହିଛି। ସମ୍ପ୍ରତି ୫୬ ଲକ୍ଷରୁ ଊର୍ଦ୍ଧ୍ୱ ଫାସ୍‌ଟାଗ୍ ବାସ୍ ୟୁଜର ଅଛନ୍ତି। ଘରୋଇ ଯାନ ମାଲିକଙ୍କ ମଧ୍ୟରେ ଫାସ୍‌ଟାଗ୍ ପାଇଁ ଆଗ୍ରହ ବଢ଼ିଛି।

ସୁନାଖଣି ବିବାଦରୁ ଦକ୍ଷିଣ ସୁଦାନରେ ୭୦ ଜଣଙ୍କୁ ହତ୍ୟା

ଜୁବା,୩୦।୩

ଦକ୍ଷିଣ ସୁଦାନ ରାଜଧାନୀ ଉପକଣ୍ଠରେ ଏକ ସୁନାଖଣି ଖନନ ବିବାଦକୁ ନେଇ କେତେଜଣ ବନ୍ଧୁକଧାରୀ ୭୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗୁଳିକରି ହତ୍ୟା କରିଥିବା ପୋଲିସ ସୋମବାର ସ୍ପଷ୍ଟ କରିଛି। ଏକ ଖୋଲା ସ୍ଥାନରେ ବହୁସଂଖ୍ୟାରେ ମୃତଦେହ ପଡ଼ିଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ବିଧାନ ପରିଷଦ ସଭ୍ୟ ପଦରୁ ନୀତୀଶଙ୍କ ଇସ୍ତଫା

ପାଟନା,୩୦।୩(ପି.ଟି.)

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିବାରୁ ସୋମବାର ରାଜ୍ୟ ବିଧାନ ପରିଷଦରୁ ଇସ୍ତଫା ଦେଇଛନ୍ତି। କିଏ ନୂଆ ସରକାରର ନେତୃତ୍ୱ ନେବେ, ତାହାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ମେଣ୍ଟ ସମୀକରଣରେ ଉଭୟ ଭାଜପା ଏବଂ ଜେଡିୟୁ ନେତୃତ୍ୱ ନେବା ପାଇଁ ଚାପ ପକାଇପାରନ୍ତି। ମୁଖ୍ୟମନ୍ତ୍ରୀ ପଦ ପାଇଁ ଥିବା ସାମ୍ବିଧାନିକ ବ୍ୟବସ୍ଥା ପ୍ରସଙ୍ଗ ଉଠାଇ ବରିଷ୍ଠ ମନ୍ତ୍ରୀ ଶ୍ରବଣ କୁମାର କହିଥିଲେ, ବିଧାନସଭା କିମ୍ବା ବିଧାନ ପରିଷଦ ସଦସ୍ୟ ନ ଥାଇ ଜଣେ ୬ ମାସ ମୁଖ୍ୟମନ୍ତ୍ରୀ ପଦରେ ରହିପାରିବେ। ତେବେ ନୀତୀଶ ସମ୍ପୂର୍ଣ୍ଣ ୬ ମାସ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ପଦରେ ରହି ନ ପାରନ୍ତି ବୋଲି ଏନ୍‌ଡିଏ ସୂତ୍ରରୁ କୁହାଯାଇଛି।

ଆମେରିକୀୟ ବିମାନ ପାଇଁ ସ୍ପେନ୍ ଏୟାରସ୍ପେଶ୍ ବନ୍ଦ

ମାଡ୍ରିଦ, ୩୦।୩

ଇରାନ୍ ଯୁଦ୍ଧରେ ସାମିଲ ଆମେରିକୀୟ ବିମାନ ପାଇଁ ସ୍ପେନ୍ ତାହାର ଆକାଶମାର୍ଗ ବନ୍ଦ କରିଦେଇଛି। ଇରାନ୍ ବିପକ୍ଷରେ ଆମେରିକା-ସ୍ପେନ୍‌ର ମିଳିତ ସାମରିକ ଘାଟିକୁ ମଧ୍ୟ ବ୍ୟବହାର କରିବାକୁ ଦିଆଯିବ ନାହିଁ ବୋଲି ସ୍ପେନ୍ ପ୍ରତିରକ୍ଷା ମନ୍ତ୍ରୀ ମାର୍ଗାରିତା ରୋବଲ୍ସ କହିଛନ୍ତି। ସ୍ପେନ୍ ନାଟୋ ସଦସ୍ୟ ହୋଇଥିଲେ ମଧ୍ୟ ଏଭଳି ନିଷ୍ପତ୍ତି ନେଇଛି।

ବ୍ୟକ୍ତିଗତ ତଥ୍ୟ ଗୋପନ ରହିବ: ଜନଗଣନା କମିଶନର

ନୂଆଦିଲ୍ଲୀ,୩୦।୩(ପି.ଟି.)

ଜନଗଣନା କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀମାନଙ୍କୁ ଠିକ୍ ତଥ୍ୟ ଦେବା ପାଇଁ ଭାରତର ମହାପଞ୍ଜିକାର ତଥା ଜନସଂଖ୍ୟା କମିଶନର ମୃତ୍ୟୁଞ୍ଜୟ କୁମାର ନାରାୟଣ ସୋମବାର ନାଗରିକମାନଙ୍କୁ ପରାମର୍ଶ ଦେଇଛନ୍ତି। ବ୍ୟକ୍ତିଗତ ତଥ୍ୟ ଗୋପନୀୟ ରହିବ ଏବଂ କୌଣସି ଯୋଜନାରେ ସୁବିଧା ପାଇବା ପାଇଁ କିମ୍ବା ପ୍ରମାଣ ଭାବରେ ଏହାକୁ ବ୍ୟବହାର କରାଯାଇପାରିବ ନାହିଁ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏପ୍ରିଲ ମାସରୁ ଦିଲ୍ଲୀ ସମେତ ବିଭିନ୍ନ ରାଜ୍ୟରେ ୧୬ତମ ଜନଗଣନାର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହେବାକୁ ଯାଉଥିବାବେଳେ ଏକ ଖବରଦାତା ସମ୍ମିଳନୀରେ କମିଶନର କହିଛନ୍ତି, ଜନଗଣନା ଆଇନର ଧାରା ୧୫ ଅନୁଯାୟୀ, ସମସ୍ତ ବ୍ୟକ୍ତିଗତ ତଥ୍ୟ ଗୋପନୀୟ ଅଟେ। ଏହାକୁ ସୂଚନା ଅଧିକାର ଆଇନରେ ଶେୟାର କରାଯାଇପାରିବ ନାହିଁ ଏବଂ ଏହାକୁ କୌଣସି ସରକାରୀ କିମ୍ବା ଘରୋଇ ସଂଗଠନକୁ ଦିଆଯାଇପାରିବ ନାହିଁ। କେବଳ ପରିସଂଖ୍ୟାନଗତ ମୋଟ ତଥ୍ୟ ସାରଣୀକରଣ ଉଦ୍ଦେଶ୍ୟରେ ବ୍ୟବହୃତ ହେବ ବୋଲି କମିଶନର କହିଛନ୍ତି। ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟରେ ଜାତିଗତ ତଥ୍ୟ ସଂଗ୍ରହ କରାଯିବ। ଜଣେ ବ୍ୟକ୍ତି ଚାହିଁଲେ ପ୍ରଥମ ପର୍ଯ୍ୟାୟ ଗୃହ ତାଲିକାକରଣ ଏବଂ ଗୃହଗଣନା ସମୟର ୧୫ ଦିନ ମଧ୍ୟରେ ଡିଜିଟାଲି ନିଜର ବ୍ୟକ୍ତିଗତ ତଥ୍ୟ ଦାଖଲ କରିପାରିବେ। ଏଭଳି ସେଲ୍ଫ ଇନୁମେରେଶନ ବ୍ୟବସ୍ଥା ପ୍ରଥମ ଥର ପାଇଁ କାର୍ଯ୍ୟକାରୀ ହୋଇଛି।

ଲଶ୍କର କମାଣ୍ଡର ଶବିର ଅହମଦ ଲୋନ୍ ଗିରଫ

ନୂଆଦିଲ୍ଲୀ,୩୦।୩

ପାକିସ୍ତାନର ହାର୍ଡକୋର ଆତଙ୍କବାଦୀ ତଥା ଲଶ୍କର-ଇ-ତୋଇବା କମାଣ୍ଡର ଶବିର ଅହମଦ ଲୋନ୍‌ଙ୍କୁ ଦିଲ୍ଲୀ ପୋଲିସ ସୋମବାର ଗିରଫ କରିଛି। ନିକଟରେ ପର୍ଦ୍ଦାଫାଶ ହୋଇଥିବା ମେଟ୍ରୋ ପୋଷ୍ଟର ମଡ୍ୟୁଲ୍ ସହ ସେ ସମ୍ପୃକ୍ତ। ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ଏକ ଟାର୍ଗେଟେଡ୍ ଅଭିଯାନ ବଳରେ ଲୋନ୍‌ଙ୍କୁ ଘାଜିପୁର ଅଞ୍ଚଳରୁ ଗିରଫ କରିଛି। ଗଣମାଧ୍ୟମକୁ ସୂଚନା ଦେଇ ଅତିରିକ୍ତ ସିପି ପ୍ରମୋଦ ସିଂ କୁଶ୍ୱା କହିଛନ୍ତି, ଲୋନ୍ ଉଚ୍ଚ ପ୍ରଶିକ୍ଷଣପ୍ରାପ୍ତ ହାର୍ଡକୋର୍ ଆତଙ୍କବାଦୀ। ବାଂଲାଦେଶକୁ ବେସ୍ ଏବଂ କୋଲକାତାକୁ ଲଞ୍ଚ୍‌ପ୍ୟାଡ ଭାବେ ବ୍ୟବହାର କରି ସେ ଏକ ନେଟ୍‌ୱର୍କ ଗଢ଼ିଥିଲେ। ସେ ନୂଆ ନିଯୁକ୍ତି ପାଇଥିବା ଲୋକଙ୍କୁ ଚିହ୍ନିବା ଓ ଭବିଷ୍ୟତ ଅଭିଯାନ ପାଇଁ ସ୍ଥାନ ଅନୁସନ୍ଧାନ କରିବାକୁ ନିକଟରେ ଭାରତ ଆସିଥିଲେ। ଗତ ମାସରେ ଧରାପଡ଼ିଥିବା ଟେରର ମଡ୍ୟୁଲ୍‌ର ସେ ମୁଖ୍ୟ ପରିଚାଳକ ଥିଲେ। ଉକ୍ତ ମାମଲା ସହ ସମ୍ପୃକ୍ତ ୭ ଜଣ ବାଂଲାଦେଶୀ ଏବଂ ଜଣେ ଭାରତୀୟଙ୍କୁ ଗତ ମାସରେ ଗିରଫ କରାଯାଇଥିଲା।

୧୦୦ ଶ୍ରେଷ୍ଠ ବିମାନ ବନ୍ଦର ମଧ୍ୟରେ ଭାରତର ୫

ନୂଆଦିଲ୍ଲୀ , ୩୦।୩

ବିଶ୍ୱର ୧୦୦ ସର୍ବୋତ୍ତମ ବିମାନ ବନ୍ଦର ମଧ୍ୟରେ ଭାରତର ୫ ବିମାନ ବନ୍ଦର ସ୍ଥାନ ପାଇଛି। ଏହି ତାଲିକାରେ ସିଙ୍ଗାପୁରର ଚାଙ୍ଗି ବିମାନ ବନ୍ଦର ପୁଣିଥରେ ପ୍ରଥମ ସ୍ଥାନରେ ରହିଛି। ୨୦୦୦ ମସିହାରୁ ବର୍ତ୍ତମାନ ସୁଦ୍ଧା ଏହି ବିମାନ ବନ୍ଦର ସ୍କାଏଟ୍ରାକ୍ସ ୱାର୍ଲଡ ଏୟାରପୋର୍ଟ ଆୱାର୍ଡ ତାଲିକାରେ ୧୪ଥର ପ୍ରଥମ ସ୍ଥାନରେ ରହି ପୁରସ୍କୃତ ହୋଇଛି। ବର୍ଷକୁ ୬୦ ରୁ ୭୦ ନିୟୁତ ଯାତ୍ରୀଙ୍କ ବିମାନ ଯାତ୍ରା ଶ୍ରେଣୀରେ ଏହି ବିମାନ ବନ୍ଦରର ପରିଚାଳନା ତରିକା ଶ୍ରେଷ୍ଠ ସ୍ତରରେ ରହିଥିଲାବେଳେ ଡାଇନିଂ ଏବଂ ଇମିଗ୍ରେସନ ସେବା ଆଦି କ୍ଷେତ୍ରରେ ମଧ୍ୟ ଏହାର ମାନ ସବୁଠୁ ଆଗରେ ବୋଲି କୁହାଯାଇଛି। ଚାଙ୍ଗି କେବଳ ଏକ ବିମାନ ବନ୍ଦର ନୁହେଁ, ଏଠାରେ ସୁରମ୍ୟ ଉଦ୍ୟାନ, କଳାକୃତି, ଜଳପ୍ରପାତ ଏବଂ ମନୋରଞ୍ଜନ ପାଇଁ ଅନନ୍ୟ ବ୍ୟବସ୍ଥା ରହିଥିବାରୁ ଏହାକୁ ଏକ ପର୍ଯ୍ୟଟନସ୍ଥଳ ଭାବେ ମଧ୍ୟ ବିବେଚନା କରାଯାଏ। ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦର ସ୍ଥାନ ଏହି ତାଲିକାରେ ୨୮ରେ ରହିଥିଲାବେଳେ ବେଙ୍ଗାଲୁରୁ ବିମାନ ବନ୍ଦର ସ୍ଥାନ ୪୧, ଗୋଆ ବିମାନ ବନ୍ଦର ୬୪ ଏବଂ ମୁମ୍ବାଇ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନ ବନ୍ଦରର ସ୍ଥାନ ୬୬ ରହିଛି।

ନୌସେନାରେ ସାମିଲ ହେଲା ୩ ନୂଆ ଜାହାଜ

ନୂଆଦିଲ୍ଲୀ,୩୦।୩

ଭାରତୀୟ ନୌସେନାରେ ସୋମବାର ୩ଟି ନୂଆ ଜାହାଜ ସାମିଲ ହୋଇଛି। ଗାର୍ଡେନ ରିଚ୍ ଶିପ୍‌ବିଲ୍ଡର୍ସ ଆଣ୍ଡ ଇଞ୍ଜିନିୟର୍ସ ଲିଃ(ଜିଆର୍‌ଏସ୍‌ଇ) ନାମକ ସରକାରୀ କମ୍ପାନୀ ଉକ୍ତ ଜାହାଜଗୁଡ଼ିକୁ ନିର୍ମାଣ କରିଛି। ଦୁନାଗିରି, ସଂଶୋଧକ ଏବଂ ଅଗ୍ରେ ନାମକ ଏହି ଜାହାଜ ନୌସେନାର କ୍ଷମତା ବଢ଼ାଇବା ଆଶା କରାଯାଉଛି। ଭାରତୀୟ ନୌସେନାରେ ୧୯୭୭ରୁ ୨୦୧୦ ପର୍ଯ୍ୟନ୍ତ ଆଇଏନ୍‌ଏସ୍ ଦୁନାଗିରି ନାମରେ ଏକ ଯୁଦ୍ଧଜାହାଜ ଥିଲା। ନୂଆ ଯୁଦ୍ଧଜାହାଜ ଦୁନାଗିରିରେ ବ୍ରହ୍ମୋସ୍ ମିଶାଇଲ୍, ରକେଟ ଏବଂ ଟର୍ପେଡୋ ସଂଯୋଗ କରାଯାଇଛି। ଆଇଏନ୍‌ଏସ୍ ସଂଶୋଧକ ହେଉଛି ଏକ ସର୍ଭେ ଜାହାଜ। ଏହା ଉପକୂଳ ଏବଂ ବନ୍ଦରଗୁଡ଼ିକର ଡିପ୍ ୱାଟର ହାଇଡ୍ରୋଗ୍ରାଫିକ୍ ସର୍ଭେ କରିବାକୁ ସମର୍ଥ।

ଏପ୍ରିଲରେ ଆସିବ ୪ର୍ଥ ୟୁନିଟ ଏସ୍-୪୦୦

ନୂଆଦିଲ୍ଲୀ, ୩୦।୩

ରୁଷିଆରୁ ଏସ୍ -୪୦୦ ଏୟାର ଡିଫେନ୍ସ ସିଷ୍ଟମ୍ ଏପ୍ରିଲରେ ଭାରତରେ ପହଞ୍ଚିବ। ଭାରତୀୟ ବାୟୁସେନାର ଏକ ପ୍ରତିନିଧି ଦଳ ରୁଷିଆ ଗସ୍ତକରି କାର୍ଯ୍ୟ ତଦାରଖ କରିଛନ୍ତି। ଏହି ପର୍ଯ୍ୟାୟରେ ଆସିବାକୁ ଥିବା ଏସ୍-୪୦୦ ରାଜସ୍ଥାନ ସୀମା ନିକଟରେ ମୁତୟନ କରାଯିବ ବୋଲି ସୂଚନା ମିଳିଛି। ଏହାପରେ ନଭେମ୍ବରରେ ୫ମ ୟୁନିଟ୍ ଭାରତ ଆସିବା ସହ ଅତିରିକ୍ତ ଏୟାର ଡିଫେନ୍ସ ସିଷ୍ଟମ୍ ମଧ୍ୟ ଅଣାଯିବ ବୋଲି କୁହାଯାଇଛି।

ଓଲିଙ୍କ ଜାମିନ ନାମଞ୍ଜୁର

କାଠମାଣ୍ଡୁ , ୩୦।୩

ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି.ଶର୍ମା ଓଲି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ରମେଶ ଲେହାକ୍‌ଙ୍କ ଜାମିନ୍ ଆବେଦନ ଖାରଜ ହୋଇଯାଇଛି। ଓଲିଙ୍କ ସ୍ତ୍ରୀ ରାଧିକା ସାକ୍ୟା ସୁପ୍ରିମକୋର୍ଟରେ ଜାମିନ ଆବେଦନ କରିଥିଲେ ହେଁ ତାହା ଖାରଜ ହୋଇଯାଇଛି। ବାଲେନ୍ ଶାହା ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ପରେ ଓଲି ଏବଂ ରମେଶ ଗିରଫ ହୋଇ ଏବେ ପୋଲିସ ହାଜତରେ ରହିଛନ୍ତି।

ଭୟଭୀତ ଶାହରୁଖ

ମୁମ୍ବାଇ

ମଧ୍ୟପ୍ରାଚ୍ୟ ଯୁଦ୍ଧ ସାରା ବିଶ୍ୱରେ ପ୍ରଭାବ ପକାଇଛି। ସିନେ ଇଣ୍ଡଷ୍ଟ୍ରିରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି। ବଲିଉଡ ବାଦଶାହା ଶାହାରୁଖ ଯୁଦ୍ଧ ଦେଖି ଭୟଭୀତ ହୋଇପଡ଼ିଛନ୍ତି। ସେ ତାଙ୍କ ଆକ୍ସନ-ଥ୍ରୀଲର ଫିଲ୍ମ 'କିଙ୍ଗ୍'ର ଶୁଟିଂ ସ୍ଥାନରେ ବଡ଼ ପରିବର୍ତ୍ତନ କରଛନ୍ତି। ମୂଳତଃ ଫିଲ୍ମର ଏକ ଗୁରୁତ୍ୱପୂର୍ଣ୍ଣ ଆକ୍ସନ ସିକ୍ୱେନ୍ସ ଚଳିତ ଏପ୍ରିଲରୁ ଦୁବାଇରେ ଶୁଟିଂ ହେବାର ଥିଲା। ମଧ୍ୟପ୍ରାଚ୍ୟ ଉତ୍ତେଜନା ଯୋଗୁ କଳାକାର ଏବଂ କ୍ରିଉଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଶାହରୁଖ ଏବଂ ଚଳଚ୍ଚିତ୍ରର ନିର୍ମାତାମାନେ ମୁମ୍ବାଇରେ ଶୁଟିଂ ପାଇଁ ନିଷ୍ପତ୍ତି ନେଇଛନ୍ତି।

ଦୁବାଇ ସହରର ମରୁଭୂମି ଦୃଶ୍ୟ ମଧ୍ୟରେ କିଙ୍ଗ୍ ଶୁଟିଂ ହୋଇଥାନ୍ତା। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା ଏବଂ ଦୁବାଇ କର୍ତ୍ତୃପକ୍ଷଙ୍କଠାରୁ ଆବଶ୍ୟକୀୟ ଅନୁମତି ମିଳିଥିଲା। ଏହି ନିର୍ଦ୍ଦିଷ୍ଟ ସିକ୍ୱେନ୍ସରେ ଶାହରୁଖ, ସୁହାନା ଖାନ୍ ଏବଂ ଅନିଲ କପୁରଙ୍କ ସମେତ ପ୍ରମୁଖ ଷ୍ଟାରଙ୍କୁ ସାମିଲ କରାଯିବା ପାଇଁ ସ୍ଥିର ହୋଇଥିଲା। ଫିଲ୍ମ ନିର୍ମାତା ମୁମ୍ବାଇରେ ହିଁ ଏହି ସିକ୍ୱେନ୍ସର ଶୁଟିଂ କରିବାକୁ ନିଷ୍ପତ୍ତି ନେଇଛନ୍ତି।



ଶାହାରୁଖ ଖାନ୍

ବକେୟା ଧାନ କିଣିବା ପାଇଁ ଧାର୍ଯ୍ୟ ସମୟକୁ ଆଉ ୧୫ ଦିନ ବୃଦ୍ଧି ଦାବିରେ ଚାଷୀମାନେ ସୋମବାର ଯାଜପୁର ସହରର ମାନସାପୋଲ ନିକଟରୁ ଦଣ୍ଡବତ ଆନ୍ଦୋଳନ କରି ଜିଲାପାଳଙ୍କ ଅଫିସ୍ ଅଭିମୁଖେ ଯାଉଛନ୍ତି। (ଫଟୋ: ହର୍ଷବର୍ଦ୍ଧନ ବେହେରା) ରିପୋର୍ଟ: ପୃଷ୍ଠା-୫

ଭୁବନେଶ୍ୱରରେ ବଙ୍ଗୀୟ ମହିଳାଙ୍କୁ ଗଣବଳାତ୍କାର

- ରେଳ ଷ୍ଟେଶନରେ ଛାଡ଼ିବା ବାହାନାରେ ବର୍ବରତା
- ୨ ଆମ୍ବୁଲାନ୍ସ ଡ୍ରାଇଭର ଗିରଫ

ରାଜଧାନୀ ଭୁବନେଶ୍ୱରରେ ଏକ ଲଜ୍ଜାଜନକ ଘଟଣା ଲୋକଲୋଚନକୁ ଆସିଛି। ଭୁବନେଶ୍ୱରରେ ରାଜମିସ୍ତ୍ରି ଭାବେ କାମ କରୁଥିବା ସ୍ୱାମୀଙ୍କୁ ଦେଖା କରିବା ପାଇଁ ପଶ୍ଚିମବଙ୍ଗରୁ ଆସିଥିବା ଜଣେ ବଙ୍ଗୀୟ ମହିଳାଙ୍କୁ ଲିଫ୍ଟ ଦେବା ଆଳରେ ୨ଜଣ ଯୁବକ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୀଡ଼ିତା ମହିଳାଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରି ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଉଭୟ ଅଭିଯୁକ୍ତ ଆମ୍ବୁଲାନ୍ସ ଡ୍ରାଇଭର ଭାବେ କାମ କରନ୍ତି।

ଭୁବନେଶ୍ୱର,୩୦।୩(ତ୍ରିନାଥ ମହାନ୍ତି)

ପଶ୍ଚିମବଙ୍ଗର ଜଣେ ମହିଳାଙ୍କ ସ୍ୱାମୀ ଚନ୍ଦକା ଅଞ୍ଚଳରେ ଘରଭଡ଼ା ନେଇ ରାଜମିସ୍ତ୍ରି କାମ କରନ୍ତି। ଗତ ୨୫ ତାରିଖ ଦିନ ସମ୍ପୃକ୍ତା ମହିଳା ପଶ୍ଚିମବଙ୍ଗରୁ ଚନ୍ଦକାରେ ରହୁଥିବା ସ୍ୱାମୀଙ୍କ ପାଖକୁ ଆସିଥିଲେ। ୨୭ତାରିଖ ରାତିରେ ସ୍ୱାମୀଙ୍କ ସହ କୌଣସି କଥାକୁ ନେଇ ମହିଳାଙ୍କ ଝଗଡ଼ା ହୋଇଥିଲା। ଏହା ପରେ ମହିଳା ଜଣକ ସ୍ୱାମୀ ରହୁଥିବା ଭଡ଼ାଘରୁ ପଳାଇ ଆସିଥିଲେ। ଏହି ସମୟରେ ଆମ୍ବୁଲାନ୍ସ ଡ୍ରାଇଭର ନାରାୟଣ ସାହୁ ମହିଳାଙ୍କୁ ଏକାକୀ ଦେଖି କୁଆଡ଼େ ଯାଉଛ ବୋଲି ପଚାରିଥିଲେ। ମହିଳା ଜଣକ ରେଳ ଷ୍ଟେଶନକୁ ଯାଉଥିବା ଜାଣିବା ପରେ ନାରାୟଣ ତାଙ୍କୁ ଆମ୍ବୁଲାନ୍ସରେ ଛାଡ଼ିଦେବାକୁ କହିଥିଲେ। ମହିଳା ଜଣକ ଆମ୍ବୁଲାନ୍ସ ଦେଖି ନାରାୟଣଙ୍କ କଥାକୁ ବିଶ୍ୱାସ କରି ସେଥିରେ ବସିଥିଲେ। ହେଲେ ନାରାୟଣ ମହିଳାଙ୍କୁ ଷ୍ଟେଶନ ନ ନେଇ ଆମ୍ବୁଲାନ୍ସରେ ତମାଣ୍ଡୋ ଥାନା ରଣସିଂହପୁର ଗ୍ରାମରେ ଭଡ଼ାନେଇ ରହୁଥିବା ନୟାଗଡ଼ ଅଞ୍ଚଳର ବିଚିତ୍ର ସାହୁଙ୍କ ଘରକୁ ନେଇଥିଲେ। ସେଠାରେ ଉଭୟ ମହିଳାଙ୍କୁ ଗଣବଳାତ୍କାର କରିଥିଲେ। ସକାଳୁ କୌଣସିମତେ ମହିଳା ସେମାନଙ୍କ କବଳରୁ ଖସି ତମାଣ୍ଡୋ ଥାନାକୁ ଯାଇ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୦୨/୨୬) ରୁଜୁ କରି ମହିଳାଙ୍କ ବୟାନ ରେକର୍ଡ ସହ ମେଡିକାଲ ପରୀକ୍ଷା କରାଇଥିଲା। ପରେ ମହିଳାଙ୍କୁ ନେଇ ପୋଲିସ ଘଟଣାସ୍ଥଳ ଚିହ୍ନଟ କରିବା ପରେ ଫୋରେନସିକ୍ ଟିମ୍ ଯାଇ ନମୁନା ସଂଗ୍ରହ କରିଥିଲା। ପୋଲିସ ଦୁଇ ଜଣଙ୍କୁ ଗିରଫ ପାଇଁ ଉକ୍ତ ଭଡ଼ାଘରେ ଚଢ଼ାଉ କରିଥିଲେ ସୁଦ୍ଧା ଅଭିଯୁକ୍ତଦ୍ୱୟ ଗିରଫ ଭୟରେ ଭଡ଼ା ଘରକୁ ନ ଯାଇ ଏମ୍ସ ନିକଟରେ ଲୁଚିଥିଲେ। ରବିବାର ବିଳମ୍ବିତ ରାତିରେ ପୋଲିସ ଅଭିଯୁକ୍ତ ନାରାୟଣ ଏବଂ ବିଚିତ୍ରଙ୍କୁ ଗିରଫ କରିଥିଲା। ରାଜଧାନୀରେ ଦିନକୁଦିନ ଗଣବଳାତ୍କାର ବଢୁଥିବାରୁ ମହିଳାମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଧଉଳି ଗଣ ବଳାତ୍କାର, ଶହୀଦ ନଗର ଥାନା ୟୁନିଟ୍-୯ ଭଡ଼ାଘରେ ଜଣେ ଯୁବତୀଙ୍କୁ ଗଣବଳାତ୍କାର ଘଟଣା ମହିଳାମାନଙ୍କୁ ଭୟଭୀତ ☞ପୃଷ୍ଠା-୪

ଦୁବେଙ୍କ ମନ୍ତବ୍ୟରୁ ଝଡ଼

ରାଜ୍ୟ ସଭାରେ କକ୍ଷ୍ୟ ତ୍ୟାଗ କଲା ବିଜେଡି

୧୯୬୨ ଭାରତ-ଚାଇନା ଯୁଦ୍ଧ ବେଳେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଏବଂ ଆମେରିକୀୟ ଗୋଇନ୍ଦା ସଂସ୍ଥା ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସି (ସିଆଇଏ) ମଧ୍ୟରେ ଯୋଗସୂତ୍ର ପାଲଟିଥିଲେ ବୋଲି ଭାଜପା ଏମ୍ପି ନିଶିକାନ୍ତ ଦୁବେ ଦେଇଥିବା ମନ୍ତବ୍ୟ ଝଡ଼ ସୃଷ୍ଟି କରିଛି। ଦୁବେଙ୍କ ଆପତ୍ତିଜନକ ମନ୍ତବ୍ୟର ପ୍ରଥମ ପ୍ରତିବାଦ ସ୍ୱରୂପ ତାଙ୍କ ନେତୃତ୍ୱାଧୀନ ଆଇଟି ଏବଂ ଯୋଗାଯୋଗ ସମ୍ପର୍କିତ ସଂସଦୀୟ କମିଟିରୁ ବିଜେଡିର ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଇସ୍ତଫା ଦେଇଥିବାବେଳେ ସୋମବାର ବିଭିନ୍ନ ମହଲରୁ କ୍ଷୋଭ ପ୍ରକାଶ ପାଇଛି। ରାଜ୍ୟ ସଭାରେ ବିଜେଡି ସଦସ୍ୟମାନେ ଦୁବେଙ୍କ କ୍ଷମାପ୍ରାର୍ଥନା ଦାବିରେ କକ୍ଷତ୍ୟାଗ କରିଛନ୍ତି। ସେହିପରି ଓଡ଼ିଶା ବିଧାନସଭା ବାହାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କଡ଼ା ପ୍ରତିକ୍ରିୟା ଦେଇ ଦୁବେଙ୍କୁ ମାନସିକ ରୋଗୀ ବୋଲି ଅଭିହିତ କରିଛନ୍ତି। ଦୁବେଙ୍କ ପାଇଁ ମେଣ୍ଟାଲ ଡାକ୍ତର ଆବଶ୍ୟକ ବୋଲି ନବୀନ କହିଛନ୍ତି।

ନୂଆଦିଲ୍ଲୀ,୩୦।୩ (ପି.ଟି.)

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ବିରୋଧରେ ଭାଜପା ନେତା ନିଶିକାନ୍ତ ଦୁବେଙ୍କ ମର୍ଯ୍ୟାଦାହାନିକର ମନ୍ତବ୍ୟକୁ ବିରୋଧ କରି ବିଜୁ ଜନତା ଦଳ (ବିଜେଡି) ସଦସ୍ୟମାନେ ସୋମବାର ରାଜ୍ୟ ସଭାରେ କକ୍ଷତ୍ୟାଗ କରିଛନ୍ତି। ସରକାରୀ କାଗଜପତ୍ର ଟେବୁଲରେ ରଖାଯିବା ପରେ ବିଜେଡି ନେତା ସସ୍ମିତ୍ ପାତ୍ର ଭାଜପା ଏମ୍ପି ଦୁବେ ବିଜୁ ପଟ୍ଟନାୟକଙ୍କ ବିରୋଧରେ ଦେଇଥିବା ଅପମାନଜନକ, ମିଥ୍ୟା ଓ କଳ୍ପିତ ବୟାନର ପ୍ରତିବାଦ ଜଣାଇଥିଲେ। ବିଜୁ ପଟ୍ଟନାୟକଙ୍କୁ ଦୁବେ ସିଆଇଏର ଜଣେ ଏଜେଣ୍ଟ ବୋଲି କହିଥିଲେ। ଶାସକ ଦଳ କେତେ ତଳକୁ ଖସିଆସିଛି, ଏହା ତା'ର ପ୍ରମାଣ ଏବଂ ଅତ୍ୟନ୍ତ ଲଜ୍ଜାଜନକ। ଏହାକୁ ବିଜେଡି ଦୃଢ଼ ବିରୋଧ କରୁଛି ଏବଂ ପ୍ରତିବାଦ ସ୍ୱରୂପ ଆମେ କକ୍ଷତ୍ୟାଗ କରୁଛୁ ବୋଲି ସସ୍ମିତ କହିଛନ୍ତି।

ଆଇଟି ଏବଂ ଯୋଗାଯୋଗ ସମ୍ପର୍କିତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଥିବା ଦୁବେଙ୍କ ମନ୍ତବ୍ୟର ପ୍ରତିବାଦରେ ସସ୍ମିତ୍ ଶନିବାର ଉକ୍ତ କମିଟିରୁ ଇସ୍ତଫା ଦେଇଥିଲେ। ସୂଚନାଯୋଗ୍ୟ, ବିଜୁ ପଟ୍ଟନାୟକ ୧୯୬୧ରୁ ୧୯୬୩ ଏବଂ ୧୯୯୦ରୁ

ନିଶିକାନ୍ତ ଦୁବେ

୧୯୯୫ ଦୁଇଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ରହିଥିଲେ। ତାଙ୍କ ନାମରେ ବିଜୁ ଜନତା ଦଳ ଗଢ଼ାଯାଇଛି। ବିଜୁବାବୁ ଜଣେ ସ୍ୱାଧୀନତା ସଂଗ୍ରାମୀ ଏବଂ ଜଣେ ଦୁଃସାହସିକ ପାଇଲଟ୍। ତାଙ୍କର ଆମେରିକା ସରକାର, ସିଆଇଏ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କ ସହ ଲିଙ୍କ୍ ଥିବା ନେଇ ଭାଜପା ନେତା ଦୁବେ ଦେଇଥିବା ମନ୍ତବ୍ୟକୁ ବିଜେଡି ଏମ୍ପିମାନେ ତୀବ୍ର ନିନ୍ଦା ☞ପୃଷ୍ଠା-୪

ଦୁବେଙ୍କୁ ଦରକାର ମାନସିକ ଡାକ୍ତର: ନବୀନ

ଭୁବନେଶ୍ୱର, ୩୦।୩(ସୁନିତ୍ ମିଶ୍ର)

ଭାଜପା ଏମ୍ପି ନିଶିକାନ୍ତ ଦୁବେଙ୍କ ଦ୍ୱାରା ବିଜୁ ବାବୁଙ୍କ ବାବଦରେ ରବିବାର ରଖାଯାଇଥିବା ବିବୃତି ଶୁଣି ଆଶ୍ଚର୍ଯ୍ୟ ହେଲି। ତାଙ୍କ ଏଭଳି ମନ୍ତବ୍ୟକୁ ନିନ୍ଦା କରୁଛି। ଜବାହରଲାଲ ନେହେରୁ ଦେଶର ପ୍ରଧାନମନ୍ତ୍ରୀ ଥିବାବେଳେ ବିଜୁ ବାବୁଙ୍କୁ ନିଜ କାର୍ଯ୍ୟାଳୟକୁ ଡକାଇଥିଲେ। ସେହି ସମୟରେ ବିଜୁ ବାବୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଥିଲେ। ସେହି ସମୟରେ ବହୁତ ଯୁବକ ଥିଲି। ମତେ ସେତେବେଳେ ମାତ୍ର ୧୩ ବର୍ଷ ହୋଇଥିଲା। ଯାହା ଜାଣିଛି, ନେହେରୁ ଓ ବିଜୁ ବାବୁ ଚାଇନା ସହିତ ଲଢେଇ କରିବାକୁ ରଣନୀତି କରିଥିଲେ। ଏହାପରେ ବିଜୁ ବାବୁ କ'ଣ କରିଥିଲେ ଦେଖିଛି। ନିଶିକାନ୍ତ ଦୁବେ ମାନସିକ ରୋଗର ଚିକିତ୍ସା କରାଉଥିବା ଡାକ୍ତରଙ୍କ ପାଖକୁ ଯିବା ଦରକାର ବୋଲି ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ନିଶିକାନ୍ତ ଦୁବେ ବିଜୁ ବାବୁଙ୍କୁ ସିଆଇଏ ଏଜେଣ୍ଟ ଥିଲେ ବୋଲି କହିଥିଲେ।

୧ରୁ ୧୪ ଓଡ଼ିଆ ପକ୍ଷ

ସାମିଲ ହେବାକୁ ଆହ୍ୱାନ ଦେଲେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ

ଭୁବନେଶ୍ୱର,୩୦।୩ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଘରର ଗାଥା ଗୌରବ, କଥା ସରିତ, ଚାଲି ଚଳଣି, ଖାଦ୍ୟ ପାନୀୟ, ପୋଷାକ ପରିଧାନର ସଂସ୍କୃତି ଓ ପରମ୍ପରାକୁ ପୁନଶ୍ଚ ବିଶ୍ୱବିଦିତ କରିବା ଲକ୍ଷ୍ୟରେ ଏପ୍ରିଲ୍ ୧ରୁ ୧୪ ପର୍ଯ୍ୟନ୍ତ ପ୍ରତ୍ୟେକ ଜିଲାଠାରୁ ଆରମ୍ଭ କରି ରାଜଧାନୀ ଯାଏ ସାରା ରାଜ୍ୟରେ 'ଓଡ଼ିଆ ପକ୍ଷ' ଉତ୍ସବ ସହ ପାଳନ କରାଯିବ। ଏହିଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ☞ପୃଷ୍ଠା-୪

ଭୂତ ପ୍ରଭାବରେ ଖୋଲୁଥିଲି ଏମର୍ଜେନ୍ସି ଗେଟ୍

ବିମାନ ଭିତରେ ଯାତ୍ରୀଙ୍କ ହାଇଡ୍ରାମା

ବାରାଣସୀ, ୩୦।୩

ବେଙ୍ଗାଲୁରୁରୁ ବାରାଣସୀ ଅଭିମୁଖେ ଶନିବାର ରାତିରେ ଆସୁଥିବା ଇଣ୍ଡିଗୋ ବିମାନ (୬ଇ-୧୮୫) ଭିତରେ ଘଟିଛି ହାଇଡ୍ରାମା। ଜଣେ ୨୬ ବର୍ଷୀୟ ଯାତ୍ରୀଙ୍କ ଉନ୍ମତ୍ତକାଣ୍ଡ ଯୋଗୁ ୧୦୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ଜୀବନ ସଙ୍କଟରେ ପଡ଼ିଥିଲା। ବାରାଣସୀର ଲାଲ ବାହାଦୁର ଶାସ୍ତ୍ରୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅବତରଣର ମାତ୍ର କିଛି ମିନିଟ ପୂର୍ବରୁ ଅର୍ଥାତ୍ ରାତି ପ୍ରାୟ ୧୦ଟା ୨୦ରେ ବିମାନର ଜରୁରିକାଳୀନ (ଏମରଜେନ୍ସି) ଦ୍ୱାର ଖୋଲିବାକୁ ଚେଷ୍ଟା କରି ସମସ୍ତଙ୍କୁ ଆତଙ୍କିତ କରିଦେଇଥିଲେ ଯୁବକ ମହମ୍ମଦ ଅଦନାନ। ତେବେ 'ଭୂତ ପ୍ରଭାବ'ରେ ସେ ଏପରି କରିଥିବା ପୋଲିସକୁ କହିଛନ୍ତି।

ଉଡ଼ାଣ ଆରମ୍ଭରୁ ହିଁ ଅଦନାନ

ସନ୍ଦେହଜନକ ଆଚରଣ କରୁଥିଲେ। ବିମାନ ଟେକ୍-ଅଫ୍ କରିବା ପରେ ମଧ୍ୟ ସେ ବିମାନର ଏମରଜେନ୍ସି ଏକ୍ସିଟ ବଟନ୍ ଚିପି ଦ୍ୱାର ଖୋଲିବାକୁ ଚେଷ୍ଟା କରୁଥିବାବେଳେ ତାଙ୍କୁ କ୍ରୁ ସଦସ୍ୟମାନେ ଅଟକାଇ ଦେଇଥିଲେ। ବିମାନଟି ବାରାଣସୀ ରନ୍‌ୱେ ଛୁଇଁବାକୁ ପ୍ରସ୍ତୁତ ହେଉଥିବାବେଳେ ଏହି ଅଘଟଣ ଘଟିଥିଲା। ବିପଦକୁ ଆଖି ଆଗରେ ରଖି ପାଇଲଟ ତୁରନ୍ତ ଲ୍ୟାଣ୍ଡିଂ ରଦ୍ଦ କରି ବିମାନକୁ ପୁଣି ଉପରକୁ ନେଇଯାଇଥିଲେ, ଫଳରେ ଏକ ବଡ଼ ଦୁର୍ଘଟଣାକୁ ଏଡ଼ାଯାଇପାରିଛି। ପରେ ରାତି ପ୍ରାୟ ୧୦ଟା ୩୫ରେ ବିମାନଟି ସୁରକ୍ଷିତ ଭାବେ ଅବତରଣ କରିଥିଲା। ଏହାପରେ ☞ପୃଷ୍ଠା-୪

10001/151/2526

ଓଡ଼ିଶା ଶାସନ

ଅଂଶୁଘାତ ସତର୍କତା

ଲକ୍ଷଣ
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

ସତର୍କତା
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

ପ୍ରତିକାର
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR-10001/10003/2/25-26/0028

ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଓଡ଼ିଆ ଭାଷା ପ୍ରତିଷ୍ଠାନ ଏବଂ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ମିଳିତ ସହଯୋଗରେ ପୁସ୍ତକ ଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ପୂର୍ବ ରଙ୍ଗ ଜାତୀୟ ନାଟକ ଉତ୍ସବରେ 'ଅଦୃଶ୍ୟ ନଟ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ୧୦୯ତମ ବାର୍ଷିକ ଭଗବତ ବାସୁଦେବ ମେଳଣ ଉପଲକ୍ଷେ ଅପେରା ପାର୍ଟିର ନାଟକ ପରିବେଷଣ, ସ୍ଥାନ: ପାଣ୍ଡରା ଗ୍ରାମ ଯାତ୍ରା ପଡ଼ିଆ, ସମୟ: ରାତି ୧୧ଟା।
- ନୀଳକଣ୍ଠେଶ୍ୱର ଦେବ ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ରାମ ନାଟକ ମନ୍ଥରାର କୁମନ୍ତ୍ରଣା ଓ କୋପ ଭୁବନରେ କୈକେୟୀ, ସ୍ଥାନ: ବେଣ୍ଟପୁରସ୍ଥିତ ରାମଲୀଳା ପଡ଼ିଆ, ସମୟ: ରାତି ୧୧ଟା।
- ପାରମ୍ପରିକ ରାମ ନାଟକ ପରିବେଷଣ, ସ୍ଥାନ: କାକରୁଦ୍ରପୁରସ୍ଥିତ ପତିତପାବନ ମନ୍ଦିର ପରିସର, ଗୋଡ଼ଲବିନ୍ଧାର ସୀତା ରାମେଶ୍ୱର ମନ୍ଦିର ପରିସର ଏବଂ ବଇତୁଆର ଗାନ୍ଧୀ ଛକସ୍ଥିତ ରାମଲୀଳା ପଡ଼ିଆ, ସମୟ: ରାତି ୧୧ଟା।

କଟକ
- ସପ୍ତରାଜ୍ୟ ତୈଳିକ ବୈଶ୍ୟ, ସମାଜ, ଓଡ଼ିଶାର ୧୦୫ ତମ ସାଧାରଣ ଅଧିବେଶନର ଦ୍ୱିତୀୟ ଦିନ, ସ୍ଥାନ: କପିଳେଶ୍ୱର ମନ୍ଦିର, ତାଳବସ୍ତ, ସମୟ: ସକାଳ ୮ଟା।
- ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଶୈଳବାଳା ଦାସଙ୍କ ଶ୍ରାଦ୍ଧ ବାର୍ଷିକ ପାଳନ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ନୂଆପାଟଣା ନଂ ୨. ତନ୍ତୁବାୟ ସହଯୋଗ ସମିତିର ବାର୍ଷିକ ସାଧାରଣ ସଭା ସ୍ଥାନ: ସମିତି ପରିସର, ନୂଆପାଟଣା, ଟିଗିରିଆ, ସମୟ: ଅପରାହ୍ନ ୩ଟା ୩୦।
- କଟକ ବୈଶାଖୀ ବାଣିଜ୍ୟ ମେଳାର ଷଷ୍ଠ ଦିବସ, ସ୍ଥାନ : ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ବାବାଜୀ ଶ୍ରୀ କଳି ବାଲ୍ମୀକିଙ୍କ ରଚିତ ଶ୍ରୀ ରାମଲୀଳାର ଗୀତାଭିନୟ, ସ୍ଥାନ: ଦୁଲଣାପୁର ରଘୁନାଥ ମନ୍ଦିର, ବାଙ୍କୀ, ସମୟ: ସନ୍ଧ୍ୟା ୭ଟା।

ପୁରୀ
- ଶ୍ରୀ ବଟଗୋସାଇଁ ମାଇପିମେଳା ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ପ୍ରସିଦ୍ଧ ବଟଗୋସାଇଁ ମାଇପିମେଳା, ସ୍ଥାନ: ନିମାପଡ଼ା କାହ୍ନପୁର, ସମୟ: ପୂର୍ବାହ୍ନ ୧୦ଟା।
- ଡ୍ରପ ରୋବଲ ସଂଘ ଓ ଡ୍ରପ ରୋବଲ ଫେଡେରେଶନ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ପୁରୀ ରେଳଷ୍ଟେ ଷ୍ଟେଶନ, ସମୟ: ଅପରାହ୍ନ ୫ଟା।
- ମହାପ୍ରଭୁଙ୍କ ଦୟଣା ଚୋରି ନୀତି, ସ୍ଥାନ: ଜଗନ୍ନାଥବଲ୍ଲଭ, ସମୟ: ସନ୍ଧ୍ୟା ୭ଟା।

ଖୋର୍ଦ୍ଧା
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ପାଟଣାହାଟ, ବେଗୁନିଆ, ସମୟ: ସକାଳ ୮ଟା।
- ପିଏମଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବେଗୁନିଆ, ସସୟ: ପୂର୍ବାହ୍ନ ୧୦ଟା।
- ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କୁଶପଲ୍ଲା ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।
- ଶ୍ରୀରାମଚରିତ ମାନସ ପାରାୟଣ, ସ୍ଥାନ: ଶ୍ରୀରାମ ମନ୍ଦିର ସମ୍ମୁଖ, ଶ୍ରୀରାମ ନଗର, ସମୟ: ସନ୍ଧ୍ୟା ୬ଟା।
- ପ୍ରବଚନ ଓ ଜ୍ଞାନଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ପାଟଣାହାଟ, ବେଗୁନିଆ, ସମୟ: ସନ୍ଧ୍ୟା ୭ଟା।
- ମୁଖାପିନ୍ଧା ରାମଲୀଳା ନାଟକ, ସ୍ଥାନ: ତଳସାହି, ବାଘମାରୀ, ସମୟ: ସନ୍ଧ୍ୟା ୮ଟା।
- ମୁଖାପିନ୍ଧା ରାମଲୀଳା ନାଟକ, ସ୍ଥାନ: ବ୍ରାହ୍ମଣ ସାହି, ବାଘମାରୀ, ସମୟ: ସନ୍ଧ୍ୟା ୮ଟା।

ବାଲେଶ୍ୱର
- ରାମ-ଶଙ୍କରଙ୍କ ପ୍ରତିଷ୍ଠାର ତ୍ରୟୋଦଶ ବାର୍ଷିକ ଉତ୍ସବ ଓ ୪୫ତମ କଳିନାଶନ ଯଜ୍ଞ, ସ୍ଥାନ: ନହରପାଟଣା ବାରୁଣୀ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଜାତୀୟ ସମ୍ମିଳନୀର ଦ୍ୱିତୀୟ ଦିବସ, ସ୍ଥାନ: ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

ଭଦ୍ରକ
- ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ବନବିହାରୀ ସରକାରୀ ଉପ୍ରା ବିଦ୍ୟାଳୟ, ପଧାନପଡ଼ା, ବନ୍ତ, ସମୟ: ସକାଳ ୯ଟା।
- ସ୍ୱାମୀ ନିଗମାନନ୍ଦଙ୍କ ପୂଜା ଉତ୍ସବ, ସ୍ଥାନ: ବଡ଼ଚନ୍ଦ୍ର ଭାନୁପୁର, ବାସୁଦେବପୁର, ସମୟ: ସକାଳ ୯ଟା।

କେନ୍ଦୁଝର
- ଆସ ଯିବା ସ୍କୁଲ କାର୍ଯ୍ୟକ୍ରମ, ସ୍ଥାନ: ଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କେନ୍ଦୁଝର, ସମୟ: ସକାଳ ୮ଟା।
- ଅଷ୍ଟମ ପ୍ରହର ନାମ ସଂକୀର୍ତ୍ତନ ଏବଂ ନଗର ପରିକ୍ରମା, ସ୍ଥାନ : ସୋଲପଟା, ହାଟଡିହୀ, ସମୟ : ଅପରାହ୍ନ ୪ ଟା।

ମୟୂରଭଞ୍ଜ
- ଅନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ଦୃଶ୍ୟମାନ୍ୟତା ଦିବସ ପାଳନ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସକାଳ ୭ଟା।
- ନାଟକ 'ସେମାନେ ବି ମଣିଷ', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ଅପରାହ୍ନ ୩ଟା।

ବ୍ରହ୍ମପୁର
- ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଭାପୁର ବଜାର, ସମୟ: ସକାଳ ୬ଟା।

ଗଞ୍ଜାମ
- ଶ୍ରୀ ରାମଚରିତମାନସ ନବାହ୍ନ ପାରାୟଣ ଓ ପ୍ରବଚନ, ସ୍ଥାନ: ବୁଗୁଡ଼ା, କଦମ୍ବ ମଠ ସମୟ: ସକାଳ ୭ଟା।

କନ୍ଧମାଳ
- ଆନ୍ତର୍ଜାତୀୟ କିନ୍ନର ଦୃଶ୍ୟମାନ ଦିବସ ପାଳନ, ସ୍ଥାନ: ପାରିଜାତ କଲ୍ୟାଣମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

ଢେଙ୍କାନାଳ
- ଜାଭିୟର ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ନୂଆ ଭୁବନ, ସମୟ: ଅପରାହ୍ନ ୫ଟା।

ଅନୁଗୋଳ
- କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଠମଲ୍ଲିକ ଗସ୍ତ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ବଇଣ୍ଠା ମା' ମଙ୍ଗଳା ସାହି, ସମୟ: ଅପରାହ୍ନ ୨ଟା।
- ପ୍ରବଚକଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ଶ୍ରୀ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

କେନ୍ଦ୍ରାପଡ଼ା
- ସୁଭଦ୍ରା ଶକ୍ତି ମେଳା, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ରଘୁନାଥଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ ଶ୍ରୀରାମ ଜନ୍ମୋତ୍ସବ ଓ ରାମଗାଥ ଅଭିନୟ, ସ୍ଥାନ: ମୁକୁନ୍ଦପୁର, ଚାନ୍ଦୋଳ, ଡେରାବଶ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ହନୁମାନ ବାଟିକା ପରିସର, ସଂସାରଫଳ, ରାଜନଗର, ସମୟ: ସନ୍ଧ୍ୟା ୬ଟା।

ଯାଜପୁର
- ଜିଲାପାଳଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ସମୀକ୍ଷା, ସ୍ଥାନ: ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଚାନ୍ଦମା ମା' ହିଙ୍ଗୁଳାଙ୍କ ଯଜ୍ଞ ଓ ବିସର୍ଜନ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ରୋଡ୍ ଚାନ୍ଦମା ମନ୍ଦିର ପରିସର, ସମୟ: ସନ୍ଧ୍ୟା ୫ଟା।

ନୟାଗଡ଼
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞର ଷଷ୍ଠ ଦିବସ, ସ୍ଥାନ: ନୟାଗଡ଼ ତ୍ରିନାଥ ଛକସ୍ଥିତ ରାମ ମନ୍ଦିର, ସମୟ:ସକାଳ ୭ଟାରୁ ଅପରାହ୍ନ ୨ଟା।
- ହାଇସ୍କୁଲର ବାର୍ଷିକ ଉତ୍ସବର ଉଦ୍‌ଘାଟନୀ ଦିବସ, ସ୍ଥାନ:ନୂଆଗାଁ ପିଏମଶ୍ରୀ ସରକାରୀ ହାଇସ୍କୁଲ, ସମୟ:ପୂର୍ବାହ୍ନ ୧୦ଟା ୩୦।
- ଐତିହାସିକ ଲଙ୍କାପୋଡି ଯାତ୍ରାର ୫ମ ଦିବସରେ ବନବାସ ଓ ଭରତ ମିଳନ ଅବସରରେ ପୂଜାର୍ଚ୍ଚନା , ସ୍ଥାନ: ଦଶପଲ୍ଲା ମହାବୀର ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଐତିହାସିକ ଲଙ୍କାପୋଡି ଯାତ୍ରାର ୫ମ ଦିବସରେ ବନବାସ ଓ ଭରତ ମିଳନ, ସ୍ଥାନ: ଦଶପଲ୍ଲା ମହାବୀର ମନ୍ଦିର, ସମୟ: ରାତ୍ର ୧୧ଟା।

ରାୟଗଡ଼ା
- ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଜଳନିଧିସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା।
- ମା' ବନଦୁର୍ଗାଙ୍କ ନିଆଁ ମଡ଼ା ଯାତ୍ରା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନିକଟ ମା' ବନ ଦୁର୍ଗା ମନ୍ଦିର, ଗୁଣପୁର, ସମୟ: ଅପରାହ୍ନ ୩ଟା।
- ଜିଲା ସଡ଼କ ସୁରକ୍ଷା ବୈଠକ, ସ୍ଥାନ: ରାୟଗଡା ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହ, ସମୟ: ଅପରାହ୍ନ ୪ଟା।
- ଦୀନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ, ସ୍ଥାନ: ଭେଙ୍କଟେଶ୍ୱର ମନ୍ଦିର କଲ୍ୟାଣ ମଣ୍ଡପ, ଗୁଣପୁର, ସମୟ: ଅପରାହ୍ନ ୫ଟା।

ନବରଙ୍ଗପୁର
- ଓଭିଇପି ବାର୍ଷିକ ଉତ୍ସବ, ସ୍ଥାନ: ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଜମଗୁଣ୍ଡା, ଉମରକୋଟ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ପକ୍ଷ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଡାବୁଗାଁ ବ୍ଲକ୍ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।
- ମା' ଠାକୁରାଣୀଙ୍କ କଳସ ଯାତ୍ରା ଶେଷ, ସ୍ଥାନ : କଳସୀ ମଣ୍ଡପ, ଡାବୁଗାଁ, ସମୟ: ଅପରାହ୍ନ ୫ଟା।

ମାଲକାନଗିରି
- ସ୍ୱାସ୍ଥ୍ୟସେବାରେ ଗୋଷ୍ଠୀ ସହଭାଗିତା କାର୍ଯ୍ୟକ୍ରମ, ସ୍ଥାନ: ମାଲକାନଗିରି ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।

ସମ୍ବଲପୁର
- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପଦାର୍ଥ, ଜୈବିକ, ଉଦ୍ଭିଦ ବିଜ୍ଞାନ ଓ ଆଇଏସଟି ବିଭାଗର ମିଳିତ ଆୟୋଜନରେ ଛତୁ ଚାଷ ଶୀର୍ଷକ କର୍ମଶାଳା, ସ୍ଥାନ: ଅମୃତ ବିହାର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ଆୟୋଜିତ ଫାୟାର ମକ୍‌ଡ୍ରିଲ କାର୍ଯ୍ୟକ୍ରମ, ସ୍ଥାନ: ଫାର୍ମରୋହ ସ୍ଥିତ ସିଟି ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା ୪୫।
- ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ରାମ ନବମୀ କମିଟି ପକ୍ଷରୁ ୭୮ତମ ରାମଲୀଳା କାର୍ଯ୍ୟକ୍ରମ, ସ୍ଥାନ: କବରାପାଲି ଗ୍ରାମ, ସମୟ: ସନ୍ଧ୍ୟା ୭ଟା।
- ଠେମରା ଗ୍ରାମବାସୀ ଆୟୋଜିତ ରାମଲୀଳା ଉତ୍ସବ, ସ୍ଥାନ: ଠେମରା ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

ବଲାଙ୍ଗୀର
- ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ୧୧୪ତମ ଜୟନ୍ତୀ ପାଳନ, ସ୍ଥାନ: ରାଜେନ୍ଦ୍ର ପାର୍କ, ବଲାଙ୍ଗୀର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ଗ୍ରାହକ ସଚେତନତା ଶିବିର, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ ଅଡିଟୋରିୟମ୍, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୯ଟା ୩୦।
- ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଦିନିକିଆ କ୍ୟାମ୍ପ କୋର୍ଟ ଓ ସାଧାରଣ ଶୁଣାଣି, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୂର୍ବାହ୍ନ ୧୦ଟା ୩୦।

ରାଉରକେଲା
- ଗ୍ରୀଷ୍ମକାଳୀନ କ୍ରିକେଟ, ସ୍ଥାନ: ଡିଏଭି ପଡିଆ, ବାସନ୍ତୀ କଲୋନୀ, ସମୟ: ସକାଳ ୬ଟା ୩୦।
- ନିଃଶୁଳ୍କ ଆର୍ଟ୍ସ କର୍ମଶାଳା, ସ୍ଥାନ: ଗୋପବନ୍ଧୁ ପାଠାଗାର, ସମୟ: ସକାଳ ୮ଟା।
- ମ୍ୟୁନିସିପାଲ କଲେଜର ବାର୍ଷିକୋତ୍ସବ, ସ୍ଥାନ: ମ୍ୟୁନିସିପାଲ କଲେଜ, ଉଦିତନଗର, ସମୟ: ସକାଳ ୯ଟା ୩୦।
- ହୃଷୀକେଶ ରାୟ କଲେଜର ବାର୍ଷିକୋତ୍ସବ, ସ୍ଥାନ: ଛେଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।
- ସିଟୁ ପକ୍ଷରୁ ପଥପ୍ରାନ୍ତ ସଭା, ସ୍ଥାନ: ସେକ୍ଟର-୨, ସମୟ: ଅପରାହ୍ନ ୫ଟା।
- ସଙ୍କଟମୋଚନ ମନ୍ଦିରରେ ହନୁମାନ ଚାଳିଶା, ସ୍ଥାନ: ମାଲଗୋଦାମ କାଳୀ ମନ୍ଦିର ସମୟ: ସନ୍ଧ୍ୟା ୬ଟା ୩୦।

ବରଗଡ଼
- ଅତାବିରା ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ,ସ୍ଥାନ:ଦୁର୍ଗା ମନ୍ଦିର କଲ୍ୟାଣ ମଣ୍ଡପ, ଅତାବିରା,ସମୟ: ସକାଳ ୯ଟା।
- ପୁଷ୍କରିଣୀ ପରିଚ୍ଛନ୍ନତା କାର୍ଯ୍ୟକ୍ରମ, ସ୍ଥାନ: ଭୁକ୍ତା, ଅମ୍ବାଭୋନା,ସମୟ: ପୂର୍ବାହ୍ନ ୧୦ଟା।
- ଜନ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପିଏମଶ୍ରୀ ଜନତା ହାଇସ୍କୁଲ, ଭୁକ୍ତା, ଅମ୍ବାଭୋନା, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃ ବିଦ୍ୟାଳୟ ଭଲିବଲ ପ୍ରତିଯୋଗିତା, ସ୍ଥାନ: ପିଏମଶ୍ରୀ ଜନତା ହାଇସ୍କୁଲ, ଭୁକ୍ତା, ଅମ୍ବାଭୋନା, ସମୟ: ଅପରାହ୍ନ ୪ଟା।

କଳାହାଣ୍ଡି
- ପଞ୍ଜୀକରଣ ଅବଧି ବୃଦ୍ଧି ଦାବି ନେଇ ଜିଲାପାଳଙ୍କୁ ଚାଷୀଙ୍କ ଦାବିପତ୍ର ପ୍ରଦାନ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପରିଷଦ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

ବୌଦ୍ଧ
- ବୌଦ୍ଧ ଗଡଜାତର ଗଣପର୍ବ ଶ୍ରୀରାମଲୀଳା ଯାତ୍ରାର ପଞ୍ଚମ ଦିବସ, ସ୍ଥାନ: ଶ୍ରୀ ରଘୁନାଥଜୀଉ ମନ୍ଦିର ମାରୁତି ମଣ୍ଡପ, ବୌଦ୍ଧ, ସମୟ: ରାତି ୯ଟା।

ଦେବଗଡ଼
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ସମୟ: ସନ୍ଧ୍ୟା ୭ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

ସୁବର୍ଣ୍ଣପୁର
- ତରଭା ବ୍ଲକ ବ୍ରାହ୍ମଣୀପାଲିରୁ ବାରପାହାଡ ଜଙ୍ଗଲକୁ ବାରବଇଠା ଯାତ୍ରା, ସ୍ଥାନ: ବ୍ରାହ୍ମଣୀପାଲି ଗ୍ରାମ, ସମୟ: ଅପରାହ୍ନ ୨ଟା।

ନୂଆପଡ଼ା
- ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: କୋମନା ବ୍ଲକ ନୂଆଗାଁ ପଞ୍ଚାୟତ ଠୁଟିବେର ଗାଁ, ସମୟ: ପୂର୍ବାହ୍ନ ୧୦ଟା।

ଝାରସୁଗୁଡ଼ା
- ରୋଡ୍ ସେଫ୍ଟି ସମ୍ବନ୍ଧୀୟ ବୈଠକ, ସ୍ଥାନ: ଜିଲାପାଳଙ୍କ କନଫରେନ୍ସ ହଲ୍, ସମୟ: ଅପରାହ୍ନ ୪ଟା।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ — ଆଜିର ଗ୍ରହ ସ୍ଥିତି ସାମଗ୍ରିକ ଦିଗରୁ ସୁଖ, ସୌଭାଗ୍ୟ ପ୍ରଦାନ କରିବାରେ ପଶ୍ଚାତ୍‌ପଦ ହେବେ ନାହିଁ। ଖର୍ଚ୍ଚଭାର, ପୁରାତନ ରୋଗପୀଡ଼ା, ପୂର୍ବ ଶତ୍ରୁତାକୁ ନେଇ ଚିନ୍ତିତ ରହିପାରନ୍ତି। ପଡ଼ୋଶୀ କିମ୍ବା ସମ୍ପର୍କୀୟ ମାନସିକ ଆଘାତ ଦେଇପାରନ୍ତି। ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେଇ ପ୍ରତିଟି ସମସ୍ୟାକୁ ସୁଧାରିନେବାରେ ପ୍ରଯତ୍ନ କରିବେ।

ବୃଷ — ଯେଉଁ କାମରେ ମୁଣ୍ଡ ପୂରାଇଛନ୍ତି, ଆପଣଙ୍କ ବୁଦ୍ଧିମତ୍ତା ହିଁ ସେହି କ୍ଷେତ୍ର ସକାଶେ ଅନୁକୂଳ ପରିବେଶ ସୃଷ୍ଟିକରିବ। ଆଜି ଯାହା ଚାହୁଁଛନ୍ତି ତାହା ପାଇଲେ ମଧ୍ୟ କୌଣସି ସମସ୍ୟାରେ ଜଡ଼ିତ ହୋଇପାରନ୍ତି। ଆଲୋଚନାରେ ତର୍କ, ବିବାଦୀୟ କଥା ଓ ପିଲାଙ୍କ ସମସ୍ୟା ନେଇ ବ୍ୟସ୍ତତା ବଢ଼ିପାରେ।

ମିଥୁନ — ଆପଣଙ୍କ ଭଲ କାମର ପ୍ରଶଂସା ବଦଳରେ ନିନ୍ଦୁକ ଗୋଷ୍ଠୀ ନିନ୍ଦା ଗାଇ ବୁଲିବେ। ବନ୍ଧୁଙ୍କୁ ଦୀର୍ଘଦିନ ପରେ ବକେୟା ମାଗିବା କାରଣରୁ ପରିସ୍ଥିତି ଉତ୍ତେଜନାମୂଳକ ହୋଇପାରେ। ବାଣିଜ୍ୟ ଓ ପରିବହନରେ କିଛିଟା ସମସ୍ୟା ଦେଖାଦେବା ଆଶଙ୍କା ଉପୁଜିପାରେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବା ଯୋଗୁ ଖୁସି ଅନୁଭବ କରିପାରନ୍ତି।

କର୍କଟ — ସମସ୍ୟା ରହିଥିଲେ ମଧ୍ୟ ଚନ୍ଦ୍ରଙ୍କ ପ୍ରଭାବରେ ମନର ପ୍ରଫୁଲ୍ଲତା କମିବ ନାହିଁ। ଆପଣ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିପାରିବେ। ଜମା ପଟୁ ନ ଥିବା ପ୍ରତିଦ୍ୱନ୍ଦ୍ୱୀ ଦୋଷାରୋପକରି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି। ପରିବାରରେ ପୁରୁଣା ସମସ୍ୟା ତୁଟିଯାଇଥଲେ ମଧ୍ୟ ନୂତନ ସମସ୍ୟା ଦେଖାଦେଇପାରେ।

ସିଂହ — ରବିଙ୍କ ସ୍ଥାନ ସ୍ଥିତିରୁ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ଗତି କରିବେ। କୌଶଳରେ କାମ ହାସଲ ବ୍ୟତୀତ ବର୍ତ୍ତମାନ ପରିସ୍ଥିତିରେ ଅନ୍ୟମାନଙ୍କ ସହ ଶତ୍ରୁତା କଲେ କ୍ଷତିରେ ପଡ଼ିବେ। ହଜିଯାଇଥିବା ଟଙ୍କା କିମ୍ବା ଦରକାରୀ କାଗଜପତ୍ର ଅଲଗା ସ୍ଥାନରେ ରଖିଥାଇପାରନ୍ତି। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ବିଦେଶ ଯାତ୍ରାକୁ ମନବଳାଇବାର ସୂଚନା ରହିଛି।

କନ୍ୟା — ପରିବାରରେ ଭୁଲ୍ ବୁଝାମଣାଜନିତ ବିଶୃଙ୍ଖଳିତ କାର୍ଯ୍ୟ ସମସ୍ୟା ସୃଷ୍ଟିର କାରଣ ହେବ। ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ନିଜ ଲୋକ ଶତ୍ରୁତାକରି ପାରନ୍ତି। ନିଜ ପରିସରରେ କୌଣସି ସ୍ୱର୍ଣ୍ଣକାତର କଥାରେ ଚିହ୍ନା ପଡ଼ିବା ଠିକ୍ ହେବନାହିଁ। ସାଧାରଣ କଥାରେ ପାଟିତୁଣ୍ଡ ହୋଇ କଚେରି ମାମଲା ପର୍ଯ୍ୟନ୍ତ କଥା ଯାଇପାରେ।

ତୁଳା — ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ନିଜ ପାଖରେ ରହୁଥିବା ଟାଉଟରି କରୁଥିବା ଲୋକଟି ପ୍ରତି ସତର୍କ ରହନ୍ତୁ, ନତୁବା ଅସୁବିଧାରେ ପଡ଼ିପାରନ୍ତି। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭଲ ପାଉଥିବା ବନ୍ଧୁ କ୍ରମଶଃ ଦୂରେଇଯିବେ। ଯାତ୍ରା ସମୟରେ ସତର୍କତା ଅଭାବରୁ ଟଙ୍କା, ସୁନା, ଚୋରି ହୋଇଯାଇପାରେ।

ବିଛା — ପ୍ରତ୍ୟେକ କ୍ଷେତ୍ରରେ କିଛି କହିବା ଓ କରିବା ପୂର୍ବରୁ ଭାବିଚିନ୍ତି କରିବା ଭଲ ହେବ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ମରୀଚିକା ପଛରେ ଦୌଡ଼ିପାରନ୍ତି। ପ୍ରତ୍ୟେକ ଦିଗରୁ ଖର୍ଚ୍ଚ କମାଇବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ମାନସିକ ଅସ୍ଥିରତା ସହ ସାମୟିକ ଭାବରେ ଶାରୀରିକ ଅସୁସ୍ଥତା ଅନୁଭବ ହୋଇପାରେ।

ଧନୁ — ନିଜକୁ ସମ୍ଭାଳି ଅନ୍ୟମାନଙ୍କ କଥାରେ ମୁଣ୍ଡ ପୂରାନ୍ତୁ, ନତୁବା ଅପମାନିତ ହୋଇପାରନ୍ତି। ବିଭିନ୍ନ ସମସ୍ୟା ଭିତରେ ସାହାଯ୍ୟ ସହଯୋଗ ପାଇଁ ବନ୍ଧୁ ଦ୍ୱାରସ୍ଥ ହେବାର ସୂଚନା ରହିଛି। ତେଣେ ସହକର୍ମୀଙ୍କ କେବଳ ଉପଦେଶ ଶୁଣି ଶୁଣି ମନରେ ବିରକ୍ତି ଆସିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଅର୍ଥ ସମ୍ପର୍କିତ ଟଣାଓଟରା ଲାଗିପାରେ।

ମକର — ଶୁଭ ଚନ୍ଦ୍ର ହେତୁ ମାନସିକ ପ୍ରସନ୍ନତା ସହ ଦିନଟିରେ ଅର୍ଥ ଲାଭ ଓ ବନ୍ଧୁମିଳନରୁ ଖୁସି ରହିବେ। ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜଲିସ୍‌ରେ ସମୟ କଟାଇପାରନ୍ତି। କର୍ମକ୍ଷେତ୍ରରେ ଖଳଲୋକଙ୍କ କୃତ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମକରି ଅନୁତପ୍ତ ହେବେ।

କୁମ୍ଭ — ଆଳସ୍ୟ ଓ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ପାରିବାରିକ ପରିସ୍ଥିତି ଶାନ୍ତ ରହିବ। କୌଣସି କ୍ଷେତ୍ରରେ ଅଧୈର୍ଯ୍ୟ ହୁଅନ୍ତୁ ନାହିଁ , ବନ୍ଧୁଙ୍କ ସହାନୁଭୂତି ନିଶ୍ଚୟ ଲାଭ କରିବେ। ବାଣିଜ୍ୟ, ବ୍ୟବସାୟରେ ଲାଭବାନ୍ ହେବେ, କିନ୍ତୁ ପ୍ରତିବନ୍ଧକରୁ ମୁକ୍ତ ହୋଇପାରିବେ ନାହିଁ।

ମୀନ — ବୃହସ୍ପତିଙ୍କ ଶୁଭଦୃଷ୍ଟି ସକଳ ସମସ୍ୟାରୁ ମୁକ୍ତକରିବା ସମୟରେ ରାହୁ ଓ କେତୁ ହଇରାଣର ମସୁଧା କରିପାରନ୍ତି। ଅତୀତର ଘଟଣାକୁ ଯେତେ ଭାବିବେ ମନ ସେତେ ଅଧିକ ଖରାପ ଲାଗିବ। ଫାଇଲ୍ କାମ ବୃଦ୍ଧିପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ପରିବାରର ଖର୍ଚ୍ଚ ବୃଦ୍ଧି ଚିନ୍ତାଜନକ ହୋଇପାରେ।

ଆଜି ମାର୍ଚ୍ଚ ୩୧ ତାରିଖ, ଆର୍ଥିକବର୍ଷ ଶେଷ, ଚୈତ୍ର ଶୁକ୍ଳପକ୍ଷର ଶିବ ଦମନକ ଚତୁର୍ଦ୍ଦଶୀ ମଙ୍ଗଳବାର। ଶ୍ରୀମନ୍ଦିରରେ ଦମନକ ଯାତ୍ରା, ଦୟଣାଚୋରି ନୀତି, ରାମଲୀଳା, ମାୟାମୃଗ ପ୍ରସ୍ତାବ, ଶ୍ରୀଲିଙ୍ଗରାଜଦେବଙ୍କ ଦମନକ ଯାତ୍ରା, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଚୈତ୍ର ମଙ୍ଗଳବାର ଓଷା ଶେଷ, ତାରାତାରିଣୀ ଯାତ୍ରା ଶେଷ। ରାଶିନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୮।୪୮ ଗତେ, ଘ.୧୦।୩୭ ମଧ୍ୟେ, ଘ.୦୧।୦୪ ଗତେ, ଘ.୦୧।୨୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୩ ଗତେ, ଘ. ୦୪।୨୫ ମଧ୍ୟେ ରାହୁକାଳ।

୧ମ ଓ ୩ୟ ପୃଷ୍ଠାରୁ...

ଡଲାର ହେଲା...

ପାଇଁ ଅନେକ ଆହ୍ୱାନପୂର୍ଣ୍ଣ ସ୍ଥିତି ଉପୁଜିଆସିଛି। ରପ୍ତାନିରେ ମନ୍ଥରତାଜନିତ ସଙ୍କଟରୁ ଦେଶ ସଳଖିପାରି ନ ଥିବାବେଳେ ଭୂରାଜନୈତିକ ଉତ୍ତେଜନା, ବାଣିଜ୍ୟିକ ନିଅଣ୍ଟ, ପୁଞ୍ଜି ନିର୍ଗମନ ଶିଳ୍ପ ଜଗତକୁ ଦୁର୍ବଳ କରିବା ସହ ଘରୋଇ ବଜାରରେ ଅଚଳାବସ୍ଥା ସୃଷ୍ଟି କରିଛି। କେନ୍ଦ୍ର ସରକାର ପୂର୍ବରୁ ଅଭିବୃଦ୍ଧି ହାର ୭ରୁ ୭.୪% ରହିବ ବୋଲି ଆକଳନ କରିଥିଲେ। କିନ୍ତୁ ଉପଯୁକ୍ତ ନୀତିର ଅଭାବ ଓ ବିନିର୍ମାଣରେ ମନ୍ଥରତା ଯୋଗୁ ବାସ୍ତବ କ୍ଷେତ୍ରରେ ଏହା ୬%ରୁ କମ୍ ରହିବା ନେଇ ଅର୍ଥନୀତି ବିଶ୍ଳେଷକମାନେ ଅନୁମାନ କଲେଣି। ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି (ଏଫ୍‌ଡିଆଇ) ଗତ ୫ ମାସରେ ନକାରାତ୍ମକ ରହିଛି। ଏଭଳି ସମୟରେ ଇରାନ୍ ଉପରେ ଆମେରିକା-ଇସ୍ରାଏଲ୍‌ର ଆକ୍ରମଣ ଏବଂ ତେହରାନ୍‌ର ପ୍ରତିଆକ୍ରମଣ ମଧ୍ୟପ୍ରାଚ୍ୟରେ ସ୍ଥିତିକୁ ଅଧିକ ସଙ୍ଗିନ କରିଦେଇଛି। ଏହି କାରଣରୁ ବିଶ୍ୱବ୍ୟାପୀ ତୈଳ ସଙ୍କଟ ଦେଖାଦେଇଛି। କିନ୍ତୁ ଭାରତ ନିଜ ଆବଶ୍ୟକତାର ପ୍ରାୟ ୯୦% ଅଶୋଧିତ ତୈଳ ବାହାରୁ ଆମଦାନୀ କରୁଥିବାରୁ ଦେଶର ତୈଳ ବଜାର ଚାପରେ ରହିଛି। ଆଗକୁ ଏହା ଭାରତରେ ମୁଦ୍ରାସ୍ଫୀତି ବୃଦ୍ଧି ଘଟାଇପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଢଗଢମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଘର ଆଗରେ ନ ରୋପିବ
ବେତ, ତେନ୍ତୁଳି, ତାଳ
ଦକ୍ଷିଣେ ରୋପିବ ନିମ
ଉତ୍ତରେ ରୋପିଲେ କଦଳୀ ସଜନା
ସମୟକୁ ଦେବ କାମ।

ସାଧାରଣତଃ ଘର ଆଗରେ ବେତ, ତେନ୍ତୁଳି ଓ ତାଳ ଗଛ ଲଗାଇବା ନେଇ ବାରଣ କରାଯାଇଥିବାବେଳେ ଦକ୍ଷିଣ ଦିଗରେ ନିମ ଏବଂ ଉତ୍ତର ଦିଗରେ କଦଳୀ ଓ ସଜନା ଗଛ ଲଗାଇବା ଉଚିତ ହୋଇଥାଏ। ଏହା ବାସ୍ତୁଶାସ୍ତ୍ର ଅନୁସାରେ ଠିକ୍ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଘର ପୋଡ଼ିଠାରୁ ବିପତ୍ତି ନାହିଁ
ଘୋଡ଼ାଚଢ଼ାଠାରୁ ସମ୍ପତ୍ତି ନାହିଁ।

ଘର ପୋଡ଼ିଯିବା ବିପର୍ଯ୍ୟୟର ଲକ୍ଷଣ ହୋଇଥାଏ। ସେହିପରି ଘୋଡ଼ା ଚଢ଼ିବା ଅଗ୍ରଗତିର ପ୍ରତୀକ ବା ଧନୀର ଲକ୍ଷଣ ଅଟେ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ଭୁବନେଶ୍ୱରରେ...

କରିଛି। ଏଭଳି ଘଟଣା ସହରର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ତମାଣ୍ଡୋ ଥାନା ଅଧିକାରୀ ବସନ୍ତ କୁମାର ଦଳେଇ କହିଛନ୍ତି, ରାତିରେ ପୀଡ଼ିତା ଏକାକୀ ଥିବାର ସୁଯୋଗ ନେଇ ଅଭିଯୁକ୍ତଦ୍ୱୟ ବଳାତ୍କାର କରିଥିଲେ। ମହିଳା ଜଣଙ୍କ ୨୮ ତାରିଖରେ ଅଭିଯୋଗ କରିବା ପରେ ପୋଲିସ ତ୍ୱରିତ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କର କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରୀମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

ବିଧାନସଭାରେ ପ୍ରକାଶ ପାଇଥିବା ତଥ୍ୟ ଅନୁସାରେ, ୨୦୨୫ରେ ରାଜ୍ୟରେ ୨,୯୯୪ ମହିଳା ବଳାତ୍କାରର ଶିକାର ହୋଇଥିବାବେଳେ ୧୧୫ ବଳାତ୍କାର ଉଦ୍ୟମର ଶିକାର ହୋଇଛନ୍ତି। ଆହୁରି ମଧ୍ୟ ୭,୩୮୨ଜଣ ମହିଳା ଅସଦାଚରଣର ଶିକାର ହୋଇଥିବାବେଳେ ୧,୧୮୩ ଜଣ ମହିଳା ଯୌନ ନିର୍ଯାତନାର ଶିକାର ହୋଇଛନ୍ତି।

୧ରୁ ୧୪...

ଆୟୋଜନ ହେବ। ଏନେଇ ସୋମବାର ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ସୂଚନା ଦେଇଛନ୍ତି। ସମସ୍ତ ବେସରକାରୀ ଅନୁଷ୍ଠାନ, ସମସ୍ତ ଯୁବ ଓ ସାଂସ୍କୃତିକ ଅନୁଷ୍ଠାନ ଏବଂ ସର୍ବୋପରି ଓଡ଼ିଶାର ସମସ୍ତ ଜନସାଧାରଣ ଓଡ଼ିଆ ପକ୍ଷ-୨୦୨୬ ପାଳନରେ ସାମିଲ ହେବାକୁ ମନ୍ତ୍ରୀ ଆହ୍ୱାନ ଦେଇ କହିଲେ, ଏହା କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ, ବରଂ ଆମ ନିଜ ସଂସ୍କୃତି ସହ ପୁନଃ ସଂଯୋଜିତ ହେବାର ସମୟ। ଆମ ଓଡ଼ିଶା, ଓଡ଼ିଆ ଭାଷା ଏବଂ ଓଡ଼ିଆ ସଂସ୍କୃତିକୁ ନେଇ ଉତ୍ସବ ମୁଖର ହେବାର ସମୟ ଆସିଛି। ଓଡ଼ିଆ ପକ୍ଷ ପାଳନରେ ସାମିଲ ହେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ବିଶ୍ୱବିଦିତ କରିବା ନିମନ୍ତେ ଆମର ନିରନ୍ତର ପ୍ରୟାସ ଜାରି ରଖିବା ଏବଂ ଗର୍ବର ସହ ସମସ୍ତଙ୍କୁ କହିବା 'ଆମେ ଓଡ଼ିଆ'। ଏଥିସହ ଓଡ଼ିଆ ପକ୍ଷ ପାଳନରେ ସାମିଲ ହେବାକୁ ସଂସ୍କୃତି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ୱେବ୍‌ସାଇଟ୍ Odiapakhya.com ଖୋଲାଯାଇଛି। ଏଥିସହ ଓଡ଼ିଆ ପକ୍ଷ ଆପ୍‌କୁ ମଧ୍ୟ ବ୍ୟବହାର କରିବାକୁ କୁହାଯାଇଛି। ୧୪ ଦିନ ମଧ୍ୟରେ ପାରମ୍ପରିକ ଖାଦ୍ୟ, ସଙ୍ଗୀତ ଓ ନୃତ୍ୟ, ସ୍ୱଚ୍ଛତା ଅଭିଯାନ, ଓଡ଼ିଶାର କଳା ଓ ସଂସ୍କୃତି ସମ୍ବନ୍ଧରେ ବିଭିନ୍ନ ତଥ୍ୟ ସହ ଓଡ଼ିଆ ପକ୍ଷରେ ହେବାକୁ ଯାଉଥିବା ବିଭିନ୍ନ ଉତ୍ସବ ପାଳନ ସମୟର ରିଲ୍ସ ଓ ସେଲ୍‌ଫିକୁ ଜନସାଧାରଣ ଓଡ଼ିଆ ପକ୍ଷ ୱେବ୍‌ସାଇଟରେ ଅପଲୋଡ୍ କରିପାରିବେ ବୋଲ ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ଏପ୍ରିଲ୍ ୧ରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ରାଜ୍ୟର ପ୍ରତିଷ୍ଠା ଉତ୍ସବ 'ଓଡ଼ିଶା ଦିବସ' ପାଳନ କରାଯିବ। ୨ରେ ବିଦ୍ୟାଳୟରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଯାଉଥିବା ଶିଶୁ ଛାତ୍ରୀଛାତ୍ରଙ୍କ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ 'ଖଡ଼ିଛୁଆଁ ଦିବସ' ପାଳନ ହେବା ସହ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟତମ ଅତିଥି ଭାବେ ସଂସ୍କୃତି ବିଭାଗର ଶାସନ ସଚିବ ରଶ୍ମିତା ପଣ୍ଡା, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଅତିରିକ୍ତ ଶାସନ ସଚିବ ସ୍ମିତା ମହାନ୍ତି, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

ଭୂତ ପ୍ରଭାବରେ...

ପୋଲିସ ଅଦନାନଙ୍କୁ ଅଟକ ରଖି ପଚରାଉଚରା କରିବା ସମୟରେ ସେ ପ୍ରଥମେ କହିଥିଲେ ଯେ କୌଣସି ଅଦୃଶ୍ୟ ଶକ୍ତି ବା ଭୂତର ପ୍ରଭାବରେ ଏପରି କରିଛନ୍ତି। ପରେ ଉକ୍ତ ବଟନ ଟିପିଲେ କବାଟ ଖୋଲିଯିବ ବୋଲି ଜାଣି ନ ଥିବା କହିଛନ୍ତି। ଇଣ୍ଡିଗୋ ସୁରକ୍ଷା ଅଧିକାରୀଙ୍କ ଅଭିଯୋଗ ଆଧାରରେ ତାଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଦଫା ୧୨୫ (ଅନ୍ୟର ଜୀବନ ବା ବ୍ୟକ୍ତିଗତ ସୁରକ୍ଷାକୁ ବିପଦରେ ପକାଇବା) ଅନୁଯାୟୀ ମାମଲା ରୁଜୁ କରାଯାଇଛି। ପଚରାଉଚରା ପରେ ଅଭିଯୁକ୍ତଙ୍କୁ ନୋଟିସ ଜାରି କରାଯାଇ ତାଙ୍କ ମାତାପିତାଙ୍କୁ ହସ୍ତାନ୍ତର କରାଯାଇଛି।

ଦୁବେଙ୍କ...

କରିଛନ୍ତି। ବିବାଦ ବଢ଼ିବା ପରେ ଦୁବେ ସୋମବାର ତାଙ୍କ ବିବାଦୀୟ ମନ୍ତବ୍ୟ ଉପରେ ସ୍ପଷ୍ଟୀକରଣ ଦେଇଛନ୍ତି। ୧୯୬୨ ଭାରତ-ଚାଇନା ଯୁଦ୍ଧ ସମୟରେ ସିଆଇଏ ଏବଂ ନେହେରୁଙ୍କ ସହ ବିଜୁ ପଟ୍ଟନାୟକଙ୍କୁ ଲିଙ୍କ୍ କରି ସେ ଦେଇଥିବା ବୟାନ ନେହେରୁ-ଗାନ୍ଧୀ ପରିବାର ଏବଂ କଂଗ୍ରେସ ପାଇଁ ଉଦ୍ଦିଷ୍ଟ ଥିଲା, ବିଜୁବାବୁଙ୍କ ପାଇଁ ନୁହେଁ ବୋଲି ଭାଜପା ନେତା କହିଛନ୍ତି। ଖବରଦାତାମାନଙ୍କୁ ଦୁବେ କହିଛନ୍ତି, ସେ ନେହେରୁଙ୍କ କେତେକ ଚିଠି ଜାରି କରିଛନ୍ତି, ଯେଉଁଥିରେ ଆମେରିକା ଅଫିସରମାନଙ୍କ ସହ ଆଲୋଚନାରେ ପଟ୍ଟନାୟକଙ୍କ ଭୂମିକା ଥିବା ଉଲ୍ଲେଖ ରହିଛି। ଆମେରିକା ସହାୟତାରେ ନେହେରୁ ଏହି ଯୁଦ୍ଧ ଲଢ଼ିଥିଲେ ଏବଂ ପଟ୍ଟନାୟକ ଏଥିରେ ନେହେରୁ, ଆମେରିକା ସରକାର ଏବଂ ସିଆଇଏ ମଧ୍ୟରେ ଏକ ଯୋଗାଯୋଗ ମାଧ୍ୟମ ଭାବେ କାର୍ଯ୍ୟ କରିଥିଲେ। ଦୁବେ ଆହୁରି କହିଛନ୍ତି, ଜଣେ ସ୍ୱାଧୀନତା ସଂଗ୍ରାମୀ ଭାବେ ବିଜୁ ପଟ୍ଟନାୟକଙ୍କୁ ସେ ସମ୍ମାନ କରନ୍ତି। ତାଙ୍କ ବିରୋଧରେ କୌଣସି ମନ୍ତବ୍ୟ ଦେଇଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ସେ କେବଳ ନେହେରୁ-ଗାନ୍ଧୀ ପରିବାରକୁ ଟାର୍ଗେଟ କରି ମନ୍ତବ୍ୟ ଦେଇଥିଲେ। ଯଦି ଏହା କାହାକୁ ଆଘାତ ଦେଇଥାଏ, ଏହା ଉପରେ ସ୍ପଷ୍ଟୀକରଣ ଦେବାକୁ ସେ ପ୍ରସ୍ତୁତ। ବିଜୁବାବୁ ଓଡ଼ିଶା ଓ ବିହାରର ଗର୍ବ ହୋଇ ରହିଛନ୍ତି ବୋଲି ୧୯୩୬ରେ ବିହାରରୁ ଓଡ଼ିଶା ଅଲଗା ହେବା କଥାକୁ ମନେ ପକାଇ ଦୁବେ କହିଛନ୍ତି।

ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ସୋମବାର ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ବିରୋଧରେ ଏମ୍‌ପି ନିଶିକାନ୍ତ ଦୁବେ ଦେଇଥିବା ଅପମାନଜନକ ମନ୍ତବ୍ୟକୁ ନେଇ ବିକ୍ଷୋଭ ପ୍ରଦର୍ଶନ।

ଆଜିଠାରୁ ପ୍ରସିଦ୍ଧ ହିଙ୍ଗୁଳା ଯାତ୍ରା, ଲୋକ ମହୋତ୍ସବ

ତାଳଚେର,(ମନୋଜ ନନ୍ଦ): ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଓ ଲୋକ ମହୋତ୍ସବ ୩୧ ତାରିଖ ମଙ୍ଗଳବାରଠାରୁ ଆରମ୍ଭ ହେବ। ଚଳିତବର୍ଷ ମନ୍ଦିରର ପୂର୍ବ ଦିଗ ତଥା ମନ୍ଦିର ପଛ ପାଖରେ ପ୍ରାୟ ୨ଶହ ମିଟର ଦୂରରେ ମା'ଙ୍କ ଉଭାସ୍ଥଳ ଚିହ୍ନଟ ହୋଇଛି। ଭକ୍ତଙ୍କ ଭିଡ଼ ଲାଗିବାକୁ ଥିବାରୁ ଏହାକୁ ଦୃଷ୍ଟିରେ ରଖି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରାସ୍ତା ମରାମତି, ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା, ପାନୀୟ ଜଳ, ଶାନ୍ତିଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ଉପରେ ଜୋର୍ ଦିଆଯାଇଛି। ଶ୍ରଦ୍ଧାଳୁମାନେ କିପରି ଶୃଙ୍ଖଳାର ସହ ମା'ଙ୍କୁ ଦର୍ଶନ କରି ଭୋଗଲାଗି କରିପାରିବେ ସେଥିପାଇଁ ବ୍ୟାପକ ବ୍ୟବସ୍ଥା ହୋଇଥିବା ସୂଚନା ମିଳିଛି।

ବିରୋଧୀଙ୍କ ବିରୋଧ କମୁନି

ଭୁବନେଶ୍ୱର, ୩୦।୩(ସୁନିତ୍ ମିଶ୍ର)

- ହୋହଲ୍ଲାରେ ଧୋଇଗଲା ପ୍ରଶ୍ନକାଳ, ଶୂନ୍ୟକାଳ
- ନାରାୟଣ ସାହୁଙ୍କ ଉଦ୍ଦେଶ୍ୟରେ ଆସିଲା ଶୋକପ୍ରସ୍ତାବ

ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଇସ୍ତଫା ନେଇ ସୋମବାର ବିଧାନସଭା ଠିକ୍ ଭାବେ ଚାଲିପାରି ନାହିଁ। ବାରମ୍ବାର ମୁଲତବୀ ହେବା ପରେ ବାଚସ୍ପତି ୧୨ଟା ୧୫ ମିନିଟ୍ ସମୟରେ ସର୍ବଦଳୀୟ ବୈଠକ ଡକାଇଥିଲେ। ତଥାପି ମଧ୍ୟ ବିରୋଧୀଙ୍କ ବିରୋଧ କମି ନ ଥିଲା। ସର୍ବଦଳୀୟ ବୈଠକରୁ କୌଣସି ସୁଫଳ ମିଳି ନ ପାରିବାରୁ ଶେଷରେ ବିଧାନସଭାର ପ୍ରଥମାର୍ଦ୍ଧରେ ହେବାକୁ ଥିବା ପ୍ରଶ୍ନକାଳ, ଶୂନ୍ୟକାଳ ସବୁକିଛି ବିରୋଧୀଙ୍କ ହୋହଲ୍ଲାରେ ଧୋଇଯାଇଥିଲା।

ପୂର୍ବାହ୍ନ ୧୦ଟା ୩୦ ମିନିଟ୍ ସମୟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଆରମ୍ଭରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୂର୍ବତନ ବିଧାୟକ ତଥା ଏମ୍‌ପି ନାରାୟଣ ସାହୁଙ୍କ ବିୟୋଗ ପାଇଁ ଗୃହରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ଏହା ଉପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏବଂ ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡା ଶୋକ ପ୍ରସ୍ତାବ ଉପରେ ନିଜର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ଗୃହରେ ୧ ମିନିଟ୍ ଲାଗି ସ୍ୱର୍ଗତ ନାରାୟଣ ସାହୁଙ୍କ ଲାଗି ନୀରବ ପ୍ରାର୍ଥନା କରାଯାଇଥିଲା। ୧୦ଟା ୪୦ ମିନିଟ୍ ସମୟରେ ଯେତେବେଳେ ପ୍ରଶ୍ନକାଳ ଆରମ୍ଭ ହେଲା, ବିରୋଧୀ ବିଜେଡି ଏବଂ କଂଗ୍ରେସ ସଦସ୍ୟମାନେ ହାତରେ ପ୍ଲାକାର୍ଡ ଧରି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଗୃହର ମଧ୍ୟଭାଗକୁ ଚାଲି ଆସିଥିଲେ। ଏହାରି ଭିତରେ ୬୧୭ ନମ୍ବର ପ୍ରଶ୍ନର ଉତ୍ତର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ତରଫରୁ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ। ମାତ୍ର ଗୃହରେ ବିରୋଧୀ ପ୍ରବଳ ହୋହଲ୍ଲା ଜାରି ରଖିଥାଆନ୍ତି। ଏହିପରି ୬ ମିନିଟ୍ ଚାଲିବା ପରେ ୧୦ଟା ୪୬ ମିନିଟ୍ ସମୟରେ ୧୧ଟା ୩୦ ପର୍ଯ୍ୟନ୍ତ ବାଚସ୍ପତି ଗୃହକୁ ମୁଲତବୀ ରଖିଥିଲେ। ୧୧ଟା ୩୦ ପରେ ଆଉଥରେ ଗୃହ କାର୍ଯ୍ୟ ୧୦ ମିନିଟ୍ ଲାଗି ମୁଲତବୀ ରଖାଯାଇଥିଲା।

୧୧ଟା ୪୦ ମିନିଟ୍ ସମୟରେ ଶୂନ୍ୟକାଳ ଆରମ୍ଭ ହୋଇଥିଲା। ପୂର୍ବଭଳି ଗୃହରେ ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଗୃହ ମଧ୍ୟଭାଗରେ ବିରୋଧୀ ସଦସ୍ୟମାନେ ପ୍ରତିବାଦ ଜାରି ରଖିଥିଲେ। ଏହାରି ଭିତରେ ଭାଜପା ସଦସ୍ୟ ପ୍ରତାପ ଚନ୍ଦ୍ର ନାଏକ କହିଥିଲେ ଦୀର୍ଘ ୮ ଦିନ ହେଲା ବିରୋଧୀ ଦଳ ନେତାମାନେ ଯେଉଁଭଳି ଆଚରଣ ଗୃହରେ ଦେଖାଉଛନ୍ତି ତାହା ରାଜ୍ୟବାସୀ ଜାଣୁଛନ୍ତି। ୨୪ ବର୍ଷ ଏମାନେ ଶାସନରେ ରହିଲେ ଏବେ ସାଧାରଣ ଲୋକଙ୍କ ଟିକସ ଅର୍ଥ ନଷ୍ଟ କରୁଛନ୍ତି। ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଛନ୍ତି, କଟକରୁ ଏସ୍‌ଟିଏ କାର୍ଯ୍ୟାଳୟ ଭୁବନେଶ୍ୱରକୁ ସ୍ଥାନାନ୍ତର ଲାଗି ଭିତିରି ଉଦ୍ୟମ ଆରମ୍ଭ ହୋଇଛି। କେତେଜଣ ଅଫିସର ସେମାନଙ୍କ ସ୍ୱାର୍ଥ ପାଇଁ ଏଭଳି କରୁଥିବା ସେ ଅଭିଯୋଗ କରିଥିଲେ। ଭାଜପା ସଦସ୍ୟ ସନାତନ ବିଜୁଳି ନର୍ଲା ବିଧାୟିକାଙ୍କ ଏକ ଖବରଦାତା ସମ୍ମିଳନୀ ମନ୍ତବ୍ୟକୁ ନେଇ ଟାର୍ଗେଟ କରିଥିଲେ। ବିଧାୟିକାଙ୍କ ଏଭଳି ମନ୍ତବ୍ୟ ତାଙ୍କ ସ୍ୱାମୀଙ୍କ ବିରୋଧରେ ଆସିଥିବା ତଦନ୍ତ ନିର୍ଦ୍ଦେଶକୁ ପ୍ରଭାବିତ କରିବ ବୋଲି ସନାତନ କହିଛନ୍ତି। ଭାଜପା ବିଧାୟକ ବିଭୂତି ଭୂଷଣ ପ୍ରଧାନ କହିଛନ୍ତି, ବିରୋଧୀଙ୍କ ଆଚରଣ ଅସ୍ୱାଭାବିକ ମନେ ହେଉଛି। ବିରୋଧୀଙ୍କ ଏଭଳି ଆଚରଣ ଲାଗି ନିଜ ଅଞ୍ଚଳର ସମସ୍ୟା ଏଠାରେ କହିପାରୁ ନ ଥିବା ବିଭୂତି କହିଛନ୍ତି। ଭାଜପା ବିଧାୟକ ଅଶୋକ କୁମାର ମହାନ୍ତି କହିଛନ୍ତି, ଗୃହରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି। ବିରୋଧୀ ଦଳ ବିଧାୟିକାଙ୍କ ସ୍ୱାମୀ ଜଣେ ତହସିଲଦାରଙ୍କୁ ହତ୍ୟା କରିବାକୁ ଧମକ ଦେଉଛନ୍ତି। ବିଧାୟିକାଙ୍କ ସ୍ୱାମୀ ଏତେ ସାହସ କେଉଁଠାରୁ ପାଇଲେ ବୋଲି ଅଶୋକ କହିଛନ୍ତି। ବିଧାୟକ ସରୋଜ ପାଢ଼ୀ କହିଛନ୍ତି, ବିରୋଧୀ ଦଳ ପକ୍ଷରୁ ଗୃହରେ ଯେଉଁ ସମସ୍ୟା ସୃଷ୍ଟି କରାଯାଇଛି ତାକୁ ନେଇ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ଏବଂ ପ୍ରମିଳା ମଲିକଙ୍କ ସହିତ ଗତକାଲି ଦେଖା ହୋଇ ଆଲୋଚନା କରିଥିଲେ। ଗୃହ ଅସ୍ୱାଭାବିକ ରହିବା ନେଇ ବହୁଜଣ ବିଜେଡିରେ ଖୁସି ନ ଥିବା କହିଥିଲେ। ପ୍ରମିଳା ମଲିକ ମଧ୍ୟ ଏହା କହିଥିଲେ। ଏକଥା ଶୁଣି ପ୍ରମିଳା ପାଲଟା ସରୋଜଙ୍କୁ ଟାର୍ଗେଟ କରିଥିଲେ। ପ୍ରସନ୍ନଙ୍କ ରାଜନୈତିକ ଜୀବନ ଏବିଭିପିରୁ ଆରମ୍ଭ ହୋଇଥିଲା। ସେ ଏବେ ନିଜ ନିଷ୍ପତ୍ତି ନିଅନ୍ତୁ ବୋଲି ଦେଖା ହେବା ସମୟରେ କହିଥିଲି ବୋଲି ସରୋଜ କହିଛନ୍ତି।

ମାତ୍ର ଗୃହ ସ୍ୱାଭାବିକ ଅବସ୍ଥାକୁ ନ ଆସିବାରୁ ବାଚସ୍ପତି ଗୃହକୁ ଦିନ ୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଏହାସହ ୧୨ଟା ୧୫ ମିନିଟ୍ ସମୟରେ ତାଙ୍କ ପ୍ରକୋଷ୍ଠରେ ସର୍ବଦଳୀୟ ବୈଠକ ହେବ ବୋଲି ସୂଚନା ଦେଇଥିଲେ। ସର୍ବଦଳୀୟ ବୈଠକରେ ଯୋଗଦେବାକୁ ଶାସକ ଭାଜପା, ବିଜେଡି ଏବଂ କଂଗ୍ରେସର କେତେଜଣଙ୍କୁ ଡାକିଥିଲେ। ଅପରାହ୍ନ ୧ଟା ପରେ ପ୍ରଥମେ ଗୃହ କାର୍ଯ୍ୟ ଆରମ୍ଭ ହୋଇ ୧୦ ମିନିଟ୍ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା। ବାରମ୍ବାର ମୁଲତବୀ ହେବା ସହିତ ସର୍ବଦଳୀୟ ବୈଠକ ବିଫଳ ହୋଇଥିଲା ଏବଂ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। ୪ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସମାନ ଢଙ୍ଗରେ ମଧ୍ୟଭାଗକୁ ଆସି ହୋହଲ୍ଲା ଆରମ୍ଭ କରିବା ସହିତ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଏହାପରେ କକ୍ଷତ୍ୟାଗ କରି ପ୍ରତିବାଦ ଜଣାଇବା ସହିତ ରାଜ୍ୟପାଳଙ୍କୁ ଭେଟି ସ୍ମାରକ ପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି।

ଐତିହ୍ୟର ପୁନର୍ବିନ୍ୟାସ ଓ ସ୍ଥାନଗୁଡ଼ିକର ନାମ ପରିବର୍ତ୍ତନ

ସୂର୍ଯ୍ୟବଂଶୀ ସୂରଜ

ନିକଟରେ ଓଡ଼ିଶା ସରକାର ଅନେକ ଜିଲାର ସଦରମହକୁମା, ଅପଭ୍ରଂଶ ଭାବରେ ଲିଖିତ/ଉଚ୍ଚାରିତ ସ୍ଥାନଗୁଡ଼ିକର ନାମ ପରିବର୍ତ୍ତନ କରିବାକୁ ଜନସାଧାରଣଙ୍କ ମତ ଲୋଡ଼ିଛନ୍ତି। ଏହି ସକ୍ଷମ, ବଳିଷ୍ଠ ଓ ଦୂରଦୃଷ୍ଟିସମ୍ପନ୍ନ ନିଷ୍ପତ୍ତି ଗ୍ରହଣର ପୃଷ୍ଠଭୂମି ମାର୍ମିକ ଓ ମହତ୍ ଚିନ୍ତନର ପ୍ରତିଫଳନ। ଅତୀତରେ ଆମେ ଆଲ୍ଲାହାବାଦ ପ୍ରୟାଗରାଜ ନାମରେ ନାମିତ ହେବା, ଔରଙ୍ଗାବାଦ ଛତ୍ରପତି ସମ୍ଭାଜୀ ନଗର କିମ୍ବା ପୋର୍ଟବ୍ଲେୟାର ଶ୍ରୀବିଜୟପୁରମ୍ ନାମରେ ଖ୍ୟାତ ହେବା ବିଷୟରେ ଅବଗତ ଅଛୁ। ଏହି ପରିବର୍ତ୍ତନ କେବଳ ବାହ୍ୟିକ ନୁହେଁ, ଆତ୍ମିକ। ସଂସ୍କୃତିର ନାଭିକେନ୍ଦ୍ରକୁ ପ୍ରମୂର୍ତ୍ତ କରିବାର ଏ ଉପୋଦ୍‌ଘାତ। ଅମୃତ ଉତ୍ତରପିଢ଼ି ଯେତେବେଳେ ଆମକୁ ପ୍ରଶ୍ନ କରିବ ଏ ପୋର୍ଟବ୍ଲେୟାରର ବ୍ଲେୟାର ବ୍ୟକ୍ତି ଜଣକ କିଏ ? ତାଙ୍କର ଭାରତୀୟ ସଂସ୍କୃତିରେ କ'ଣ ଅବଦାନ ରହିଛି ? ତେବେ ଆମ ପାଖରେ କୌଣସି ସନ୍ତୋଷଜନକ ଉତ୍ତର ନ ଥିବ। ଭାରତୀୟ ସଂସ୍କୃତିରେ ନାମର ମହାତ୍ମ୍ୟ ରହିଛି।

ଆସାମର ନାମଘର ହେଉ ଅଥବା ଆମ ଓଡ଼ିଶାର ନାମ ସଂକୀର୍ତ୍ତନ: ନାମ ଆଧାତ୍ମିକ ପିପାସାର ପରିବ୍ୟାପ୍ତ ବିଶେଷଣ। ନାମ ବିଚାର, ବିବେକ ଓ ବ୍ୟକ୍ତିତ୍ୱର ଅଲଂଘ୍ୟ ଉଚ୍ଚାରଣ। ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ କିମ୍ବା ଲୀଳାମୟ ନଟନାଗର ଶ୍ରୀକୃଷ୍ଣ କେବଳ ନାମ ନୁହନ୍ତି: ଅସରନ୍ତି ଆସ୍ଥା ଓ ଆବେଗର ପ୍ରତୀକ। ଯଶୋଦାଙ୍କ କାହ୍ନା ଡାକ କେବଳ ନାମ ନୁହେଁ, ବାତ୍ସଲ୍ୟର ବଢ଼ଦାଣ୍ଡ। ଆମ କାଳିଆ ଠାକୁରଙ୍କ କେତେ ନାଁ! ସେ କେବେ ଅନାମ ପୁଣି କେବେ ସର୍ବନାମ। ନାମ ଅନ୍ତରଙ୍ଗତାର, ଆତ୍ମୀୟତାର ପରିଚାୟକ। ଏହା ପରିଚୟ, ପରିଚିତି ଓ ସ୍ୱାଭିମାନର ଦ୍ୟୋତକ। ଭାରତରେ ନାମ ମୁକ୍ତିର, ଶକ୍ତିର, ପ୍ରତିଷ୍ଠାର ଓ ହୃଦୟର ଉଦ୍‌ଘୋଷ। ନାମର ଗୁରୁତ୍ୱ ଓ ମହତ୍ତ୍ୱ ଅବସମ୍ଭାବିତ। ଏହି ପରିପ୍ରେକ୍ଷୀରେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଚେଷ୍ଟାରେ ଓଡ଼ିଶାର ଅନେକ ସ୍ଥାନ ସେହି ଅପଭ୍ରଂଶ ଲେଖନ ଓ ଉଚ୍ଚାରଣରୁ ମୁକ୍ତ ହେବାର ପର୍ଯ୍ୟାୟରେ। ନଥିପତ୍ର, ମାନଚିତ୍ର, ନାମଫଳକ ଆଦିରେ ଏ ସଂଶୋଧନ ଓଡ଼ିଆତ୍ୱର ଭାବନା ଓ ଭାଷାଗତ ଉଚ୍ଚାରଣ ବହନ କରିବାରେ ସକ୍ଷମ।

ସରକାରୀ ଦୃଷ୍ଟିରୁ ବିଚାର କଲେ ଏ ସ୍ଥାନର ନାମଗୁଡ଼ିକ ବହୁପୂର୍ବରୁ ପରିବର୍ତ୍ତନ ହେବାର ଆବଶ୍ୟକତା ଥିଲା। ଏହାର କାରଣ ଭାଷା ଓ ଉଚ୍ଚାରଣର ପ୍ରୟୋଗକୁ ଅଗ୍ରାଧିକାର ଦେବା। ଉଦାହରଣ ସ୍ୱରୂପ ଆମେ ଆଳି କହୁଛୁ, କିନ୍ତୁ ଇଂରାଜୀରେ 'AUL' ଲେଖୁଛୁ। କଟକ କହୁଛୁ କିନ୍ତୁ କୁଟାକ ଲେଖୁଛୁ। ଏହି ତାରତମ୍ୟକୁ ଲୋପକରି ଐକିକ କରିବାର ସରକାରୀ ଉପକ୍ରମ ନିଶ୍ଚୟ ଅଭିନନ୍ଦନୀୟ। କିନ୍ତୁ ବେସରକାରୀ ଭାବରେ ସାହିତ୍ୟ, ସଂସ୍କୃତି, ଭାଷା ଓ ଇତିହାସ ଦୃଷ୍ଟିରୁ ଏ ନିଷ୍ପତ୍ତି ଉଚ୍ଚାଙ୍ଗ। ପ୍ରଥମତଃ ଏହି ଇଂରାଜୀ ନାମ କୌଣସି ଓଡ଼ିଆଙ୍କ ପ୍ରଦତ୍ତ ନୁହେଁ। ଇଂରେଜ ତଥା ବୈଦେଶିକ ଶାସକଙ୍କ ଉଚ୍ଚାରଣଗତ ଅକ୍ଷମତାର ଏହା ପରିପ୍ରକାଶ। ସେମାନେ 'ଡ଼' 'ଳ' 'ହ' ଆଦିକୁ ଠିକ୍ ନ କହିବା ଯୋଗୁ ଶାସନର ଭାଷା ଭାବରେ ଅନେକ ଅପଭ୍ରଂଶ ପ୍ରଚଳିତ ହୋଇଆସୁଛି। ଆଜି ଏକବିଂଶ ଶତାବ୍ଦୀରେ ଯେତେବେଳେ ସ୍ଥାନୀୟ ଗୌରବ, ଐତିହ୍ୟ, ଇତିହାସର କଥା ଉଠୁଛି, ସେହି ସ୍ଥାନରେ ନାମଗୁଡ଼ିକର ଠିକ୍ ଲିଖନ ଓ ଉଚ୍ଚାରଣର ଦାବି ଉଠୁଛି। ଏହି ଦାବି ବାସ୍ତବିକ ଭାବରେ ଉଚ୍ଚାରଣ ଓ ଲେଖନୀର ସମାନତା, ଆଞ୍ଚଳିକ ଭାଷା ଓ କଦର୍ଥ ଲିଖନୀ ଉଚ୍ଚାରଣରୁ ଉତ୍ତରଣର ମାର୍ଗ ସୁଗମ କରିବାର ପ୍ରୟାସ କରୁଛି।

ଅନ୍ୟଦୃଷ୍ଟିରୁ ଦେଖିଲେ ଏହି ସ୍ଥାନଗୁଡ଼ିକର ନାମ ପରିବର୍ତ୍ତନ ଐତିହାସିକ ବାଙ୍ମୟ ପୁନର୍ବିନ୍ୟାସ ଓ ଐତିହ୍ୟର ପୁନଃସ୍ଥାପନ କହିଲେ ଭୁଲ୍ ହେବ ନାହିଁ। ଆଞ୍ଚଳିକ ଇତିହାସର ମହତ୍ତ୍ୱକୁ ପ୍ରତିପାଦିତ କର ସ୍ୱାଭିମାନ ସହ ସ୍ଥାନୀୟତାକୁ ଯୋଡ଼ିବା ଏହି ନାମ ପରିବର୍ତ୍ତନର ପରମ ତାତ୍ପର୍ଯ୍ୟ। ସାଧାରଣ ଜନତାଙ୍କୁ ତାଙ୍କ ଭାଷାରେ ତାଙ୍କ ଅଞ୍ଚଳକୁ ଆପଣାଇବାରେ ଏ କାର୍ଯ୍ୟକ୍ରମ ପ୍ରେରଣା ଓ ଗୌରବ ରୂପେ କାର୍ଯ୍ୟ କରିବ। ପ୍ରକାଶଯୋଗ୍ୟ କି, ଏହି ନାମସମୂହ ଉପନିବେଶୀୟ ଛାପର ସ୍ୱାକ୍ଷର। ଉତ୍ତର ଉପନିବେଶୀୟ ଚିନ୍ତନରେ ମୂଳକୁ ଫେରିବାର ଉପକ୍ରମ ଏହି ନାମ ପରିବର୍ତ୍ତନର ଅଲଂଘ୍ୟ ଆବେଦନର ଭିତ୍ତିଭୂମି। ଅନ୍ୟତ୍ର ଭାଷା ଭାବନା ଓ ଭାଷାପ୍ରେମୀମାନଙ୍କୁ ସମ୍ମାନ ଦେବାପାଇଁ ଏହା ପ୍ରଯୁଜ୍ୟ। କଦର୍ଥ ଉଚ୍ଚାରଣ, ବୈଷମ୍ୟ ତଥା ଭୁଲ୍ ଲିଖନରୁ ମୁକ୍ତିପାଇଁ ଏହା ଉଦ୍ଦିଷ୍ଟ। ଆମ ସ୍ଥାନର ନାମ ଆମ ଭାଷାରେ, ଆମ ସ୍ୱରରେ ସାମ୍ୟତା ଦେଇ ହେବା ଆବଶ୍ୟକ ବୋଲି ଅନୁଭବରୁ ଏ ଉପକ୍ରମ।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱଦେଶୀ ସଂକଳ୍ପ, ଭୋକାଲ ଫର୍ ଲୋକାଲ ଆଦି ପ୍ରତିବଦ୍ଧତାକୁ ରୂପାନ୍ତରଣ ପାଇଁ ନିର୍ଦ୍ଦେଶ ଦେଉଛନ୍ତି। ସ୍ଥାନଗୁଡ଼ିକର ନାମ ପରିବର୍ତ୍ତନ ଏହି ମହତ୍ ବିଚାର ଯଥା ଲୋକାଲ ବା ସ୍ଥାନୀୟ ଓ ସ୍ୱଦେଶୀ ଚିନ୍ତନର ପରିଚାୟକ। ସ୍ଥାନୀୟ ଇତିହାସର ସ୍ୱରକୁ ଶାଣିତ କରି ତାକୁ ଶକ୍ତିଦେବାର ଏ ପ୍ରୟାସ ଚିନ୍ତାଶୀଳ ଯୋଜନାର ଉଦାହରଣ। ଅମୃତ ଓ ଲୌକିକ ଓଡ଼ିଆ ଭାଷା ପ୍ରାମାଣିକ ଓ ପ୍ରାୟୋଗିକ। ଏହି ବୈଜ୍ଞାନିକ ଭାଷାର ଜୈତ୍ର ଗିରିଯାତ୍ରାର ନାମ ପରିବର୍ତ୍ତନ ଏକ ସାଧୁ ସଂଯୋଗ। ଅପଭ୍ରଂଶ ଭାବେ ଲିଖିତ ନାମଗୁଡ଼ିକ ପରିବର୍ତ୍ତନ ସତ୍ୟ ସହ ଏକାକାର ହେବାର ଅଭିଯୋଜନା। ଏହା ଅଞ୍ଚଳର ଭୂମି, ଜନ ତଥା ସଂସ୍କୃତିର ସଂରକ୍ଷଣ ଓ ପ୍ରସାରଣ। ଶାସିତର ଭାଷା ଓ ଶାସନର ଭାଷା ଏକ ହେବାକୁ ଏଠି ବାଧ। ସବୁ ସ୍ଥାନର ନିଜସ୍ୱ ଇତିହାସ ଓ ଗୌରବବୋଧ ରହିଛି: ସେହି ବାର୍ତ୍ତାର ଦୃଢ଼ୀକରଣ ନାମ ପରିବର୍ତ୍ତନର ଅନ୍ତରୀଣ ଆବେଗ। ସ୍ଥାନୀୟତାର ପ୍ରାଧାନ୍ୟ ସହ ବିଦେଶୀ ମାନସିକତାର ପରିହାର କରିବାର ସମୟ ଆସିଛି। ନିଜ ସ୍ୱରକୁ ବିଶ୍ୱାୟିତ କରିବାର ରୂପରେଖ ପ୍ରସ୍ତୁତ। ଆଞ୍ଚଳିକ ଆକାଂକ୍ଷାକୁ ପୂର୍ଣ୍ଣ କରି ଲୋକମୁଖର ଜନାଦୃତ ଭାଷାର ସଂସ୍ଥାପନ ଏହାର ମୂଳାଧାର। ସ୍ଥାନର ନାମ ପରିବର୍ତ୍ତନ ସେହି ଗୌରଧ୍ୱଜାର ବାହକ ସାଜି ଇତିହାସର ଅଳନ୍ଧୁକୁ ସ୍ୱଚ୍ଛ କରିବାର କାର୍ଯ୍ୟକ୍ରମ। ଅମୃତପିଢ଼ି ନିଜ ଇତିହାସକୁ ନିଜେ ଲେଖୁ, ପଢ଼ୁ, ବଖାଣୁ ଓ ଐତିହ୍ୟକୁ ନେଇ ଗର୍ବ କରୁ। ଅନାଦୃତ, ଅପଭ୍ରଂଶ ନାମର ପରିବର୍ତ୍ତନ କରି ସେ ଏକ ନବ୍ୟ–ଇତିହାସର କଥା କହୁ। ଆମ ସଂସ୍କୃତିରେ ନାମ କେବଳ ନାମ ହୋଇ ନ ରହୁ। ଏହା ଗଭୀର ଅନୁଭବ, ଗହନ ସ୍ମୃତି, ଗହୀର ପରମ୍ପରା, ଗର୍ବିତ ସଂସ୍କୃତି ଓ ଗୌରବମୟ ଇତିହାସର ପୁନର୍ବିନ୍ୟାସ କରୁ। ସରକାରଙ୍କ ନାମ ପରିବର୍ତ୍ତନ ସେହି ମହତୀ ବିଚାରର ଅଭଙ୍ଗ, ଲୌକିକ ପ୍ରତିବେଦନ।

(ଲେଖକ: ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ, ଓ ସଂସ୍କୃତି ମନ୍ତ୍ରୀ)

ବାଦ୍ ପଡ଼ିଛନ୍ତି ୭.୬୮ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର

ଭୁବନେଶ୍ୱର,୩୦।୩
(ରବିନାରାୟଣ ଜେନା)

ସାଢ଼େ ୧୪ ମାସରେ ୨.୦୩ ଲକ୍ଷ ଭୋଟରଙ୍କ ମୃତ୍ୟୁ

ରାଜ୍ୟରେ ଭୋଟରତାଲିକା ସଂଶୋଧନ ବେଳେ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୋକଲୋଚନକୁ ଆସିଛି। ବିଭିନ୍ନ କାରଣରୁ ୭ ଲକ୍ଷ ୬୮ ହଜାର ୫୨୧ ଭୋଟର ବାଦ୍ ପଡ଼ିଛନ୍ତି। ସବୁଠାରୁ ବଡ଼ କଥା ହେଲା, ୨୦୨୫ ଜାନୁଆରୀ ୬ତାରିଖରୁ ୨୦୨୬ ମାର୍ଚ୍ଚ ୨୨ ମଧ୍ୟରେ ୨ଲକ୍ଷ ୩ ହଜାର ୩୯୬ ଭୋଟରଙ୍କ ମୃତ୍ୟୁ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହକୁ ଜଣାଇଛନ୍ତି। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ୪ଲକ୍ଷ ୮ହଜାର ୧୩୨ ଭୋଟର ସ୍ଥାନାନ୍ତର ହେବା କାରଣରୁ ତାଙ୍କୁ ଭୋଟରତାଲିକାରୁ ବାଦ୍ ଦିଆଯାଇଛି। ଏହାସହିତ ଏକାଧିକ ସ୍ଥାନରେ ଭୋଟ ପରିଚୟପତ୍ର ଥିବାଯୋଗୁ ୧ ଲକ୍ଷ ୫୪ ହଜାର ୩୧୮ ଭୋଟର ବାଦ୍ ପଡ଼ିଥିବାବେଳେ ଅନ୍ୟାନ୍ୟ କାରଣ ପାଇଁ ୨ହଜାର ୬୪୬ ଭୋଟର ବାଦ୍‌ପଡ଼ିଛନ୍ତି। ଏହି ସମସ୍ତ ଭୋଟରଙ୍କୁ ମିଶାଇ ରାଜ୍ୟରେ ୭ଲକ୍ଷ ୬୮ହଜାର ୫୨୧ ଭୋଟର ବାଦ୍ ପଡ଼ିଛନ୍ତି।

ମୁଖ୍ୟମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ଏହି ଅବଧି ମଧ୍ୟରେ ରାଜ୍ୟରେ ୫ଲକ୍ଷ ୬୭ହଜାର ୩୪ ଜଣ ନୂତନ ଭୋଟର ନାମ ସଂଯୋଗ ପାଇଁ ଆବେଦନ କରିଛନ୍ତି। ତେବେ ସର୍ବାଧିକ ବାଦ୍ ପଡ଼ିଥିବା ଜିଲା ମଧ୍ୟରେ ରହିଛି ସୁନ୍ଦରଗଡ଼। ସୁନ୍ଦରରଗଡ଼ ଜିଲାରେ ୧ ଲକ୍ଷ ୪୪ହଜାର ୭୨୬ ଭୋଟର ବାଦ୍ ପଡ଼ିଛନ୍ତି। ସେଥିମଧ୍ୟରେ ୭୬ହଜାର ୯୭୨ ମହିଳା ଭୋଟର ରହିଥିବାବେଳେ ୬୭ହଜାର ୭୨୯ ପୁରୁଷ ଓ ୨୫ଟି କିନ୍ନର ଭୋଟର ରହିଛନ୍ତି। ସେହିପରି କଟକରେ ୭୪ ହଜାର ୮୮୧ ଭୋଟର ବାଦ୍ ପଡ଼ିଛନ୍ତି। ଏଥିରେ ୪୦ହଜାର ୧୬୮ ମହିଳା ଭୋଟର ରହିଥିବାବେଳେ ୩୪ହଜାର ୨୩୨ ପୁରୁଷ ଏବଂ ୪୮୧ କିନ୍ନର ଭୋଟର ରହିଛନ୍ତି। ଏହାବାଦ୍ ଗଞ୍ଜାମ ଜିଲାରେ ୪୭ ହଜାର ୯୮୯, କେନ୍ଦୁଝରରେ ୩୮ହଜାର ୬୪୮, ଅନୁଗୋଳରେ ୩୭ ହଜାର ୯୨୭, ପୁରୀରେ ୩୬ ହଜାର ୬୭୯ ଭୋଟର ବାଦ୍ ପଡ଼ିଛନ୍ତି। ଏହାବାଦ୍ ମାଲକାନଗିରିରେ ସର୍ବନିମ୍ନ ୨୪୧୦ ଭୋଟର ବାଦ୍ ପଡ଼ିଥିବାବେଳେ ଅନ୍ୟାନ୍ୟ ଜିଲାରେ ଅବଶିଷ୍ଟ ଭୋଟର ବାଦ୍ ପଡ଼ିଛନ୍ତି।

ରାଜ୍ୟରେ ଚାଲିଥିବା ଭୋଟର ତାଲିକା ସଂଶୋଧନ ଏବଂ ଏଥିରୁ ବାଦ୍ ପଡ଼ିଥିବା ସଂଖ୍ୟାକୁ ନେଇ ଏବେ ରାଜନୈତିକ ବୟାନବାଜି ଜୋର ଧରିଛି। ଏହି ପ୍ରସଙ୍ଗକୁ ନେଇ ବରିଷ୍ଠ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ଏହି ଭୋଟରତାଲିକା ସଂଶୋଧନରେ ରାଜନୈତିକ ଗନ୍ଧ ସ୍ପଷ୍ଟ ବାରି ହେଉଛି। ଉଦ୍ଦେଶ୍ୟମୂଳକ ଭାବେ ବିଜେଡି ଭୋଟରଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି ବୋଲି ରଣେନ୍ଦ୍ର ଗଣମାଧ୍ୟମକୁ କହିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ ବିଧାୟକ ମଙ୍ଗୁ ଖିଲ କହିଛନ୍ତି, ସରକାରକୁ ଆସିବା ପାଇଁ ବିଗତ ଦିନରେ ଉଭୟ ଦଳ, ଏହି ଭୋଟରଙ୍କୁ ବ୍ୟବହାର କରୁଥିଲେ। ଭୋଟରତାଲିକା ସଂଶୋଧନକୁ ସ୍ୱାଗତ କରୁଛି କିନ୍ତୁ ଏହାକୁ ଆହୁରି ସ୍ୱଚ୍ଛତାର ସହିତ କରିବା ଆବଶ୍ୟକ ବୋଲି ସେ କହିଥିଲେ। ସେହିପରି ଭାଜପା ସଦସ୍ୟ ଅଗସ୍ତି ବେହେରା କହିଛନ୍ତି, ରାଜ୍ୟରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର)ଓଡ଼ିଶାରେ ଲାଗୁ ହେଲେ ଆହୁରି ଜାଲ୍ ଭୋଟର ଧରା ପଡ଼ିବେ। ଏହି ସଂଖ୍ୟା ଆହୁରି ବଢ଼ିବ ବୋଲି ଅଗସ୍ତି କହିଛନ୍ତି।

ବିରୋଧୀ ସାଜିଛନ୍ତି ପଳାୟନପନ୍ଥୀ: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୩(ରବିନାରାୟଣ ଜେନା)

- ବିନା ବିରୋଧୀରେ ଗିଲୋଟିନ୍
- ସ୍ୱାସ୍ଥ୍ୟ ବିଭାଗ ଖର୍ଚ୍ଚ ଦାବି ପାରିତ

ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିରୋଧୀ ବିଜେଡି ଓ କଂଗ୍ରେସର ସଦସ୍ୟମାନେ ବିଧାନସଭାରେ ହଟ୍ଟଗୋଳ କରୁଛନ୍ତି।

ବିରୋଧୀ ବିଜେଡି ଓ କଂଗ୍ରେସ ଏସ୍‌ସିବି ଅଗ୍ନିକାଣ୍ଡକୁ ନେଇ ୯ଦିନ ଧରି ଗୃହ ଚଳାଇ ଦେଉ ନାହାନ୍ତି। ସରକାରଙ୍କ ପକ୍ଷରୁ ବାରମ୍ବାର ସର୍ବଦଳୀୟ ବୈଠକ ବସି ଅନୁରୋଧ କଲେ ମଧ୍ୟ ଗୃହ କାର୍ଯ୍ୟରେ ସହଯୋଗ କରୁ ନାହାନ୍ତି। ଯେଉଁ ଏସ୍‌ସିବି ଘଟଣାକୁ ନେଇ ବିରୋଧୀଙ୍କ ଏତେ ଡ୍ରାମାବାଜି. ସେମାନେ ସ୍ୱାସ୍ଥ୍ୟ ବିଭାଗର ଖର୍ଚ୍ଚ ଦାବି ଆଲୋଚନା କାଳରେ ମଧ୍ୟ ରହିଲେ ନାହିଁ। ଏଥିରୁ ବିରୋଧୀ କିଭଳି ପଳାୟନପନ୍ଥୀ ସାଜିଛନ୍ତି ତାହା ସ୍ପଷ୍ଟ ବୁଝାପଡ଼ୁଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି।

ସୋମବାର ଅପରାହ୍ନରେ ସ୍ୱାସ୍ଥ୍ୟବିଭାଗର ଖର୍ଚ୍ଚ ଦାବି ଆଲୋଚନାବେଳେ ବିରୋଧୀ ଦଳ ସଦସ୍ୟମାନେ ପୋଷ୍ଟର, ବ୍ୟାନର ଧରି ଗୃହର ମଧ୍ୟ ଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସହିତ କକ୍ଷତ୍ୟାଗ କରିଥିଲେ। ଆଲୋଚନାରେ ଭାଗ ନେଇ ଭାଜପା ସଦସ୍ୟ ଇରାଶିଷ ଆଚାର୍ଯ୍ୟ, ସନାତନ ବିଜୁଳି, ଦୁଷ୍ମନ୍ତ କୁମାର ସ୍ୱାଇଁ, ଫକୀର ମୋହନ ନାୟକ, ସୀତାକାନ୍ତ ମହାପାତ୍ର, ରୁପୁ ଭତ୍ରା, ନୀଳମଣି ବିଶୋୟୀ, ସନ୍ତୋଷ ଖଟୁଆ, ସିଦ୍ଧାନ୍ତ ମହାପାତ୍ର ଏବଂ ରଘୁନାଥ ଜଗଦଲା ପ୍ରମୁଖ ବିରୋଧୀଙ୍କୁ ଟାର୍ଗେଟ କରିବା ସହିତ ସ୍ୱାସ୍ଥ୍ୟ ବିଭାଗର ବଜେଟକୁ ସ୍ୱାଗତ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଭାଜପା ସଦସ୍ୟଙ୍କ ପ୍ରସ୍ତାବ ସମ୍ପର୍କରେ ମତ ରଖି କହିଥିଲେ, ରାଜ୍ୟରେ ୫ହଜାର ଆଇପିଡି ଶଯ୍ୟା ବୃଦ୍ଧି କରାଯିବ। ସେଥିମଧ୍ୟରୁ ଏସ୍‌ସିବିରେ ୧୮୦୦ ଆଇପିଡି ଶଯ୍ୟା ସୃଷ୍ଟି କରାଯିବ। ଏହାସହିତ ରୋଗୀଙ୍କୁ ଉନ୍ନତ ଚିକିତ୍ସା ଲାଗି ୧ହଜାର ଆଇସିୟୁ ଶଯ୍ୟା ପାଇଁ ବଜେଟରେ ବ୍ୟବସ୍ଥା କରାଯାଇଛି।

ମନ୍ତ୍ରୀ କହିଥିଲେ, ବିଗତ ୫ବର୍ଷରେ ପୂର୍ବ ସରକାର ସମୟରେ ବହୁ ଘଟଣା ଘଟିଛି। ହେଲେ କେତେଜଣ ମନ୍ତ୍ରୀ ଇସ୍ତଫା ଦେଇଛନ୍ତି। ବିରୋଧୀମାନେ କେବଳ ପ୍ରସଙ୍ଗରୁ ରାଜନୈତିକ ଫାଇଦା ଉଠାଇବାକୁ ଉଦ୍ୟମ କରୁଛନ୍ତି। ବଜେଟରେ ଜନସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ୨୩୧୮୨.୧୪ କୋଟି ଟଙ୍କାର ପ୍ରସ୍ତାବ ରହିଛି, ଯାହା ୨୦୨୫–୨୬ ଆର୍ଥିକବର୍ଷ ୨୨୭୪୧.୨୧ କୋଟି ତୁଳନାରେ ପ୍ରାୟ ୧.୯୪ % ଅଧିକ। ୧୭,୭୩୬.୯୩ କୋଟି ଟଙ୍କାର କାର୍ଯ୍ୟକ୍ରମ ବାବଦ ଖର୍ଚ୍ଚ ରହିଛି ; ଯାହାଦ୍ୱାରା ରାଜ୍ୟରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ସୁଦୃଢ଼ ହେବା ସହିତ ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ମିଳିପାରିବ। ବିଭାଗର ଏହି ପ୍ରସ୍ତାବକୁ ପାରିତ କରିବା ଲାଗି ସ୍ୱାସ୍ଥ୍ୟମନ୍ତ୍ରୀ ସମସ୍ତ ସଦସ୍ୟଙ୍କ ସହଯୋଗ ଲୋଡ଼ିଥିଲେ। ବାଚସ୍ପତି ସୁରମା ପାଢ଼ୀ ବାଚନିକ ଭୋଟରେ ସ୍ୱାସ୍ଥ୍ୟ ବିଭାଗର ଖର୍ଚ୍ଚ ଦାବି ପାରିତ କରିବା ସହିତ ଗିଲୋଟିନ୍‌ରେ ଅବଶିଷ୍ଟ ୨୨ଟି ବିଭାଗ ଏବଂ ବିଧାନସଭାର ଖର୍ଚ୍ଚ ପାରିତ ହୋଇଛି।

ୱାରେଣ୍ଟ ପାଇଁ କୋର୍ଟରେ ଆବେଦନ କଲା ପୋଲିସ

ଭବାନୀପାଟଣା,୩୦।୩(ଉତ୍ତମ କୁମାର ଦାଶ)

ତହସିଲଦାରଙ୍କୁ ନର୍ଲା ବ୍ଲକ ଅଧ୍ୟକ୍ଷଙ୍କ ହତ୍ୟା ଧମକ ମାମଲା

ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି।

ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଏବଂ ତହସିଲଦାରଙ୍କୁ ହତ୍ୟା ଧମକ ଦେବା ଅଭିଯୋଗରେ କଳାହାଣ୍ଡି ଜିଲା ନର୍ଲା ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କ ସ୍ୱାମୀ ତଥା ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତିଙ୍କ ନାମରେ ମାମଲା ରୁଜୁ ହୋଇଛି। ଏହି ମାମଲା ପରେ ଅଧ୍ୟକ୍ଷ ମହାନ୍ତିଙ୍କୁ ନୋଟିସ ଦେବା ପାଇଁ ରବିବାର ବିଧାୟିକାଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ କଳାହାଣ୍ଡି ପୋଲିସ ପହଞ୍ଚିଥିଲା। ହେଲେ ସେଠାରେ ପୋଲିସ ତାଙ୍କୁ ପାଇ ନ ଥିଲା। ଫଳରେ ସୋମବାର ଜିଲାର ଏମ୍ ରାମପୁର ଜେଏମ୍‌ଏଫ୍‌ସି କୋର୍ଟରେ ୱାରେଣ୍ଟ ପାଇଁ ଆବେଦନ କରିଛି କଳାହାଣ୍ଡି ପୋଲିସ। ମହାନ୍ତିଙ୍କ ନାମରେ ତହସିଲଦାରଙ୍କୁ ଧମକ ସମେତ ୪ଟି ମାମଲା ରହିଛି। ଏହାମଧ୍ୟରେ ୩ଟି ମାମଲାରେ ପୋଲିସ ଚାର୍ଜସିଟ କରିଛି। ଗତ ସପ୍ତାହେ ଧରି ପୋଲିସ ବ୍ଲକ ଅଧ୍ୟକ୍ଷ ମହାନ୍ତିଙ୍କୁ ଖୋଜୁଥିବାବେଳେ ଏ ପର୍ଯ୍ୟନ୍ତ ତାଙ୍କର କୌଣସି ଟେର୍ ପାଇନାହିଁ। ନର୍ଲା ତହସିଲଦାର ବିଭୁପ୍ରସାଦ ସିଂହଙ୍କ ଅଭିଯୋଗ ଅନୁସାରେ, ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ବିଭିନ୍ନ ସରକାରୀ କାମରେ ହସ୍ତକ୍ଷେପ କରିବା ସହ ବାଧା ସୃଷ୍ଟି କରିଆସୁଥିଲେ। ଏହାକୁ ବିରୋଧ କରିବା ପରେ ଅଧ୍ୟକ୍ଷ ତହସିଲଦାରଙ୍କୁ ଫୋନ ଯୋଗେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ଗତ ୧୫ ମାର୍ଚ୍ଚରେ ନର୍ଲା ଥାନାରେ ଏକ ମାମଲା (ନଂ.୭୨/୨୬) ରୁଜୁ ହୋଇଛି।

ବଳକା ଧାନ କିଣିବାକୁ ଚାଷୀଙ୍କ ଦଣ୍ଡବତ ଆନ୍ଦୋଳନ

ଯାଜପୁର/ଯାଜପୁର ଟାଉନ
(ହର୍ଷବର୍ଦ୍ଧନ ବେହେରା/ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି),୩୦।୩

ଯାଜପୁର ଜିଲାର ବଳକା ଧାନ କିଣିବା ପାଇଁ ଧାର୍ଯ୍ୟ ସମୟକୁ ଆଉ ୧୫ ଦିନ ବୃଦ୍ଧି କରିବା ଲାଗି ଚାଷୀମାନେ ସୋମବାର ରାସ୍ତାରେ ଅଭିନବ ଉପାୟରେ ଆନ୍ଦୋଳନ କରିଛନ୍ତି। ଚଳିତ ବର୍ଷ ଧାନ ସଂଗ୍ରହରେ ବିଳମ୍ବ ଏବଂ ପ୍ରାଥମିକ କୃଷିସେବା ସମବାୟ ସମିତି(ପାକ୍ସ) ପକ୍ଷରୁ ଏକକାଳୀନ ଧାନକିଣାରେ ଭାଗ ନ ନେବା କାରଣରୁ ଜିଲାରେ ଆରମ୍ଭରୁ ବିଭ୍ରାଟ ଦେଖାଦେଇଥିଲା। ଅମଳ ମୁତାବକ ଟୋକନ ମିଳି ନ ଥିବାରୁ ଚାଷୀମାନେ ଧାନକୁ ଘର ବାରଣ୍ଡାରେ ଥାକ ମାରି ବସିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ସୋମବାର ଚାଷୀମାନେ ଯାଜପୁର ସହରର ମାନସାପୋଲ ନିକଟରୁ ଚାଷୀମାନେ ଟ୍ରାକ୍ଟର, ପିକ୍‌ଅପ୍, ଡାଲାଅଟୋରେ ଧାନ ଆଣି ଗାଡି ଆଗେ ଆଗେ ସାଷ୍ଟାଙ୍ଗ ଦଣ୍ଡବତ୍ କରି କରି ଜିଲାପାଳଙ୍କ ଅଫିସ ନିକଟରେ ପହଞ୍ଚିଥିଲେ। ଜିଲାରେ ଧାନକିଣା ସମୟସୀମା ଆଉ ୧୫ ଦିନ ବୃଦ୍ଧି ପାଇଁ ସେମାନେ ଦାବି କରିଥିଲେ।

ସୂଚନା ଅନୁସାରେ, ଚଳିତ ବର୍ଷ ଚାଷୀମାନଙ୍କ ପଞ୍ଜୀକରଣ ଅନୁଯାୟୀ ଜିଲାରେ ୧୮୦ ପାକ୍ସ ଓ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଜରିଆରେ ୧୯ ଲକ୍ଷ ୫୫ ହଜାର ୬୪୯ କୁଇଣ୍ଟାଲ ଧାନ କ୍ରୟ କରାଯିବାକୁ ଧାର୍ଯ୍ୟ ହୋଇଥିଲା। ହେଲେ ଗତ ୨୭ ତାରିଖ ସୁଦ୍ଧା ସମୁଦାୟ ୧୯ ଲକ୍ଷ ୯ ହଜାର ୫୮୫ କୁଇଣ୍ଟାଲ ଧାନ କ୍ରୟ ହୋଇଛି। ଏହି ଦିନର ତଥ୍ୟ ଆଧାରରେ ଆହୁରି ୧୪୦୦ ଟୋକନଧାରୀଙ୍କ ୫୩,୭୮୮ କୁଇଣ୍ଟାଲ ଧାନ କିଣାଯିବାକୁ ବାକି ରହିଛି। ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁ ଚାଷୀମାନଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଶୁଣିଥିଲେ। ଯେଉଁ ଚାଷୀମାନଙ୍କର ଧାନ ବଳକା ରହିଛି କିମ୍ବା ଟୋକନ ଲାପ୍ସ ହୋଇଛି, ସେମାନଙ୍କର ଏକ ତାଲିକା ପ୍ରସ୍ତୁତ କରି ଦେବାକୁ ପରାମର୍ଶ ଦେଇଥିଲେ। ତାଲିକା ପାଇବା ପରେ ତଦନ୍ତ କରାଯାଇ ଚାଷୀଙ୍କ ଧାନ କିଣିବାରେ ନିଶ୍ଚୟ ପ୍ରଶାସନ ସୁବନ୍ଦୋବସ୍ତ କରିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସଂଗଠନର ଜିଲା ସଂଯୋଜକ ଦୁର୍ଗା ପ୍ରସାଦ ଦାସ ଚାଷୀମାନଙ୍କ ତାଲିକା ପ୍ରସ୍ତୁତ କରି ଯୋଗାଣ ଅଧିକାରୀ ଦିଲୀପ ପାଣିଗ୍ରାହୀଙ୍କୁ ଦେଇଥିଲେ।

“ପରିପୂର୍ଣ୍ଣତା ଆଡକୁ ଆମକୁ ନେଇଯିବା ପାଇଁ ଭଗବାନ ଯେଉଁ ପ୍ରୟାସ କରୁଛନ୍ତି – ତା'ବିରୁଦ୍ଧରେ ବାଧାଦାନର ଖେଳ ହିଁ ହେଲା ପାପ– ପୁଣ୍ୟ। ଏଇ ପୁଣ୍ୟବୋଧ ମଧ୍ୟ ଆମକୁ ନିଜ ପାପ ସବୁକୁ ଗୁପ୍ତ ରଖିବାରେ ସହାୟତା କରେ। –ଶ୍ରୀଅରବିନ୍ଦ

-ଶ୍ରୀମନ୍ଦିରରେ ଦୟଣାଚୋରି,
ଶିବଦମନକ ଚତୁର୍ଦ୍ଦଶୀ ଉପବାସ,
ମହାବୀର ଜୟନ୍ତୀ ଓ ବାୟାଣୀ ପୂଜା

ନିର୍ବାଚନ ପରେ

ଭାରତୀୟ ଅର୍ଥନୀତି ଏକ ଖରାପ ସମୟ ଦେଇ ଗତି କରୁଛି। ୩୦ ମାର୍ଚ୍ଚରେ ଭାରତୀୟ ମୁଦ୍ରା ଖୁବ୍ ତଳକୁ ଯାଇ ଏକ ଆମେରିକୀୟ ଡଲାର ତୁଳନାରେ ବିନିମୟ ମୂଲ୍ୟ ୯୫ ଟଙ୍କା ୨୧ ପଇସାରେ ପହଞ୍ଚିଛି। ପଶ୍ଚିମ ଏସିଆରେ ଯୁଦ୍ଧଜନିତ ସଙ୍କଟ ଶକ୍ତି କ୍ଷେତ୍ର ଉପରେ ଗଭୀର ପ୍ରଭାବ ପକାଇଥିବାରୁ ଭାରତୀୟ ମୁଦ୍ରା ନିମ୍ନଗାମୀ ହେଉଛି ବୋଲି କୁହାଯାଉଛି। ଏହା କେତେକାଂଶରେ ସତ୍ୟ। କିନ୍ତୁ ୨୮ ଫେବୃଆରୀ ଯୁଦ୍ଧ ପୂର୍ବରୁ ଭାରତୀୟ ମୁଦ୍ରା ମଧ୍ୟ ଲଗାତର ଭାବେ ପ୍ରତ୍ୟେକ ଦିନ ଦୁର୍ବଳ ହେବାରେ ଲାଗିଥିଲା। ସେହି ବିଗତ ଦିନକୁ ଦେଖିଲେ ବୁଝାପଡୁଛି ଯେ ଯୁଦ୍ଧ କେବଳ ମାତ୍ର କାରଣ ନୁହେଁ। କେତେକେ କହୁଛନ୍ତି ଡଲାର ଶକ୍ତିଶାଳୀ ହେଉଥିବାରୁ ଭାରତୀୟ ମୁଦ୍ରା ତଳକୁ ଖସୁଛି। ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ। କାରଣ ଆମେରିକାରେ ମଧ୍ୟ ଆର୍ଥିକ ସ୍ଥିତି ଦୁର୍ବଳ ହେବାରେ ଲାଗିଛି। ଭାରତୀୟ ମୁଦ୍ରା ଦୁର୍ବଳ ହେବା ପଛରେ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ) ଏ ଦେଶରୁ ସେମାନଙ୍କ ପୁଞ୍ଜି ପ୍ରତ୍ୟାହାର କରିନେବାରେ ବ୍ୟସ୍ତ। ଭାରତରେ ଅର୍ଥ ବିନିଯୋଗ କଲେ ଆଗକୁ ବିପଦ ଆଶଙ୍କା କରି ସେମାନେ ଏଭଳି ନିଷ୍ପତ୍ତି ନେଉଛନ୍ତି। ଅର୍ଥାତ୍ ଏହି ଦେଶରେ ସେମାନଙ୍କର ଅର୍ଥ ଅସୁରକ୍ଷିତ ବୋଲି ବିଦେଶୀ ନିବେଶକମାନେ ଧାରଣା କରିନେଲେଣି। ଏଥିସହିତ ଆମଦାନୀ ବୃଦ୍ଧି ପାଉଥିବା ବେଳେ ରପ୍ତାନି ସେହି ପରିମାଣରେ ହୋଇପାରୁ ନ ଥିବାରୁ ବାଣିଜ୍ୟିକ ନିଅଣ୍ଟ ବୃଦ୍ଧି ପାଉଛି। ଅଣ–ଉତ୍ପାଦ ଖର୍ଚ୍ଚ ବଢ଼ିଯାଇଥିବାରୁ ତାହାର ପ୍ରଭାବ ମଧ୍ୟ ଅର୍ଥନୀତି ଉପରେ ପଡୁଛି।

> **ଏପ୍ରିଲ ଶେଷ ସୁଦ୍ଧା ଯେତେବେଳେ ପଶ୍ଚିମବଙ୍ଗ ସହିତ ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ନିର୍ବାଚନ ଶେଷ ହୋଇଯିବ, ସେତେବେଳେ ଯଦି ତୈଳ ମୂଲ୍ୟ ବଢ଼ାଯାଏ ତାହା ଅତ୍ୟନ୍ତ ଅନୈତିକ ଓ ସାଧାରଣ ନାଗରିକ ବିରୋଧୀ ପଦକ୍ଷେପ ହେବ ବୋଲି କହିହେବ। ଯଦି ତୈଳ ଦର ବଢ଼ିଯାଏ, ତାହା ହେଲେ ସବୁ ପ୍ରକାର ସାମଗ୍ରୀ ମୂଲ୍ୟ ଆହୁରି ବଢ଼ିଯିବ।**

ଭାରତରେ ଅର୍ଥନୀତି ଦୁର୍ବଳ ହେବା ପଛରେ ମୁଖ୍ୟ କାରଣ ହେଉଛି ରାଜନୈତିକ ବ୍ୟକ୍ତିମାନେ ବିଶେଷଜ୍ଞଙ୍କ ମତକୁ କମ୍ ଗୁରୁତ୍ୱ ଦେଇ ଜଟିଳ ପ୍ରସଙ୍ଗରେ ବଡ଼ ନିଷ୍ପତ୍ତି ନେଇଯାଉଛନ୍ତି। ୨୦୧୬ ନଭେମ୍ବରରେ ବିମୁଦ୍ରୀକରଣ ହେବାଠାରୁ ଦେଶର ଅର୍ଥନୀତି ଉଧେଇପାରୁ ନାହିଁ। ସେତେବେଳେ ଅନେକ କ୍ଷୁଦ୍ର ଓ ମଧ୍ୟମ ଧରଣର ବ୍ୟବସାୟିକ ସଂସ୍ଥା ଭୁଶୁଡ଼ି ପଡ଼ିଥିଲେ। ଫଳରେ ତାହାର ପ୍ରଭାବ ଦେଶର ଉତ୍ପାଦ ଓ ନିଯୁକ୍ତି କ୍ଷେତ୍ର ଉପରେ ପଡ଼ିଥିଲା। ଏହା ପରେ ଯେତେବେଳେ ଅର୍ଥନୀତି ଟିକେ ପ୍ରଶ୍ୱାସ ପାଇ ଠିଆ ହେବାକୁ ଯାଉଥିଲା କୋଭିଡ୍ ମହାମାରୀ ପୁଣି ବିପର୍ଯ୍ୟୟ ସୃଷ୍ଟି କଲା। ଥରେ ଦୁର୍ବଳତା ଆସିଗଲେ ସେଥିରୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଉଠିବା ଲାଗି ଦୀର୍ଘ ସମୟ ଲାଗିଥାଏ। ପୁଣି ଓଲିଗାର୍ଚ୍ଚି ବା ଧନିକ ତନ୍ତ୍ର (ଅଳ୍ପ କିଛି ଧନୀ) ଯୋଗୁ ସମଗ୍ର ଅର୍ଥନୀତି ବିକଶିତ ହୋଇପାରୁ ନାହିଁ। କାରଣ ହାତଗଣତି ବ୍ୟକ୍ତିଙ୍କଠାରେ ଅତ୍ୟଧିକ ଧନ ଠୁଳ ହୋଇ ରହିଯାଉଛି। ବଡ଼ କର୍ପୋରେଟ୍ ହାଉସ୍‌ଗୁଡ଼ିକୁ ଅଧିକ ସରକାରୀ ସୁବିଧା ଦିଆଯାଉଥିବାରୁ ଧନର ସୁଷମ ବଣ୍ଟନ ହୋଇପାରୁ ନାହିଁ। ଅର୍ଥନୀତିରେ କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ସଂସ୍ଥାକୁ ଆର୍ଥିକ ଓ ବ୍ୟବସ୍ଥାଗତ ସୁଯୋଗ ଦିଆଯାଇପାରିଲେ ସେମାନେ ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ପାଆନ୍ତେ। ଅନେକ ଲୋକଙ୍କ ମଧ୍ୟମରେ ମୁଦ୍ରା ଚଳପ୍ରଚଳ ହେଲେ ତାହା ସାମଗ୍ରୀ ଓ ସେବା କ୍ଷେତ୍ରକୁ ଚଳଚଞ୍ଚଳ କରିପାରନ୍ତା। ଏବେ ବିଦେଶୀ ପୁଞ୍ଜିନିବେଶକମାନେ ଭାରତୀୟ ବଜାରରୁ ଅର୍ଥ ଉଠାଇ ନେଉଥିବାରୁ ସ୍ଥିତି ବିଗିଡ଼ି ଯାଉଛି ବୋଲି କୁହାଯାଉଛି। ଯଦି ଦେଶ ଭିତରେ କ୍ଷୁଦ୍ର ଓ ମଧ୍ୟମ ଧରଣର ଉଦ୍ୟୋଗୀଙ୍କ ପାଇଁ ନିୟମ ସରଳୀକରଣ କରାଯାଇ ବିଭିନ୍ନ ସ୍ତରର ବ୍ୟବସାୟକୁ ପ୍ରୋତ୍ସାହନ ଦିଆଯାଉଥାନ୍ତା, ତେବେ ଆଜିର ଯୁଦ୍ଧଭଳି ସ୍ଥିତି ସମୟରେ ବାହ୍ୟ ନିବେଶକ ଅର୍ଥ ଉଠାଣ କରିନେଲେ ତାହାର ପ୍ରଭାବ ଅର୍ଥନୀତି ଉପରେ ବେଶି ପରିମାଣରେ ପଡ଼ନ୍ତା ନାହିଁ।

ସାମ୍ପ୍ରତିକ ସମୟକୁ ଦେଖିଲେ ମଧ୍ୟପ୍ରାଚ୍ୟ ଅଶାନ୍ତ ସ୍ଥିତିର ପ୍ରଭାବ ସମଗ୍ର ବିଶ୍ୱ ବିଶେଷକରି ଏସିଆ ମହାଦେଶ ଉପରେ ଗଭୀର ଭାବେ ପଡ଼ିଛି। ଇନ୍ଧନ ଓ ରନ୍ଧନ ଶକ୍ତିର ସଙ୍କଟ ଯୋଗୁ ଭାରତ ଭଳି ଅଧିକ ଆମଦାନୀ ଉପରେ ନିର୍ଭରଶୀଳ ରାଷ୍ଟ୍ର ବେଶି ଅଡୁଆରେ ପଡ଼ିଯାଇଛି। ଭାରତ ତା'ର ତୈଳଜନିତ ଶକ୍ତି ଚାହିଦାର ୯୦ ପ୍ରତିଶତ ବାହାର ରାଷ୍ଟ୍ର ଉପରେ ନିର୍ଭରଶୀଳ। ଅଧିକ ଆମଦାନୀ ମାନେ ଭାରତକୁ ବହୁଳ ମାତ୍ରାରେ ଅର୍ଥ ଦେବାକୁ ପଡୁଛି। କିଛିବର୍ଷ ପୂର୍ବେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୬୦ରୁ ୭୦ ଡଲାର ଥିବା ବେଳେ ଏବେ ତାହା ୧୧୫ ଉପରକୁ ଯାଇସାରିଲାଣି। ମଧ୍ୟପ୍ରାଚ୍ୟରେ ଅସ୍ୱାଭାବିକ ସ୍ଥିତି ଯଦି ଅଧିକ ଦିନ ଲାଗିରହେ, ତେବେ ଭାରତର ସ୍ଥିତି ଆହୁରି ସଙ୍ଗିନ ହୋଇଯିବ। ଯଦି ବାସ୍ତବରେ ଭାରତର ତୈଳ ଦରକୁ ଅନ୍ତର୍ଜାତୀୟ ଦର ସହ ଯୋଡ଼ିକରି ରଖାଯାଇ ଥାଆନ୍ତା, ତା'ହେଲେ ବ୍ୟାରେଲ ପିଛା ୬୦ରୁ ୭୦ ଡଲାର ଥିଲାବେଳେ ଦେଶ ଭିତରେ ସର୍ବାଧିକ ୪୫ ଭାରତୀୟ ଟଙ୍କା ମୂଲ୍ୟରେ ଲିଟରେ ପେଟ୍ରୋଲ ଗ୍ରାହକଙ୍କୁ ମିଳିପାରି ଥାଆନ୍ତା। ସେହି ସମୟରେ ସରକାର ତାହା କଲେ ନାହିଁ ଏବଂ ତୈଳ କମ୍ପାନୀଗୁଡ଼ିକୁ ଲାଭ ଦେବାକୁ ଯାଇ ଅତ୍ୟଧିକ ଦର ବଜାୟ ରଖିଲେ। ସେହି କମ୍ପାନୀମାନେ ଯେଉଁ ଲାଭ ପାଇଥିଲେ, ତାହାକୁ ସର୍ବନିମ୍ନ ୧ ବର୍ଷ ପର୍ଯ୍ୟନ୍ତ ଆଜିକାର ଦରରେ ରଖିବା ଉଚିତ। କିନ୍ତୁ ଏପ୍ରିଲ ଶେଷ ସୁଦ୍ଧା ଯେତେବେଳେ ପଶ୍ଚିମବଙ୍ଗ ସହିତ ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ନିର୍ବାଚନ ଶେଷ ହୋଇଯିବ, ସେତେବେଳେ ଯଦି ତୈଳ ମୂଲ୍ୟ ବଢ଼ାଯାଏ ତାହା ଅତ୍ୟନ୍ତ ଅନୈତିକ ଓ ସାଧାରଣ ନାଗରିକ ବିରୋଧୀ ପଦକ୍ଷେପ ହେବ ବୋଲି କହିହେବ। ଯଦି ତୈଳ ଦର ବଢ଼ିଯାଏ, ତାହା ହେଲେ ସବୁ ପ୍ରକାର ସାମଗ୍ରୀ ମୂଲ୍ୟ ଆହୁରି ବଢ଼ିଯିବ। ତେଣୁ ଦେଶର ଅର୍ଥନୈତିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ଲାଗି ବାସ୍ତବବାଦୀ ଅର୍ଥନୈତିକ ନୀତି ସୃଷ୍ଟି କରାଯିବା ଦରକାର। ଏଥିରେ ସମାଜର ବିଭିନ୍ନ ବର୍ଗର ମତକୁ ନିଆଯିବା ଉଚିତ।

su|do|ku ସୁ-ଡୋ-କୁ

Puzzles by Srikant Ghosh

						4	7	8
	7				1			
	9			5				
					6		2	3
				1		5		
8			2				6	
1	2		9			3		
					3			1
	6			2	4		8	

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

3	8	6	7	1	2	5	9	4
1	7	9	6	5	4	8	2	3
5	2	4	3	8	9	6	1	7
2	1	8	4	7	5	3	6	9
6	5	3	2	9	1	4	7	8
4	9	7	8	6	3	1	5	2
9	3	1	5	4	7	2	8	6
7	6	2	1	3	8	9	4	5
8	4	5	9	2	6	7	3	1

ଗତକାଲିର ଉତ୍ତର

ସମୁଦ୍ରର ନୂଆ ଭୂଗୋଳ

ଦେବ ରଞ୍ଜନ

ସମଗ୍ର ପୃଥିବୀରେ ଯେତେ ସମୁଦ୍ର ଅଛି ସେମାନଙ୍କର ଜଳରାଶି ପ୍ରତିବର୍ଷ ୩.୦୬ ମିଲିମିଟର ହାରରେ ବଢିବାରେ ଲାଗିଛି। ସେ ଭିତରୁ ବଙ୍ଗୋପସାଗରରେ ଜଳରାଶି ଅଧିକ ହାରରେ ବୃଦ୍ଧି ହେଉଛି। ଏହାର ବୃଦ୍ଧିର ହାର ପ୍ରତି ବର୍ଷ ୩.୯୯ ମିଲିମିଟର। ତେବେ ସବୁ ସ୍ଥାନରେ ବଙ୍ଗୋପସାଗରର କାୟା ବୃଦ୍ଧି ସମାନ ଭାବରେ ହୋଇ ନ ଥାଏ। ପଶ୍ଚିମବଙ୍ଗର ଡାଇମଣ୍ଡ ହାର୍ବୋରଠାରେ (ଗଙ୍ଗାନଦୀ ମୁହାଣ) ଏହା ବାର୍ଷିକ ୫.୧୬ ମିଲିମିଟର ହାରରେ ବୃଦ୍ଧି ଘଟୁଥିବା ବେଳେ ପାରାଦୀପ ନିକଟରେ (ମହାନଦୀ ମୁହାଣ) ଏହା ବାର୍ଷିକ ୪.୪୩ ମିଲିମିଟର। ହୁଏତ କାହାକୁ ଏକ ମିଲିମିଟର କହିଲେ ବହୁତ କମ୍ ଲାଗୁଥାଇପାରେ। ସମୁଦ୍ର ଜଳରାଶି ଏକ ମିଲିମିଟର ବୃଦ୍ଧି ହେଲେ ଏହା ୩୬୦ ବର୍ଗ କିଲୋମିଟର ସ୍ଥଳ ଭାଗର ଜମିକୁ ବୁଡାଇଦିଏ। ଭୁବନେଶ୍ୱର ସହରର ସୀମା ୧୮୬ ବର୍ଗକିଲୋମିଟର। ତେଣୁ ମାତ୍ର ଏକ ମିଲିମିଟର ସମୁଦ୍ର ଜଳରାଶି ବୃଦ୍ଧି ଦୁଇଟି ଭୁବନେଶ୍ୱର ସହରକୁ ବୁଡାଇଦେବା ଲାଗି ସମର୍ଥ। ସମୁଦ୍ରର ଆକାର ବର୍ଷ ବର୍ଷ ଧରି ବଢୁଥିବା ହେତୁ ଏହା ଯେ କ୍ରମଶଃ କେତେ ବିଶାଳ ହୋଇଚାଲିଛି ତାହା ଅନୁମାନ କରାଯାଇପାରେ। ଯଦି ସମୁଦ୍ର ଜଳରାଶି ଏକ ଇଞ୍ଚ (୨୫.୨ ମିଲିମିଟର) ବୃଦ୍ଧି ହୁଏ ତେବେ ଏହା ୯୨୦୦ ବର୍ଗକିଲୋମିଟର ସ୍ଥଳଭାଗକୁ ବୁଡାଇଦେବ।

ସମୁଦ୍ର କିନ୍ତୁ ନଦୀରେ ବନ୍ୟା ଆସିବା ଭଳି ହଠାତ୍ କୌଣସି ଅଞ୍ଚଳକୁ ବୁଡାଇ ଦେଇ ନ ଥାଏ । ଆଜିର ଏକ ମିଲିମିଟର ପୁଣି କିଛିଦିନ ପରେ ଇଞ୍ଚ ଓ ପରେ ଏକ ମିଟର, ଏହି ଗତିରେ ସମୁଦ୍ର ଜଳସ୍ତର ବୃଦ୍ଧି ପାଇ ସ୍ଥଳଭାଗ ଜମିକୁ ଅକ୍ତିଆର କରିଚାଲିଛି। ହୁଏତ ଆଜି ମୋର ଘର ବୁଡି ନ ଥାଇ ପାରେ। ଏହା ନୁହେଁ ଯେ ଆଉ କାହାର ଘର ଏହା ବୁଡାଇ ନାହିଁ। ସମୁଦ୍ର ଜଳରାଶି ପ୍ରତିବର୍ଷ ବଢିବା ହେତୁ ଆଜିର ଦିନରେ ପଶ୍ଚିମବଙ୍ଗର ସୁନ୍ଦରବନ ଅଞ୍ଚଳର ଅନେକ ଗାଁ ସମୁଦ୍ର ମଧ୍ୟରେ ଲୀନ ହୋଇସାରିଛି। ସେହିଭଳି ଓଡ଼ିଶାର କେନ୍ଦ୍ରାପଡ଼ା ଅଞ୍ଚଳର ସାତଭାୟା ଗ୍ରାମବାସୀ ବିସ୍ଥାପିତ ହୋଇସାରିଲେଣି। ପୁରୀ ଜିଲା କୋଣାର୍କ ନିକଟସ୍ଥ ଛେନୁ ଗାଁ ଥରେ ବିସ୍ଥାପିତ ହୋଇ ପୁଣି ଦ୍ୱିତୀୟ ଥର ବିସ୍ଥାପିତ ହୋଇଛନ୍ତି। ସେହି ନିକଟରେ ଅବସ୍ଥିତ ଉଦୟକଣି ଗ୍ରାମବାସୀ ଥରେ ବିସ୍ଥାପିତ ହୋଇ ଏବେ ନୂଆ ସ୍ଥାନର ସନ୍ଧାନରେ ଅଛନ୍ତି। ଗଞ୍ଜାମ ଜିଲାର ପୋଡମପେଟା ଗାଁର ୫୦୦ ମତ୍ସ୍ୟଜୀବୀ ପରିବାର ସମୁଦ୍ରକୁ ନିଜର ଚାଷ ବୋଲି ଭାବି ଜୀବିକା ନିର୍ବାହ କରିଆସୁଥିଲେ। ଏହିଠାକୁ ବେଶ୍ କିଛି ବର୍ଷ ଅଲିଭ ରିଡ୍‌ଲେ କଇଁଛ ଆସୁଥିଲେ। ଗଲା ବର୍ଷ ଏହାର ଶେଷ ଗ୍ରାମବାସୀ ଗାଁ ଛାଡିବାକୁ ବାଧ୍ୟ ହେଲେ ଓ ଏହି ବର୍ଷ କଇଁଛ ମଧ୍ୟ ଆସିଲେ ନାହିଁ । ବଡ଼ କଥା ହେଉଛି, ଗ୍ରାମବାସୀ ଯେଉଁ ଦୁଇଟି ଗ୍ରାମରେ ବିଭାଜିତ ହୋଇଗଲେ ସେଠାକୁ ମଧ୍ୟ କେବେ ବି ସମୁଦ୍ରର ପାଣି ଆସି ପହଞ୍ଚିଯାଇପାରେ।

ଗୋପାଳପୁର ବନ୍ଦର ନିକଟରେ ଥିବା ଆର୍ଯ୍ୟପଲ୍ଲୀ ଗାଁ ପୋଡମପେଟାଠାରୁ କୋଡିଏ କିଲୋମିଟର ଦୂର। ଏହାର ୧୦,୦୦୦ ଲୋକ ଦିନେ ଯେଉଁମାନେ ସମୁଦ୍ରକୁ ପାଞ୍ଚ କିଲୋମିଟର ଦୂରରେ ଦେଖୁଥିଲେ, ନିଜର ଡଙ୍ଗା ଓ ଜାଲକୁ ସେହିଠାରେ ରଖିଦେଇ ଗାଁକୁ ଆସୁଥିଲେ, ଆଜି ସମୁଦ୍ର ସେମାନଙ୍କ ଗାଁ ପାଖରେ ଗର୍ଜନ କରୁଛି। ସମୁଦ୍ର ଏତେ ନିକଟରେ ଯେ ଡଙ୍ଗାକୁ କୂଳରେ ରଖିବା ପାଇଁ ବି ଜାଗା ନାହିଁ। ସେମାନଙ୍କ ଘର, ଜମି, ଇତିହାସ ସବୁକିଛି ବହୁ ଶୀଘ୍ର ସମୁଦ୍ର ମଧ୍ୟରେ ଲୀନ ହୋଇଯିବ, ସମୁଦ୍ର ଏଠାରେ ମଧ୍ୟ ନୂଆ ଭୂଗୋଳ ସୃଷ୍ଟି କରିବ।

ଉଦୟକଣି ଗାଁର ଗୋବିନ୍ଦ ପ୍ରଧାନଙ୍କୁ ଭେଟିଥିଲି ଗତବର୍ଷ ଶୀତ ମାସରେ। ତାଙ୍କର କ୍ଷୋଭ ଥିଲା, ସମୁଦ୍ର ହେଲେ ଫେରିଯାନ୍ତା ? ଅନ୍ତତଃ ସମୁଦ୍ର ଭିତରେ ରହିଥିବା ଆମ ଜମିକୁ ପୁଣି ଆମେ କୌଣସି ପ୍ରକାରେ ଚଷି ପାରନ୍ତୁ। ହେଲେ ଖାଇଥିବା ସମୁଦ୍ର କେବେ ବାନ୍ତି କରେନାହିଁ। ଆମ ଚାଷ କଲା ଜମି ଫେରିବାର ନାହିଁ। ସତକଥା। ଯେଉଁ ଜମି ଥରେ ସମୁଦ୍ରରେ ମିଶିଗଲା ସେ ଆଉ କେବେ ଫେରେନାହିଁ। ଲୋକଙ୍କ ପଟ୍ଟା ଜମି, ପୂର୍ବ ପୁରୁଷରୁ ଚାଷ କରିଆସୁଥିବା ଜମି, ଘରବାରି ଜମି, ଗାଁର ସ୍କୁଲ ଓ ମନ୍ଦିର ସବୁକିଛିକୁ ସମୁଦ୍ର ତାହାର ଗର୍ଭକୁ ନେଇଯାଉଛି। କୂଳରେ ପହଞ୍ଚୁଥିବା ପ୍ରତି ଲହଡିରେ ସେହି ଗାଁମାନଙ୍କର ବେଦନାର ସ୍ୱର ରହିଛି। ଏହା ସହିତ ରହିଛି କଟିଯାଇଥିବା ଜଙ୍ଗଲ ଓ ହିମାଳୟରୁ ତରଳିଥିବା ବରଫର ସ୍ତର। କିନ୍ତୁ 'ବିକାଶ' ଆଜି ଏଭଳି କିମିଆ କରିଛି ଯେ ପ୍ରତ୍ୟେକ ରାଜନୀତିଜ୍ଞ, ପ୍ରଶାସକ, ମିଡିଆ ଓ ସେଲିବ୍ରିଟି ଧରିନେଇଛନ୍ତି ଯେ ପୃଥିବୀ ଏକ ସରକାରୀ ବ୍ୟାଙ୍କ ଓ ଲୋକେ ହେଉଛନ୍ତି ବ୍ରଏଲର ଫାର୍ମର କୁକୁଡା।

ମେରୁରେ ବରଫ ତରଳିବା ଯୋଗୁ ସମୁଦ୍ର ଫୁଲିବାରେ ଲାଗିଛି। ଏହା ବିଶ୍ୱ ହାରାହାରି ତାପମାତ୍ରା ବୃଦ୍ଧିର ପରିଣାମ। ହିମାଳୟରେ ବରଫ ତରଳିବା ହେତୁ ବଙ୍ଗୋପସାଗର ଜଳସ୍ତର ବୃଦ୍ଧିପାଇଚାଲିଛି। ୧୯୯୦ରୁ ୨୦୨୦ ମଧ୍ୟରେ ହିମାଳୟର ୧୨ ପ୍ରତିଶତ ଅଞ୍ଚଳ ବରଫଶୂନ୍ୟ ହୋଇଗଲାଣି। ଏହି ସମସ୍ତ ବରଫରୁ କିଛି ଆରବସାଗର ଓ ଏକ ବିରାଟ ଅଞ୍ଚଳର ବରଫ ବଙ୍ଗୋପସାଗରକୁ ଆସିଛି। ଆଜି ସ୍କୁଲର ପିଲାଟିଏ ବି ଜାଣେ ଯେ ବିଶ୍ୱ ତାପମାତ୍ରାରେ କ୍ରମାଗତ ବୃଦ୍ଧି ହେତୁ ହିମାଳୟରେ ବରଫ ତରଳୁଛି। ସେଥିଲାଗି ସେ ସ୍କୁଲ ଓ ଘର ଚାରିପାଖରେ ଗଛଟିଏ ଲଗାଇବାରେ ଲାଗିଛି। ସେ ଜାଣିନି ସେହି ଗଛ ପୁଣି ବ୍ୟବସ୍ଥାର ଚକ୍ରାନ୍ତରେ ଯେ ଶେଷ ପର୍ଯ୍ୟନ୍ତ ବଞ୍ଚିବ ତାହା ନୁହେଁ। ଯଦି ବି ବଞ୍ଚିଗଲା ତେବେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସ କମାଇବା ଲାଗି ତାହା ଯଥେଷ୍ଟ ହେବ କି ନାହିଁ। କାରଣ ସେହି ଗଛ ଅନ୍ୟୁନ କୋଡିଏ ବର୍ଷ ପରେ ବଡ ହେବା ବେଳକୁ ବାୟୁମଣ୍ଡଳ ଆହୁରି ଅଧିକ ଦୂଷିତ ହୋଇସାରିଥିବ। ସେ ଅବଶ୍ୟ କେବେ ପଚାରି ନାହିଁ ଯେ ନୂଆ ଗଛ ଲଗାଇବା ଅପେକ୍ଷା ପୁରୁଣା ଗଛକୁ ବଞ୍ଚିବା ଲାଗି ସୁଯୋଗ କାହିଁକି ଦିଆଯାଉନାହିଁ। ଓଡ଼ିଶା ସରକାରଙ୍କ ଜଙ୍ଗଲ ବିଭାଗ ତଥ୍ୟ ଅନୁସାରେ ୨୦୦୦ରୁ ୨୦୨୩ ମସିହା ମଧ୍ୟରେ ଓଡ଼ିଶାରେ ୨୬ ଲକ୍ଷ ୭୫ ହଜାର ଗଛ କଟାଯାଇଛି। ସାରା ଭାରତରେ ସେହି ସମାନ ସମୟରେ ୨୩ ଲକ୍ଷ ହେକ୍ଟର ଜଙ୍ଗଲ ଜମି ମୁଖ୍ୟତଃ ବ୍ୟବସାୟିକ, କୃଷି, ଖଣି, ଶିଳ୍ପ କାରଖାନା, ନଦୀ, ଜଳଭଣ୍ଡାର ଓ ଜଙ୍ଗଲ ନିଆଁ ଦ୍ୱାରା ନଷ୍ଟ ହୋଇଯାଇଛି। ଏହି ପ୍ରକ୍ରିୟା ସମଗ୍ର ବିଶ୍ୱରେ ଚାଲୁରହିଛି।

ଏବେ ପୁଣି ବିଶ୍ୱ ପରିବେଶ ଲାଗି ଯୁଦ୍ଧ ଅନ୍ୟ ଏକ ବିପଦ ହୋଇ ଠିଆ ହୋଇଛି। ଗଲା କିଛି ବର୍ଷ ମଧ୍ୟରେ ରୁଷିଆର ୟୁକ୍ରେନ ଉପରେ ଆକ୍ରମଣ, ଇସ୍ରାଏଲର ପାଲେଷ୍ଟାଇନ ଉପରେ ଆକ୍ରମଣ, ଆମେରିକା ଓ ଇସ୍ରାଏଲର ଇରାନ ଉପରେ ଆକ୍ରମଣ ପୁଣି ଯୁଦ୍ଧରେ ପ୍ରତିଆକ୍ରମଣରେ କୁଏଟ୍, ଲେବାନନ ଇତ୍ୟାଦି ରାଷ୍ଟ୍ର ଉପରେ ବୋମା ବର୍ଷଣ ଆଜି ପୃଥିବୀର ଆୟୁଷକୁ କମାଇଦେବାରେ ଲାଗିଛି। ଆମର ରାଷ୍ଟ୍ରମୁଖ୍ୟମାନେ ୧୯୭୨ ମସିହାରୁ ଆର୍ଥ ସମିଟ୍‌ରେ ଯୋଗ ଦେଉଛନ୍ତି, ଅଙ୍ଗାରକାମ୍ଳ ନିର୍ଗମନ କମ୍ କରିବାର ପ୍ରତିଶ୍ରୁତି ଦେଉଛନ୍ତି, ଆର୍ଥ ସମିଟ୍‌ର ପଚାଶ ବର୍ଷ ପାଳୁଛନ୍ତି। କିନ୍ତୁ ଅସଲ ସମୟରେ ସେମାନେ ନିଜର ସ୍ୱରୂପ ଦେଖାଉଛନ୍ତି।

ପ୍ରକୃତି ଏ ସମସ୍ତ ଅତ୍ୟାଚାରକୁ ସମ୍ଭାଳି ନେଇ ସତରେ କ'ଣ ବିଶ୍ୱବାସୀଙ୍କୁ କ୍ଷମା ଦେଇଦେବ ? ନା ସେ ନିଜର ଅତି ଭୟାନକ ରୂପ କେବେ ଦେଖାଇବ ? ଯୁଦ୍ଧରେ ବ୍ୟବହୃତ ମିଶାଇଲ, ବୋମା, ରକେଟ ହେତୁ ଯାଉଥିବା ଜୀବନ କେବେ ଫେରିବ ନାହିଁ। ଦୂଷିତ ବାୟୁମଣ୍ଡଳ ପୁଣି କେବେ ସାଧାରଣ ହୋଇପାରିବ ନାହିଁ। ଏହାର ଭୟାନକ ରୂପକୁ ସାଧାରଣ ମଣିଷକୁ ଅନେକ ଦଶନ୍ଧି ପର୍ଯ୍ୟନ୍ତ ଭୋଗିବାକୁ ହେବ, ସେ ଯୁଦ୍ଧର ନିକଟରେ ରହିଥାଉ ଅଥବା ହଜାର ମାଇଲ ଦୂରରେ।

ମୋ: ୯୪୩୭୭୬୨୨୭୨

ସୁନା, କଳି ଓ ଅର୍ଥନୀତି

ସୁଦୀପ୍ତା ମିଶ୍ର

ଏକଦା ରାଜା ପରିକ୍ଷିତ ନିଜ ରାଜ୍ୟ ତଥା ରାଜ୍ୟବାସୀଙ୍କ ଭଲମନ୍ଦ ଜାଣିବା ପାଇଁ ଭ୍ରମଣାର୍ଥେ ବାହାରିଥିଲେ। ଠିକ୍ ସେହି ସମୟରେ ଏକ ବିଶାଳ ବପୁଧାରୀ ବ୍ୟକ୍ତି (ଯେକି କଳି ଅବତାର) ଏକ ବଳଦକୁ (ଯେକି ଧର୍ମର ପ୍ରତୀକ) ଯାହାର ତିନୋଟି ଗୋଡ ଭାଙ୍ଗି ଯାଇଥିଲା, ଯେ କେବଳ ଗୋଟିଏ ଗୋଡ଼ରେ(ସତ୍ୟ)ହିଁ ଠିଆ ହୋଇଥିଲା ଓ ଏକ ଗାଈକୁ (ପୃଥିବୀ ମାତା) ନିର୍ମମ ଭାବେ ଆଘାତ ଦେଉଥିବାର ରାଜା ପରିକ୍ଷିତଙ୍କର ଦୃଷ୍ଟି ଗୋଚର ହେଲା। ତା'ର ଅତ୍ୟାଚାରରେ ଏ ଦୁହେଁ ପୀଡ଼ିତ ଓ ଦୁଃଖିତ ଥିଲେ। ଏ ଦୃଶ୍ୟ ଦେଖି ରାଜା ନିଜର କ୍ରୋଧ ସମ୍ବରଣ କରି ନ ପାରି କଳିକୁ ବଧ କରିବାକୁ ଉଦ୍ୟତ ହୁଅନ୍ତେ କଳି ତାଙ୍କର ଶରଣ ପଶିଥିଲା। ଶରଣାଗତର ବଧ କରିବା ଅନୁଚିତ ବୋଲି ମନେକରି ରାଜା ପରିକ୍ଷିତ ନିଜର ମର୍ଯ୍ୟାଦା ରକ୍ଷା ପୂର୍ବକ କଳିକୁ ପ୍ରାଣ ଦାନ କରିଥିଲେ। ଏବଂ ନିଜ ରାଜ୍ୟରୁ ବାହାରି ଯିବା ପାଇଁ ଆଦେଶ ଦେଇଥିଲେ । କିନ୍ତୁ କଳି ନିଜ ପାଇଁ ଏକ ସୁରକ୍ଷିତ ସ୍ଥାନର ଅନୁରୋଧ କରିଥିଲା । ତେଣୁ ପରିକ୍ଷିତ ପାଞ୍ଚଗୋଟି ସ୍ଥାନ ମଧ୍ୟରୁ ଗୋଟିଏ ଚୟନ କରିବାକୁ କହିଥିଲେ। ଯେଉଁଠାରେ ଅଧର୍ମ, ଅସତ୍ୟ ବିରାଜମାନ କରେ। ଯଥା– ଦ୍ୟୁତ, ମଦିରା, ବେଶ୍ୟା, ହିଂସା ଓ ସୁବର୍ଣ୍ଣ। ଏସବୁ ମଧ୍ୟରୁ ସୁବର୍ଣ୍ଣକୁ ନିଜର ଅନୁକୂଳ ସ୍ଥାନ ଭାବେ ବାଛି ନେଇଥିଲା କଳି। ତେଣୁ ରାଜାଙ୍କ ମସ୍ତକରେ ଶୋଭା ପାଉଥିବା ସୁବର୍ଣ୍ଣ ମୁକୁଟରେ ଯାଇ ପ୍ରବେଶ କଲା। ତା' ପ୍ରଭାବରେ ରାଜାଙ୍କର ବୁଦ୍ଧି ଭ୍ରଷ୍ଟ ହୋଇଗଲା। ତା'ପରେ ସେ ଶୃଙ୍ଗି ମୁନିଙ୍କ ଦ୍ୱାରା ଶାପଗ୍ରସ୍ତ ହୋଇଥିଲେ। ତତ୍ପଶ୍ଚାତ୍ ପରିକ୍ଷିତ ନିଜର ରାଜ ପରିପାଟୀ ଓ ତଜ୍ଜନିତ ସୁଖ ତ୍ୟାଗ କରି ଗଙ୍ଗା ନଦୀକୂଳକୁ ମୋକ୍ଷ ପ୍ରାପ୍ତି ପାଇଁ ଚାଲିଯାଇଥିଲେ।

ଉପରୋକ୍ତ ପୌରାଣିକ କଥାରୁ ଏହା ସ୍ପଷ୍ଟ ପ୍ରତୀତ ହୁଏ ଯେ ସୁବର୍ଣ୍ଣ ଯେଉଁଠି କଳିର ସ୍ଥାନ ସେଇଠି। ବର୍ତ୍ତମାନ ସମୟରେ ଏହି ଧାତୁର ଅମୂଲ ମୂଲ୍ୟ ହେତୁ ଏଥିପ୍ରତି ଥିବା ଜନାଦୃତି ଧୀରେ ଧୀରେ ମଳିନ ପଡିବାକୁ ଲାଗିଲାଣି। ତେବେ ଏଥିରୁ କ'ଣ କଳି ଅବସାନ ହେବାର ପ୍ରାକ୍ ସୂଚନା ମିଳେ କି। ଏହା ତ ଥିଲା ପୌରାଣିକ ତଥା ଭାବନାତ୍ମକ ଦୃଷ୍ଟିକୋଣ। ଯଦି ଆଜିର ସମୟରେ ଏହି ଧାତୁ ବିଷୟରେ ଆଲୋଚନା କରାଯାଏ ତେବେ ଯେଉଁ ହରିଦ୍ରା ବର୍ଣ୍ଣ ଧାତୁର ଔଜ୍ଜ୍ୱଲ୍ୟରେ ସମସ୍ତେ ଆକର୍ଷିତ ହୁଅନ୍ତି ତାହା ନାରୀମାନଙ୍କ ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ଏକ ମୁଖ୍ୟ ଶୃଙ୍ଗାର ସାଜିଥିବା ବେଳେ ବଂଶ ପରମ୍ପରାର ସ୍ୱାଭିମାନର ପ୍ରତୀକ ହୋଇଛି। ଦାନ, ଧର୍ମ, ବିବାହ, ବ୍ରତାଦି କର୍ମରେ ମଧ୍ୟ ଏହାର ବହୁଳ ବ୍ୟବହାର ହୋଇଥାଏ। ସୁବର୍ଣ୍ଣ ସହିତ ଗୃହକୁ ଲକ୍ଷ୍ମୀମାତାଙ୍କ ଆଗମନ ହୁଏ ବୋଲି ବିଶ୍ୱାସ ରହିଛି । କେବଳ ମାନବ ନୁହେଁ ଦେବତାଙ୍କ ଆଭୂଷଣ ନିମନ୍ତେ ମଧ୍ୟ ଏହାର ବ୍ୟବହାର ହୁଏ। କିନ୍ତୁ ବର୍ତ୍ତମାନ ଏହି ଧାତୁଟିର ଆକାଶଛୁଆଁ ଦର କାହାରିକୁ ସୁହାଉ ନାହିଁ। ଏହି ଧାତୁ ଗରିବଙ୍କ ପାଇଁ ସ୍ୱପ୍ନ ଓ ମଧ୍ୟବିତ୍ତଙ୍କ ପାଇଁ ଦୁର୍ଲଭ ହୋଇଯାଇଛି। ଆକାଶର ଚାନ୍ଦ ପରି ଚାନ୍ଦିର ମୂଲ୍ୟ ଆଉ ହାତପାଆନ୍ତାରେ ନାହିଁ। ଅଧୁନା ଦେଶ ଦୁନିଆରେ ଏହି ଧାତୁର ମୂଲ୍ୟରେ ଏଭଳି ଆକାଶଛୁଆଁ ବୃଦ୍ଧି ଘଟିଛି ଯେ, ଏହାକୁ କିଣିବା ତ ଦୂରର କଥା ଆଉ ଭାବିବାକୁ ମଧ୍ୟ ଇଚ୍ଛା ହେଉନାହିଁ। ବିବାହ ବେଳେ ଝିଅକୁ ସ୍ୱର୍ଣ୍ଣ ଆଭୂଷଣରେ ସୁସଜ୍ଜିତ କରିବାର ଯେଉଁ ପ୍ରଥା ଥିଲା ବୋଧହୁଏ ତାହା ଧୀରେ ଧୀରେ ଦୁଷ୍କର ହୋଇପଡିବ। ଉତ୍ସବରେ ନିଜର ବନ୍ଧୁ ବାନ୍ଧବମାନଙ୍କୁ ସୁନାଗହଣା ଆଦି ଉପହାର ଦେବା ସମ୍ଭବପର ନୁହେଁ। କିଛି ସମୟ ବ୍ୟବଧାନରେ ନାରୀଟିଏ ନିଜର ବ୍ୟବହାର ପାଇଁ ହେଉ କି ଝିଅ ବୋହୂଙ୍କ ପାଇଁ ସଞ୍ଚୟ ଲାଗି ହେଉ ସୁନା କିଣିଥାନ୍ତି। କିନ୍ତୁ ଏବେ ସୁନା ଦର ଯାହା, ଉତ୍ସବ ଋତୁ ଆସିଲେ ସାଧାରଣ ପରିବାରରେ ଭାଳେଣି ପଡେ। ଲାଗୁଛି ଏହା କେବଳ ଧନୀକ ଶ୍ରେଣୀଙ୍କ ବ୍ୟବହୃତ ଦ୍ରବ୍ୟ ହୋଇ ରହିଯିବ। ଯେଉଁ ଧାତୁ ମୂଲ୍ୟ ଆଜକୁ ୨୦ବର୍ଷ ତଳେ ୭ ହଜାର ଓ ଦଶ ବର୍ଷ ତଳେ ପାଖାପାଖି ୩୦ ହଜାର ଟଙ୍କା ଥିଲା ତାହା ଏବେ ଏକ ଲକ୍ଷ ଟପିଗଲାଣି। ଏହା ଦ୍ୱାରା ଏହି ଧାତୁଟିର ଉଜ୍ଜ୍ୱଳତା ମଳିନ ପଡି ନ ପାରେ

ହେଲେ ଲୋକଙ୍କ ମଧ୍ୟରେ ଏହାର ଆଦୃତି ନିଶ୍ଚୟ କମିଯାଇପାରେ। ଯେପରି ଅଜା ଜେଜେବାପା ଅମଳରେ କାଂସ୍ୟ ପିତ୍ତଳର ବାସନ କୁସନ ବହୁଳ ଭାବରେ ପ୍ରଚଳନ ରହିଥିଲା। କିନ୍ତୁ କାଳକ୍ରମେ ମୂଲ୍ୟ ଏବଂ ବ୍ୟବହାରରେ ସୁବିଧା ଦୃଷ୍ଟିରୁ ଷ୍ଟିଲ, ଚିନା ମାଟି, ଫାଇବର୍ ଆଦି ପାତ୍ରକୁ ବିକଳ୍ପ ଭାବେ ଜନସମାଜ ବାଛିନେଲା। ଠିକ୍ ସେହିପରି ଦିନେ ସୁବର୍ଣ୍ଣର ବିକଳ୍ପ ବାଛିବାକୁ ମଧ୍ୟ ବାଧ୍ୟ ହେବେ। ଏମିତି ତ ଆଜିକାଲିର ଯୁବପିଢି ସୁନା ଗହଣା ଅପେକ୍ଷା ତା'ର ପ୍ରତିରୂପ, ଆଖି ଝଲସାଇ ଦେଉଥିବା ନାନାଦି ପଥର ଖଚିତ ଅଳଙ୍କାର ପ୍ରତି ନିଜର ଆଗ୍ରହ ପ୍ରକାଶ କରୁଛନ୍ତି। ଖାଲି ସେତିକି ନୁହେଁ ବ୍ୟାପାର ବାଣିଜ୍ୟରେ ମଧ୍ୟ ବହୁ କ୍ଷତି ସହିବାକୁ ପଡ଼ିବ। ଗ୍ରାହକମାନଙ୍କୁ ନେଇ ହିଁ ବ୍ୟାପାର। ଯଦି ଗ୍ରାହକମାନେ ଏହାକୁ କିଣିବାକୁ ବିମୁଖ ହେବେ ତେବେ କାଚର ବିରାଟ ବିରାଟ ମହଲ ଭଳି ଦୋକାନ କରିଥିବା ସୁନା, ରୁପା ବ୍ୟବସାୟୀମାନେ ମାନ୍ଦା ଅବସ୍ଥାର ସମ୍ମୁଖୀନ ହେବେ। ସେହି ବ୍ୟବସାୟରେ କାର୍ଯ୍ୟରତ କାରିଗର, କର୍ମଚାରୀମାନଙ୍କ ଜୀବିକା ମଧ୍ୟ ପ୍ରଭାବିତ ହେବ। କୁଳବେଉସା ବୁଡିଯିବ। ମୋଟାମୋଟି ଭାବେ କହିବାକୁ ଗଲେ ଅର୍ଥ ବ୍ୟବସ୍ଥା ଓ ଜୀବନ ଜୀବିକାର ଗୋଟେ ସମୀକରଣ ବିଗିଡିଯିବାର ସମ୍ଭାବନା ରହିଛି । ତେଣୁ ଏକ ବିକଳ୍ପ ପନ୍ଥା ଚିନ୍ତାଶୀଳ ବୁଦ୍ଧିଜୀବୀମାନଙ୍କଠାରୁ ଏକାନ୍ତ କାମ୍ୟ । ଯାହାକି ସମସ୍ତଙ୍କ ହିତାର୍ଥେ ହୋଇପାରିବ।

ମୋ:୮୭୬୩୮୩୯୭୪୨

ଏଇ ଭାରତରେ

ପରିସଂସ୍ଥାର ସୁରକ୍ଷା ପାଇଁ ସିକିମ୍‌ର ଏକ ଛୋଟ ଗାଁ ଲାଚେନ ନେଇଥିବା ପଦକ୍ଷେପ ଉଦାହରଣ ସୃଷ୍ଟି କରିଛି। ଗ୍ଲେସିୟରରୁ ଉଦ୍ଭବ ଗୁରୁଡୋଙ୍ଗମାର ହ୍ରଦର ପ୍ରବେଶ ପଥରେ ରହିଛି ଏହି ଗାଁ। ପ୍ଲାଷ୍ଟିକ ବର୍ଜ୍ୟ ହ୍ରଦ ଓ ତାହାର ପାରିପାର୍ଶ୍ୱିକ ପରିବେଶକୁ କ୍ଷତି କରୁଥିବାରୁ ସେଠାରେ ଲାଚେନ ଗ୍ରାମବାସୀ ଏହାକୁ ନିଷେଧ କରିଛନ୍ତି। ପଦକ୍ଷେପ ସ୍ୱରୂପ ହ୍ରଦକୁ ଆସୁଥିବା ପର୍ଯ୍ୟଟକଙ୍କ ଗାଡ଼ିକୁ ଗ୍ରାମବାସୀ ଯାଞ୍ଚ କରୁଛନ୍ତି ଏବଂ ସେମାନଙ୍କୁ ପ୍ଲାଷ୍ଟିକ ବୋତଲ ରଖିଦେବା ଲାଗି କହୁଛନ୍ତି। ଏହା ବଦଳରେ ସେଠାରେ ମିଳୁଥିବା ବାଉଁଶ ତିଆରି ବୋତଲରେ ପାଣି ନେବାର ସୁବିଧା କରାଯାଇଛି। ଯେଉଁମାନେ ପ୍ଲାଷ୍ଟିକ ବୋତଲ ଗ୍ରାମବାସୀଙ୍କୁ ଦେବା ଲାଗି ମନା କରୁଛନ୍ତି ସେମାନଙ୍କୁ ହ୍ରଦ ଅଞ୍ଚଳକୁ ଛଡ଼ାଯାଉନାହିଁ। ଗ୍ରାମବାସୀଙ୍କର ଏଭଳି ସମ୍ମିଳିତ ଉଦ୍ୟମ ଯୋଗୁ ଗୁରୁଡୋଙ୍ଗମାର ହ୍ରଦର ପରିବେଶ ଏବେ ସମ୍ପୂର୍ଣ୍ଣ ପ୍ଲାଷ୍ଟିକମୁକ୍ତ ହୋଇପାରିଛି। ଏଥିରେ ସେଠାକାର ଦୋକାନୀ ଓ ହୋଟେଲ ବ୍ୟବସାୟୀଙ୍କର ସକ୍ରିୟ ସହଯୋଗ ମଧ୍ୟ ରହିଛି ।

୫୦ ବର୍ଷ ତଳର ଧରିତ୍ରୀ

୩୧ ମାର୍ଚ୍ଚ ୧୯୭୭

- ବରଗଡ଼ର କଂଗ୍ରେସ ଏମ୍ଏଲ୍ଏ ଭରତ ଚନ୍ଦ୍ର ହୋତାଙ୍କ କଂଗ୍ରେସ ଦଳରୁ ଇସ୍ତଫା ପ୍ରଦାନ।
- ପୂର୍ବତନ କେନ୍ଦ୍ର ରେଲ୍‌ୱେ ମନ୍ତ୍ରୀ କମଳା ପତି ତ୍ରିପାଠୀ ରାଜ୍ୟସଭାରେ ବିରୋଧୀ ଦଳର ନେତା ମନୋନୀତ।
- କଂଗ୍ରେସ ଦଳର ରାଜ୍ୟସଭା ସଭ୍ୟ ରାମନିବାସ ମିର୍ଦ୍ଧା ସର୍ବସମ୍ମତି କ୍ରମେ ରାଜ୍ୟସଭାର ଉପାଧ୍ୟକ୍ଷ ନିର୍ବାଚିତ।

ଚିରନ୍ତନୀ

କେଉଁ ଦେଶେ ଲୁଚି ରହେ
ସନ୍ଧାନ ନାହିଁ ଯେ
ଦିନ ଯାଏ ଅନ୍ତର ପରାସେ
ମଧୁମାସ ପରଶରେ
ବଢ଼େ ମମ ପରାସ
ମୁହୁର୍ମୁହୁଃ ନିଃଶ୍ୱାସ ଛାଡ଼ଇ ।
–(ଜୀବନ–ଦୋଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ

ପଞ୍ଚାୟତସ୍ତରରେ ଭିନ୍ନକ୍ଷମ ସାର୍ଟିଫିକେଟ ଦିଆଯାଉ

ମହାଶୟ,

ସକାରାତ୍ମକ ମନୋଭାବ ଅଭାବରୁ ସରକାରୀ ଚାକିରିରେ ନିଯୁକ୍ତି ଓ ଭିନ୍ନକ୍ଷମ ଭତ୍ତା ପାଇବା କ୍ଷେତ୍ରରେ ଅନେକ ଭିନ୍ନକ୍ଷମ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ସରକାରଙ୍କ ବହୁ ସାମାଜିକ ସୁରକ୍ଷା ଯୋଜନାର ଲାଭରୁ ସେମାନେ ବଞ୍ଚିତ ହେଉଛନ୍ତି। ପ୍ରଚଳିତ ଆଇନ ବ୍ୟବସ୍ଥା ଅନୁଯାୟୀ ସରକାରୀ ଚାକିରି ଓ ଭତ୍ତା ଆଦି ପାଇଁ ଶାରୀରିକ ଭିନ୍ନକ୍ଷମ ପ୍ରମାଣପତ୍ର ବାଧ୍ୟତାମୂଳକ। ଜିଲା ମୁଖ୍ୟଚିକିତ୍ସାଳୟ ଓ ସରକାରୀ ମେଡିକାଲ କଲେଜଗୁଡ଼ିକ ଏହି ପ୍ରମାଣପତ୍ର ଦେବା ପାଇଁ କ୍ଷମତାପ୍ରାପ୍ତ। ଏଥିଲାଗି ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନଙ୍କୁ ନେଇ ଗଠିତ କମିଟି ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆବେଦନ କରିଥିବା ବ୍ୟକ୍ତିମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ପରେ ପ୍ରମାଣପତ୍ର ଦିଆଯାଇଥାଏ। ଅଭିଯୋଗ ହେଉଛି ଯେ ଜିଲା ମୁଖ୍ୟ ଡାକ୍ତରଖାନାଠାରୁ ଦୂରଦୂରାନ୍ତରେ ରହୁଥିବା ଅନେକ ଶାରୀରିକ ଭିନ୍ନକ୍ଷମ ସଚେତନତାର ଅଭାବ ଓ ଆର୍ଥିକ ଦୁରବସ୍ଥା ଯୋଗୁ ବହୁ ଶାରୀରିକ ଭିନ୍ନକ୍ଷମ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିବା ସମ୍ଭବପର ହେଉନାହିଁ। ଏମାନଙ୍କ ଲାଗି ଯଦି ପଞ୍ଚାୟତ ସ୍ତରରେ ଆବେଦନ ଗ୍ରହଣ କରିବା ସହିତ ବିଶେଷଜ୍ଞ ଡାକ୍ତରମାନଙ୍କୁ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶିବିରମାନ କରିପାରନ୍ତେ ; ଫଳରେ ଏମାନେ ପଞ୍ଚାୟତ କିମ୍ବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରସ୍ତରରେ ସହଜରେ ଭିନ୍ନକ୍ଷମ ସାର୍ଟିଫିକେଟ ପାଇବା ସହିତ ସେହିଠାରେ ମଧ୍ୟ ଭତ୍ତା ପାଇଁ ଆବେଦନ କରିପାରନ୍ତେ। ଏଭଳି କରାଯାଉ ନ ଥିବାରୁ ଅନେକ ଯୋଗ୍ୟ ଶାରୀରିକ ଭିନ୍ନକ୍ଷମମାନେ ଭତ୍ତା ପାଇବାରୁ ବଞ୍ଚିତ ହେଉଥିବାବେଳେ ବହୁ ନକଲି ଭିନ୍ନକ୍ଷମ ଭତ୍ତା ହାତେଇ ନେଉଛନ୍ତି।

–ଶ୍ୟାମ ସୁନ୍ଦର ସାମଲ,
ବିଡ଼ାନାସୀ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଶାଶୁଙ୍କୁ ପନିକିରେ ହାଣିଲେ ବୋହୂ

ଉଦଳା,୩୦।୩(ସନ୍ତୋଷ କୁମାର ବାଛିନୀ): ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ବୋହୂ ପନିକିରେ ହାଣି ଶାଶୁଙ୍କୁ ଗୁରୁତର କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ମୟୂରଭଞ୍ଜ ଜିଲା ଉଦଳା ଥାନା ତଥା ଏନ୍‌ଏସି ଅଧୀନ ୬ନଂ. ୱାର୍ଡରେ ସୋମବାର ଏଭଳି ଅଭାବନୀୟ ଘଟଣା ଘଟିଛି। ଗ୍ରାମବାସୀ ଗୁରୁତର ଅବସ୍ଥାରେ ଶାଶୁ ସାବିତ୍ରୀ ଦତ୍ତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ପୋଲିସ ବୋହୂ ମାମି ଦତ୍ତଙ୍କୁ ଥାନାରେ ଅଟକ ରଖିଛି।

ତାତି ବଢ଼ିଲା, ୪୧.୮ ଡିଗ୍ରୀରେ ଟିଟିଲାଗଡ଼

ଭୁବନେଶ୍ୱର,୩୦।୩(ବନ୍ଦନା ସେଠୀ)

ରାଜ୍ୟରେ କାଳବୈଶାଖୀ ବର୍ଷା ଜାରି ରହିଥିଲେ ମଧ ଖରାତାତି ବଢ଼ି ଚାଲିଛି। ସୋମବାର ତାପମାତ୍ରା ୪୧ ଡିଗ୍ରୀ ଟପିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ସର୍ବାଧିକ ତାପମାତ୍ରା ୪୧.୮ଡିଗ୍ରୀ ସହ ଟିଟିଲାଗଡ଼ ସବୁଠୁ ଉତ୍ତପ୍ତ ସହର ପାଲଟିଛି। ୫ଦିନ ଯାଏ କାଳବୈଶାଖୀ ସହ ବର୍ଷା ଲାଗି ରହିବ। ବିଭିନ୍ନ ସ୍ଥାନରେ ବର୍ଷା ବିଜୁଳି ଘଡ଼ଘଡ଼ି ସହିତ ଝଟକା ପବନ ବହିବ। ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଢେଙ୍କାନାଳ, ସୁନ୍ଦରଗଡ଼, କଳାହାଣ୍ଡି, ନବରଙ୍ଗପୁର, କନ୍ଧମାଳ, କୋରାପୁଟ, ମାଲକାନଗିରି ଏବଂ ରାୟଗଡ଼ା ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି।

ଅସାଧୁ ବେପାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଅ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୩(ସୁନିତ୍ ମିଶ୍ର)

ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ଯେପରି ବାଧାପ୍ରାପ୍ତ ନ ହେବ ସେଥିଲାଗି ଜିଲାସ୍ତରୀୟ ଏନଫୋର୍ସମେଣ୍ଟ ସ୍କ୍ୱାଡ୍‌କୁ ୨୪ ଘଣ୍ଟିଆ ଆକ୍ସନ ମୋଡ୍‌ରେ ରହିବାକୁ ନିର୍ଦ୍ଦେଶ ଦିଅ। ଜିଲାସ୍ତରରେ କଳାବଜାର ରୋକିବା ଲାଗି କେଉଁ ପଦକ୍ଷେପ ନିଆଯାଉଛି। କଳାବଜାରୀ ବା ବେଆଇନ ମହଜୁଦକାରୀଙ୍କ ଦରଦାମ୍ ବୃଦ୍ଧି ପ୍ରତି ଜିଲାପାଳମାନେ ନିୟମିତ ଭାବେ ବିଭିନ୍ନ ମାର୍କେଟର ସ୍ଥିତି ଅନୁଧ୍ୟାନ କରି ସେମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି।

ଯୁଦ୍ଧ ସଙ୍କଟ ପରିପ୍ରେକ୍ଷୀରେ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ଜିଲାପାଳମାନଙ୍କ ସହିତ ଆଭାସୀ ମାଧ୍ୟମରେ ଆଲୋଚନା କରିଛନ୍ତି। ଗୁଜବ ଓ ଭୟର ବାତାବରଣ ସୃଷ୍ଟି କରୁଥିବା ଲୋକଙ୍କ ବିରୋଧରେ ଦୃଢ ପଦକ୍ଷେପ ନିଅ। ବିଶେଷକରି ସାମାଜିକ ଗଣମାଧ୍ୟମ ଉପରେ ସ୍ୱତନ୍ତ୍ର ଧ୍ୟାନ ରଖିବା ଜରୁରୀ। ଉଭୟ ରାଜ୍ୟ ଓ ଜିଲା ସ୍ତରରେ କ୍ରାଇସିସ୍ ମ୍ୟାନେଜମେଣ୍ଟ ଗ୍ରୁପ୍ ଗଠନ କରାଯାଇଛି। ଉପଯୁକ୍ତ ସମନ୍ୱୟ ରଖି ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଯେପରି ନିୟମିତ ଭାବେ ଉପଲବ୍ଧ ହେବ, ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ପଦକ୍ଷେପ ସମ୍ପର୍କରେ ଉପସ୍ଥାପନା ରଖିଛନ୍ତି।

ଏସ୍‌ସିବି ଘଟଣା: ମିଳିତ ବିରୋଧୀଙ୍କ ଗଣଧାରଣା

ଭୁବନେଶ୍ୱର,୩୦।୩(ସୁନିତ୍ ମିଶ୍ର)

କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ଟ୍ରମା କେୟାର ଆଇସିୟୁରେ ଘଟିଥିବା ଅଗ୍ନିକାଣ୍ଡରେ ୧୩ ରୋଗୀଙ୍କ ମୃତ୍ୟୁ ଘଟଣାକୁ ନେଇ ମିଳିତ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଗଣଧାରଣା ଦିଆଯାଇଥିଲା। ଗଣଧାରଣାରେ ବିଜେଡି, କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍-ଏଲ୍) ଲିବରେଶନ, ଫରୱାର୍ଡ ବ୍ଲକ, ଏନ୍‌ସିପି, ଆର୍‌ଜେଡି, ସମତାକ୍ରାନ୍ତି ଦଳ ଓ ସମାଜବାଦୀ ପାର୍ଟି ପ୍ରମୁଖ ୧୦ ବିରୋଧୀ ନେତା ଓ କର୍ମୀ ଅଂଶ ଗ୍ରହଣ କରିଛନ୍ତି। ସଭାରେ ଜଣଙ୍କ ପରେ ଜଣେ ବିରୋଧୀ ନେତା କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିବା ସହିତ ରାଜ୍ୟର ସ୍ୱାସ୍ଥ୍ୟ କ୍ଷେତ୍ରକୁ ନେଇ ଟାର୍ଗେଟ କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା କିମ୍ବା ମନ୍ତ୍ରିମଣ୍ଡଳରୁ ବହିଷ୍କାର, ପ୍ରତ୍ୟେକ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କାର କ୍ଷତିପୂରଣ ଓ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି, ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ଅଧ୍ୟକ୍ଷତାରେ ନ୍ୟାୟିକ ତଦନ୍ତ ଏବଂ ତୁରନ୍ତ ରିପୋର୍ଟ ପ୍ରକାଶ କରିବାକୁ ବିରୋଧୀ ଦଳ ନେତାମାନେ ଦାବି କରିଛନ୍ତି। ଏହି ଅବସରରେ ବିଧାୟକ ଅରୁଣ କୁମାର ସାହୁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା, ଅତନୁସବ୍ୟସାଚୀ ନାଏକ, ଦେବାଶିଷ ପଟ୍ଟନାୟକ, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଗୌତମ ବୁଦ୍ଧ ଦାସ, ଗଣେଶ୍ୱର ବେହେରା, ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର, ପଞ୍ଚାନନ କାନୁନଗୋ, ମେୟର ସୁଲୋଚନା ଦାସ, ବିଧାୟକ ସୁଶାନ୍ତ କୁମାର ରାଉତ, ତାରା ପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା, ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପ୍ରଶାନ୍ତ ମିଶ୍ର, ସୁରେଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

୨୩୦ ସରକାରୀ ଅଧିକାରୀଙ୍କ ବିରୋଧରେ ଦୁର୍ନୀତି ମାମଲା

ଭୁବନେଶ୍ୱର,୩୦।୩(ସୁନିତ୍ ମିଶ୍ର)

୧ ଏପ୍ରିଲ ୨୦୨୫ରୁ ୧୩ ମାର୍ଚ୍ଚ ୨୦୨୬ ମଧ୍ୟରେ ରାଜ୍ୟରେ ୨୩୦ ସରକାରୀ ଅଧିକାରୀ ଏବଂ କର୍ମଚାରୀଙ୍କ ବିରୋଧରେ ଦୁର୍ନୀତି ମାମଲା ରୁଜୁ କରାଯାଇଛି। ସେମାନଙ୍କ ମଧ୍ୟରେ ୫୨ ପ୍ରଥମ ଏବଂ ୪୧ ଦ୍ୱିତୀୟ ଶ୍ରେଣୀ ଅଧିକାରୀ ଅଛନ୍ତି। ବିଧାୟକ ବିଜୟ କୁମାର ଦଳବେହେରାଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଏହି ସମୟ ମଧ୍ୟରେ ୨୦୬ଟି ମାମଲାର ବିଚାର ଶେଷ ହୋଇଛି। ସେଥିରୁ ୧୦୨ ଅଧିକାରୀ/କର୍ମଚାରୀଙ୍କୁ ଦୋଷୀସାବ୍ୟସ୍ତ କରାଯାଇଛି। ୨୩ ସରକାରୀ ଅଧିକାରୀ ବା କର୍ମଚାରୀ ଚାକିରିରୁ ବହିଷ୍କୃତ ହୋଇଛନ୍ତି।

୧୨୮୬ ସରକାରୀ କର୍ମଚାରୀ ଆକ୍ରମଣର ସମ୍ମୁଖୀନ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୩(ରବିନାରାୟଣ ଜେନା)

ରାଜ୍ୟରେ ଗତ ଦୁଇବର୍ଷ ମଧ୍ୟରେ ୧୨୮୬ଜଣ ସରକାରୀ କର୍ମଚାରୀ ଆକ୍ରମଣର ସମ୍ମୁଖୀନ ହୋଇଛନ୍ତି। ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଗୃହକୁ ଦେଇଥିବା ଉତ୍ତର ଅନୁଯାୟୀ, ୨୦୨୪-୨୫ ଏବଂ ୨୦୨୫-୨୬ ବର୍ଷରେ ରାଜ୍ୟର ବିଭିନ୍ନ ଜିଲାର ବିଭିନ୍ନ ସ୍ଥାନରେ ୧୨୮୬ ସରକାରୀ କର୍ମଚାରୀ ଆକ୍ରମଣ ଓ ଦୁର୍ବ୍ୟବହାରର ସମ୍ମୁଖୀନ ହୋଇଛନ୍ତି। ସେଥି ମଧ୍ୟରେ ବାଲେଶ୍ୱରରେ ସର୍ବାଧିକ ୧୫୭ ସରକାରୀ କର୍ମଚାରୀ ରହିଥିବାବେଳେ ବୌଦ୍ଧରେ ସର୍ବନିମ୍ନ ୨ଜଣ କର୍ମଚାରୀ ରହିଛନ୍ତି।

ଦୁବେ: ୩ ଦଳର ଭର୍ତ୍ସନା

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ସହ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ।

ଭୁବନେଶ୍ୱର,୩୦।୩(ରବିନାରାୟଣ ଜେନା)

ବିଜୁବାବୁଙ୍କ ଉପରେ ଭାଜପା ଏମ୍‌ପି ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇ ଉଠିଛି। ବିଜେଡି ଦୁବେଙ୍କ କୁଶପୁତ୍ତଳିକା ଦାହ କରିଛି। ବିଜେଡି, କଂଗ୍ରେସ ଏବଂ ସିପିଆଇ(ଏମ୍) ପକ୍ଷରୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟିଙ୍କୁ ୬ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଭାଜପା ବିଧାୟକ ବାବୁ ସିଂ ମଧ୍ୟ ଦୁବେଙ୍କ ମନ୍ତବ୍ୟକୁ ନିନ୍ଦା କରିଛନ୍ତି।

ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ନିନ୍ଦା କରିବା ସହିତ ଦେଶବାସୀଙ୍କ ପାଖରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବାକୁ ଦାବି କରିଛନ୍ତି। ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଦୁବେଙ୍କ ମନ୍ତବ୍ୟ ବିଜୁବାବୁଙ୍କ ସମ୍ମାନ ଓ ପ୍ରତିଷ୍ଠା କ୍ଷୁଣ୍ଣ କରୁଥିବାବେଳେ ଦେଶବ୍ୟାପୀ ଏହାର ବିରୋଧରେ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଏହାକୁ ନେଇ ବିଜୁ ଲିଗାସୀ ଦ୍ୱାହି ଦେଇ ରାଜନୀତି କରୁଥିବା ଦିଲୀପ ରାୟ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି। ଏହି ଅବସରରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଏବଂ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁଙ୍କ ନେତୃତ୍ୱରେ ଶତାଧିକ ଯୁବ ଛାତ୍ର ଜନତା ଦଳର କାର୍ଯ୍ୟକର୍ତ୍ତା ମାଷ୍ଟରକ୍ୟାଣ୍ଟିନ ଛକଠାରେ ଭାଜପା ସାଂସଦ ଦୁବେଙ୍କ କୁଶପୁତ୍ତଳିକା ଦାହ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ଯେଉଁମାନେ ସଂସଦକୁ ଯାଉଛନ୍ତି ସେମାନେ ଦେଶର ଇତିହାସ ଜାଣିବା କଥା। ଦୁବେଙ୍କ ମନ୍ତବ୍ୟରୁ ଜଣାପଡୁଛି, ସେ ଜଣେ ନେତା ହେବାକୁ ଯୋଗ୍ୟ ନୁହନ୍ତି। ବାବୁ ସିଂ କହିଛନ୍ତି, ବିଜୁ ବାବୁ ଜଣେ ରାଜନୈତିକ ବ୍ୟକ୍ତି ନୁହନ୍ତି, ସେ ଏହି ମାଟିର ଓ ରାଷ୍ଟ୍ରର ସମ୍ପତ୍ତି। ତାଙ୍କ ମୃତ୍ୟୁ ସମୟରେ ୩ ଦେଶର ଜାତୀୟ ପତାକା ଘୋଡ଼ା ଯାଇଥିଲା। ସେ ଆଜି ମଧ୍ୟ ଓଡ଼ିଶାବାସୀଙ୍କ ହୃଦୟରେ ରହିଛନ୍ତି। ତାଙ୍କ ପ୍ରତି ଅରୁଚିକର ମନ୍ତବ୍ୟ ଦେବା ପାହାଡ଼ ଉପରକୁ ଟେକା ପକାଇବା ସହିତ ସମାନ। କେହି ଚାହିଁଲେ ବିଜୁବାବୁଙ୍କ ସ୍ଥାନ ନେଇପାରିବେନାହିଁବୋଲିସେକହିଛନ୍ତି।

କେନ୍ଦୁଝର ପୌରପାଳିକା ଉପାଧ୍ୟକ୍ଷ, ୯ କାଉନସିଲର ପଦ୍ମ ଧରିଲେ

ଭୁବନେଶ୍ୱର,୩୦।୩(ସୁନିତ୍ ମିଶ୍ର)

ସୁନାର କେନ୍ଦୁଝର ଗଢ଼ିତୋଳିବା ମୂଳ ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ

କେନ୍ଦୁଝର ପୌରପାଳିକା ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ ବିଜେଡି ଛାଡ଼ି ସୋମବାର ଭାଜପାରେ ଯୋଗ ଦେଇଛନ୍ତି। ସେହିପରି କେନ୍ଦୁଝର ପୌରପାଳିକାର ୧ ନମ୍ବର ୱାର୍ଡ କାଉନସିଲର ଶରତ କୁମାର ସାହୁ, ୭ ନମ୍ବର ୱାର୍ଡ କାଉନସିଲର ଅଭିନାଶ ମିଶ୍ର, ୮ ନମ୍ବର ୱାର୍ଡ କାଉନସିଲର ଦୟାନିଧି ପାତ୍ର, ୧୦ ନମ୍ବର ୱାର୍ଡ କାଉନସିଲର ପଦ୍ମିନୀ ପାତ୍ର, ୧୨ ନମ୍ବର ୱାର୍ଡ କାଉନସିଲର କରୁଣାକର ମାରାଣ୍ଡି, ୧୫ ନମ୍ବର ୱାର୍ଡର କାଉନସିଲର ଭଗବାନ ନାଏକ, ୧୬ ନମ୍ବର ୱାର୍ଡର କାଉନସିଲର ସବିତା ପଟ୍ଟନାୟକ ଏବଂ ୨୧ ନମ୍ବର ୱାର୍ଡ କାଉନସିଲର ହେମନ୍ତ କୁମାର ପଣ୍ଡିତ ସମେତ ବିଜେଡିର ଜିଲା ସାଧାରଣ ସମ୍ପାଦକ ଶୁଭେନ୍ଦୁ ପଟ୍ଟନାୟକଙ୍କ ଆନୁଷ୍ଠାନିକ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ପଦ୍ମ ଧରିଛନ୍ତି। ପାଟଣା ବିଧାୟକ ପ୍ରାର୍ଥୀ ଭବାନୀ ଶଙ୍କର ନାୟକ, ତେଲକୋଇରୁ ବିଧାୟକ ପ୍ରାର୍ଥୀ କୈଳାସ ନାଏକ ପ୍ରମୁଖଙ୍କୁ ଉତ୍ତରୀୟ ଓ ଦଳୀୟ ଟୋପି ପିନ୍ଧାଇ ମୁଖ୍ୟମନ୍ତ୍ରୀ ଭାଜପାକୁ ସ୍ୱାଗତ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୪ବର୍ଷର ବିଜେଡି ସରକାର କେବଳ କଥା କହୁଥିଲା। ବର୍ତ୍ତମାନ ଭାଜପାର ଡବଲ ଇଞ୍ଜିନ ସରକାର ବିକାଶ ପାଇଁ କାମ କରୁଛନ୍ତି। ବିକାଶ କାର୍ଯ୍ୟକୁ ଦେଖି ଗତ ରାଜ୍ୟ ସଭା ନିର୍ବାଚନରେ ଉଭୟ ବିଜେଡି ଏବଂ କଂଗ୍ରେସର ବହୁ ବିଧାୟକ ବିବେକାନୁମୋଦିତ ଭୋଟ୍ ଦେଇ ଆମ ପ୍ରାର୍ଥୀଙ୍କୁ ଜିତାଇଲେ। କେନ୍ଦୁଝର ଜିଲା ଲାଗି ଏକ ଐତିହାସିକ ଦିନ। ଖଣିଜ ସମ୍ପଦ ପରିପୂର୍ଣ୍ଣ ଜିଲାରେ ଅନେକ ଶିଳ୍ପ ପ୍ରତିଷ୍ଠା ହେବ। ସୁନାର କେନ୍ଦୁଝର ଗଢି ତୋଳିବା ହେଉଛି ତାଙ୍କ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମନମୋହନ କହିଛନ୍ତି, ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ଲକ୍ଷ୍ୟ ରଖିଛନ୍ତି ତାକୁ ପୂରଣ କରିବା ପାଇଁ ସମସ୍ତଙ୍କୁ ଏକତ୍ରିତ ହୋଇ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

୧୦ ବର୍ଷରେ ୨୯,୦୯୩ଟି ଏସ୍‌ସି/ଏସ୍‌ଟି ମାମଲା ପଞ୍ଜୀକୃତ

ଭୁବନେଶ୍ୱର,୩୦।୩(ସୁନିତ୍ ମିଶ୍ର)

୨୦୧୬ରୁ ୨୦୨୬ ଜାନୁଆରୀ ପର୍ଯ୍ୟନ୍ତ ଏସ୍‌ସି/ଏସ୍‌ଟି ନିର୍ଯାତନା ନିବାରଣ ଆଇନ ବଳରେ ୨୯,୦୯୩ ମାମଲା ପଞ୍ଜୀକୃତ ହେଇଛି। ସେଥିରୁ ୪,୯୭୨ଟି ମାମଲା ତଦନ୍ତ ପରେ ଅସତ୍ୟ ପ୍ରମାଣିତ ହୋଇଛି। ତଦନ୍ତ ପରେ ଅତ୍ୟାଚାର ମାମଲା ଅସତ୍ୟ ପ୍ରମାଣିତ ହେବାପରେ ପୋଲିସ କୌଣସି ଆର୍ଥିକ ଜରିମାନା ଲାଗୁ ହୁଏ ନାହିଁ। ମାତ୍ର ଭାରତୀୟ ନ୍ୟାୟ ସଂହିତାର ଧାରା ୨୨୭ ଏବଂ ଧାରା ୨୪୭ ଅନୁଯାୟୀ ମିଥ୍ୟା ଅଭିଯୋଗକାରୀଙ୍କୁ ଦଣ୍ଡ ବିଧାନ କରାଯାଇଥାଏ ବୋଲି ବିଧାୟକ ତାରା ପ୍ରସାଦ ବାହିନୀପତି ପଚାରିଥିବା ଏକ ପ୍ରଶ୍ନର ଉତ୍ତରରୁ ଜଣାପଡ଼ିଛି।

ନିଲମ୍ବିତ ୬ ସଦସ୍ୟଙ୍କୁ ଅଲଗା ଆସନ ଦିଆଯାଉ: ବିଜେଡି

ଭୁବନେଶ୍ୱର,୩୦।୩(ରବିନାରାୟଣ ଜେନା)

ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ନିଲମ୍ବିତ ୬ ସଦସ୍ୟଙ୍କ ବିରୋଧରେ ପୁଣି ଥରେ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଜେଡି ପକ୍ଷରୁ ମାର୍ଚ୍ଚ ୨୮ରେ ବାଚସ୍ପତି ସୁରମା ପାଢ଼ୀଙ୍କୁ ଏକ ପତ୍ର ଲେଖି ନିଲମ୍ବିତ ୬ ସଦସ୍ୟଙ୍କୁ ପୃଥକ ଭାବେ ଗୃହରେ ବସାଇବାକୁ ଅନୁରୋଧ କରାଯାଇଛି।

ବିରୋଧୀ ଦଳ ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ ପ୍ରଦାନ କରିଥିବା ଚିଠିରେ ଦର୍ଶାଇଛନ୍ତି, ରାଜ୍ୟ ସଭା ନିର୍ବାଚନ ବେଳେ ଦଳ ବିରୋଧୀ କାର୍ଯ୍ୟ ପାଇଁ ମାର୍ଚ୍ଚ ୨୧ରେ ୬ଜଣ ସଦସ୍ୟଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ସେମାନେ ଏବେ ଦଳ ପାଇଁ ସମ୍ପୂର୍ଣ୍ଣ ଭାବେ ଅସଂଲଗ୍ନ ସଦସ୍ୟ(ଅନ୍‌ଆଟାଚ୍ଡ ମେମ୍ବର)। ତେଣୁ ସେମାନଙ୍କ ପାଇଁ ପୃଥକ ଆସନ ବ୍ୟବସ୍ଥା କରାଯାଉ ବୋଲି ପ୍ରମିଳା ଅନୁରୋଧ କରିଛନ୍ତି।

ସବୁ ଗାଁକୁ ପହଞ୍ଚିନି ମୋବାଇଲ ସୁବିଧା

ଭୁବନେଶ୍ୱର,୩୦।୩(ସୁନିତ୍ ମିଶ୍ର)

ରାଜ୍ୟର ସବୁ ଗାଁକୁ ଏପର୍ଯ୍ୟନ୍ତ ମୋବାଇଲ ସେବା ଉପଲବ୍ଧ କରାଯାଇପାରି ନାହିଁ। ଭାରତ କିଛିବର୍ଷ ମଧ୍ୟରେ ବିଶ୍ୱରେ ନିଜକୁ ବିଶ୍ୱଗୁରୁ କରିପାରିବ ବୋଲି ଗୋଟିଏ ବାର୍ତ୍ତା ବାରମ୍ବାର ଦିଆଯାଉଥିଲେ ମଧ୍ୟ ଓଡ଼ିଶାର ସବୁ ଗାଁରେ ଏପର୍ଯ୍ୟନ୍ତ ମୋବାଇଲ ସୁବିଧା ପହଞ୍ଚିପାରି ନ ଥିବା ଭିନ୍ନ ଦିଗକୁ ଦେଖାଉଛି। ବିଧାନସଭାରେ ବିଧାୟକ ସାରଦା ପ୍ରସନ୍ନ ଜେନାଙ୍କ ଏକ ପ୍ରଶ୍ନର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ଭାରତ ସରକାରଙ୍କ ଦୂରସଞ୍ଚାର ବିଭାଗ ପକ୍ଷରୁ ପ୍ରାପ୍ତ ସୂଚନା ଅନୁଯାୟୀ, ଓଡ଼ିଶାର ମୋଟ୍ ୫୧,୧୭୬ଟି ଗ୍ରାମ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୪୯,୯୩୯ ଗ୍ରାମରେ ମୋବାଇଲ ସୁବିଧା ଉପଲବ୍ଧ ଅଛି। ଅବଶିଷ୍ଟ ୧,୨୩୭ଟି ଗ୍ରାମକୁ ଭାରତ ସରକାର ଡିଜିଟାଲ ଭାରତ ନିଧି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ମୋବାଇଲ ସେବା ଯୋଗାଇବା ନିମନ୍ତେ କାର୍ଯ୍ୟ ଚାଲୁରହିଛି। ଏହି କାର୍ଯ୍ୟ ଜୁନ୍ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। କେନ୍ଦ୍ର ସରକାରଙ୍କ ଡିଜିଟାଲ ଭାରତ ନିଧି ଯୋଜନାରେ ରାଜ୍ୟରେ ୩ଟି ପ୍ରକଳ୍ପ ଯଥା- ୪ଜି ସାଚୁରେଶନ, ଆସ୍ପିରେଶନାଲ ଏବଂ ଏଲ୍‌ଡବ୍ଲୁଇ-୨ ମାଧ୍ୟମରେ କାର୍ଯ୍ୟ ଚାଲୁଅଛି। ବିଏସ୍‌ଏନ୍‌ଏଲ୍ ପକ୍ଷରୁ ୨୦୨୨ରୁ ୪ଜି ସାଚୁରେଶନ କାର୍ଯ୍ୟ ୧୪୭୭.୯୫ କୋଟି ଟଙ୍କା, ଆସ୍ପିରେଶନାଲ କାର୍ଯ୍ୟ ୧୬୫୬.୦୪ କୋଟି ଟଙ୍କାରେ ୨୦୨୨ରୁ ଏବଂ ଆର୍‌ଜିଓ ପକ୍ଷରୁ ୨୦୨୧ରୁ ୩୫୦.୯୪ କୋଟି ଟଙ୍କାରେ ୨୦୨୧ରୁ କାର୍ଯ୍ୟ ଚାଲିଛି।

ଧାନ କିଣା ଅବଧି ଏପ୍ରିଲ ୧୦କୁ ବୃଦ୍ଧି ହେଉ: କଂଗ୍ରେସ

ଭୁବନେଶ୍ୱର,୩୦।୩(ରବିନାରାୟଣ ଜେନା)

ରାଜ୍ୟରେ ଲକ୍ଷାଧିକ ଚାଷୀ ଚଳିତବର୍ଷ ଖରିଫଋତୁରେ ସରକାରଙ୍କ ଧାର୍ଯ୍ୟ ସମୟସୀମା ମଧ୍ୟରେ ଧାନ ବିକ୍ରି କରିପାରି ନାହାନ୍ତି। ତେଣୁ ଏହାର ଅବଧିକୁ ଏପ୍ରିଲ ୨ ପରିବର୍ତ୍ତେ ୧୦ ତାରିଖ ଯାଏ ବଢ଼ାଇବାକୁ ରାଜ୍ୟ କଂଗ୍ରେସ କମିଟିର ସମବାୟ ପ୍ରକୋଷ୍ଠ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ଦାବି କରିଛନ୍ତି। ସେ କହିଛନ୍ତି, ୨୦୨୫ ଖରିଫରେ ଉତ୍ପାଦିତ ବଳକା ଧାନର ପରିମାଣ ପ୍ରାୟ ୧୧୦ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଊର୍ଦ୍ଧ୍ୱ ହେବ। ଏବେ ବି ଲକ୍ଷାଧିକ ଚାଷୀଙ୍କ ପାଖରେ ଲକ୍ଷାଧିକ ଟନ୍ ଧାନ ଗଚ୍ଛିତ ରହିଛି। ଏହାକୁ ଦୃଷ୍ଟିରେ ରଖି ସରକାର ଧାନ ସଂଗ୍ରହ ଅବଧି ଏପ୍ରିଲ ୧୦କୁ ବଢ଼ାନ୍ତୁ ବୋଲି ସେ ଦାବି କରିଛନ୍ତି।

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ
ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ

ସାଧାରଣ ସୂଚନା

ଏଥିସହିତ ଜନସାଧାରଣଙ୍କୁ ଅବଗତ କରାଯାଉଛି ଯେ ପୁରୀ ଜିଲ୍ଲାର ୨୧.୦୦୦ କିଲୋମିଟର ଦୂର ପିପିଲିରେ ଟୋଲ୍ ପ୍ଲାଜା ଭୁବନେଶ୍ୱର-ପୁରୀ ସେକ୍ସନ ପାଇଁ ୦.୦୦୦ କିଲୋମିଟର ରୁ ୬୭.୨୩୮ କିଲୋମିଟର ଦୂର ଓଡ଼ିଶା ରାଜ୍ୟର NH-୩୧୬ (ପୁରୁଣା NH-୨୦୩) ପର୍ଯ୍ୟନ୍ତ ଉପଭୋକ୍ତା ଶୁଳ୍କ ହାର ୦୧.୦୪.୨୦୨୬ (୦୦:୦୦ ଘଣ୍ଟା) ଠାରୁ ୩୧.୦୩.୨୦୨୭ ପର୍ଯ୍ୟନ୍ତ ସଂଶୋଧନ କରାଯିବ:

ଯାନବାହାନର ବର୍ଗ	ଏକକ ଯାତ୍ରା ପାଇଁ ଶୁଳ୍କ (ଟଙ୍କା)	ଗୋଟିଏ ଦିନ ମଧ୍ୟରେ ଫେରିବା ଯାତ୍ରା ପାଇଁ ଦେୟ (ଟଙ୍କା)	୫୦ ମାସ ମଧ୍ୟରେ ଯାତ୍ରା ପାଇଁଶୁଳ୍କ (ଟଙ୍କା) ମାସିକ ପାସ୍ ଯାତ୍ରା ପାଇଁ ଶୁଳ୍କ
କାର, ଜିପ୍, ଭ୍ୟାନ୍ କିମ୍ବା ହାଲୁକା ମୋଟର ଯାନ	୧୪୦	୨୧୫	୪୭୪୦
ହାଲୁକା ବାଣିଜ୍ୟିକ ଯାନ, ହାଲୁକା ସାମଗ୍ରୀ ଯାନ କିମ୍ବା ମିନି ବସ୍	୨୨୦	୩୩୫	୭୪୦୦
ବସ୍ କିମ୍ବା ଟ୍ରକ୍	୪୫୫	୬୮୦	୧୫୦୯୫
ଭାରୀ ନିର୍ମାଣ ଯନ୍ତ୍ରପାତି (HCM) କିମ୍ବା ପୃଥିବୀ ସ୍ଥାନାନ୍ତର ଉପକରଣ (EME) କିମ୍ବା ମଲ୍ଟି ଆକ୍ସଲ୍ ଯାନ (MAV) (ତିନିରୁ ଛଅ ଅକ୍ଷ)	୬୯୫	୧୦୪୦	୨୩୧୬୦
ବହୁ ଆକାରର ଯାନ (ସାତ କିମ୍ବା ଅଧିକ ଅକ୍ଷ)	୮୮୫	୧୩୨୫	୨୯୪୯୫

ଉପରୋକ୍ତ ଟୋଲ୍ ପ୍ଲାଜାରୁ 20 କିଲୋମିଟର ଦୂରତା ମଧ୍ୟରେ ରହୁଥିବା ସ୍ଥାନୀୟ ଅଣବାଣିଜ୍ୟିକ ଯାନବାହନ ପାଇଁ ପ୍ରଯୁଜ୍ୟ ମାସିକ ପାସ୍ ଦର 350 ଟଙ୍କା ଏବଂ "ବାର୍ଷିକ ପାସ୍" ଦର 3075 ଟଙ୍କା ଫି ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ସଂଶୋଧନ କରାଯିବ। PIU-ଭୁବନେଶ୍ୱର, NHAI, ଇମେଲ୍: bhu@nhai.org

Sd/-
ପ୍ରକଳ୍ପ ନିର୍ଦ୍ଦେଶକ

କେବଳ ରାସ୍ତା ନୁହେଁ, ଏକ ରାଷ୍ଟ୍ର ଗଠନ

ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ କେନାଲ ବିଭାଜନ ସଂଖ୍ୟା-୬
ଜଗତପୁର, କଟକ-୭୫୪୦୨୧

OFFICE OF THE SUPERINTENDING ENGINEER
RENGALI RIGHT CANAL DIVISION NO.VI
Jagatpur, Cuttack-754021
E-mail Id : eerrcd6jagatpur@gmail.com

Cancellation of Bid Identification No.SERRCDVI-04/2025-26

No.32001/264/2526 : The Bid Identification No.SERRCD-VI-04/2025-26 is hereby cancelled due to technical issue.

Sd./- Superintending Engineer
Rengali Right Canal Division No-VI

OIPR-32001/32527/1/25-26/0002

ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ପାନୀୟଜଳ ଯୋଗାଣ ଓ ପରିମଳ ମଣ୍ଡଳ, କୋରାପୁଟ

OFFICE OF THE ADDITIONAL CHIEF ENGINEER
RURAL WATER SUPPLY & SANITATION CIRCLE, KORAPUT
ଡି.ଏନ.କେ. ରୋଡ, ଦମକଳ ଷ୍ଟେସନ ପାଖ, କୋରାପୁଟ, ପିନ୍-୭୬୪୦୨୦
At-D.N.K. Road, Fire Station side, Koraput, Pin-764020, Email:acerwsskpt@gmail.com

1ST CORRIGENDUM TO TENDER CALL NOTICE NO.02/ACE/RWSS/KPT/2025-26/19.03.2026
CORRIGENDUM No.01 Date:26.3.2026

No.25001/375/2526: Due to some unavoidable circumstances, the following alternations have been made in the time schedules of this office **e-Procurement Notice No. 02/ACE/RWSS/KPT/2025-26/19.03.2026.**

Sl. No.	TENDER CALL NOTICE NO. 02/ ACE/RWSS/KPT/2025-26/19.03.2026	Rescheduled Date & Time
1	Availability of Bid document in the website	Dt.06.04.2026 at 17.00 hours to 17.04.2026 upto 17.00 hours.
2	Last Date of Seeking clarification	During the Office hours of 15.04.2026
3	Date of Opening of Bid	Dt.18.04.2026 at 11.00 AM

All other terms and conditions remain unaltered.

Sd./- Addl. Chief Engineer
RWS&S Circle, Koraput

OIPR-25001/25115/1/25-26/0004

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୩୩ **ବିଜ୍ଞାପନ** ତା:୧୭।୦୩।୨୦୨୬

No. 13001/827/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଫ୍ଲାଟ ନଂ. ବି-୧୦୬ (B-106), ବ୍ଲକ-୪(ରୂପା) ତୋଷାଳି ଆପାର୍ଟମେଣ୍ଟ ସ୍କିମ୍, ସତ୍ୟନଗର, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ୧. ମନୋରମା ମହାନ୍ତି, ସ୍ୱାମୀ: ୰ଅରୁଣ କୁମାର ମହାନ୍ତି, ୨. ସୋମାନି ମହାନ୍ତି, ୩. ସନ୍ଦୀପ ମହାନ୍ତି, ପିତା: ୰ଅରୁଣ କୁମାର ମହାନ୍ତି, ସା: ପ୍ଲଟ୍ ନଂ ୩୧, ସ୍ୱପ୍ନପୁରୀ, ପୋ: ପଟିଆ, ଥାନା: ଇନ୍‌ଫୋସିଟି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଉପରୋକ୍ତ ଆବଣ୍ଟନ ଗ୍ରହୀତାମାନେ ଉକ୍ତ ଗୃହ (ଫ୍ଲାଟ)ଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ସିଦ୍ଧାର୍ଥ ଗୋବିନ୍ଦ ମହାନ୍ତି, ପିତା: ତୁଷାର ରଞ୍ଜନ ମହାନ୍ତି, ସା: ଫ୍ଲାଟ ନଂ. ବି-୧୦୫, ବ୍ଲକ୍-୪ (ରୂପା), ତୋଷାଳି ଆପାର୍ଟମେଣ୍ଟ ସ୍କିମ୍, ସତ୍ୟନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହ(ଫ୍ଲାଟ)ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହ(ଫ୍ଲାଟ)ଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13001/13030/1/25-26/0122

ପୂର୍ବ ତଟ ରେଳପଥ
ବିଜ୍ଞପ୍ତି ସଂ. eT-West-WAT-07-2026
ତା.23.03.2026ରିଖ

କାର୍ଯ୍ୟର ନାମ : ୱାଲ୍ଟିୟର ମଣ୍ଡଳର KK-II ଲାଇନରେ ସିନିୟର ସେକ୍ସନ ଇଞ୍ଜିନିୟର (P.WAY)/ଜୟପୁର, ଜଗଦଲପୁର ଏବଂ ଦନ୍ତେୱାଡ଼ା ପରିସୀମା ଅଧୀନସ୍ଥ SL, UP ଏବଂ DN ଲାଇନରେ 20.00 କି.ମି. ଲମ୍ବ ନିମନ୍ତେ ନୂଆ ୱାଇଡ ବେସ୍‌ଡ PSC ସ୍ଲିପର ଦ୍ୱାରା ବର୍ତ୍ତମାନର PSC ସ୍ଲିପରର ଥ୍ରୁ ସ୍ଲିପର ନବୀକରଣ (ପ୍ରାଥମିକ)।

ବିଜ୍ଞାପିତ ମୂଲ୍ୟ : ₹ 9,01,96,385.89, EMD : ₹ 18,03,900/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 14.04.2026, 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ),
ୱାଲ୍ଟିୟର

PR-1277/Q/25-26

FAKIR MOHAN UNIVERSITY
Vyasa Vihar, Nuapadhi, Balasore, Odisha, PIN - 756089
No. FMU-DEV-405/2026/3253 Date: 30.03.2026

ADVERTISEMENT

Applications with biodata and all credentials are invited from the eminent persons or anybody knowing the eminent person having achievements in the field of Art/Literature/Science/Culture/Education/Sports/Social Service for selection of awardees for "ବ୍ୟାସଗୌରବ ସମ୍ମାନ – ୨୦୨୬" by Fakir Mohan University. The award shall be given to the eminent persons (One from Balasore District; one from Bhadrak District) on 11th July 2026 during celebration of 28th Foundation Day of the University. The guidelines of the award are available in the University website **http://www.fmuniversity.nic.in/**. The last date for receipt of applications through **Speed Post/Regd. Post** is on or before **25.05.2026 by 3.00 P.M.** The authority reserves right to cancel any/all the application(s) without assigning any reason thereof. Also the persons knowing anybody fulfilling the criteria may be recommended their names.

By order of the Vice-Chancellor
Sd./- Registrar

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2026-T-275

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ 02 ଲେଭଲ୍ କ୍ରସିଂ ଗେଟ୍ (RV-124 ଏବଂ LJ-19) ରେ ପୂର୍ବରୁ ଥିବା ଯାନ୍ତ୍ରିକ ଲିଫ୍ଟିଂ ବାରିୟର ସ୍ଥାନରେ ବୈଦ୍ୟୁତିକ ଲିଫ୍ଟିଂ ବାରିୟର ବ୍ୟବସ୍ଥା ସହିତ ସମ୍ବନ୍ଧୀୟ ବୈଦ୍ୟୁତିକ କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 4,47,199.42, EMD : ₹ 9,000.00, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ଛଅ (06) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.16.04.2026ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/
ସମ୍ବଲପୁର

PR-1282/Q/25-26

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE
Order No.2733 Date.26.03.26

Quotation Call Notice No. CCEEC-03/2025-26

No.34001/274/2526 : The Chief Construction Engineer, Eastern Circle (R&B), Balasore on behalf of the Governor of Odisha invites quotation in single cover (online mode) from the eligible reputed firms/agencies/ Proprietor for **the work: - "Arrangement of stage with all other allied services for District level Chitra Purba-2026 District level Chitra Parba-2026" to be held at Chhau Padia, Baripada from 11.04.2026 to 15.04.2026 (for 5 days).** The interested organizations can download in the e-procurement website i.e.: https://tendersodisha.gov.in and submit their bid documents through online mode only. The details of bid documents will be available in the above website from 10.00 A.M. of 30.03.2026 to 12.30 P.M of 04.04.2026. The bidders must possess compatible Digital Signature Certificate of Class II or III. Quotations received online shall be opened at 1.00 PM of 04.04.2026 in the Office of the Chief Construction Engineer, Eastern Circle (R&B), Balasore. Further details can be seen from the e-procurement portal www.tendersodisha.gov.in.

Any addendum / corrigendum / cancellation of tender can also be seen in the said website only.

The authority reserves the right to cancel the tender/quotation at any time without assigning any reason.

Sd./- Chief Construction Engineer,
Eastern Circle (R&B), Balasore

OIPR-34001/34026/1/25-26/0018

GOVERNMENT OF ODISHA
SCIENCE & TECHNOLOGY DEPARTMENT
No. ST-PROG-OBA-0001-2015-1647/ST, Bhubaneswar Date: 30.03.2026

ADVERTISEMENT

No.28001/8/2526 : In continuation to this Department Advertisement No. ST-PROG-OBA-0001-2015- 182/ST dated 13.01.2026, applications are invited in the prescribed format from the intending candidates having requisite qualifications and experience for filling up the honorary post of President, Odisha Bigyan Academy (OBA), Bhubaneswar under Science & Technology Department, Government of Odisha for a term of two years.

Date of receipt of application: - **from 31.03.2026 to 09.04.2026**

Applications must be sent to Additional Secretary to Govt. of Science & Technology Department, Government of Odisha, Kharavel Bhavan, Bhubaneswar - 751001. **Applicants who have already applied for the post need not apply again.**

For detail advertisement log to www.odisha.gov.in or https://st.odisha.gov.in

For any query, please contact Under Secretary to Government, Science & Technology Department, Government of Odisha. 0674-2536772

Sd./- Additional Secretary to Government
Science and Technology Department

OIPR-28001/28001/1/25-26/0002

ODISHA MINING CORPORATION LIMITED
OMC House, Bhubaneswar - 751001, Odisha
CIN : U13100OR1956SGC000313, www.omcltd.in
ODISHA MINING CORPORATION LTD. — Mining Happiness

E-PROCUREMENT NOTICE

Sl. No.	NIT No.	Job Description	Availability of Tender Document	Bid Due Date
1	OMC/E-PROC/ C&P/044/2025-26, Dtd. 30/03/2026	Empanelment of Agencies for implementation & assessment of multi-sector CSR and convergence projects across different locations within Odisha.	31-03-2026	29-04-2026
2	OMC/E-PROC/ C&P/045/2025-26, Dtd. 30/03/2026	Supply, Installation and Commissioning of various size of Porta Cabins along with accessories & off-grid solar system for different region of OMC.	31-03-2026	30-04-2026
3	OMC/E-PROC/ C&P/046/2025-26, Dtd. 30/03/2026	Design, Manufacturing, Supply, Installation, Testing and Commissioning of HT Capacitor Bank with APFC panel at Ferro Chrome plant, OMC	31-03-2026	30-04-2026

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any/ all the bids or to annul the bidding process without assigning any reason thereof.

Head (C&P)

ରଘୁନାଥ ଦେବଙ୍କ ବିବାହ ଉତ୍ସବ

ବେଗୁନିଆ, ୩୦।୩(ସନ୍ଧ୍ୟାରାଣୀ ମିଶ୍ର)

ସିକୋ ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରଶେଖରପୁର ସ୍ଥିତ ରଘୁନାଥ ମନ୍ଦିର ପରିସରରେ ବିବାହ ଉତ୍ସବ ଅନୁଷ୍ଠିତ କରାଯାଇଛି। ସୀତାଙ୍କ ପିତାଭାବେ କୃଷ୍ଣଚନ୍ଦ୍ର ଛୁଆଳସିଂ ଏବଂ ରଘୁନାଥଙ୍କ ପିତାଭାବେ ବିରଞ୍ଚି ନାରାୟଣ ପ୍ରଧାନ ବିବାହ କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ପଣ୍ଡିତ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ବେଦ ପାଠ କରିଥିବା ବେଳେ ସୁଦାମ ଚରଣ ଶୁକ୍ଳ ସହଯୋଗ କରିଥିଲେ। ଅତିଥିଭାବେ ମାନସ ରଞ୍ଜନ ବାହୁବଳେନ୍ଦ୍ର, ଯୋଗେଶ୍ୱର ଛୋଟରାୟ, ଅରବିନ୍ଦ ରାୟ ଏବଂ ସୁରେନ୍ଦ୍ର ବେହେରା ଯୋଗଦେଇଥିଲେ। ଗ୍ରାମର କୈଳାସ ପ୍ରଧାନ, ପଦ୍ମଚରଣ ଲେଙ୍କା, ଗଜେନ୍ଦ୍ର ଲେଙ୍କା, ଅର୍ଜୁନ ଲେଙ୍କା, ବୈକୁଣ୍ଠ ବାରିକ, ପ୍ରଭାତ ବାରିକ, କୈଳାଶ ଚନ୍ଦ୍ର ସାହୁଙ୍କ ସମେତ କଦମ୍ବଝଲା ସାହିର ସଭ୍ୟାସଭ୍ୟ ଏକତ୍ରିତ ହୋଇ ବିବାହ ଉତ୍ସବ ପାଳନ କରିଥିଲେ।

କ୍ୟାନ୍ସରର ପ୍ରାରମ୍ଭିକ ଚିହ୍ନଟ, ସଚେତନତା ଗୁରୁତ୍ୱପୂର୍ଣ୍ଣ

କ୍ୟାନ୍ସର-ଫ୍ରି ଓଡ଼ିଶା ସଚେତନତା ସମ୍ମିଳନୀ

ଭୁବନେଶ୍ୱର, ୩୦।୩ (ବନ୍ଦନା ସେଠୀ)

ସମ୍ମିଳନୀରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ସହ ଅନ୍ୟ ଅତିଥିମାନେ।

କ୍ୟାନ୍ସର ଏବେ କେବଳ ଏକ ସ୍ୱାସ୍ଥ୍ୟଗତ ସମସ୍ୟା ନୁହେଁ, ଏହା ପରିବାର ଏବଂ ସମାଜକୁ ପ୍ରଭାବିତ କରୁଥିବା ଏକ ବଡ଼ ସାମାଜିକ ଆହ୍ୱାନ ପାଲଟିଛି। ଜୀବନଶୈଳୀରେ ପରିବର୍ତ୍ତନ, ତମାଖୁ ସେବନ, ପରିବେଶଗତ କାରଣ, ସଚେତନତା ଅଭାବ ଏବଂ ବିଳମ୍ବିତ ନିଦାନ ହେତୁ କ୍ୟାନ୍ସର ମାମଲା କ୍ରମାଗତ ଭାବେ ବଢ଼ୁଛି ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ସୋମବାର ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅସୀମ ଓଡ଼ିଶା ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ କ୍ୟାନ୍ସର-ଫ୍ରି ଓଡ଼ିଶା ସଚେତନତା ସମ୍ମିଳନୀ ଏବଂ ମହାନାୟକ ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କର୍କଟ ରୋଗର ପ୍ରତିରୋଧ ପାଇଁ ସଚେତନତା, ପ୍ରାରମ୍ଭିକ ଚିହ୍ନଟ ଏବଂ ସୁଲଭ ଚିକିତ୍ସା ଉପରେ ଗୁରୁତ୍ୱାରୋପ କରିଥିଲେ। ତମାଖୁ ବ୍ୟବହାର, ଅସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ଆଳସ୍ୟ ଜୀବନଶୈଳୀ ଭଳି ବିପଦ କାରକଗୁଡ଼ିକ ବିଷୟରେ ଲୋକଙ୍କୁ ସଚେତନ କରିବା ଦ୍ୱାରା କ୍ୟାନ୍ସର ସଂଖ୍ୟା ବହୁଳ ମାତ୍ରାରେ କମ୍ କରିହେବ। ଏକ ସଚେତନ ସମାଜ ହିଁ ଏକ ଶକ୍ତିଶାଳୀ ସମାଜ ଏବଂ ପ୍ରତିରୋଧ ଚିକିତ୍ସାଠାରୁ ଅଧିକ ପ୍ରଭାବଶାଳୀ। ପ୍ରାଥମିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ମଜଭୁତ କରିବା, ବିଶେଷକରି ଗ୍ରାମାଞ୍ଚଳ ଓ ଅନୁନ୍ନତ ଅଞ୍ଚଳରେ ସ୍କ୍ରିନିଂ କାର୍ଯ୍ୟକ୍ରମକୁ ବିସ୍ତାରିତ କରିବା ଆବଶ୍ୟକ। ପ୍ରାରମ୍ଭିକ ନିଦାନ ବଞ୍ଚିବାର ସୁଯୋଗ ବଢ଼ାଇବା ସହ ରୋଗୀ ଓ ପରିବାରର ଆର୍ଥିକ ଏବଂ ମାନସିକ ବୋଝକୁ ମଧ୍ୟ କମ୍ କରେ ବୋଲି ରାଜ୍ୟପାଳ ଉଲ୍ଲେଖ କରିଥିଲେ। ଏହି ଅବସରରେ 'ମହାନାୟକ' ପୁରସ୍କାରପ୍ରାପ୍ତ ବ୍ୟକ୍ତିବିଶେଷଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ ସେମାନଙ୍କର ସମାଜ ପ୍ରତି ଅବଦାନକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ କୋରେଇ ବିଧାୟକ ଆକାଶ ଦାସ ନାୟକ, ପୂର୍ବତନ ବାଲେଶ୍ୱର ଏମ୍ପି ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଟ୍ରଷ୍ଟ ଅଧ୍ୟକ୍ଷା ଓ ପରିଚାଳନା ଟ୍ରଷ୍ଟି ଅସୀମା ଦାସ ସ୍ୱାଗତ ଭାଷଣ ଓ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

'ଶିକ୍ଷା ଦ୍ୱାରା ଜୀବନରେ ସଫଳତା ହାସଲ କରିହୁଏ'

ନିରାକାରପୁର,୩୦।୩(ମାନସ ଚନ୍ଦ୍ର ପଟ୍ଟନାୟକ)

ବଡ଼ପୋଖୋରିଆ ପଞ୍ଚାୟତ ନୀଳଗିରିପାଟଣାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ବିଜୟ କୁମାର ସୁବୁଦ୍ଧି ପୌରୋହିତ୍ୟ କରିଥିବା ବେଳେ ପୂର୍ବତନ ସରପଞ୍ଚ ସାଗର ବଳିୟାରସିଂହଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଦ୍ୟାଳୟ ପାଇଁ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ନନ୍ଦ କିଶୋର ରଣସିଂହ, ସମ୍ମାନିତ ଅତିଥି ସରକାରୀ ପ୍ରାଥମିକ ବିଦ୍ୟାଳୟ ବୋଡ଼ଙ୍ଗରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ସାହୁ, ପ୍ରଦୀପ ପ୍ରଧାନ, ରସାନନ୍ଦ ବେହେରା ପ୍ରମୁଖ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତାଭାବେ ପଞ୍ଚୁ ପଲେଇ ଯୋଗଦେଇଥିଲେ। ରେଙ୍ଗଟା ସ୍କୁଲର ପ୍ରଧାନ ଶିକ୍ଷକ ଅମର କୁମାର ଜୟସିଂହ, ମଞ୍ଚ ପରିଚାଳନା କରିଥିବା ବେଳେ ବିଜୟ କୁମାର ମିଶ୍ର, ରମାକାନ୍ତ ମୁଦୁଲି, ବିଶ୍ୱଜିତ୍ ଭଞ୍ଜ, ସବିତା ବେହେରା, ପ୍ରମୋଦ ପଟ୍ଟନାୟକ, ସୁପ୍ରିୟା ମିଶ୍ର, ସରିତା ମଙ୍ଗରାଜ, ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରମୁଖ ସହଯୋଗ କରିଥିଲେ। ଗୌରାଙ୍ଗ ଚରଣ ଶ୍ରୀଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ।

ଜନଗଣନା ପ୍ରଶିକ୍ଷଣ ଶିବିର

ଜଟଣୀ,୩୦।୩(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌର ପରିଷଦ ପକ୍ଷରୁ ୨୦୨୭ ଜନଗଣନା ନିମନ୍ତେ ପ୍ରଶିକ୍ଷଣ ଶିବିର ସୋମବାର ଆରମ୍ଭ ହୋଇଛି। ସୁଶୀଳା ଦେବୀ ସରକାରୀ ପ୍ରଗତୀ ବିଦ୍ୟାପୀଠ ବାଛରାଠାରେ ଆସନ୍ତା ୧୦ତାରିଖ ପର୍ଯ୍ୟନ୍ତ ଏହି ଶିବିର ଜାରି ରହିବ। ଏହି ପ୍ରଶିକ୍ଷଣ ଶିବିର ତିନିଟି ବ୍ୟାଚରେ ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରତି ବ୍ୟାଚରେ ୫୦ଜଣ ଲେଖାଏ ତିନିଦିନ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଗ୍ରହଣ କରିବେ। ପୌର ପରିଷଦର ନିର୍ବାହୀ ଅଧିକାରୀ ଆକ୍ରିତି ଗୋଏଙ୍କା, ଖୋର୍ଦ୍ଧା ଜିଲା ଜନଗଣନା ଦାୟିତ୍ୱରେ ଥିବା ଅର୍ଚ୍ଚନା ରାଉତ, ସସ୍ମିତା ପ୍ରଧାନ, ବିଜୟ କୁମାର ବେହେରା, ଜଟଣୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗେଶ କୁମାର ସାମନ୍ତସିଂହାର, ଶିକ୍ଷା ବିଭାଗର ଶିକ୍ଷକ ମାନଗୋବିନ୍ଦ ସାହୁ, ଅଜୟ ବରାଳ, ଅଜୟ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶିକ୍ଷକ ଭାବେ ଜଟଣୀ ମହାବିଦ୍ୟାଳୟର ଅଧ୍ୟାପକ ଡ. ବିପି ବିଜୟ ଶଙ୍କର, ଜଟଣୀ ପୌର ପରିଷଦର କନିଷ୍ଠ ଯନ୍ତ୍ରୀ ବ୍ରହ୍ମକୁମାରୀ ଭାରତୀୟ ଦାସ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପୌର କର୍ମଚାରୀ ନାରାୟଣ ମହାରଣା, ସତ୍ୟବ୍ରତ ତ୍ରିପାଠୀ, ଜ୍ୟୋତିରଞ୍ଜନ ରାଉତରାୟଙ୍କ ସହ ଅନ୍ୟ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

ଭାଜପାର ମଣ୍ଡଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଖୋର୍ଦ୍ଧା,୩୦।୩(ପ୍ରଭାତ ପାଣିଗ୍ରାହୀ)

ସ୍ଥାନୀୟ କାଇପଦରଠାରେ ଅନୁଷ୍ଠିତ ଭାରତୀୟ ଜନତା ପାର୍ଟି ଖୋର୍ଦ୍ଧା ମଣ୍ଡଳର ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଦ୍ୟାଇଛି। 'ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ' ନାମରେ ନାମିତ ଏହି ଶିବିରରେ କାର୍ଯ୍ୟକ୍ରମ ବିସ୍ତାର, ଭାଜପାର ଇତିହାସ ଓ ବିକାଶ, ବୁଥ୍ ପରିଚାଳନା, ବିଚାରଧାରା, କାର୍ଯ୍ୟପଦ୍ଧତି, ସରକାରଙ୍କ ସଫଳତାର କାର୍ଯ୍ୟାନ୍ୱୟନ, ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମର ପରିଚାଳନା ଆଦି ଉପରେ ଜାତୀୟ ପରିଷଦ ସଦସ୍ୟ ଅଜୟ ମିଶ୍ର, ରାଜ୍ୟ ସମବାୟ ପ୍ରକୋଷ୍ଠ ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜ, ବର୍ଗର ଜିଲା ସଂଯୋଜକ ନିକୁଞ୍ଜ କିଶୋର ପଟ୍ଟନାୟକ, ଜିଲା ଉପସଭାପତି ପ୍ରତାପ ଚନ୍ଦ୍ର ମହାପାତ୍ର, ରୋଜିନାରାଣୀ ଦାସ, ଦିଲୀପ ହୋତା, ପ୍ରଫୁଲ୍ଲ ଦଳାଇ ପ୍ରମୁଖ ବକ୍ତାଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମଣ୍ଡଳ ସଭାପତି ରଂଜିତ୍ ପାଟଶାଣୀଙ୍କ ଅଧ୍ୟକ୍ଷତାରେ ଏବଂ ବର୍ଗ ପ୍ରମୁଖ ବିଭୂପ୍ରସାଦ ବଳିୟାରସିଂହଙ୍କ ପରିଚାଳନାରେ ଆୟୋଜିତ ଉକ୍ତ ପ୍ରଶିକ୍ଷଣ ବର୍ଗରେ ରାଜ୍ୟ ସଙ୍ଗଠନ ସାଧାରଣ ସମ୍ପାଦକ ମାନସ କୁମାର ମହାନ୍ତି ପ୍ରଶିକ୍ଷାର୍ଥୀଙ୍କୁ ମାର୍ଗଦର୍ଶନ ଦେଇଥିଲେ। ସମାରୋପ ସତ୍ରରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମଣ୍ଡଳ ଅନ୍ତର୍ଗତ ୬ ପଞ୍ଚାୟତର ପ୍ରମୁଖ, ୩୫ ବୁଥର ସଭାପତି, ମଣ୍ଡଳରୁ ତଦୁର୍ଦ୍ଧ୍ୱ ପଦାଧିକାରୀ ଏବଂ ମଣ୍ଡଳ କମିଟିର ସମସ୍ତ ସଦସ୍ୟଙ୍କ ସମେତ ୧୧୦ଜଣ ପ୍ରଶିକ୍ଷାର୍ଥୀ ଯୋଗଦେଇଥିଲେ। ଜିଲାର ପୂର୍ବତନ ସଭାପତି ରଶ୍ମି ରଞ୍ଜନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ବର୍ଗରେ ଗଗନ ବିହାରୀ ପାଇକରାୟ, ପ୍ରଦୀପ୍ତ କୁମାର ପାଣି, କେଦାରେଶ୍ୱର ପୃଷ୍ଟି, ରଶ୍ମିରଞ୍ଜନ ମାନ୍ଧାତା, ଗଗନ ବଡ଼ଜେନା, ମନସୁର ଅଲ୍ଲୀ ପ୍ରମୁଖ ମଣ୍ଡଳ ପଦାଧିକାରୀମାନେ ବିଭିନ୍ନ ସତ୍ରରେ ଅଧ୍ୟକ୍ଷତା କରିଥିଲେ।

ବଡ଼ବେରଣା ସେବା ସମବାୟ ସମିତିର ସାଧାରଣ ସଭା

ବେଗୁନିଆ,୩୦।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରଣା ସେବା ସମବାୟ ସମିତି ପରିସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ପରମାନନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ମଦନ ମୋହନ ସାହୁଙ୍କ ସଂଯୋଜନାରେ ବିଗତ ବର୍ଷରେ ସାର, ବିହନ ବଣ୍ଟନ ଓ ସ୍ୱଚ୍ଛତାର ସହ ଋଣ ପ୍ରଦାନ କ୍ଷେତ୍ରରେ ଗୁରୁତ୍ୱ ଦିଆଯାଇଥିଲା। ଚଳିତ ବର୍ଷ ଖୋର୍ଦ୍ଧା ଜିଲ୍ଲାରେ ବଡ଼ବେରଣା ସମବାୟ ସମିତିର ଧାନ ମଣ୍ଡି ଚାଲିଥିବା ବେଳେ ୮ଶହ ଚାଷୀ ପଞ୍ଜୀକରଣ କରି ମୋଟ ୨୮ ହଜାର ୭୦ କୁଇଣ୍ଟାଲ ଧାନ ବିକ୍ରୟ କରିଛନ୍ତି। ଆଗାମୀ ଦିନରେ ମହିଳା ଗୋଷ୍ଠୀଙ୍କୁ ଋଣ, ଗାଈ,ଛେଳି ଓ ମେଣ୍ଢା ଋଣ ପ୍ରଦାନ ପାଇଁ ଆବଶ୍ୟକ କାଗଜାତ ଉପସ୍ଥାପନ କରିବା ପାଇଁ ଉପସ୍ଥିତ ସଦସ୍ୟ ବଂଶୀଧର ପାଣିଗ୍ରାହୀ, କାହ୍ନୁ ଚରଣ ସାହୁ, ଅରୁଣ ମହାପାତ୍ର, ମହାଦେବ ଗୁରୁଙ୍କ ସମେତ ସଭ୍ୟ ସଭ୍ୟାମାନଙ୍କୁ ଅବଗତ କରାଯାଇଥିବା ବେଳେ ଏକ ନୂତନ ସଭା ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ନିରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।

ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ବେଗୁନିଆ,୩୦।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମ ବ୍ରାହ୍ମଣ ସାହିର ଯୁବଗୋଷ୍ଠୀ ଓ ଗ୍ରାମବାସୀଙ୍କ ସହଯୋଗରେ ଭଗବତ ଦେବଙ୍କ ପୀଠରେ ଚାଲିଥିବା ପଞ୍ଚମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ତପନ ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ଦୁଃଖିଶ୍ୟାମ ପଣ୍ଡା କର୍ତ୍ତାଭାବେ ଉପଶେନ କରିଥିଲେ। ଗ୍ରାମର ବଧି ପୋଖରୀରୁ କଳସ ଶୋଭାଯାତ୍ରା ବାହାରି ଗ୍ରାମ୍ୟ ପରିକ୍ରମା କରି ନାମ ଯଜ୍ଞସ୍ଥଳରେ ସ୍ଥାପନ ହୋଇଥିଲା। ୮ଟି ସଂକୀର୍ତ୍ତନ ଦଳ ଯୋଗଦେଇଥିବା ବେଳେ ଅନ୍ତିମ ଦିବସରେ ନଗର କୀର୍ତ୍ତନ କରାଯାଇଥିଲା।

ଭାବବିହ୍ୱଳ କଲା ରାମ ବନବାସ ଦୃଶ୍ୟ

ରାମଲୀଳା ନାଟକର ଚତୁର୍ଥ ସନ୍ଧ୍ୟା

ଯାଁଳା,୩୦।୩(ବୁଲା ବାରିକ)

ଯାଁଳା ପଞ୍ଚାୟତର ମୁଣ୍ଡମୁହାଣ ଗ୍ରାମର ରଘୁନାଥ ଦେବଙ୍କ ପୀଠରେ ରାମଲୀଳା ନାଟକ ରଘୁନାଥ ଦେବ ନାଟ୍ୟ ପରିଷଦର କଳାକାରମାନଙ୍କ ଦ୍ୱାରା ନାଟକ ପରିବେଷଣ ହେଉଛି। ସୋମବାର ଚତୁର୍ଥ ସନ୍ଧ୍ୟାରେ ରାମ ବନବାସ ଚିତାକର୍ଷକ ଥିଲା। ଶ୍ରଦ୍ଧାଳୁମାନେ ରାମଭକ୍ତିରେ ଭାବବିହ୍ୱଳ ହୋଇପଡ଼ିଥିଲେ। ନାଟକରେ ଭରତ ବାରିକ ରାମ ଭୂମିକାରେ ଅଭିନୟ କରିଥିବା ବେଳେ ପ୍ରସନ୍ନ ପରିଡ଼ା ସୀତା, ଶିବ ମଙ୍ଗରାଜ ଲକ୍ଷ୍ମଣ, ରବୀନ୍ଦ୍ର ବାରିକ ଦଶରଥ, ସଞ୍ଜୟ ପରିଡ଼ା କୌଶଲ୍ୟା, ଅନୀଲ ମଙ୍ଗରାଜ ମନ୍ଥରା, ପ୍ରମୋଦ ପ୍ରଧାନ କୈକେୟୀ ପ୍ରମୁଖ କଳାକାରଙ୍କ ଅଭିନୟ ପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

କେନ୍ଦ୍ରୀୟ ବିଦ୍ୟାଳୟ ଆଇଟିବିପି ଖୋର୍ଦ୍ଧାର ବାର୍ଷିକୋତ୍ସବ



ଖୋର୍ଦ୍ଧା,୩୦।୩(ପ୍ରଭାତ ପାଣିଗ୍ରାହୀ)

କେନ୍ଦ୍ରୀୟ ବିଦ୍ୟାଳୟ ଆଇଟିବିପି ଖୋର୍ଦ୍ଧାର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ କେଭିଏସ୍ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱରର ଅବସରପ୍ରାପ୍ତ ଡେପୁଟି କମଶନର ଶିହରନ ବୋଷ, ସମ୍ମାନିତ ଅତିଥିଭାବେ ଭିଏସ୍‌ସି ର ଅଧ୍ୟକ୍ଷ ନରେନ୍ଦ୍ର ସିଂ, ସେକେଣ୍ଡ କମାଣ୍ଡ ଦିଗବିଜୟ ସିଂହ, କେଭିଆଇଆଇଟି ଅଧ୍ୟକ୍ଷ ଚକ୍ରଧର ପୃଷ୍ଟି, କେଭି ୨ର ପ୍ରଭାରୀ ଅଧ୍ୟକ୍ଷ ସୁଶାନ୍ତ ସେଠୀ, ପ୍ରଧାନ ଶିକ୍ଷକ ଗୌରହରି ନାୟକ, ଭାଗୀରଥି ପାଣ୍ଡେ, ଶରତ କୁମାର ରାଉତ, କଲ୍ୟାଣୀ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଝାଙ୍କର ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ, ସମ୍ବଲପୁରୀ, ପାଇକ ଆଖଡ଼ା, ଭାରତର ବିବିଧତା ଉପରେ ସାଂସ୍କୃତିକ ନୃତ୍ୟ ଚିତ୍ତାକର୍ଷକ ଥିଲା। ରଚନାତ୍ମକ ଶିକ୍ଷଣ କ୍ରିୟାକଳାପ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପରମ ଗୁରୁ ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବର୍ଷାରାଣୀ ସାହୁ, ପ୍ରଜ୍ଞା ଘୋଷ, ଶୁଭଲକ୍ଷ୍ମୀ ସେନାପତି, ଗୀତାଞ୍ଜଳି ସାହୁ, ପ୍ରଜ୍ଞା ନାୟକ ସହଯୋଗ କରିଥିଲେ। ଶିକ୍ଷକ ପରମେଶ୍ୱର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

ବ୍ଲକସ୍ତରୀୟ ଜନଶୁଣାଣି ଶିବିର

କୃଷ୍ଣପ୍ରସାଦ,୩୦।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

କୃଷ୍ଣପ୍ରସାଦ ବ୍ଲକ ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ସଂକ୍ରାନ୍ତୀୟ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଜିଲା ପରିଷଦ ପୁରୀର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅଧିକାରୀମାନେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ସ୍ୱଚ୍ଛତା ପାଇଁ ସାମାଜିକ ସମୀକ୍ଷା ଉପରେ ଗୁରୁତ୍ୱାରୋପ କରିବା ସହ ତଥ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡ଼ିଓ ଅମୀୟ ପଣ୍ଡା, ବିଓ ଅଧିକାରୀ ମହେନ୍ଦ୍ର ରଞ୍ଜନ ସାହୁ, ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଛାୟତ, ପ୍ରଭାତ ଜେନା, ସୌଭାଗ୍ୟ ବଳିୟାରସିଂହ, ରଶ୍ମୀ ରଞ୍ଜନ ପଟ୍ଟନାୟକ, ସୌରୀ ରାଣୀ ଜେନା, ସମାଜ ମଙ୍ଗଳ ଅଧିକାରୀ ପ୍ରତ୍ୟୁଷ ରଥ, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, କନିଷ୍ଠ ଯନ୍ତ୍ରୀ ଅମୀୟ ପଣ୍ଡା, ବିପ୍ଳବ କେଶରୀ ପ୍ରଧାନ, ବିପିନ ବିହାରୀ ମଙ୍ଗରାଜ, ରାଜସ୍ୱ ସହାୟକ କାଶୀମ ମହମ୍ମଦ, ପ୍ରମୁଖ ଉପସ୍ଥିତ ଥିଲେ। ଯୋଜନା ଗୁଡିକର ବିଭିନ୍ନ ଆବଶ୍ୟକତା ଦିଗରେ ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ବୀଣାପାଣି ସଙ୍ଗୀତ ଏକାଡେମୀର ବାର୍ଷିକୋତ୍ସବ

ଖୋର୍ଦ୍ଧା,୩୦।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶକ୍ତିନଗରସ୍ଥିତ ବୀଣାପାଣି ସଙ୍ଗୀତ ଏକାଡେମୀ ପକ୍ଷରୁ ଗୀତା ଭବନ ପରିସରରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ରାଜାରାମ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପ୍ରଫେସର ଡ.ନିମାକାନ୍ତ ରାଉତରାୟ ଉଦ୍‌ଘାଟକ, ଐତିହାସିକ ସତ୍ୟବାଦୀ ବଳିଆରସିଂହ ମୁଖ୍ୟ ଅତିଥି ଏବଂ ମୃତ୍ୟୁଞ୍ଜୟ ରଥ ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଓଡ଼ିଶୀ ନୃତ୍ୟ ବିଶାରଦ ସର୍ବେଶ୍ୱର ଜେନା, ମହାନଦୀ ବିହାର ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ.ଲକ୍ଷ୍ମଣ ସାହୁ, ଦୟାନିଧି ରାଉତରାୟ, ଡ.ନିରଞ୍ଜନ ମହାନ୍ତି, ନାଟ୍ୟକାର ଅଲେଖ ଚନ୍ଦ୍ର ଦଣ୍ଡପାଟ ଏବଂ ଇତିଶ୍ରୀ ସାହୁ ଯୋଗଦେଇଥିଲେ। ଗୋଟିପୁଅ ନୃତ୍ୟଗୁରୁ ହେମନ୍ତ ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଲକ୍ଷ୍ମୀଧର ସାମନ୍ତରା, ତ୍ରିଲୋଚନ ମହାରଣା, ଦିଲୀପ ସାମନ୍ତରାୟ ନୃତ୍ୟ ଓ ବାଦ୍ୟରେ ସହଯୋଗ କରିଥିଲେ। ନୃତ୍ୟରେ ୧୬ଜଣ ଓ ସଙ୍ଗୀତରେ ୨୪ ଜଣ ଅଂଶଗ୍ରହଣ କରିଥିଲେ। ପଲ୍ଲୀହାଟ ଶ୍ରୀହରି ନୃତ୍ୟ ମନ୍ଦିରର କଳାକାରମାନେ ସହଯୋଗ କରିଥିଲେ। ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ।

ରାଧାକାନ୍ତପୁରରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

ବେଗୁନିଆ,୩୦।୩(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ରାଧାକାନ୍ତପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଜୁଲିତା ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବେଗୁନିଆ ବିଡିଓ ସନ୍ତୋଷ କୁମାର ଜେନା, ଅତିରିକ୍ତ ତହସିଲଦାର ମୃତ୍ୟୁଞ୍ଜୟ ବରାଳ, ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା.ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗର ଅଧିକାରୀ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ମୋଟ୍ ୧୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ତେବେ ଗରିବଙ୍କ କଲ୍ୟାଣ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବେ ଯାଏ ପହଞ୍ଚି ନ ଥିବାକୁ ନେଇ ସର୍ବାଧିକ ଅଭିଯୋଗ କରାଯାଇଛି। ସେହିପରି ଯୋଗ୍ୟ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ କରାଯାଉ ନାହିଁ। ବିଗତ ଦିନରେ ହୋଇଥିବା ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ବହୁ ଅଭିଯୋଗର ସମାଧାନ ଦିଗରେ ପଦକ୍ଷେପ ନିଆଯାଉ ନାହିଁ ବୋଲି ଉପସ୍ଥିତ ଲୋକେ ଅଭିଯୋଗ ଆଣିଥିଲେ। ସମସ୍ୟାର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ବିଡିଓ ଜେନା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଅଙ୍ଗ ପ୍ରତିରୋପଣରେ ଭାରତ ତୃତୀୟ

ଭୁବନେଶ୍ୱର, ୩୦।୩ (ବନ୍ଦନା ସେଠୀ)

କର୍ମଶାଳାରେ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ଅତିରିକ୍ତ ଶାସନ ସଚିବ ଶୁଭାଶିଷ ପଣ୍ଡା, ଭୁବନେଶ୍ୱର ଏମ୍‌ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସଙ୍କ ସହ ଅନ୍ୟ ଅତିଥିମାନେ।

ଭାରତ ଅଙ୍ଗ ପ୍ରତିରୋପଣରେ ବିଶ୍ୱସ୍ତରରେ ତୃତୀୟ ଅଗ୍ରଣୀ ଦେଶ ଭାବରେ ସ୍ଥାନ ପାଇଛି। ଗତବର୍ଷ ଦେଶରେ ପ୍ରାୟ ୨୦ହଜାର ଅଙ୍ଗ ପ୍ରତିରୋପଣ କରାଯାଇଥିଲା। ପ୍ରାୟ ୮୨ ପ୍ରତିଶତ ଅଙ୍ଗଦାନ ଜୀବିତ ଦାତାଙ୍କଠାରୁ ଆସିଥାଏ। ଏ କ୍ଷେତ୍ରରେ ମହିଳାମାନେ ସବୁଠାରୁ ବଡ଼ ଦାତା ଗୋଷ୍ଠୀ। ପ୍ରତିରୋପଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଘରୋଇ କ୍ଷେତ୍ରରେ ଘଟେ, ଯାହା ସୁଲଭତାକୁ ସୀମିତ କରେ। ତେଣୁ ଜନସଚେତନତା ବୃଦ୍ଧି ଏବଂ ସରକାରୀ ପ୍ରତିଷ୍ଠାନରୁ ଅଧିକ ଅଂଶଗ୍ରହଣର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ଅତିରିକ୍ତ ଶାସନ ସଚିବ ସୁଭାଶିଷ ପଣ୍ଡା ମତବ୍ୟକ୍ତ କରିଛନ୍ତି। ସୋମବାର ଏମ୍‌ସ ଭୁବନେଶ୍ୱର ପକ୍ଷରୁ ଜାତୀୟ ଚିକିତ୍ସା ବିଜ୍ଞାନ ଏକାଡେମୀ (ନାମ୍ସ) ସହଯୋଗରେ 'ଅଙ୍ଗ ପ୍ରତିରୋପଣ ଏବଂ ସ୍ୱାସ୍ଥ୍ୟସେବାରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ଉପଯୋଗ ସମ୍ପର୍କିତ ଆଞ୍ଚଳିକ କର୍ମଶାଳା' ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଶାସନ ସଚିବ ପଣ୍ଡା ଅଙ୍ଗ ପ୍ରତିରୋପଣରେ ଏଆଇର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ବିଶାଳ ଡାଟାବେସ୍‌କୁ ଏକୀକୃତ କରିବା, ବିଶେଷଜ୍ଞଙ୍କୁ ନିଷ୍ପତ୍ତି ନେବାରେ ସହାୟତା ପୂର୍ବକ ଅଙ୍ଗ ପ୍ରତିରୋପଣକୁ ବ୍ୟବସ୍ଥିତ ଏବଂ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ଏଆଇ ଉତ୍ପ୍ରେରକ ଭୂମିକା ନିର୍ବାହ କରିବ ବୋଲି ସେ କହିଥିଲେ। ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡା. ଆଶୁତୋଷ ବିଶ୍ୱାସ ଡାଟାପୁଲ୍‌କୁ ବିସ୍ତାର କରିବା, ସଂସ୍ଥାଗତ ପ୍ରସ୍ତୁତିକୁ ମଜଭୁତ କରିବା, ଜାତୀୟ ନୀତି ରଣନୀତି ସହିତ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ। ନାମ୍ସ ସଭାପତି ଡା. ଦିଗମ୍ବର ବେହେରା କହିଲେ, ଭାରତରେ ବାର୍ଷିକ ପ୍ରାୟ ୫ଲକ୍ଷ ଅଙ୍ଗ ଆବଶ୍ୟକ। ଏହାର ମାତ୍ର ୩% ପୂରଣ ହେଉଛି। ତଥ୍ୟ ଅନୁସାରେ ୮୨ ହଜାରରୁ ଅଧିକ ରୋଗୀ ସକ୍ରିୟ ପ୍ରତୀକ୍ଷା ତାଲିକାରେ ଥିବା ଡା. ବେହେରା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଏମ୍‌ସ ଋଷିକେଶର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ମୀନୁ ସିଂହ, ଏମ୍‌ସ ଅବନ୍ତିପୋରାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ସଚ୍ଚିଦାନନ୍ଦ ମହାନ୍ତି, ଏମ୍‌ସ କଲ୍ୟାଣୀର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡା. ଅରବିନ୍ଦ ସିହ୍ନା, ପିଜିଆଇଏମଇଆର ଚଣ୍ଡିଗଡର ପୂର୍ବତନ ନିର୍ଦ୍ଦେଶକ ତଥା ନାମ୍ସ ଟାସ୍କଫୋର୍ସର ଅଧ୍ୟକ୍ଷ ଡା. ଯୋଗେଶ କୁମାର ଚାୱଲା ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଓ ଝାଡ଼ଖଣ୍ଡରୁ ୩ଶହରୁ ଅଧିକ ଚିକିତ୍ସକଙ୍କ ସମେତ ଅଙ୍ଗ ପ୍ରତିରୋପଣ ଏବଂ ସ୍ୱାସ୍ଥ୍ୟସେବାରେ ଅଭିଜ୍ଞତା ଥିବା ଏଆଇ ବିଶେଷଜ୍ଞମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ସଂଗଠନ ସମ୍ପାଦକ ଡ. ଭାଗୀରଥି ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ।

ଅଟୋରୁ ଶିଶୁ ଉଦ୍ଧାର

ଭୁବନେଶ୍ୱର, (ତ୍ରିନାଥ ମହାନ୍ତି): ଚନ୍ଦ୍ରଶେଖର ପୁର ଥାନା ନିକଟରେ ସୋମବାର ରାତି ୯ଟାରେ ଏକ ଅଟୋରୁ ଜଣେ ଶିଶୁଙ୍କୁ ପୋଲିସ ଉଦ୍ଧାର କରି ଚାଇଲ୍ଡ ସେଣ୍ଟରରେ ଭର୍ତ୍ତି କରିଛି। ଶିଶୁକୁ ଉଦ୍ଧାର ପରେ ତାଙ୍କ ହାତରେ ଜୟ ମା' ଦୁର୍ଗା ଲେଖା ଥିବା ଏକ ଚିଠି ମିଳିଥିଲା। ତେବେ ଉକ୍ତ ଶିଶୁଙ୍କୁ ନେବାକୁ ଥାନାରେ କେତେଜଣ ଲୋକ ଦାବି କରିଥିଲେ। ହେଲେ ପୋଲିସ ସେମାନଙ୍କୁ ବୁଝାଶୁଝା କରି ଛାଡ଼ିଥିଲା।

ଗ୍ୟାସ୍ ସଙ୍କଟ: ସାହାରା ପାଲଟିଛି ଆହାର କେନ୍ଦ୍ର

ଭୁବନେଶ୍ୱର, ୩୦।୩(ବନ୍ଦନା ସେଠୀ)

ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ଭୟାବହତାକୁ ନେଇ ସମଗ୍ର ବିଶ୍ୱ ଆତଙ୍କ ଓ ଆଶଙ୍କାରେ ଥିବାବେଳେ ଗ୍ୟାସ୍ ସଙ୍କଟ ଚିନ୍ତା ବଢ଼ାଇଛି। ବିଶେଷକରି ଏହାର ଏହାର ପ୍ରଭାବ ହାଣ୍ଡିଶାଳରେ ପଡିଛି। ରାଜ୍ୟରେ ଆବଶ୍ୟକ ସଂଖ୍ୟକ ଏଲ୍‌ପିଜି ମହଜୁଦ୍ ଥିବା ସରକାର କହୁଥିବାବେଳେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ ରହୁଛି। ଘରୋଇ ରନ୍ଧନ ଗ୍ୟାସ୍ ମୂଲ୍ୟ ସିଲିଣ୍ଡର ପିଛା ୬୦ ଟଙ୍କା ବୃଦ୍ଧି ହେବା, ବୁକିଂ ଅବଧିକୁ ୨୫ଦିନକୁ ବୃଦ୍ଧି କରିବା ଓ ଏବେ ବୁକିଂର ବହୁଦିନ ପରେ ବି ଗ୍ୟାସ୍ ଡେଲିଭରି ହେଉ ନ ଥିବାରୁ ଲୋକଙ୍କ ମନରେ ନାନା ଆଶଙ୍କା ପ୍ରକାଶ ପାଉଛି। ଏପଟେ ଖୋଲା ବଜାରରେ ଗ୍ୟାସ୍ ଦର ବହୁଗୁଣ ବଢ଼ିଯାଇଥିବାରୁ ଏହା ଉପରେ ନିର୍ଭର କରୁଥିବା ଲୋକେ ଏବେ ହତାଶ ହୋଇପଡିଛନ୍ତି। ହଷ୍ଟେଲ ଓ ମେସ୍‌ରେ ରହି ନିଜେ ରୋଷେଇ କରି ଖାଉଥିବା ଛାତ୍ରୀଛାତ୍ର ଏବଂ ବାହାରୁ ଆସି ଏଠାରେ କାମ କରୁଥିବା କର୍ମଜୀବୀ ଓ ଶ୍ରମିକମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ସେମାନଙ୍କ ପାଇଁ ଏବେ ଆହାର କେନ୍ଦ୍ର

(ଫଟୋ: ବିକାଶ ନାୟକ)

ସାହାରା ପାଲଟିଛି। ଏବେଠୁ ଆହାର କେନ୍ଦ୍ରରେ ଭିଡ଼ ବଢ଼ିଯାଇଛି। ଧାଡ଼ି ଲମ୍ବିବା ସହ ଅଳ୍ପ ସମୟ ଭିତରେ ଖାଦ୍ୟ ସରିଯାଉଥିବା ବିଭିନ୍ନ ଆହାର କେନ୍ଦ୍ରର ଦାୟିତ୍ୱରେ ଥିବା କର୍ମଚାରୀମାନେ କହିଛନ୍ତି। ରାଜଧାନୀରେ ଏବେ ମୋଟ୍ ୧୪ଟି ଆହାର କେନ୍ଦ୍ର ରହିଛି। ଏସବୁ ଆହାର କେନ୍ଦ୍ରରେ ଦିନବେଳା ୯୬୫୦ ମିଲ୍ ଦିଆଯାଉଥିବାବେଳେ ରାତିରେ ୬ଟି କେନ୍ଦ୍ରରେ ୨୦୦୦ ମିଲ୍ ଦିଆଯାଉଛି। ତେବେ ଶୀଘ୍ର ଖାଦ୍ୟ ସରିଯାଉଥିବାରୁ ବହୁ ଲୋକେ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି। ବିଏମ୍‌ସି ଅଧିକ ମିଲ୍ ବ୍ୟବସ୍ଥା କରୁ ବୋଲି ସେମାନେ ଦାବି କରିଛନ୍ତି।

ସାଙ୍ଗଙ୍କ ସହ ଆହାର କେନ୍ଦ୍ରରେ ଖାଉଛୁ

ଗତ ୪ବର୍ଷ ହେବ ପାଠପଢିବା ପାଇଁ ମୁଁ ଭୁବନେଶ୍ୱରରେ ମେସ୍ କରି ରହୁଛି। ମାସକ ଖର୍ଚ୍ଚ ପାଇଁ ପୂର୍ବରୁ ଘରୁ ଯେତିକି ଟଙ୍କା ପଠାଉଥିଲେ ସେଥିରେ ଚଳି ହେଉଥିଲା। ମାତ୍ର ଏବେ ଗ୍ୟାସ୍ ଦରବୃଦ୍ଧି ପାଇଁ ବହୁତ ସମସ୍ୟା ହେଉଛି। ଦୋକାନୀମାନେ ଗ୍ୟାସ୍ କିଲୋ ପିଛା ୧୦୦ଟଙ୍କା ନେଉଥିଲେ, ଏବେ ୩୦୦ଟଙ୍କା ନେଲେଣି। ତେଣୁ ମୁଁ ଓ ମୋର ସାଙ୍ଗମାନେ ଖରାବେଳେ ଆହାର କେନ୍ଦ୍ରରେ ଯାଇ ଖାଇଦେଉଛୁ।

–ନୀଲନ୍ କୁମାର ସେଠୀ, ଛାତ୍ର

ବ୍ୟାଚେଲରଙ୍କୁ ୫ ଟଙ୍କିଆ ମିଲ୍ ବଞ୍ଚାଇ ଦେଉଛି

ଏବେ ଗ୍ୟାସ୍ ମିଳିବା ସବୁଠୁ ବଡ ସମସ୍ୟା। ଚଢା ଦରରେ ଗ୍ୟାସ୍ ଭରିବା ଅପେକ୍ଷା ଆହାର କେନ୍ଦ୍ରକୁ ଯାଇ ୫ଟଙ୍କାରେ ଭାତ, ଡାଲମା ଆଉ ଆଚାର ଖାଇଦେବା ଭଲ। ଗ୍ୟାସ୍ ସଙ୍କଟ ପାଇଁ ଚା' ଦୋକାନୀଙ୍କଠାରୁ ଆରମ୍ଭ କରି ହୋଟେଲ ପର୍ଯ୍ୟନ୍ତ ସମସ୍ତେ ରେଟ୍ ବଢାଇ ଦେଇଛନ୍ତି। ତେଣୁ ସ୍ୱଳ୍ପ ରୋଜଗାରରେ ଘରେ ରୋଷେଇ କରି ପେଟପୂରା ଖାଇବା ଏବେ କଷ୍ଟକର ହେଉଛି। ତେଣୁ ଆମଭଳି ବ୍ୟାଚଲରଙ୍କ ପାଇଁ ଆହାର କେନ୍ଦ୍ର ସବୁଠୁ ଭଲ ଅପ୍‌ସନ୍। ଆମକୁ ୫ ଟଙ୍କିଆ ମିଲ୍ ବଞ୍ଚାଇ ଦେଉଛି।

–ଶ୍ରୀକାନ୍ତ କୁମାର, କର୍ମଜୀବୀ

ଲୋକଙ୍କ ଭିଡ଼ ବଢ଼ିଯିବାରୁ ଖାଦ୍ୟ ଶୀଘ୍ର ସରିଯାଉଛି

ପୂର୍ବରୁ ଆମ କେନ୍ଦ୍ରକୁ ଦିନକୁ ୮୦୦ ମିଲ୍ ଆସୁଥିଲା, ଏବେ ବି ସେତିକି ମିଲ୍ ଆସୁଛି। ପ୍ରତିଦିନ ପୂର୍ବାହ୍ନ ସାଢେ ୧୧ଟାରୁ କାଉଣ୍ଟର ଖୋଲା ରହିବା ସହ ପ୍ରାୟ ଅପରାହ୍ନ ସାଢ଼େ ଗୋଟାଏ ପର୍ଯ୍ୟନ୍ତ ଖୋଲା ରହୁଛି। ତେବେ ପୂର୍ବାପେକ୍ଷା ଲୋକଙ୍କ ଭିଡ଼ ବଢିଥିବାରୁ ଜଲ୍‌ଦି ଖାଇବା ସରି ଯାଉଛି। ବିଶେଷକରି ସୋମବାର ଏବଂ ମଙ୍ଗଳବାର ସାଧା ବାରରେ ପ୍ରବଳ ଭିଡ଼ ହେଉଛି।

–ଅମର କୁମାର ମହାରଣା, ସୁପରଭାଇଜର, କଳ୍ପନା ଆହାର କେନ୍ଦ୍ର

ଏବେ ଗ୍ୟାସ୍ ସମସ୍ୟା ନାହିଁ, ସହଯୋଗ ପାଇଁ ବିଏମ୍‌ସିକୁ ଅନୁରୋଧ କରାଯାଇଛି

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସହରରେ ଚାଲୁଥିବା ସମସ୍ତ ଆହାର କେନ୍ଦ୍ର ପାଇଁ ଖାଦ୍ୟ ପ୍ରସ୍ତୁତ କରିବାକୁ ଟଚ୍‌ଷ୍ଟୋନ୍ ଫାଉଣ୍ଡେଶନ୍‌କୁ ଟେଣ୍ଡର ଦିଆଯାଇଛି। ଏହି ସଂସ୍ଥା ସମସ୍ତ ୧୪ଟି ଆହାର କେନ୍ଦ୍ରକୁ ଭାତ, ଡାଲମା ଏବଂ ଆଚାର ଯୋଗାଉଛି। ଦିନକୁ ୨୭ହଜାର ମିଲ୍ ପ୍ରସ୍ତୁତ ହେଉଥିବାବେଳେ ମୁଖ୍ୟତଃ ବ୍ରିକେଟ୍ ଜାଳି ଖାଦ୍ୟ ରୋଷେଇ କରାଯାଉଛି। ତେବେ ଏହାପରେ ମଧ୍ୟ ମାସକୁ ୩୦ଟି ଏଲ୍‌ପିଜି ଗ୍ୟାସ୍ ଆବଶ୍ୟକ ହେଉଛି। ବର୍ତ୍ତମାନ ସ୍ଥିତିରେ ଗ୍ୟାସ ସମସ୍ୟା ସେପରି ନ ଥିବାବେଳେ ଯୁଦ୍ଧ ସ୍ଥିତି ଲାଗି ରହିଲେ ଆଗକୁ ସଙ୍କଟ ଦେଖାଦେଇପାରେ ବୋଲି ଆଶଙ୍କା କରାଯାଉଛି। ତେଣୁ ଗ୍ୟାସ୍ ଏଜେନ୍ସି ପକ୍ଷରୁ ଯେପରି ଗ୍ୟାସ୍ ଯୋଗାଣ ନିରବଚ୍ଛିନ୍ନ ରୁହେ ସେ ନେଇ ବିଏମ୍‌ସି ସହଯୋଗ କରିବାକୁ ଅନୁରୋଧ କରାଯାଇଥିବା ଫାଉଣ୍ଡେଶନର ଜଣେ କର୍ମଚାରୀ ସୂଚନା ଦେଇଛନ୍ତି।

ଆହାର କେନ୍ଦ୍ରକୁ ନିରବଚ୍ଛିନ୍ନ ରନ୍ଧନ ଗ୍ୟାସ ଯୋଗାଣ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୩୦।୩ (ବନ୍ଦନା ସେଠୀ) – ରାଜ୍ୟ ସରକାରଙ୍କ ପ୍ରମୁଖ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ 'ଆହାର ଯୋଜନା'କୁ ନିରନ୍ତର ଓ ବାଧାହୀନ ଭାବେ ଚାଲୁ ରଖିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ରାଜ୍ୟରେ ଥିବା ସମସ୍ତ ଆହାର ରୋଷେଇ ଶାଳଗୁଡ଼ିକ ପାଇଁ ରନ୍ଧନ ଗ୍ୟାସ ଯୋଗାଣକୁ ସରଳୀକୃତ ଏବଂ ସୁରକ୍ଷିତ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏନେଇ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ସମସ୍ତ ଜିଲାପାଳ, ମ୍ୟୁନିସିପାଲିଟି କମିଶନର ଏବଂ ଜିଲା ଓ ସିଟି ଆହାର ସୋସାଇଟିର ସଭାପତିମାନଙ୍କୁ ପତ୍ର ଲେଖିଛନ୍ତି। ଆହାର ଯୋଜନାରେ ଯେପରି କୌଣସି ବାଧା ସୃଷ୍ଟି ନ ହୁଏ, ସେଥିପାଇଁ ଏହି ଯୋଜନାର ଲଜିଷ୍ଟିକ୍ସ ଭିତ୍ତିଭୂମିକୁ ଅଧିକ ଦୃଢ଼ କରିବାକୁ ଗୁରୁତ୍ୱାରୋପ କରିଛନ୍ତି। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୯୦ଟି କେନ୍ଦ୍ରୀୟ ରୋଷେଇ ଶାଳ ସହାୟତାରେ ୧୭୦ଟି ଆହାର କେନ୍ଦ୍ର ଚାଲୁ ରହିଛି। ସେବା ପ୍ରଦାନରେ କୌଣସି ଅନ୍ତରାୟ ସୃଷ୍ଟି ନ ହେବା ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ନିଜ ଅଞ୍ଚଳରେ ରନ୍ଧନ ଗ୍ୟାସର ଉପଲବ୍ଧତା ସମ୍ପର୍କରେ ତୁରନ୍ତ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଗ୍ୟାସ୍ ଯୋଗାଣକାରୀ ଓ ବିତରକଙ୍କ ସହ ସମନ୍ୱୟ ରକ୍ଷା କରିବାକୁ କୁହାଯାଇଛି। ଖାଦ୍ୟ ପ୍ରସ୍ତୁତି ଏବଂ ବଣ୍ଟନ ପ୍ରକ୍ରିୟାରେ କୌଣସି ସମସ୍ୟା ନ ଉପୁଜିବା ପାଇଁ ସମୟୋଚିତ ପଦକ୍ଷେପ ନେବାକୁ ଏହି ନିର୍ଦ୍ଦେଶନାମାରେ କୁହାଯାଇଛି।

ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରକଳ୍ପ ଅଟକଳ ବଢ଼ାଇବାକୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୩୦।୩(ସୁଚିସ୍ମିତା ସାହୁ)

ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ବ୍ୟୟ ଅଟକଳ ବଢ଼ାଇବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ଦେଇଛନ୍ତି। ସୋମବାର ଲୋକସେବା ଭବନରେ ପ୍ରକଳ୍ପର ଅଗ୍ରଗତି ନେଇ ଅନୁଷ୍ଠିତ ବୈଠକରେ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ବିଦ୍ୟାଳୟ ନିର୍ମାଣ ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଠିକ୍ ବ୍ୟୟ ଅଟକଳ ନିର୍ଦ୍ଧାରଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଦ୍ୟାଳୟଗୁଡିକ ପାଇଁ ଅଧିକ ଅର୍ଥରାଶି ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଦ୍ୟାଳୟ ପାଇଁ ଜାଗା ନିରୁପଣ, ବିଦ୍ୟାଳୟ ବିଲ୍ଡିଂର ଢାଞ୍ଚା ଏବଂ ଏଥିନିମନ୍ତେ ଆବଶ୍ୟକ ବ୍ୟୟ ଅଟକଳ ବିଷୟରେ ବୈଠକର ଆଲୋଚନା ହୋଇଥିଲା। ଶିଳାନ୍ୟାସ ହୋଇଥିବା ସମସ୍ତ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଆଗାମୀ ସମୟକୁ ଦୃଷ୍ଟିରେ ରଖି ବିଦ୍ୟାଳୟରେ ଶ୍ରେଣୀ ସଂଖ୍ୟା ବଢ଼ାଇବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ପ୍ରାଥମିକ ବିଦ୍ୟାଳୟ ପିଲାଙ୍କ ଖେଳ କସରତ ପାଇଁ ମଧ୍ୟ ପର୍ଯ୍ୟାପ୍ତ ସୁବିଧା ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ ସିଂହ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର, ଗଣଶିକ୍ଷା ବିଭାଗ ଶାସନ ସଚିବ ଡ. ଏନ୍. ତିରୁମାଳା ନାଏକ. ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ଶାସନ ସଚିବ ଅନୁପମ ସାହା, ଓସେପା ନିର୍ଦ୍ଦେଶିକା ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସହ ଅଧିକାରୀମାନେ।

ଅର୍ଥ ସଚିବଙ୍କ ବାସଭବନ ଘେରିଲା ଅଭିଭାବକ ମହାସଂଘ

ଆର୍‌ଟିଇ ଛାତ୍ରୀଛାତ୍ରଙ୍କୁ ମାଗଣା ଡ୍ରେସ୍, ବହି ପାଣ୍ଠି ଅନୁମୋଦନ ଅବହେଳା

ଭୁବନେଶ୍ୱର,୩୦।୩(ସୁଚିସ୍ମିତା ସାହୁ)

ଘରୋଇ ବିଦ୍ୟାଳୟଗୁଡ଼ିକରେ ଶିକ୍ଷା ଅଧିକାର ଆଇନ ପାରଦର୍ଶୀ ପୋର୍ଟାଲ ଆବଣ୍ଟନ ଅନୁଯାୟୀ ୨୫% ସଂରକ୍ଷଣ କୋଟାରେ ମାଗଣା ପଢୁଥିବା ଛାତ୍ରୀଛାତ୍ରଙ୍କୁ ବହି, ୟୁନିଫର୍ମ ଏବଂ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଅର୍ଥ ସଚିବ ପାଣ୍ଠି ଅନୁମୋଦନ ପାଇଁ ଅହେତୁକ ବିଳମ୍ବ କରୁଛନ୍ତି। ଅଭିଭାବକ ସଂଘ ପକ୍ଷରୁ ବାରମ୍ବାର ନିବେଦନ ଓ ଦାବି ସତ୍ତ୍ୱେ ମଧ୍ୟ ଅନୁମୋଦନ ମିଳୁନାହିଁ। ମାର୍ଚ୍ଚ ୩୦ ସୋମବାର ସୁଦ୍ଧା ପାଣ୍ଠି ଅନୁମୋଦନ ନ ହେଲେ ଚଳିତ ଆର୍ଥିକ ବର୍ଷରେ ଆଉ ଅନୁଦାନ ଆସିବନାହିଁ। ସେଥିପାଇଁ ଶହଶହ ଅଭିଭାବକ ସକାଳେ ଅର୍ଥ ସଚିବଙ୍କ ସରକାରୀ ବାସ ଭବନକୁ ଘେରାଉ କରିଥିଲେ। ପୋଲିସ ବାଧା ଦେବାରୁ ଉତ୍ତେଜନା ପରିସ୍ଥିତି ଉପୁଜିଥିଲା। ଅଭିଭାବକ ଓ ପୋଲିସ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଅର୍ଥ ସଚିବ ଲୋକସେବା ଭବନ ଆସି ଦୀର୍ଘଦିନ ଧରି ପଡ଼ିରହିଥିବା ଫାଇଲକୁ ତୁରନ୍ତ ଅନୁମୋଦନ ଦେଇଥିଲେ। ଏହାପରେ ଅଭିଭାବକ ମହାସଂଘ ସଭାପତି ବାସୁଦେବ ଭଞ୍ଜ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିସୋଇ, ଆବାହିକା କଳ୍ପନା ସାହୁ ଓ ପଦ୍ମନାଭ ସାହୁ ଓସେପା ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାଶଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିବା ସହ ସମସ୍ତ ତଥ୍ୟ ବିଭାଗକୁ ଦିଆଯାଇଥିବା କହିଥିଲେ। ପୁନର୍ବାର ଅଭିଭାବକମାନେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁଙ୍କୁ ଭେଟି ଆଲୋଚନା ପାଇଁ ବିଭାଗୀୟ ମୁଖ୍ୟ ଦପ୍ତରକୁ ଆସିଥିଲେ ସେଠାରେ ମହାସଂଘ ନେତୃତ୍ୱଙ୍କ ସହ ନିର୍ଦ୍ଦେଶକଙ୍କର ମଧ୍ୟ ଆଲୋଚନା ହୋଇଥିଲା। ଏହି ସମୟରେ ସଚିବଙ୍କ ଡାକରା ପାଇ ନିର୍ଦ୍ଦେଶକ ଲୋକସେବା ଭବନ ଯିବା ପରେ ଧାରଣା ସ୍ଥଗିତ ଘୋଷଣା କରିଛି ଅଭିଭାବକ ମହାସଂଘ। ଏହି ଘେରାଉରେ ମହାସଂଘର ଅଶୋକ ପାଇକରାୟ, ବିମଳ ପ୍ରଧାନ, ସତ୍ୟଜିତ ଦାଶ, ମିଲି ସାହୁ, ସୁବ୍ରତ ସାହୁ, ଜଗନ୍ନାଥ, ମୀନାରାଣୀ ନାୟକ, ଅମର ନାଏକ ପ୍ରମୁଖ ଅଭିଭାବକ ସାମିଲ ହୋଇଥିଲେ।

ଜଳାତଙ୍କ ମୁକ୍ତ ସହର ହେବ ଭୁବନେଶ୍ୱର

ସାମୂହିକ ବୁଲା କୁକୁର ଟିକାକରଣ ଆରମ୍ଭ

ଗଠନ ହେଲା ୧୫ଟି ଟିମ୍

ଭୁବନେଶ୍ୱର, ୩୦।୩ (ବନ୍ଦନା ସେଠୀ)

ଭୁବନେଶ୍ୱର ହେବ ରାବିସ୍ ଫ୍ରି ବା ଜଳତଙ୍କ ରୋଗମୁକ୍ତ ସହର। ଏଥିପାଇଁ ସୋମବାରଠାରୁ ଆରମ୍ଭ ହୋଇଛି ସାମୂହିକ ବୁଲା କୁକୁର ଟିକାକରଣ (ଏମ୍‌ଡିଭି) କାର୍ଯ୍ୟକ୍ରମ। ଏଥିସହ ଜନ୍ମ ନିୟନ୍ତ୍ରଣ (ଏବିସି) ପାଇଁ ମଧ୍ୟ ଟିକା ଦିଆଯିବ। ମେୟର ସୁଲୋଚନା ଦାସ ଓ ବିଏମ୍‌ସି କମିଶନର ଚଞ୍ଚଳ ରାଣା ଏହାର ଶୁଭାରମ୍ଭ କରିଛନ୍ତି। ଟିକାକରଣ ପାଇଁ ମୋଟ୍ ୧୫ଟି ଟିମ୍ ଗଠନ କରାଯାଇଛି। ଏଥିଲାଗି ୨୦୨୬ ଜାନୁଆରୀ ୧୬ରେ ବିଏମ୍‌ସି, ବୈଷୟିକ ସହାୟତା ପାଇଁ ମିଶନ ରାବିସ୍ ଆଣ୍ଡ ଡବ୍ଲ୍ୟୁଭିଏସ୍ ଇଣ୍ଡିଆ ଏବଂ ବୈଜ୍ଞାନିକ ପରାମର୍ଶ ପାଇଁ ଓୟୁଏଟି ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଚୟନ ହୋଇଥିବା ଏଜେନ୍ସି ବେଙ୍ଗାଲୁରୁର ଆଶ୍ରା ଆନିମଲ ୱେଲ୍‌ଫେୟାର ଅର୍ଗାନାଇଜେଶନ ଏହି ଟୀକାକରଣ ଦାୟିତ୍ୱ ନେଇଛି। ସହରର ଗଳିକନ୍ଦିରେ ବୁଲା କୁକୁରଙ୍କ ଟିକାକରଣ ପାଇଁ ୭୫ରୁ ୯୦ ଦିନ ଲାଗିବ। ପ୍ରଥମେ ଗୋଟିଏ ୱାର୍ଡରେ ଥିବା ସମସ୍ତ ବୁଲା କୁକୁରଙ୍କୁ ଟିକାକରଣ କରାଯିବା ପରେ ଅନ୍ୟ ୱାର୍ଡରେ ଏହି ଟିକା ଦିଆଯିବ। ବୁଲା କୁକୁରଙ୍କୁ ଡଗ୍ କ୍ୟାଚରମାନେ ଜାଲ କିମ୍ବା ହାତରେ ଧରି ଜଳାତଙ୍କ ପ୍ରତିଶେଧକ ଟିକା ପ୍ରଦାନ କରିବେ। ଟିକା ଦିଆଯାଇଥିବା କୁକୁରମାନଙ୍କୁ ଚିହ୍ନଟ କରିବା ପାଇଁ ଅଣ-ବିଷାକ୍ତ ଜୈବିକ ମାର୍କ ବ୍ୟବହାର କରାଯିବ। ମିଶନ୍ ରାବିସ-ଡବ୍ଲ୍ୟୁଭିଏସ୍ ଦ୍ୱାରା ବିକଶିତ ମୋବାଇଲ ଆପ୍ ମାଧ୍ୟମରେ ରିଅଲ୍ ଟାଇମ୍ ତଥ୍ୟ ସଂଗ୍ରହ, ଟିକାକରଣ ପରେ କୁକୁରମାନଙ୍କୁ ସେମାନଙ୍କ ସ୍ଥାନରେ ଛାଡ଼ିବା ଆଦି କାର୍ଯ୍ୟ କରାଯିବ। କୁକୁରଙ୍କ ଶରୀରରେ ପ୍ରତିରୋଧ ଶକ୍ତି ବୃଦ୍ଧି କରିବା ପାଇଁ ସର୍ବନିମ୍ନ ୭୦ ପ୍ରତିଶତ ଟିକାରଣ କରାଯିବାର ଆବଶ୍ୟକତା ରହିଛି। ଏପ୍ରିଲରୁ ଜୁନ୍ ମଧ୍ୟରେ ପ୍ରାୟ ୩୭୦୦୦ କୁକୁରଙ୍କୁ ଏମ୍‌ଡିଭି ଏବଂ ପାଖାପାଖି ୩୦୦୦ କୁକୁରଙ୍କୁ ଏବିସି ଟିକାକରଣ କରିବା ପାଇଁ ଯୋଜନା କରାଯାଇଛି। ଟିକା ଦିଆଯାଇଥିବା ବୁଲା କୁକୁରଙ୍କ ଶରୀରରେ କେତେ ପରିମାଣର ଆଣ୍ଟିବଡି ସ୍ତର ସୃଷ୍ଟି ହୋଇଛି, ତାହା ସେରୋ-ସର୍ଭେଲାନ୍ସ ଜରିଆରେ ନମୁନା ସଂଗ୍ରହ କରି ବେଙ୍ଗାଲୁରୁର ଭେଟେରିନାରି କଲେଜ କେଭିଏଏଫ୍‌ଏସ୍ୟୁ-ସିଭିଏ ରାବିସ୍ ଡାଇଗ୍ନୋଷ୍ଟିକ ଲାବରେଟୋରୀକୁ ପରୀକ୍ଷା ପାଇଁ ପଠାଯିବ ବୋଲି ସୂଚନା ଦିଆଯାଇଛି।

ବିଧାନସଭା ଘେରାଉ ପାଇଁ ଚାଷୀଙ୍କ ପଦଯାତ୍ରା

ଅଟକାଇବାରୁ ରାସ୍ତାରେ ଶୋଇ ପ୍ରତିବାଦ

ଫୁଲନଖରା,୩୦।୩
(ସତ୍ୟରଞ୍ଜନ ଦାସମହାପାତ୍ର)

ଚାଷୀଙ୍କ ବିଭିନ୍ନ ସମସ୍ୟା ଓ ଦାବି ନେଇ ବିଧାନସଭା ଘେରାଉ ପାଇଁ ପଦଯାତ୍ରାରେ ଭୁବନେଶ୍ୱର ଯାଉଥିବା ନବନିର୍ମାଣ କୃଷକ ସଂଗଠନର ସଦସ୍ୟ ତଥା ଚାଷୀଙ୍କୁ ସୋମବାର ଫୁଲନଖରାଠାରେ ପୋଲିସ ରୋକିବା ସହ ଗିରଫ କରିଛି। ଏହା ପ୍ରତିବାଦରେ ସେମାନେ ସେଠାରେ ୧୬ନଂ. ଜାତୀୟ ରାଜପଥରେ ଶୋଇ ଧାରଣା ଦେଇଥିବାବେଳେ ପୋଲିସ ସେମାନଙ୍କୁ ଉଠାଇନେଇଥିଲା। ସୂଚନା ଅନୁଯାୟୀ, ଗତ ୨୨ତାରିଖରେ ଘଟଗାଁ ତାରିଣୀ ମନ୍ଦିରରୁ ନବନିର୍ମାଣ କୃଷକ ସଙ୍ଗଠନର କାର୍ଯ୍ୟକର୍ତ୍ତା ଓ ସଦସ୍ୟଙ୍କ ସମେତ ଅନେକ ଚାଷୀ ପଦଯାତ୍ରାରେ ବାହାରି ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ସୋମବାର ଅପରାହ୍ନରେ ସେମାନେ ଫୁଲନଖରାଠାରେ ପହଞ୍ଚିଥିଲେ। ସେଠାରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ପୋଲିସ ସେମାନଙ୍କ ଆନ୍ଦୋଳନକୁ ବେଆଇନ କହିବା ସହ ସଂଗଠନର ରାଷ୍ଟ୍ରୀୟ ଆବାହକ ଅକ୍ଷୟ କୁମାର, ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, କଟକ ଜିଲା ସଂଯୋଜକ କୃଷ୍ଣଚନ୍ଦ୍ର ବେହେରା ଏବଂ ଚାଷୀ ନେତା ରାକେଶ ଟିକାୟତ ପ୍ରମୁଖଙ୍କୁ ଗିରଫ କରିଥିଲା। ଏହାର ପ୍ରତିବାଦରେ ୩୦୦ରୁ ଉର୍ଦ୍ଧ୍ୱ କର୍ମୀ ଏବଂ ଚାଷୀ ରାଜପଥରେ ବସି ଓ ଶୋଇରହି ଧାରଣା ଦେଇଥିଲେ। ପୋଲିସ ଆୟୁକ୍ତ, ଏସିପି, ଡିସିପି, ଫୁଲନଖରା ଆଇଆଇସିଙ୍କ ସମେତ ଶତାଧିକ ପୋଲିସ କର୍ମଚାରୀ ସେମାନଙ୍କୁ ବଳପୂର୍ବକ ଉଠାଇ ନେଇଥିଲେ। ରାଜପଥ ଅବରୋଧ ଯୋଗୁ ପ୍ରାୟ ଦୁଇଘଣ୍ଟା କାଳ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସୂଚନାଯୋଗ୍ୟ, ଚାଷୀଙ୍କ ବିଭିନ୍ନ ସମସ୍ୟା ଓ ଦାବି ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଏହି ଅଭିଯାନ ଆୟୋଜନ ହୋଇଥିଲା, ମାତ୍ର ପୋଲିସ ତାକୁ ବିଫଳ କରିଥିଲା।

ଫୁଲନଖରାଠାରେ ନବନିର୍ମାଣ କୃଷକ ସଂଗଠନର ସଦସ୍ୟ ତଥା ଚାଷୀଙ୍କ ଧାରଣା।

କ୍ୟାନ୍‌ସରର ପ୍ରାରମ୍ଭିକ ଚିହ୍ନଟ, ସଚେତନତା ଗୁରୁତ୍ୱପୂର୍ଣ୍ଣ

କ୍ୟାନ୍‌ସର-ଫ୍ରି ଓଡ଼ିଶା ସଚେତନତା ସମ୍ମିଳନୀ

ଭୁବନେଶ୍ୱର, ୩୦।୩ (ବନ୍ଦନା ସେଠୀ)

ସମ୍ମିଳନୀରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ସହ ଅନ୍ୟ ଅତିଥିମାନେ।

କ୍ୟାନ୍‌ସର ଏବେ କେବଳ ଏକ ସ୍ୱାସ୍ଥ୍ୟଗତ ସମସ୍ୟା ନୁହେଁ, ଏହା ପରିବାର ଏବଂ ସମାଜକୁ ପ୍ରଭାବିତ କରୁଥିବା ଏକ ବଡ଼ ସାମାଜିକ ଆହ୍ୱାନ ପାଲଟିଛି। ଜୀବନଶୈଳୀରେ ପରିବର୍ତ୍ତନ, ତମାଖୁ ସେବନ, ପରିବେଶଗତ କାରଣ, ସଚେତନତା ଅଭାବ ଏବଂ ବିଳମ୍ବିତ ନିଦାନ ହେତୁ କ୍ୟାନ୍‌ସର ମାମଲା କ୍ରମାଗତ ଭାବେ ବଢୁଛି ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ସୋମବାର ଗୁରୁ କେଲୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅସୀମ ଓଡ଼ିଶା ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ କ୍ୟାନ୍‌ସର-ଫ୍ରି ଓଡ଼ିଶା ସଚେତନତା ସମ୍ମିଳନୀ ଏବଂ ମହାନାୟକ ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କର୍କଟ ରୋଗର ପ୍ରତିରୋଧ ପାଇଁ ସଚେତନତା, ପ୍ରାରମ୍ଭିକ ଚିହ୍ନଟ ଏବଂ ସୁଲଭ ଚିକିତ୍ସା ଉପରେ ଗୁରୁତ୍ୱାରୋପ କରିଥିଲେ। ତମାଖୁ ବ୍ୟବହାର, ଅସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ଆଳସ୍ୟ ଜୀବନଶୈଳୀ ଭଳି ବିପଦ କାରକଗୁଡ଼ିକ ବିଷୟରେ ଲୋକଙ୍କୁ ସଚେତନ କରିବା ଦ୍ୱାରା କ୍ୟାନ୍‌ସର ସଂଖ୍ୟା ବହୁଳ ମାତ୍ରାରେ କମ୍ କରିହେବ। ଏକ ସଚେତନ ସମାଜ ହିଁ ଏକ ଶକ୍ତିଶାଳୀ ସମାଜ ଏବଂ ପ୍ରତିରୋଧ ଚିକିତ୍ସାଠାରୁ ଅଧିକ ପ୍ରଭାବଶାଳୀ। ପ୍ରାଥମିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ମଜଭୁତ କରିବା, ବିଶେଷକରି ଗ୍ରାମାଞ୍ଚଳ ଓ ଅନୁନ୍ନତ ଅଞ୍ଚଳରେ ସ୍କ୍ରିନିଂ କାର୍ଯ୍ୟକ୍ରମକୁ ବିସ୍ତାରିତ କରିବା ଆବଶ୍ୟକ। ପ୍ରାରମ୍ଭିକ ନିଦାନ ବଞ୍ଚିବାର ସୁଯୋଗ ବଢ଼ାଇବା ସହ ରୋଗୀ ଓ ପରିବାରର ଆର୍ଥିକ ଏବଂ ମାନସିକ ବୋଝକୁ ମଧ୍ୟ କମ୍ କରେ ବୋଲି ରାଜ୍ୟପାଳ ଉଲ୍ଲେଖ କରିଥିଲେ। ଏହି ଅବସରରେ 'ମହାନାୟକ' ପୁରସ୍କାରପ୍ରାପ୍ତ ବ୍ୟକ୍ତିବିଶେଷଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ ସେମାନଙ୍କର ସମାଜ ପ୍ରତି ଅବଦାନକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ କୋରେଇ ବିଧାୟକ ଆକାଶ ଦାସ ନାୟକ, ପୂର୍ବତନ ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଟ୍ରଷ୍ଟ ଅଧକ୍ଷା ଓ ପରିଚାଳନା ଟ୍ରଷ୍ଟି ଅସୀମା ଦାସ ସ୍ୱାଗତ ଭାଷଣ ଓ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ବନଗୁରିଆ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ

ମାହାଙ୍ଗା, (ଅଜୟ କୁମାର ମହାନ୍ତି): ମାହାଙ୍ଗା ବ୍ଲକ ବିରୂପା ଗେଙ୍ଗୁଟି ଦିପାଞ୍ଚଳ କୋଠପଦା ନିକଟସ୍ଥ ବନଗୁରିଆ ଗ୍ରାମର ଆରାଧ ଦେବତା ଶ୍ରୀ ଶ୍ରୀ ବାନା ବଟେଶ୍ୱରଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଓ ଆଧାତ୍ମିକ ଉତ୍ସବ ଚଳିତ ବର୍ଷ ୭୬ ବର୍ଷରେ ପଦାର୍ପଣ କରିଛି। ରାଧାକୃଷ୍ଣଙ୍କ ପ୍ରେମର ଅପୂର୍ବଲୀଳାକୁ ନେଇ ଏହି ଭବ୍ୟ ଅଖଣ୍ଡ ନାମ ଯଜ୍ଞ ଆୟୋଜନ କରାଯାଇଛି। ଚଳିତ ବର୍ଷ ଜିଲା ତଥା ଜିଲା ବାହାରୁ ୨୦ରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ। କୋଠପଦା ବଜାରରୁ ସଂକୀର୍ତ୍ତନ ମଣ୍ଡଳୀ, ରାଧା କୃଷ୍ଣଙ୍କ ପ୍ରେମ ଲୀଳାକୁ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରି ଶ୍ରୀ ଶ୍ରୀ ବାନା ବଟେଶ୍ୱରଙ୍କ ପୀଠରେ ପହଞ୍ଚିଥିଲେ। କୁହୁଣ୍ଡା ଗ୍ରାମ ସମିତିସଭ୍ୟା ସୁପ୍ରଭା ସାମଲ ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟଙ୍କୁ ସ୍ୱାଗତ କରିଥିଲେ।

ସଂକ୍ଷେପରେ

ବାଇକ ଦୁର୍ଘଟଣାରେ ଯୁବକ ମୃତ

ବାଙ୍କୀ,୩୦।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ କଡ଼ାମଲ୍ଲ ରାସ୍ତାର ପାଣିକୋରଡ଼ ନିକଟରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଞ୍ଜାମ ଜିଲାର ସାଗର ଦାସ (୨୫)। ସେ ୩ ଦିନ ତଳେ ପାଣିକୋରଡ଼ସ୍ଥିତ ନିଜ ଶ୍ୱଶୁରଘରକୁ ବୁଲିବାକୁ ଆସିଥିଲେ। ସକାଳୁ ନିକଟସ୍ଥ ବଜାର ଯିବା ପାଇଁ ପାଣିକୋରଡ଼ ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଇକ୍ ମାଗି ନେଇଥିଲେ। ମାତ୍ର ପାଣିକୋରଡ଼ ରାସ୍ତାରେ ବାଇକ୍ଟି ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଥିଲା। ଫଳରେ ସାଗର ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଙ୍କୀ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ସାଗରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ଶାନ୍ତିମଞ୍ଜରୀ ଫେରିପାଇଲେ ଦେବଗଡ଼ ପୌରାଧକ୍ଷା ପଦ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

କଟକ,୩୦।୩(କାର୍ତ୍ତିକ ସାହୁ): ଦେବଗଡ଼ ପୌରପାଳିକା ଅଧକ୍ଷା ପଦରୁ ବହିଷ୍କୃତ ହୋଇଥିବା ଶାନ୍ତିମଞ୍ଜରୀ ଦେଈ ତାଙ୍କ ପଦ ଫେରିପାଇଛନ୍ତି। ହାଇକୋର୍ଟରେ ବିଚାରପତି ଆର୍.କେ. ପଟ୍ଟନାୟକ ଶାନ୍ତିମଞ୍ଜରୀଙ୍କ ଦ୍ୱାରା ଆଗତ ମାମଲାର ବିଚାର କରି ତାଙ୍କ ପଦ ବଜାୟ ରଖିବା ଲାଗି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଜଣେ ନିର୍ବାଚିତ ପୌରାଧକ୍ଷାଙ୍କୁ ଏଭଳି ଭାବେ ପଦଚ୍ୟୁତ କରାଯାଇପାରିବ ନାହିଁ। ପଦଚ୍ୟୁତ ପାଇଁ ଅନିୟମିତତା ପ୍ରସଙ୍ଗ ନ୍ୟାୟିକ ଦୃଷ୍ଟିରୁ ଯଥେଷ୍ଟ ଓ ଉପଯୁକ୍ତ ଭାବେ ବିବେଚନା କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଏଥିସହ ଶାନ୍ତିମଞ୍ଜରୀଙ୍କୁ ପୌରାଧକ୍ଷା ପଦରୁ ହଟାଇବା ପାଇଁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୨୦୨୫ ଜାନୁଆରୀ ୨୮ରେ ପ୍ରକାଶିତ ବିଜ୍ଞପ୍ତିକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ସୂଚନାନୁସାରେ, ଦେବଗଡ଼ ପୌରାଧକ୍ଷା ଶାନ୍ତିମଞ୍ଜରୀ ଦେଈଙ୍କ ବିରୋଧରେ ବିଭିନ୍ନ ଅନିୟମିତତା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଜିଲାପାଳଙ୍କ ତଦନ୍ତ ରିପୋର୍ଟ ଆଧାରରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଭାବେ ପୌରାଧକ୍ଷାଙ୍କୁ ବହିଷ୍କାର କରାଯାଇଥିବା ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ପ୍ରକାଶ କରିଥିଲା। ତେବେ ଶାନ୍ତିମଞ୍ଜରୀ ଦେଈ ଏହାକୁ ରାଜନୈତିକ ଆକ୍ରୋଶ ରଖି ସରକାର ଏଭଳି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ବୋଲି ଅଭିଯୋଗ ଆଣିଥିଲେ। ଏ ନେଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମିଳନ କାନୁନଗୋ ମାମଲା ପରିଚାଳନା କରୁଥିଲେ।

ମା' ହାଡ଼ବାଇ ଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି

ବ୍ରାହ୍ମଣଝରିଲୋ: କଟକ ସଦର ଥାନା ଅନ୍ତର୍ଗତ ନୂଆଗଡ଼ ଗ୍ରାମରେ ମା' ହାଡ଼ବାଇଙ୍କ ଯାତ୍ରା ଏପ୍ରିଲ ୩ରୁ ଆରମ୍ଭ ହୋଇ ୬ରେ ଶେଷହେବ। ଏ ନେଇ ସ୍ଥାନୀୟ ଅନନ୍ତ ବଳିଆ ଶିକ୍ଷାନୁଷ୍ଠାନ ପରିସରରେ ପରମ ବୈଷ୍ଣବୀ ମା' ହାଡ଼ବାଇଙ୍କ ପବିତ୍ର ଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମ ସଭାପତି ବିକ୍ରମ ଶତପଥୀ ଅଧକ୍ଷତା କରିଥିବାବେଳେ ଅନେକ ପ୍ରମୁଖ ଅତିଥି ଓ ସାମାଜିକ କର୍ମୀ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ଜୋନ୍-୪ ଏସିପି ଅମିତାଭ ମହାପାତ୍ର ଯୋଗଦେଇ ପୋଲିସ ପ୍ରଶାସନ ପକ୍ଷରୁ ଯାତ୍ରାକୁ ସୁଚାରୁ ଓ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସ୍ଥାନୀୟ କର୍ପୋରେଟର ଜନାର୍ଦ୍ଦନ ପରିଡ଼ା ମ୍ୟୁନିସିପାଲିଟି ପକ୍ଷରୁ ପିଣ୍ଡି, ଶୌଚାଳୟ, ପାନୀୟଜଳ, ପରିଚ୍ଛନ୍ନତା ଓ ଆଲୋକ ବ୍ୟବସ୍ଥାକୁ ନିଶ୍ଚିତ କରାଯିବ, ଯାହାଦ୍ୱାରା ଭକ୍ତମାନେ କୌଣସି ଅସୁବିଧା ଭୋଗିବେନାହିଁ ବୋଲି କହିଥିଲେ। ଆମେ ସମସ୍ତଙ୍କୁ ନିୟମ ମାନିବା ସହ ନିଶାଠାରୁ ଦୂରେଇ ରହିବାକୁ ଅନୁରୋଧ କରୁଛୁ ବୋଲି ସମ୍ମାନିତ ଅତିଥି କଟକ ସଦର ଥାନା ଭାରପ୍ରାପ୍ତ ଅଧିକାରୀ ତୁଷାରକାନ୍ତ ସେଠୀ କହିଥିଲେ। ବୈଠକରେ ଗୋପାଳପୁର ମଣ୍ଡଳ ସଭାପତି ନୀହାର ରଞ୍ଜନ ପଣ୍ଡା, ଯାତ୍ରା ଚେୟାରମ୍ୟାନ ଶିଶିର ଚରଣ ରାଉତରାୟ, ମହନ୍ତ ଉମ୍ବରୁଧର ସାମନ୍ତରାୟ, ଅଧିକାରୀ ସଦାଶିବ ମହାନ୍ତି, ଉପଦେଷ୍ଟା କାଳନ୍ଦୀ ସାହୁ, କେଦାରନାଥ ସିଂହ, ପ୍ରତାପ ଖୁଣ୍ଟିଆ, ଦୈତାରୀ ସାହୁ, ତ୍ରୈଲୋକ୍ୟ ପ୍ରଧାନ, ପୀତବାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଆଧ୍ୟାତ୍ମିକ କାମ ନାଁରେ କଟା ଚାଲିଛି ଜଙ୍ଗଲ

- ଚୁପ୍ ବସିଛି ପ୍ରଶାସନ
- ପରିବେଶ ଉପରେ ପଡୁଛି ପ୍ରଭାବ

ତାଳବସ୍ତ, ୩୦।୩ (ସୁବ୍ରତ କୁମାର ନାୟକ)

ଜଙ୍ଗଲରୁ କାଠ,ଡାଳ ଆଣି ମଣ୍ଡପରେ ବ୍ୟବହାର କରାଯାଇଛି।

ଜାଗର ଅମାବାସ୍ୟାରୁ ଏପର୍ଯ୍ୟନ୍ତ ପ୍ରାୟ ଦୁଇମାସ ହେବ ଡମପଡ଼ା ବ୍ଲକର ସମସ୍ତ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ, ଗ୍ରାମାଞ୍ଚଳ ରାମଲୀଳା, ବିଶ୍ୱ ଶାନ୍ତି ମହାଯଜ୍ଞ ଆଦି କରାଯାଉଛି। ଏହି ଉତ୍ସବ ପାଇଁ ଦରକାର ହେଉଥିବା କାଠ ଏବଂ ଡାଳପତ୍ର ସବୁ ବହୁସଂଖ୍ୟାରେ ନିକଟସ୍ଥ ଜଙ୍ଗଲରୁ ଖୁଲୁମ୍‌ଖୁଲା ଅଣାଯାଉଛି। ଏହାସତ୍ତ୍ୱେ ଜଙ୍ଗଲ ବିଭାଗ ଚୁପ୍ ବସି ରହିଛି।

ସୂଚନାଯୋଗ୍ୟ, ଏସିଆର ସର୍ବବୃହତ୍ ଧଳାପଥର ଖଡ଼ି ଖଣି ତାଳବସ୍ତ ଗ୍ରାମରେ ରହିଥିଲା, ଯେଉଁଥିରେ ବହୁ ହଜାର ଲୋକ କାମକରି ନିଜର ଗୁଜରାଣ ମେଣ୍ଟାଉଥିଲେ। କିନ୍ତୁ ଯେହେତୁ ତାହାର ପରିସୀମାକୁ ଲାଗି ଚନ୍ଦକା ଡମପଡ଼ା ବିଶାଳ ଜଙ୍ଗଲ ଓ ପାହାଡ଼ ରହିଛି, ସୁପ୍ରିମକୋର୍ଟ ଅଭୟାରଣ୍ୟ ନିୟମ ଅନୁସାରେ ଉକ୍ତ ଖଣି ୨୦୦୮ରୁ ବନ୍ଦ ରହିଛି। ସେଠାରେ ଥିବା ଜଙ୍ଗଲ ସୁରକ୍ଷା ପାଇଁ ଡମପଡ଼ା, ତାଳବସ୍ତ, ଭଗିପୁର ଏବଂ ସାମନ୍ତରାପୁରଠାରେ ସରକାରୀ ବନ କାର୍ଯ୍ୟାଳୟ କରାଯାଇ ଜଣେ ବନପାଳ ସହ ସୁରକ୍ଷା କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ନିକଟରେ ତାଳବସ୍ତ ଗ୍ରାମପଞ୍ଚାୟତର ମଠସାହି, ମଲ୍ଲିକ ସାହି, ଗୌଡ଼ସାହି, ମଝିସାହିର ଚୈତନ୍ୟ ଦେବ, ଢଁସର, କୃଷ୍ଣପଲ୍ଲୀ, ପୁଟସାହି, ପଦନପୁର, ଗୋଡ଼ିପାଟଣା ପରି ଗ୍ରାମରେ ହୋଇଥିବା ଆଧ୍ୟାତ୍ମିକ କାର୍ଯ୍ୟ ନିମନ୍ତେ ଏହି ଜଙ୍ଗଲରୁ କାଠ ଅଣାଯାଇଛି। ଗୋଡ଼ିପାଟଣାର ବାର୍ଷିକ ଅଷ୍ଟପ୍ରହର, ଫୁଲମାରୁଆ ମନ୍ଦିର ଯଜ୍ଞ, ତାଳବସ୍ତ ବାଲୁକେଶ୍ୱର ମନ୍ଦିର ଯଜ୍ଞ, ଦୁଲଣାପୁର ଏବଂ ଅରପୁର ରାମ ନବମୀ ପାଲା ପ୍ରବଚନ, କୁସୁପାଙ୍ଗି, ପାଥପୁର, ଗୋଡିପାଟଣା ଗ୍ରାମ୍ୟଲୀଳା ଆଦିରେ ଶତାଧିକ କୁଇଣ୍ଟାଲ ଡାଳ ଏବଂ ପତ୍ରସବୁ ଜଙ୍ଗଲରୁ ହଣାଯାଇ ଛାମୁଣ୍ଡିଆ ସାଜସଜା କରାଯାଇଛି।

ପରିବେଶ ସୁରକ୍ଷା ଉପରେ କାମ କରୁଥିବା ସାମାଜିକ କର୍ମୀ ଅକ୍ଷୟ କୁମାର ସାମଲଙ୍କ କହିବାନୁସାରେ, ଗାଁଗୁଡ଼ିକର ଧାର୍ମିକ କାର୍ଯ୍ୟକ୍ରମରେ ଅଳ୍ପ ଡାଳରେ ଛାମୁଣ୍ଡିଆ କରାଯାଇ ସ୍ଥାନୀୟ ଟେଣ୍ଟ ହାଉସ ଦ୍ୱାରା କାମ ହୋଇପାରିବ। ଫଳରେ ଜଙ୍ଗଲରେ ଗଛଗୁଡିକ ସୁରକ୍ଷିତ ରହିପାରିବ। ଜଙ୍ଗଲ ନଷ୍ଟ ହେଲେ ପରିବେଶ ଉପରେ ଏହାର ଖରାପ ପ୍ରଭାବ ପଡୁଛି। ଏନେଇ ସାମୁହିକ ଉତ୍ସବ ମଞ୍ଚରେ ଡାଳପତ୍ର ଆଚ୍ଛାଦିତ ମଞ୍ଚସଜ୍ଜାରୁ ନିବୃତ ରହିବା ପାଇଁ ଲୋକେ ସଚେତନ ହେବା ଦରକାର। ଜଙ୍ଗଲ ନଷ୍ଟ ସମ୍ପର୍କରେ ତାଳବସ୍ତ ଜଙ୍ଗଲ ବିଭାଗର ବନପାଳ ବିକାଶ କୁମାର ପଳେଇ ପ୍ରତିକ୍ରିୟା ନେବାରେ କହିଥିଲେ ଯେ, ଏ ପ୍ରସଙ୍ଗରେ ଲୋକଙ୍କୁ ସଚେତନ କରାଯାଉଛି। ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ କେବଳ ଶୁଖିଲା କାଠ ସଂଗ୍ରହକୁ ବେଳେବେଳେ ସୁଯୋଗ ଦିଆଯାଉଛି। କିନ୍ତୁ ଜଙ୍ଗଲ କାଠ ହଣା ଉପରେ ବିଭାଗ ତରଫରୁ ଜରିମାନା କରାଯାଇ ଦଣ୍ଡିତ କରାଯାଉଛି। ଗ୍ରାମାଞ୍ଚଳ ପୂଜାପାର୍ବଣରେ ସ୍ଥାନୀୟ ଟେଣ୍ଟ୍ ହାଉସ୍ କର୍ମଚାରୀଙ୍କୁ କାମ ଦେଇ ଜଙ୍ଗଲଜାତ କାଠ ହାଣି ଛାମୁଣ୍ଡିଆ କରିବା ଭାବନାରୁ ଦୂରେଇଯିବା ଉଚିତ ବୋଲି ପରିବେଶବିତ୍ ତଥା କବି ମନୋଜ କୁମାର ରାଉତ କହିଛନ୍ତି।

ସଭାପତି, ସହଯୋଗୀଙ୍କ ଆକ୍ରମଣ: ସଭ୍ୟ ଗୁରୁତର

ବାଙ୍କୀ , ୩୦।୩(ଶୁଭେନ୍ଦୁ ମହାପାତ୍ର):

ସମବାୟ ସମିତି ସାଧାରଣ ବୈଠକ

ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ରତାଗଡ ଗୋବିନ୍ଦପୁର ପଞ୍ଚାୟତସ୍ଥିତ ଏକ ସେବା ସମବାୟ ସମିତିର ସାଧାରଣ ବୈଠକରେ ଜଣେ ସଦସ୍ୟଙ୍କୁ ଆକ୍ରମଣ କରି ସଭାପତି ମୁଣ୍ଡ ଫଟେଇ ଦେଇଥିବା ଅଭିଯୋଗ ହୋଇଛି। ଫଳରେ ଶ୍ରୀରାମ ଚନ୍ଦ୍ର ରାଉତ ଆହତ ହୋଇଛନ୍ତି। ସମିତି ହିସାବ ମଗାଯିବା ସହ ସମ୍ପାଦକଙ୍କ ବେନିୟମ ନିଯୁକ୍ତି ସମ୍ପର୍କରେ ସଭ୍ୟ ଶ୍ରୀରାମ ଚନ୍ଦ୍ର ରାଉତ ଏବଂ ଉପସ୍ଥିତ ସଦସ୍ୟମାନେ ପ୍ରଶ୍ନ ପଚାରିବାରୁ ସଭାପତି ଆଶିଷ କୁମାର ଜେନା ଉତ୍ତ୍ୟକ୍ତ ହୋଇ ଏପରି କାଣ୍ଡ କରିଥିବା ଅଭିଯୋଗ ହୋଇଛି। ଏନେଇ ଶ୍ରୀରାମ ବାଙ୍କୀ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଏହି ସମବାୟ ସେବା ସମିତିରେ ବହୁ ଦୁର୍ନୀତି ହୋଇଛି। ଏନେଇ ଶ୍ରୀରାମ ୨୦୧୫ରୁ ବାଙ୍କୀ ଏଆରସିଏସ୍, ଜିଲା ଉପ ନିବନ୍ଧକ, ଭିଜିଲାନ୍ସ , ସମବାୟ ବିଭାଗ ମନ୍ତ୍ରୀ , ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ୨୦୨୫ ଜାନୁଆରୀରେ ମୁଖ୍ୟମନ୍ତ୍ରୀଙ୍କ ଜନ ଶୁଣାଣି ଅଭିଯୋଗ ପ୍ରକୋଷ୍ଠରେ ଏନେଇ ଅଭିଯୋଗ ହେବା ପରେ ଉକ୍ତ ବର୍ଷ ମାର୍ଚ୍ଚ ୫ରେ ଚିଠି ନଂ. ୬୪୮ ଅନୁଯାୟୀ ସମ୍ପାଦକଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେବା ସମବାୟ ସମିତି ସଭାପତିଙ୍କୁ ଜିଲା ଉପନିବନ୍ଧକ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ବୈଠକରେ ଶ୍ରୀରାମ ଅଭିଯୋଗ କରିବା ପରେ ଉତ୍ତ୍ୟକ୍ତ ହୋଇ ସମ୍ପୃକ୍ତ ସଭାପତି ଓ ସହଯୋଗୀମାନେ ଠେଙ୍ଗାରେ ଶ୍ରୀରାମଙ୍କୁ ଅତର୍କିତଭାବେ ଆକ୍ରମଣ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଖବରପାଇ ସୁବର୍ଣ୍ଣପୁର ବିଟ ହାଉସ ଅଧିକାରୀ ସମ୍ବିତ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଆହତ ଶ୍ରୀରାମଙ୍କୁ ଚିକିତ୍ସା ନିମନ୍ତେ ମେଡିକାଲ ପଠାଇବା ସହ ଜଣେ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିଛନ୍ତି। ଶ୍ରୀରାମ ବାଙ୍କୀ ସରଣ୍ଡା ଜୋନ ଭାଜପା ମଣ୍ଡଳ ସଭାପତି ଭାବେ କାର୍ଯ୍ୟ କରୁଥିବାରୁ ରାଜନୀତିକ ଉଦ୍ଦେଶ୍ୟରେ ଏହି ଘଟଣା ଘଟିଥିବା ଆଲୋଚନା ହେଉଛି।। ବାଙ୍କୀ ଥାନା ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ, ଏସ୍‌ଡିପିଓ ବାଳକୃଷ୍ଣ କହଁର ଘଟଣାର ତଦନ୍ତ କରୁଛନ୍ତି ।

ଆସାମ ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମରେ ହିମାଂଶୁ ସାମିଲ

ମଙ୍ଗୁଳି-ଜଗତପୁର,୩୦।୩(ମାନସ ସାମଲ):

ଆସନ୍ତା ଏପ୍ରିଲ ୯ରେ ହେବାକୁଥିବା ଆସାମ ବିଧାନସଭା ନିର୍ବାଚନ-୨୦୨୬ ପାଇଁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କାର୍ଯ୍ୟକ୍ରମରେ ଭାଜପା ରାଷ୍ଟ୍ରୀୟ ଉପାଧକ୍ଷ ତଥା କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଭାଜପା କଟକ ଜିଲା ଗ୍ରାମୀଣ ସାଙ୍ଗଠନିକ ଉପସଭାପତି ହିମାଂଶୁ ମହାନ୍ତି ସାମିଲ ହୋଇଛନ୍ତି। ହିମାଂଶୁଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ସେଠାରେ ଘରକୁ ଘର ବୁଲି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସେହିପରି ଆସାମର ଗୌହାଟୀସ୍ଥିତ ରାଜଧାନୀ ମଣ୍ଡଳ ବୁଥ୍ ନମ୍ବର ୧୮୭ଠାରେ ପ୍ରଧାନମନ୍ତ୍ରୀଙ୍କ ୧୩୨ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ହିମାଂଶୁ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଏହି ସମୟରେ କଟକ ଜିଲା ପ୍ରଭାରୀ କିଶୋର ପଣ୍ଡା, ରାଜଧାନୀ ମଣ୍ଡଳ ବୁଥ୍ ପ୍ରମୁଖ ପୁଲିନ ଚନ୍ଦ୍ର ଦାସ, ମନ୍ କୀ ବାତ୍ ସଂଯୋଜକ ଅଭିନାଶ ଅଗ୍ରୱାଲ, ପ୍ରଭାରୀ ଦିଲୀପ ଦାସ ପ୍ରମୁଖଙ୍କ ସମେତ ଏକାଧିକ ଦଳୀୟ ପଦାଧିକାରୀ ଉପସ୍ଥିତ ଥିଲେ।

ଦିସ୍‌ପୁର ବିଧାନସଭା କ୍ଷେତ୍ର ରାଜଧାନୀ ମଣ୍ଡଳଠାରେ ଏକ ନିର୍ବାଚନୀ ସଭାରେ ହିମାଂଶୁ ମହାନ୍ତିଙ୍କ ସହ ଅନ୍ୟ କର୍ମକର୍ତ୍ତା।

କଖଡ଼ିରେ ବିଶ୍ୱଶାନ୍ତି ହିଙ୍ଗୁଳା ଯଜ୍ଞ ଆରମ୍ଭ

ଚୌଦ୍ୱାର/ଖୁଣ୍ଟୁଣୀ, ୩୦।୩ (ଆଶୁତୋଷ ଦାସ/ସଚ୍ଚିଦାନନ୍ଦ ପଣ୍ଡା): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ କଖଡ଼ି ଗ୍ରାମସ୍ଥିତ ବାବା ବାଞ୍ଛେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ୬୯ତମ ପ୍ରସିଦ୍ଧ ମା' ହିଙ୍ଗୁଳା ବିଶ୍ୱଶାନ୍ତି ମହାଯଜ୍ଞ ଶୁଭାରମ୍ଭ ହୋଇଛି। ରବିବାର ପ୍ରଭାତରେ ଗ୍ରାମର ମହିଳା ଓ ଗ୍ରାମବାସୀ ଶୋଭାଯାତ୍ରାରେ ଯାଇ ମହାନଦୀର କଖଡ଼ି ଘାଟକୂଳରେ ମାତା ଗଙ୍ଗାଙ୍କୁ ପୂଜାର୍ଚ୍ଚନା କରି ମହାନଦୀରୁ ପବିତ୍ର ଜଳ ଆଣିବା ପରେ ମା' ହିଙ୍ଗୁଳାଙ୍କ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଦେବଦେବୀଙ୍କ ବିଭିନ୍ନ ଉପଚାର ପୂଜା ପରେ ଅଗ୍ନିକୁଣ୍ଡରେ ପବିତ୍ର ଅଗ୍ନି ସଂଯୋଗ କରାଯାଇ ଯଜ୍ଞର ଶୁଭାରମ୍ଭ କରାଯାଇଥିଲା। ଅଫିସର ନାୟକ ଓ ତାଙ୍କ ସହଧର୍ମିଣୀ ଯଜ୍ଞରେ କର୍ତ୍ତା ଓ କର୍ତ୍ତ୍ରୀ ଦାୟିତ୍ୱ ନିର୍ବାହ କରୁଛନ୍ତି। କଖଡ଼ି ଗ୍ରାମ୍ୟ କମିଟି ସଭାପତି ଦିଲୀପ କୁମାର ଛତାର, ହିଙ୍ଗୁଳା ଯଜ୍ଞ କମିଟି ସଭାପତି ଚନ୍ଦ୍ରଶେଖର ପରିଡ଼ା, କୋଷାଧକ୍ଷ ନାରାୟଣ ସାହୁ, ରଞ୍ଜନ କୁମାର ମୁଦୁଲି, ଶରତ ଚନ୍ଦ୍ର ମହାନ୍ତି, ଓମ୍ ପ୍ରକାଶ ମୁଦୁଲି, ଶେଷଦେବ ମୁଦୁଲି, ବେଣୁଧର ସାହୁ, ପ୍ରକାଶ ଚନ୍ଦ୍ର ମୁଦୁଲି, ସୌଭାଗ୍ୟ ମହାନ୍ତି, ପ୍ରତାପ ଚନ୍ଦ୍ର ରାଉତ ଓ ତପନ ମୁଦୁଲିଙ୍କ ସମେତ ଗ୍ରାମର ଯୁବକ ଓ ମୁରବିମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ଏହି ଯଜ୍ଞ ୪ ଦିନ ଧରି ଚାଲିବ।

ରାମଲୀଳା ନାଟ୍ୟ ପରିଷଦର ସୁବର୍ଣ୍ଣ ଜୟନ୍ତୀ

ସୁବର୍ଣ୍ଣ ଜୟନ୍ତୀ ଅବସରରେ ନାଟ୍ୟ ପରିଷଦର କାର୍ଯ୍ୟକର୍ତ୍ତା ଓ କଳାକାରମାନେ।

ଆଠଗଡ଼,୩୦।୩(ସତ୍ୟ ପ୍ରସାଦ ରଥ):

ଆଠଗଡ ବ୍ଲକ ସଠିଲୋ-ବାସୁଦେପୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ରାମଲୀଳା ନାଟ୍ୟ ପରିଷଦର ୫୦ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି। ଚଳିତ ବର୍ଷ ଗ୍ରାମ ଉପକଣ୍ଠରେ ଶ୍ରୀ ରାମଚନ୍ଦ୍ରଙ୍କର ଭବ୍ୟ ମନ୍ଦିର ପ୍ରତିଷ୍ଠା କରାଯିବା ସହ ଗ୍ରାମରେ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ରାମଲୀଳା ନାଟ୍ୟ ପରିଷଦର ପୁରାତନ କାର୍ଯ୍ୟକର୍ତ୍ତା ଓ କଳାକାରମାନଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସବୁବର୍ଷ ପରି ଗ୍ରାମର ଉତ୍ସାହିତ ଯୁବକ ଓ ମାନସିକଧାରୀମାନେ ଶ୍ରୀରାମନବମୀଠାରୁ ଗୃହତ୍ୟାଗ କରି ନବନିର୍ମିତ ଶ୍ରୀରାମ ମନ୍ଦିର ବ୍ରତ ପାଳନର ଶୁଭାରମ୍ଭ କରିଥିଲେ। ଏହି ସମୟରେ ସାମୂହିକ ହବିଷାନ୍ନ ପଙ୍କ୍ତି ଭୋଜନ ସହ ରାମଲୀଳା ଯଥା ରାମାୟଣ ପାଠ କରାଯାଇଥାଏ। ରବିବାର ପରିଷଦ ପକ୍ଷରୁ ସୀତାହରଣ ନୃତ୍ୟାଭିନୟ ଅନୁଷ୍ଠିତ ହୋଇଯାଇଛି। ରାମଲୀଳା ପାଇଁ ସମଗ୍ର ଗ୍ରାମରେ ଆମିଷ ଓ ମଦ ନିଷେଧ ରହିଛି। ଚଳିତ ବର୍ଷ ନାଟ୍ୟ ପରିଷଦର ସୁବର୍ଣ୍ଣ ଜୟନ୍ତୀ ପାଇଁ ସମଗ୍ର ଗ୍ରାମ ଉତ୍ସବ ମୁଖର ହୋଇଉଠିଛି। ଏନେଇ ଗ୍ରାମରେ ଆଧ୍ୟାତ୍ମିକ ପରବେଶ ସୃଷ୍ଟି ହୋଇଛି ବୋଲି ପରିଷଦର ସଭାପତି ଚକ୍ରଧର ଗୋଚ୍ଛି, ସମ୍ପାଦକ ସୂର୍ଯ୍ୟମଣି ପରିଡା ପ୍ରମୁଖ ସୂଚନା ଦେଇଛନ୍ତି। ପୂର୍ବତନ ସରପଞ୍ଚ ମିଥୁନ ସ୍ୱାଇଁଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତର ସମିତି ସଭ୍ୟ ସୁବାଷ ପାଳ, ସରପଞ୍ଚଙ୍କ ପ୍ରତିନିଧି ପ୍ରସନ୍ନ ପରିଡା ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ବୁଣାକାରଙ୍କୁ ମିଳୁ ସରକାରୀ ଯୋଜନାର ଲାଭ

ଟିଗିରିଆ,୩୦।୩(ଜାଫର ଖାଁ)

ନୂଆପାଟଣା ନଂ.୧ ତନ୍ତୁବାୟ ସମିତିର ସାଧାରଣ ସଭା

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ନୂଆପାଟଣା ନଂ.୧ ତନ୍ତୁବାୟ ସହଯୋଗ ସମିତି ଲିଃର ସୋମବାର ୭୭ ତମ ବର୍ଷିକ ସାଧାରଣ ସଭା ସମିତି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି କେଶବ ଚନ୍ଦ୍ର ପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ହେମନ୍ତ କୁମାର କୁଣ୍ଡୁ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ଆଠଗଡ ସମବାୟ ସମିତି ସମୂହର ଉପସହକାରୀ ନିବନ୍ଧକ ଅବିନାଶ ସେଠି ଯୋଗଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ନୂଆପାଟଣା ସରପଞ୍ଚ ତଥା ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ଅର୍ଜ୍ଜୁନ ସୁବୁଦ୍ଧିଙ୍କ ନାତି ସୋମନାଥ ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବୟନ ତତ୍ତ୍ୱାବଧାରକ ଟୁନି ମେହେର, ବୈଷୟିକ ସହାୟକ ସୁକାନ୍ତ ପରିଡା ଓ ଚକ୍ରଧର କଟୁଆଳ, ଖଣ୍ଡୁଆ ପାଟକୁ ଆନ୍ତର୍ଜାତିକ ମଞ୍ଚରେ ଉପସ୍ଥାପନ କରିଥିବା ଅର୍ଜୁନ ପାଳ ଯୋଗଦେଇଥିଲେ। ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ଯୋଜନାର ଲାଭ ବୁଣାକାରଙ୍କୁ ଦିଆଯିବା ସହ ସେମାନଙ୍କୁ ପରିଚୟ ପତ୍ର ପ୍ରଦାନ କରିବାକୁ ସରକାରୀ ଅଧିକାରୀଙ୍କ ମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବୈଠକରେ ଅନୁଷ୍ଠାନର ପଞ୍ଜିକୃତ ବୁଣାକାର ସୁଦର୍ଶନ ତୋଷ, ବିଶ୍ୱନାଥ ତୋଷ, ବେଣୁଧର ବେହେରା ଓ ଯୋଗିନାଥ ବର୍ଦ୍ଧନଙ୍କୁ ଅଧିକ ପାଟବସ୍ତ୍ର ଉତ୍ପାଦନ ପାଇଁ ସମ୍ମାନିତ କରାଯାଇଥିଲା। ସେହିପରି ନୂତନ ଡିଜାଇନ ବ୍ୟବହାର ପାଇଁ ଶରତ କୁମାର ବେହେରାଙ୍କ ସମେତ ବୟନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନ୍ୟ ୧୭ ଜଣ ବୁଣାକାରଙ୍କୁ ଅତିଥି ଉତ୍ତରୀୟ,ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

ପ୍ରଭୁ ଶ୍ରୀଶ୍ରୀ ଦାରୁ ରଘୁନାଥଜୀଉଙ୍କ ବନବାସ ବେଶ

ଟିଗିରିଆ,୩୦।୩(ଜାଫର ଖାଁ) ଟିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁରର ଆରାଧ ଦେବତା ପ୍ରଭୁ ଶ୍ରୀଶ୍ରୀ ଦାରୁ ରଘୁନାଥଜୀଉଙ୍କ ପୀଠରେ ଚାଲିଥିବା ରାମ ନବମୀ ପର୍ବର ସୋମବାର ଚତୁର୍ଥ ଦିନରେ ପ୍ରଭୁ ଶ୍ରୀଶ୍ରୀ ରଘୁନାଥଜୀଉ ଭକ୍ତମାନଙ୍କୁ ବନବାସ ବେଶରେ ଦର୍ଶନ ଦେଇଥିବା ପୂଜକ ସନ୍ତୋଷ କୁମାର ଶତପଥୀ ସୂଚନା ଦେଇଛନ୍ତି। ପାରମ୍ପରିକ ରୀତିନୀତି ଅନୁଯାୟୀ ସମସ୍ତ ପୂଜାର୍ଚ୍ଚନା ସହ ସନ୍ଧ୍ୟା ସମୟରେ ବେଶ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳ ସମେତ ଆଖପାଖ ଅଞ୍ଚଳର ଶତାଧିକ ଭକ୍ତ ଆସି ପ୍ରଭୁଙ୍କ ଦର୍ଶନ ଲାଭ କରିଛନ୍ତି। ଏହି ଦିବସରେ ବଡ଼ମ୍ବା, ବାଙ୍ଗରସିଂହା ରାମମନ୍ଦିର ସାହି ଶ୍ରୀ ଶ୍ରୀ ରଘୁନାଥ ଜୀଉ ରାମ ନାଟ୍ୟ ସଂସଦ ପକ୍ଷରୁ ଇନ୍ଦ୍ରଜିତ ବଧ ବିଷୟ ବସ୍ତୁକୁ ନେଇ ନାଟକ ପରିବେଷଣ କରାଯିବ ବୋଲି ସୂଚନା ମିଳିଛି।

'ମଧୁସୂଦନ ଦାସଙ୍କୁ ଭାରତରତ୍ନ ପ୍ରଦାନ କରାଯାଉ'

ଖବରଦାତା ସମ୍ମିଳନୀରେ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ପ୍ରତିଷ୍ଠାତା ତ୍ରିଦେବ ବେହେରା ସୂଚନା ଦେଉଛନ୍ତି।

ମଙ୍ଗୁଳି-ଜଗତ୍‌ପୁର,୩୦।୩(ମାନସ ସାମଲ):

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଭାରତରତ୍ନ ପ୍ରଦାନ ପାଇଁ ଟାଙ୍ଗୀସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ଟିକେରା କ୍ୟାମ୍ପସ୍‌ରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମଧୁପ୍ରେମୀମାନେ ଦାବି କରିଛନ୍ତି। ସମ୍ମିଳନୀରେ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ପ୍ରତିଷ୍ଠାତା ତଥା ଶିକ୍ଷାବିତ୍ ତ୍ରିଦେବ ବେହେରା ଯୋଗଦେଇ କହିଥିଲେ, ମଧୁବାବୁ ଉତ୍କଳ ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିପାଇଁ ସେ ଅନେକ ସଂଗ୍ରାମ କରିଥିଲେ। ତେଣୁ ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ କରାଯିବା ଉଚିତ। ଆସନ୍ତା ଓଡ଼ିଶା ଦିବସରେ ମଧୁ ପ୍ରେମୀଙ୍କ ଦ୍ୱାରା ଟାଙ୍ଗୀ ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ପାଖରୁ ୪ଶହ ଯୁବକ ଦୁଇଶହ ବାଇକ୍ ମାଧ୍ୟମରେ ଶୋଭାଯାତ୍ରା କରି ମଧୁବାବୁଙ୍କ ଜନ୍ମପୀଠରେ ପହଞ୍ଚି ମାଲ୍ୟାର୍ପଣ କରିବେ। ଏଥିସହ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯିବ ବୋଲି ପ୍ରତିଷ୍ଠାତା ବେହେରା କହିଛନ୍ତି।

ଓଡ଼ିଶା ପାଇଁ ମଧୁବାବୁଙ୍କ ଅବଦାନ ଚିରସ୍ମରଣୀୟ

ସାଲେପୁର ଆଞ୍ଚଳିକ ଖବରଦାତା ସଂଘ, ପ୍ରେସକ୍ଲବର ବାର୍ଷିକ ଉତ୍ସବ ଓ ଉତ୍କଳ ଦିବସ ସମାରୋହ

ସାଲେପୁର,୩୦।୩ (ଅରବିନ୍ଦ ଭୂୟାଁ):

ସାଲେପୁର ଆଞ୍ଚଳିକ ଖବରଦାତା ସଂଘ ଓ ପ୍ରେସ୍ କ୍ଲବ୍‌ର ୧୧ତମ ବାର୍ଷିକ ଉତ୍ସବ ଓ ଉତ୍କଳ ଦିବସ ସମାରୋହ ୨୦୨୬ ଉପଲକ୍ଷେ ହେବାକୁ ଥିବା ତିନିଦିନ ଧରି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ମଧୁସୂଦନ ମଣ୍ଡପରେ ସକାଳେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ସଂଘ ସଭାପତି ଅକ୍ଷୟ କୁମାର ଦାଶ ସଭାପତିତ୍ୱ କରିଥିଲେ। ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ଉଦ୍‌ଘାଟକ ଭାବେ ଯୋଗଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂ ଯୋଗଦେଇ ଓଡ଼ିଶା ପାଇଁ ମଧୁବାବୁଙ୍କ ଅବଦାନ ଚିରସ୍ମରଣୀୟ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସାଲେପୁର ଥାନା ଆଇଆଇସି ମହେଶ୍ୱର ବେହେରା, ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଅନିତା ସାହୁ, ବାବା ଭୁବନାନନ୍ଦ ଦାସ ଯୋଗ ଦେଇଥିଲେ। ଏହି ଅବସରରେ ସାଲେପୁର ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ, ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସାଲେପୁର ହାଇସ୍କୁଲ ଖେଳପଡ଼ିଆରେ ପୁସ୍ତକ ଓ ପଲ୍ଲିଶ୍ରୀ ମେଳାର ଉଦ୍‌ଘାଟନ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ସଂଘର ସଭାପତି ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟବକ୍ତା ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ, ବିଶିଷ୍ଟ ବକ୍ତାଭାବେ ଚଳଚ୍ଚିତ୍ର ଅଭିନେତା ଅରିନ୍ଦମ୍ ରାୟ ଯୋଗଦେଇ ଦୀର୍ଘ ୧୧ ବର୍ଷ ଧରି ଓଡ଼ିଶା ଦିବସ ପାଳନ କରୁଥିବାରୁ ସାଲେପୁର ଆଞ୍ଚଳିକ ଖବରଦାତା ସଂଘକୁ ଧନ୍ୟବାଦ ଦେଇଥିଲେ। ଏହାକୁ ବଞ୍ଚାଇ ରଖିବା ପାଇଁ ସଂଘର ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନଙ୍କୁ ଅତିଥିମାନେ ନିବେଦନ କରିଥିଲେ। ପରେ ଛାତ୍ରୀଛାତ୍ର ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଇରା ମହାନ୍ତି ଓ ସାଥୀ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରାରମ୍ଭରେ ସଂଘ ପକ୍ଷରୁ ଅତିଥିମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ମହାସଚିବ ମନୋଜ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘ ସମ୍ପାଦକ ହୃଷୀକେଶ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଭ୍ୟାସଭ୍ୟ ଉପସ୍ଥିତ ରହି ପରିଚାଳନା କରିଥିଲେ।

ସମାରୋହରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଅନ୍ୟ ଅତିଥିମାନେ।

ପାଲାଗାୟକ ସମ୍ବର୍ଦ୍ଧିତ

କଣାସ,(ବିଭୂତି ଭୂଷଣ ତ୍ରିପାଠୀ)-କଣାସ ପଞ୍ଚାୟତ ଡିମିରି ଗ୍ରାମର ପାଲା ମଣ୍ଡପରେ ପ୍ରତିବର୍ଷ ରାମନବମୀଠାରୁ ବାଦୀପାଲା ଅନୁଷ୍ଠିତ ହେଉଥିବାରୁ ଚଳିତବର୍ଷ ମଧ ବାଦୀପାଲା ଅନୁଷ୍ଠିତ ହେଉଛି। ଗାୟକ ଉଜ୍ଜ୍ୱଳଜ୍ୟୋତି ରବିନାରାୟଣ ମିଶ୍ରଙ୍କ ଦ୍ୱାରା ପାଲା ପରିବେଷଣ କରାଯାଉଛି। ଏହି ପାଲା ୫ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ପାଲାର ଦ୍ୱିତୀୟ ରଜନୀରେ ପଣ୍ଡିତ ଗଦାଧର ପୁରୋହିତ ସ୍ମୃତି ସମିତି ତରଫରୁ ଗାୟକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସମିତି ତରଫରୁ ଗାୟକ ଓ ତାଙ୍କର ସାଥୀ କଳାକାରଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ପାଲାପ୍ରେମୀ ସହଯୋଗ କରିଥିଲେ।

ସଂକ୍ଷେପରେ

ଭାରଗୋଳରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗ

ଯୋଗେଶ୍ୱରପୁର,୩୦।୩(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳୀ ପଞ୍ଚାୟତର ଭାରଗୋଳ ଗ୍ରାମରେ ସୋମବାର ଜଟାଧାରୀ ମଲିକଙ୍କ ଅଗଣାରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି। ଜଟାଧାରୀଙ୍କ ବଡ଼ଭାଇ ଗନ୍ଧର୍ପ ମଲିକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏଥିରେ ରମେଶ ଚନ୍ଦ୍ର ସ୍ୱାଇଁ, ପ୍ରମୋଦ ପଣ୍ଡା, କୃଷ୍ଣଚନ୍ଦ୍ର ମଲିକ, କୈଳାସ ଚନ୍ଦ୍ର ସେଠୀ, ଜିତୁ ପାତ୍ର, ଦୀନବନ୍ଧୁ ସାହୁ, ଦୁର୍ଯ୍ୟୋଧନ ସାହୁଙ୍କ ସମେତ ଗୋପ, ବିନିସପୁର ଅଞ୍ଚଳର ୫୦୦ରୁ ଊର୍ଦ୍ଧ୍ୱ ଭକ୍ତ ଯୋଗ ଦେଇଥିଲେ।

ମା' କୁତାମଚଣ୍ଡୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଯାତ୍ରା

ଚାରିଛକ,୩୦।୩ (ଶିଶିର କୁମାର ସ୍ୱାଇଁ)

ଚାରିଛକ ନିକଟସ୍ଥ ପାରବସ୍ତ ସାହି ରତନପୁରର ଗ୍ରାମଦେବତୀ ମା' କୁତାମଚଣ୍ଡୀଙ୍କ ଅଷ୍ଟମ ଜନ୍ମବାର୍ଷିକ ଓ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାଯଜ୍ଞ ପାଇଁ ପ୍ରାଚୀନଦୀରୁ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପବିତ୍ର କଳସ ଯାତ୍ରାରେ କର୍ତ୍ତା ଭାବେ ମନୋରଞ୍ଜନ ମହାରଣା ଓ କର୍ତ୍ତ୍ରୀ ଭାବେ ହରପ୍ରିୟା ମହାରଣା କଳସ ପୂଜାକର୍ମରେ ବସିଥିବା ବେଳେ ଗ୍ରାମର ପୁରୁଷ ମହିଳା ୧୦୮ କଳସ ଯାତ୍ରାରେ ଭାଗ ନେଇଥିଲେ। ବିଶ୍ୱର ମଙ୍ଗଳ କାମନା ପାଇଁ ଏହି କଳସ ଯାତ୍ରା ବୋଲି ଆୟୋଜକ ରଶ୍ମି ବାନାର୍ଜୀ କହିଛନ୍ତି। ଏହି କଳସ ଯାତ୍ରାରେ ପଣ୍ଡିତ ଆଶିଷ କୁମାର ମିଶ୍ର ଓ ତାଙ୍କ ସହକର୍ମୀ ପୂଜା କର୍ମରେ ସହଯୋଗ କରିଥିବା ବେଳେ ପାରବସ୍ତ ଗ୍ରାମର ଗ୍ରାମବାସୀ ଶୃଙ୍ଖଳା ରକ୍ଷା କରିବା ପାଇଁ ସହଯୋଗ କରିଥିଲେ।

ପ୍ରାଥମିକ ବିଦ୍ୟାଳୟ ଅବ୍ୟବସ୍ଥା ବିରୋଧରେ ଅନଶନ

ପୁରୀ,୩୦।୩(ଅଜିତ୍ କୁମାର ମହାନ୍ତି)

ସଦର ବ୍ଲକ ଅନ୍ତର୍ଗତ ହନ୍ତୁକ ପଞ୍ଚାୟତର କୁରୁଣ୍ଟି ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରର ଗୃହ ନିର୍ମାଣ, ପ୍ରାଥମିକ ବିଦ୍ୟାଳୟର ଅବ୍ୟବସ୍ଥା ବିରୋଧରେ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ସଦର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବା ସହ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ହନ୍ତୁକ ପଞ୍ଚାୟତର କୁରୁଣ୍ଟି ସରକାରୀ ବିଦ୍ୟାଳୟରେ ଶ୍ରେଣୀଗୃହ ଏବଂ ଶିକ୍ଷକ ପଦ ଖାଲି ରହିଛି। ଯାହାକି ୬ଟି ଶ୍ରେଣୀରେ ଜଣେ ଶିକ୍ଷୟିତ୍ରୀ ସ୍କୁଲର କାଗଜପତ୍ର ପରିଚାଳନା କରିବା ଏବଂ ପିଲାଙ୍କୁ ସୁରକ୍ଷା ଓ ଶିକ୍ଷାଦେବା ଚିନ୍ତାର ବିଷୟ। ଏପରିକି ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ରର ଗୃହ ନାହିଁ। ପିଲା ଏକ ଭଙ୍ଗା ଛାତ ତଳେ ଏବଂ ରୋଷେଇ ଗ୍ୟାସ୍ ଚୁଲା ନିକଟରେ ଶିକ୍ଷା ଗ୍ରହଣ କରୁଛନ୍ତି। ଏହି ଘଟଣାକୁ ବିଚାର କରି ବିଦ୍ୟାର୍ଥୀ ଶିକ୍ଷା ନେବା ଦୂରର କଥା, ଜୀବନ କେଉଁ ସମୟରେ ଚାଲିଯିବ କହିହେବ ନାହିଁ। କୁରୁଣ୍ଟି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତ କରାଯାଉ। କୁରୁଣ୍ଟି ସରକାରୀ ବିଦ୍ୟାଳୟର ଗୃହ ଏବଂ ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ କରାଯାଉ ବୋଲି ଦାବି କରି ସୁଆଣ୍ଡୋ ସେତୁ ସଂଗଠନ ପକ୍ଷରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିକଟରେ ଅମରଣ ଅନଶନ କରାଯାଇଛି। ଅନଶନରେ ଦେବଦତ୍ତ ପ୍ରଧାନ, ବୈରାଗୀ ପ୍ରଧାନ, ଦନେଇ ପ୍ରଧାନ ଓ ଅମୂଲ୍ୟ ପ୍ରଧାନ ପ୍ରମୁଖ ଅନଶନରେ ସାମିଲ ହୋଇଥିଲେ। ଶେଷରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହିତ ଆଲୋଚନାରେ ଅଙ୍ଗନୱାଡି କେନ୍ଦ୍ରର ଗୃହ ନିର୍ମାଣ ଯୁଦ୍ଧକାଳୀନ ଭିତ୍ତିରେ କରାଯାଇ ପ୍ରାଥମିକ ବିଦ୍ୟାଳୟ ନିମନ୍ତେ ଜମି ଅଧିକାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବ୍ୟବସ୍ଥାଗତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ମିଳିବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିବା ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।

ମାସକରେ ଗଲାଣି ୪ ଜୀବନ

ପୁରୀ,୩୦।୩(ଅଜିତ୍ କୁମାର ମହାନ୍ତି)

- ସୋମବାର ସମୁଦ୍ରରେ ବୁଡ଼ି ୨ ପର୍ଯ୍ୟଟକ ମୃତ
- ପର୍ଯ୍ୟାପ୍ତ ପରିମାଣର ଲାଇଫ୍ ଗାର୍ଡ ମୁତୟନ ଦାବି

ପୁରୀ ସମୁଦ୍ରରେ ସୋମବାର ଏକ ବଡ଼ ଅଘଟଣ ଦେଖିବାକୁ ମିଳିଛି। ଡିପ୍ କରେଣ୍ଟ ଯୋଗୁ ସମୁଦ୍ରରେ ଗାଧୋଉଥିବା ବେଳେ ୨ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ମୃତ ପର୍ଯ୍ୟଟକ ହେଲେ, ରାଉରକେଲା ସିଭିଲ୍ ଟାଉନଶିପ ତାରିଣୀ ମନ୍ଦିର ନିକଟର ରାଜ୍ ଚନ୍ଦୁ ଏବଂ ରାଉରକେଲା ଜଗନ୍ନାଥ କଲୋନୀର ଅନିର୍ବାଣ ଗୁରୁ। ଏନେଇ ପୋଲିସ ପରିବାର ଲୋକଙ୍କୁ ସୂଚନା ଦେଇଛି।

ମିଳିଥିବା ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନରେ ସେକ୍ଟର ୧୪ ଲାଇଟ୍ ହାଉସ ସମ୍ମୁଖ ବେଳାଭୂମିରେ ୨ଜଣ ଗାଧୋଉଥିବା ବେଳେ ଲହଡ଼ି ମାଡ଼ରେ ସମୁଦ୍ର ମଧ୍ୟକୁ ଭାସି ଯାଇଥିଲେ। ଲାଇଫଗାର୍ଡ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ପୋଲିସକୁ ଖବର ଦିଆଯାଇଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ପରିବାର ଲୋକଙ୍କୁ ସୂଚନା ଦେବା ସହ ମୃତଦେହ ଜବତ କରିଛି। ବର୍ତ୍ତମାନ ଆଗକୁ ପୂର୍ଣ୍ଣିମା ଥିବାରୁ ସମୁଦ୍ରରେ ଜୁଆର ଅଧିକ ରହୁଛି। ଫଳରେ ଅଘଟଣ ଦେଖିବାକୁ ମିଳୁଛି।

ସମୁଦ୍ରରେ ଅଘଟଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଚଳିତ ମାସରେ ଆଜିର ଘଟଣାକୁ ମିଶାଇ ସମୁଦ୍ରରେ ବୁଡ଼ି ୪ଜଣଙ୍କ ମୃତ୍ୟୁ ଘଟିଛି। ଗତ ୧୫ ତାରିଖ (ରବିବାର) ଭୁବନେଶ୍ୱର ସୋଆ ବିଶ୍ୱବିଦ୍ୟାଳୟର ବିଟେକ୍ କମ୍ପ୍ୟୁଟର ସାଇନ୍ସର ଦ୍ୱିତୀୟ ବର୍ଷର ଅନିମେଶ୍ ସା ସାଙ୍ଗମାନଙ୍କ ସହ ପୁରୀ ବୁଲିବାକୁ ଆସି ବେଳାଭୂମିର ୧୦ ନମ୍ବର ସେକ୍ଟର ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ସ୍ନାନ କରୁଥିବା ବେଳେ ମୃତ୍ୟୁ ଘଟିଥିଲା। ଗତ ୨୭ ତାରିଖ ଶୁକ୍ରବାର ଯାଜପୁର ଜିଲାର ଶୁଭେନ୍ଦୁ ପ୍ରଧାନ (୧୮) ସାଙ୍ଗମାନଙ୍କ ସହ ପୁରୀ ବୁଲିବାକୁ ଆସି ସମୁଦ୍ର ସ୍ନାନ କରୁଥିବା ବେଳେ ଡିପ୍ କରେଣ୍ଟ ଯୋଗୁ ଭାସି ଯାଇଥିଲେ। ସେହିପରି ଗତ ଜାନୁଆରୀଠାରୁ ମାର୍ଚ୍ଚ ମଧ୍ୟରେ ସମୁଦ୍ରରେ ଭାସି ୬ ଜଣଙ୍କ ମୃତ୍ୟୁ ଘଟିଲାଣି। ସେହିପରି ପ୍ରତିଦିନ ଅନେକ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଉଛି। ଗତ ୩ ମାସ ମଧ୍ୟରେ ୫୦ରୁ ଅଧିକ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ସେହିପରି ୪ ବର୍ଷରେ ମୋଟ ୧୩୬୨ ଲୋକ ଉଦ୍ଧାର ହେଲେଣି। ଏପରି ଘଟଣା ବାରମ୍ବାର ଘଟୁଥିଲେ ମଧ ପ୍ରଶାସନ ପକ୍ଷରୁ ସେପରି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଫଳରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଅପରପକ୍ଷରେ ଅନେକ ସମୟରେ ପର୍ଯ୍ୟଟକମାନେ ମଧ ନିଶାସେବନ କରି ସମୁଦ୍ରରେ ସ୍ନାନ କରୁଛନ୍ତି, ଫଳରେ ଲାଇଫଗାର୍ଡଙ୍କ ବାରଣକୁ ଅଣଦେଖା କରି ବିପଦପୂର୍ଣ୍ଣ ଭାବେ ସ୍ନାନ କରୁଛନ୍ତି। ତେଣୁ ପ୍ରଶାସନ ପର୍ଯ୍ୟଟକଙ୍କୁ ସଚେତନ କରିବା ପାଇଁ କିଛି ବ୍ୟବସ୍ଥା ଗ୍ରହଣ କରିବା ସହ ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଭିନ୍ନ ମହଲରେ ଦାବି କରାଯାଇଛି। ପୁରୀ ବେଳାଭୂମିର ଯେଉଁ ସବୁ ସ୍ଥାନରେ ଅଧିକ ଡିପ୍ କରେଣ୍ଟ ରହୁଛି, ସେ ସବୁ ସ୍ଥାନରେ ବୋର୍ଡ ଲଗାଇବା ସହ ଲୋକଙ୍କୁ ସଚେତନତା କରାଇବା ଉଚିତ। ସେହିଭଳି ପର୍ଯ୍ୟାପ୍ତ ପରିମାଣରେ ଲାଇଫଗାର୍ଡ ମୁତୟନ କରିବାକୁ ବିଭିନ୍ନ ମହଲରେ ଦାବି କରାଯାଇଛି।

ମା' ଜାଗେଶ୍ୱରୀଙ୍କ ଭବ୍ୟମନ୍ଦିର ପ୍ରତିଷ୍ଠା ଉତ୍ସବ



ପୁରୀ,୩୦।୩(ଅଜିତ୍ କୁମାର ମହାନ୍ତି)

ବିଷ୍ଣୁପୁର ଶାସନରେ ମା'ଜାଗେଶ୍ୱରୀଙ୍କ ଭବ୍ୟମନ୍ଦିର ପ୍ରତିଷ୍ଠା ଉତ୍ସବ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଅଧିଷ୍ଠାତ୍ରୀ ଦେବୀ ମାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ନେଇ ଗ୍ରାମ ଚଳଚଞ୍ଚଳ ହୋଇଉଠିଥିଲା। ୨୬ ତାରିଖ ଠାରୁ ୨୮ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ମା'ଙ୍କ ପ୍ରତିଷ୍ଠା ଦିବସ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମା'ଙ୍କ ଆଗମନ ଓ ନବନିର୍ମିତ ମନ୍ଦିରରେ ବିଗ୍ରହ ସ୍ଥାପନକୁ ନେଇ ସମଗ୍ର ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଓ ଆମନ୍ତ୍ରିତ କଳାକାରଙ୍କ ଦ୍ୱାରା ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା। ନୂତନ ମନ୍ଦିର ନିର୍ମାଣ ହେବା ଫଳରେ ଗ୍ରାମବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ସାକାର ହୋଇଛି। ମା' ଜାଗେଶ୍ୱରୀଙ୍କ ଆଶୀର୍ବାଦ ଭିକ୍ଷା କରିବା ପାଇଁ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଉତ୍ସବର ପ୍ରଥମ ଦିନରେ ଗ୍ରାମର ଶତାଧିକ ମହିଳା ଓ କନ୍ୟାମାନେ ପବିତ୍ର ନଦୀରୁ ଜଳପୂର୍ଣ୍ଣ କରି ଏକ ଭବ୍ୟ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଏହାପରେ ମନ୍ଦିର ପ୍ରାଙ୍ଗଣରେ ଅଙ୍କୁରାରୋପଣ ଓ ଅଧିବାସନୀତି ସମ୍ପନ୍ନ ହୋଇଥିଲା। ଦ୍ୱିତୀୟ ଦିନରେ ପଣ୍ଡିତମାନଙ୍କ ଦ୍ୱାରା ବେଦମନ୍ତ୍ର ଉଚ୍ଚାରଣ ପୂର୍ବକ ସୂର୍ଯ୍ୟପୂଜା, ଗୋ-ପୂଜା ଏବଂ ମୁଖ୍ୟ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ମା'ଙ୍କ ବିଗ୍ରହଙ୍କୁ ସ୍ନାନ ଓ ବିଭିନ୍ନ ପବିତ୍ର ରୀତିରେ ସଂସ୍କାର କରାଯାଇଥିଲା। ଶେଷ ଦିନରେ ନୂତନ ମନ୍ଦିରରେ ମା'ଙ୍କର ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ବିଳମ୍ବିତ ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ପରେ ଦୀପଦାନ କରାଯାଇଥିଲା।

ସାକ୍ଷୀଗୋପାଳରେ ବିଚାର ବିଭାଗ ଅଦାଲତ ଉଦ୍‌ଘାଟିତ

ସାକ୍ଷୀଗୋପାଳ,୩୦।୩ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ବହୁ ପ୍ରତିକ୍ଷୀତ ପୁରୀ ଜିଲା ସତ୍ୟବାଦୀରେ ବିଚାର ବିଭାଗ ଅଦାଲତ ସୋମବାର ସ୍ଥାନୀୟ ପେଣ୍ଠପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଉଦ୍‌ଘାଟିତ ହୋଇଛି। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଭର୍ଚୁଆଲ ଜରିଆରେ ବିଚାରାଳୟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ହାଇକୋର୍ଟର ପୁରୀ ପ୍ରଶାସନିକ ବିଚାରପତି ଜଷ୍ଟିସ କୃଷ୍ଣରାମ ମହାପାତ୍ର ଉପସ୍ଥିତ ଥିଲେ। ଏଣିକି ସତ୍ୟବାଦୀ ଅଞ୍ଚଳର ଜମିଜମା ବିବାଦ ଏହି ବିଚାରାଳୟ ରେ ସମାଧାନ ହେବା ସଙ୍ଗେ ସଙ୍ଗେ ଫୌଜଦାରି ମାମଲାରେ ବିଚାରକାରାଯାଇ ଦଣ୍ଡବିଧାନ ଆଦେଶ କରାଯାଇପାରିବ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ସ୍ୱାଗତ କରାଯାଉଛି ।

ସତ୍ୟବାଦୀରେ ସିଭିଲ୍ ଜଜ (ଜୁନିୟର ଡିଭିଜନ) ତଥା ଜେଏମ୍‌ଏଫ୍‌ସିଙ୍କ କୋର୍ଟ ଉଦ୍‌ଘାଟନ ସମାରୋହରେ ପୁରୀ ଜିଲା ଜଜ ଆନନ୍ଦ ନାରାୟଣ ମହାରଣା, ରେଜିଷ୍ଟ୍ରାର ଶୋଭନ କାନୁନଗୋ, ସତ୍ୟବାଦୀ କୋର୍ଟ ବିଚାରପତି ସିଦ୍ଧାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିବାବେଳେ ଭର୍ଚୁଆଲ ଜରିଆରେ ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, କୋର୍ଟ ପରିଚାଳକ ମଳୟ ରଞ୍ଜନ ଗିରି, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ମହାପାତ୍ର, ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟରଞ୍ଜନ ଦ୍ୱିବେଦୀ, ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ଦେବାଶିଷ ନାୟକ, ଆଇଆଇସି ସୌମ୍ୟରଞ୍ଜନ ମହାଳିକ ପ୍ରମୁଖ ଯୋଗ ଦେଇଥିଲେ। ସତ୍ୟବାଦୀ ବାର୍ ଆସୋସିଏଶନର ସଭାପତି ବାଳକୃଷ୍ଣ ମହାପାତ୍ର, ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର, ଗୁଣ୍ଡିଚା ବରାଳ, ରଞ୍ଜନ ମହାପାତ୍ର, ପୁରୀ ବାର୍ ଆସୋସିଏଶନ ସଭାପତି ପ୍ରେମାନନ୍ଦ ମହାନ୍ତି, ସମ୍ପାଦକ ଶରତ କୁମାର ରାୟଗୁରୁ ଓ ଅନ୍ୟ ସଦସ୍ୟମାନେ ଜିଲା ଜଜ୍‌ଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ସତ୍ୟବାଦୀରେ ପାଳନ ହେବ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ

ସାକ୍ଷୀଗୋପାଳ,୩୦।୩(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ଚଳିତ ବର୍ଷ ଏପ୍ରିଲ ୧ ତାରିଖରେ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଜନ୍ମପୀଠ ସତ୍ୟବାଦୀ ଅଞ୍ଚଳର ସୁଆଣ୍ଡୋ ଗ୍ରାମରେ ପାଳନ କରାଯିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ସକାଳେ ସୁଆଣ୍ଡୋ ଗୋପବନ୍ଧୁ ସଂଗ୍ରହାଳୟରେ ପୁଣ୍ୟାତ୍ମାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଷଠୀଘର ପରିଦର୍ଶନ କରିବେ। ଏହି ଉପଲକ୍ଷେ ସାକ୍ଷୀଗୋପାଳ କଲେଜ ପଡ଼ିଆରେ ସାଧାରଣ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୁରୀ ଓ ଜଗତ୍‌ସିଂହପୁର ଏମ୍‌ପି, ରାଜ୍ୟସଭା ସଦସ୍ୟ, ଜିଲାର ସମସ୍ତ ବିଧାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଆଇନ ଶୃଙ୍ଖଳା, ସୁରକ୍ଷା, ଯାନବାହାନ ନିୟନ୍ତ୍ରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ଜିଲା ପ୍ରଶାସନର ତତ୍ପରତା ପ୍ରକାଶ ପାଇଛି। ଜିଲାପାଳ, ଏସ୍‌ପିଙ୍କ ସହ ଅନ୍ୟ ବିଭାଗର ଅଧିକାରୀମାନେ ସତ୍ୟବାଦୀ ଓ ସୁଆଣ୍ଡୋ ଗସ୍ତକରି ପ୍ରସ୍ତୁତି ନେଇ ଅନୁଧ୍ୟାନ କରିଛନ୍ତି।

ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯାଉ

ପୁରୀ,୩୦।୩(ଅଜିତ୍ କୁମାର ମହାନ୍ତି)

ପୁରୀବାସୀଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ଶ୍ରୀକ୍ଷେତ୍ର ସୁରକ୍ଷା ଅଭିଯାନ ଗଠନ ହୋଇଛି। ସୋମବାର ଅନୁଷ୍ଠିତ ବୈଠକରେ ବିଭିନ୍ନ ବର୍ଗର ଲୋକେ ଯୋଗଦେଇ ନିଜ ନିଜର ମତ ଓ ପ୍ରସ୍ତାବ ଦେଇଛନ୍ତି। ଭାଗ୍ୟରେ ଥିଲେ ଶ୍ରୀକ୍ଷେତ୍ରରେ ଜନ୍ମ ମିଳିଥାଏ। ପ୍ରତିଦିନ ମଙ୍ଗଳ ଆଳତି ହେଉ ବା ବଡ଼ସିଂହାର ବେଶ ଏମିତି ଅନେକ ନୀତିକାନ୍ତି ଦେଖିବାକୁ ଦୈନିକ ଏକାଧିକଥର ପୁରୀବାସୀ ଶ୍ରୀମନ୍ଦିର ଯାଇଥାନ୍ତି। ଏଭଳି ଅନେକ ଲୋକ ଯେଉଁମାନେ ପ୍ରତିଦିନ ମହାପ୍ରଭୁଙ୍କ ଦର୍ଶନ ପରେ ତୁଳସୀ ଗ୍ରହଣ କରି ଅନ୍ନ ଗ୍ରହଣ କରିଥାନ୍ତି। ମାତ୍ର କିଛି ବର୍ଷ ହେବ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଯିବାକୁ ପୁରୀବାସୀ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଦର୍ଶନ ନ ପାଇ ପୁରୀବାସୀ ହନ୍ତସନ୍ତ ହେଉଛନ୍ତି। ଏନେଇ ପ୍ରଶାସନ ଠାରୁ ଆରମ୍ଭ କରି ସରକାରଙ୍କୁ ପୁରୀର ବିଭିନ୍ନ ଅନୁଷ୍ଠାନ, ସଂଗଠନ, ବ୍ୟକ୍ତିବିଶେଷ ଜଣାଇଲେ ମଧ ପୁରୀବାସୀଙ୍କ ସମସ୍ୟାକୁ ପ୍ରଶାସନ ଦୃଷ୍ଟି ଦେଉନାହିଁ। ଫଳରେ ମହାପ୍ରଭୁଙ୍କ ଦର୍ଶନ କରିବାରେ ବୃଦ୍ଧାବୃଦ୍ଧ, ବିଧବା ମହିଳାଙ୍କ ସହ ସାଧାରଣ ପୁରୀ ବାସିନ୍ଦା ଏବେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିପାରୁନାହାନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବ ଓ ଇଚ୍ଛା ଶକ୍ତିକୁ ଦାୟୀ କରିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଓ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଏବଂ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ। ତେଣୁ ପୁନଶ୍ଚ ଅଧିକାରୀଙ୍କୁ ଦାବିପତ୍ର ସହ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୁରୀ ଓକିଲ ସଂଘ ସଭାପତି ପ୍ରେମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ଉତ୍କଳ ବିଦ୍ୱତ୍ ପରିଷଦର ଅଧକ୍ଷ ମନୋଜ ରଥ, ସ୍ୱାଧୀନ ପଣ୍ଡା, ହେକ୍ଟର ମିଶ୍ର, କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସମେତ ଅନ୍ୟ ବ୍ୟକ୍ତିବିଶେଷ ପ୍ରମୁଖ ଉପସ୍ଥିତ ଥିଲେ।

କୋଣାର୍କ ସେବା ସଙ୍ଗଠନ ପକ୍ଷରୁ କବିତା ମହାଯଜ୍ଞ

ଅତିଥିମାନେ ପୁସ୍ତକ 'ଅମୃତ ସନ୍ତାନ'କୁ ଉନ୍ମୋଚନ କରୁଛନ୍ତି ।

କୋଣାର୍କ,୩୦।୩(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ସେବା ସଙ୍ଗଠନ ପକ୍ଷରୁ ରାଜ୍ୟର ସ୍ୱନାମଧନ୍ୟ କବି, କବୟିତ୍ରୀ, ସାହିତ୍ୟିକ ଓ ବ୍ୟଙ୍ଗକବିମାନଙ୍କୁ ନେଇ ଏକ କବିତା ମହାଯଜ୍ଞ କୋଣାର୍କସ୍ଥିତ ଲକ୍ଷ୍ମୀ ପ୍ୟାଲେସ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଅତିଥି ଭାବେ ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ନାୟକ, ବରିଷ୍ଠ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ସମାଜସେବୀ ସୁଶାନ୍ତ ଚିନେରା ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା କବିମାନେ ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ। ସେହିପରି କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ସେବା ସଂଗଠନର ସଭାପତି ସଞ୍ଜୟ କୁମାର ବରାଳଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ବରିଷ୍ଠ ଅଧିକାରୀ ଦିଲୀପ କୁମାର ତ୍ରିପାଠୀ, ବକ୍ତା ଭାବେ ଶୈଳବାଳା ମହିଳା ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷା ଡ. ପ୍ରଭାତୀ ମିଶ୍ର, ବ୍ୟଙ୍ଗ କବି ଡ. ସମ୍ପଦ କୁମର ରଥ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ସମାଜସେବୀ ଡ. ଅଶୋକ ଶତପଥୀ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ପ୍ରଜଯୋକ ଡ.ସୁବାସ ଚନ୍ଦ୍ର ରଥ, ପ୍ରାକ୍ତନ ଉପଶିକ୍ଷା ଅଧିକାରୀ ଡ. ସୌଦାମିନୀ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପୁସ୍ତକ 'ଅମୃତ ସନ୍ତାନ' ଉନ୍ମୋଚିତ ହୋଇଯାଇଛି। ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଲାଭ କରିଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସେବା ସଂଗଠନର ସମ୍ପାଦକ ତଥା ଯୁବ ସମାଜସେବୀ କୁନାଲ ପାତ୍ର ସଂଯୋଜନା କରିଥିବା ବେଳେ ଆକାଶବାଣୀ କଟକ ରେ କାର୍ଯ୍ୟରତ କବୟିତ୍ରୀ ବିଶ୍ୱାମିତ୍ର ମିଶ୍ର ମଞ୍ଚରେ ଉପସ୍ଥାପକ ଭାବେ କାର୍ଯ୍ୟ ତୁଲାଇଥିଲେ।

ସର୍ବପୁରାତନ ଦରଜିସାହି ମେଳଣ ଉଦ୍‌ଯାପିତ

ପିପିଲି,୩୦।୩(ଦୁର୍ଗାମାଧବ ମିଶ୍ର)

ପିପିଲି ଦରଜିସାହିସ୍ଥିତ ମେଳଣ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ମେଳଣରେ ୧୦ ଠାକୁର ବିରାଜମାନ କରିଥିଲେ। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ପ୍ରଥମ ରାତିରେ ରାମଲୀଳା ଏବଂ ଶେଷ ଦୁଇ ରାତିରେ ଗ୍ରାମ ଯୁବକଙ୍କ ଦ୍ୱାରା ସାମାଜିକ ନାଟକ ମଞ୍ଚସ୍ଥ ହୋଇଥିଲା। ଶେଷ ସନ୍ଧ୍ୟାରେ ପତିତପାବନ ମନ୍ଦିର କମିଟି ସମ୍ପାଦକ ଗୋପାଳ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ ପତିତପାବନ ମନ୍ଦିର ଟ୍ରଷ୍ଟି ସୁରେଶ ମହାପାତ୍ର, ପତିତପାବନ ମନ୍ଦିର ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ମହାପାତ୍ର, ମୁଖ୍ୟ ପୂଜକ ଲକ୍ଷ୍ମୀଧର ପଣ୍ଡା, ସାମାଜିକକର୍ମୀ ପ୍ରଭାକର ପଣ୍ଡା ଏବଂ ମନ୍ଦିର କମିଟି କୋଷାଧକ୍ଷ ପ୍ରଦୀପ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷା କ୍ଷେତ୍ରରେ ଅବିନାଶ ମହାପାତ୍ର, ଆୟୁଷ କୁମାର ମହାପାତ୍ର, ସ୍ୱାଗତିକା ମହାରଣା, କଳାଶ୍ରୀ ସମ୍ମାନରେ ଅକ୍ଷୟ ମହାପାତ୍ର, ରୁଦ୍ରନାରାୟଣ ମହାପାତ୍ର, ଯଶଶ୍ରୀ ମହାପାତ୍ର ଏବଂ ସମର୍ପିତ ସେବା ସମ୍ମାନରେ ଏମ୍‌ଡିଡି କ୍ଲବ ଏବଂ ସାଧୁଚରଣ ବଳିୟାରସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ବାଇକ୍ ଚାଳକଙ୍କଠାରୁ ଟଙ୍କା ବ୍ୟାଗ୍ ଲୁଟ ମାମଲା, ୨ ଗିରଫ

ନିମାପଡ଼ା,୩୦।୩(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ଓମ୍‌ଫେଡ ଛକ ଗୌତମନଗରଠାରେ ଗତ ଗୁରୁବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଜଣେ ବାଇକ ଚାଳକଙ୍କୁ ଧକ୍କାମାରି ୨ ଲୁଟେରା ଏକ ବାଇକରେ ଆସି ୨ଲକ୍ଷ ୭୪ହଜାର ଟଙ୍କା ଥିବା ଏକ ବ୍ୟାଗକୁ ଝମ୍ପି ନେଇଥିଲେ। ଏ ସମ୍ପର୍କରେ ଲୁଟ୍‌ର ଶିକାର ହୋଇଥିବା ବାଇକ୍ ଚାଳକ ବିଷ୍ଣୁପୁର କରଞ୍ଜିସାହି ଗ୍ରାମର ଜଗବନ୍ଧୁ ପ୍ରଧାନ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ (କେସ୍ ନଂ.-୮୬/୨୬) ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ବିଶେଷସୂତ୍ରରୁ ଖବରପାଇ ନିମାପଡ଼ା ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଇନ୍ସପେକ୍ଟର ରୀତା ବେହେରା, ଏସ୍‌ଆଇ ଦିଲୀପ କୁମାର ପଣ୍ଡାଙ୍କ ସମେତ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ସୋମବାର ନିମାପଡ଼ା ବଜାର ଠାରେ ଅଚାନକ ଚଢ଼ାଉ କରି ଏହି ଟଙ୍କା ଲୁଟ୍ ମାମଲାରେ ସମ୍ପୃକ୍ତ ୨ଜଣ କୁଖ୍ୟାତ ଲୁଟେରାଙ୍କୁ ଗିରଫ କରିଛି। ଗିରଫ ଲୁଟେରାଦ୍ୱୟଙ୍କଠାରୁ ପୋଲିସ ଲୁଟ୍ ହୋଇଥିବା ୨ଲକ୍ଷ ୭୪ହଜାର ଟଙ୍କା ଓ (ଓଡ଼ି-୦୫-ଏଡ଼ି-୨୪୨୪) ନମ୍ବର ବିଶିଷ୍ଟ ଏକ ବାଇକକୁ ଜବତ କରିଥିବା ନିମାପଡ଼ା ଥାନା ପୋଲିସ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛି। ଗିରଫ ଲୁଟେରାଦ୍ୱୟ ହେଲେ ଗଞ୍ଜାମ ଜିଲା କୋଦଳା ଥାନା ଅନ୍ତର୍ଗତ କୋଦଳା ଗ୍ରାମର ପି. ସୁବାସ (୨୬) ଓ ଏସ୍.ଈଶ୍ୱର (୨୧)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଲୁଟେରାଦ୍ୱୟ ସୋମବାର ନିମାପଡ଼ା ଅଞ୍ଚଳରେ ପୁନଶ୍ଚ ଲୁଟ୍ କରିବାକୁ ମସୁଧା କରୁଥିବା ପୋଲିସ କହିଛି।

ଫଟୋରେ ଖବର

ସାହିଯାତର ତୃତୀୟ ଦିବସ ରବିବାର ବାହାରିଥିବା ବେଶଧାରୀ ମେଢ଼ମାନେ। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ବେନ୍ହୁର୍, ଅରବିନ୍ଦ, ଦୁର୍ଯ୍ୟୋଧନଙ୍କୁ 'ଏକାମ୍ର ସାରସ୍ୱତ ସମ୍ମାନ'

ଭୁବନେଶ୍ୱର,୩୦।୩
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ଏକାମ୍ର ସାହିତ୍ୟ ସଂସଦର ମିଳିତ ସହଯୋଗରେ ସୋମବାର ବାର୍ଷିକ ସାରସ୍ୱତ ସମାରୋହ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଉମାକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ସାହିତ୍ୟିକ ଦାଶ ବେନହୁର୍, ଲେଖକ ଅରବିନ୍ଦ ଦାଶ, ସଂସଦର ଉପସଭାପତି ଦୁର୍ଯ୍ୟୋଧନ କାଠୁଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନଙ୍କୁ ଜୀବନବ୍ୟାପୀ ସାହିତ୍ୟ ସାଧନା ପାଇଁ 'ଏକାମ୍ର ସାରସ୍ୱତ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କୁଳମଣି ମହାନ୍ତିଙ୍କ ଧନ୍ୟବାଦ ଦେଇଥିଲେ।

ରୁକୁଣା ରଥଯାତ୍ରା: ବାହୁଡ଼ିଲେ ଶ୍ରୀଲିଙ୍ଗରାଜ

ଅସୁରକିଆରି ନିକଟରେ ଅଟକିଲା ରଥ

ପୁରୁଣା ଭୁବନେଶ୍ୱର,୩୦।୩
(ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରଭୁ ଶ୍ରୀଲିଙ୍ଗରାଜ ସୋମବାର ଅପରାହ୍ନରେ ସ୍ୱମନ୍ଦିର ବିଜେ କରିବାକୁ ରୁକୁଣା ରଥରେ ବାହୁଡ଼ିଛନ୍ତି। ଅସୁରକିଆରି ନିକଟରେ ସନ୍ଧ୍ୟା ହୋଇଯିବାରୁ ରଥ ଅଟକିଥିଲା। ଶ୍ରୀଲିଙ୍ଗରାଜ ମନ୍ଦିରରେ ପ୍ରାତଃରୁ ମଙ୍ଗଳ ଆଳତି, ଅବକାଶ ପରେ ରାମେଶ୍ୱର ମନ୍ଦିରରେ ଆଳତି, ଅବକାଶ କରାଯାଇଥିଲା। ମନ୍ଦିରରେ ଭୋଗ ମଣ୍ଡପ ସରିବା ପରେ ସକାଳ

ଧୂପ ହୋଇଥିଲା। ଅପରାହ୍ନରେ ଠାକୁର ପହଣ୍ଡି ବିଜେ ହୋଇଥିଲେ। ଶ୍ରୀଜୀଉମାନେ ରଥାରୂଢ଼ ହୋଇସାରିବା ପରେ ଦିଅଁଙ୍କୁ ମଣାଇବାକୁ ବହୁ ନିଯୋଗ ଠିକ୍ ସମୟରେ ଉପସ୍ଥିତ ହୋଇପାରି ନ ଥିଲେ, ଫଳରେ ରଥଟଣାରେ ବିଳମ୍ବ ହୋଇଥିଲା ବୋଲି ବରିଷ୍ଠ ସେବାୟତ ପ୍ରସନ୍ନ ପୂଜାପଣ୍ଡା କହିଛନ୍ତି। ନିର୍ଦ୍ଧାରିତ ସମୟର ଘଣ୍ଟାଏ ବିଳମ୍ବରେ ଅର୍ଥାତ୍ ଅପରାହ୍ନ ୩ଟା ୩୦ରେ ରଥଟଣା ଆରମ୍ଭ ହୋଇଥିଲା। ବାଟରେ ଏକ ବିଦ୍ୟୁତ୍ ଖୁଣ୍ଟରେ ରଥ ପିଟି ହୋଇ ରହିଯାଇଥିଲା। ସେଠାରେ ପ୍ରାୟ ୧ଘଣ୍ଟା ରଥ ରହିବାରୁ ଅସୁରକିଆରି ନିକଟରେ ରଥ ପହଞ୍ଚିବା ବେଳକୁ ସନ୍ଧ୍ୟା ହୋଇଯାଇଥିଲା। ସେଠାରେ ଦ୍ୱିପ୍ରହର ଧୂପ କରାଯାଇ ଆଳତି ଏବଂ ରଥରେ ପୂଜା ହୋଇଥିଲା। ସୂର୍ଯ୍ୟାସ୍ତ ହୋଇଯାଇଥିବାରୁ ରଥ ସାରଥୀ ଭବାନୀ ପ୍ରସାଦ ଖୁଣ୍ଟିଆ ରଥଟଣା ବନ୍ଦ କରିଥିଲେ। ମଙ୍ଗଳବାର ଅପରାହ୍ନରେ ଅଟକି ରହିଥିବା ରୁକୁଣା ରଥ ଟଣାଯିବା ନେଇ ମନ୍ଦିର ପ୍ରଶାସନ ସନ ପକ୍ଷରୁ ସ୍ଥିର ହୋଇଛି।

ଶ୍ରୀଲିଙ୍ଗରାଜ ମହୋତ୍ସବର ୫ମ ସନ୍ଧ୍ୟା

ପୁରୁଣା ଭୁବନେଶ୍ୱର,୩୦।୩
(ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପବିତ୍ର ରୁକୁଣା ରଥଯାତ୍ରା ଅବସରରେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଚାଲିଥିବା ଶ୍ରୀଲିଙ୍ଗରାଜ ମହୋତ୍ସବର ସୋମବାର ଥିଲା ପଞ୍ଚମ ସନ୍ଧ୍ୟା। ପ୍ରକାଶନୀ ସଭାପତି ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତା ଏବଂ ସାଧାରଣ ସମ୍ପାଦକ ସନତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମହୋତ୍ସବରେ ଅତିଥିଭାବେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ, ବିଶିଷ୍ଟ ସାମ୍ବାଦିକ ବିରୁପାକ୍ଷ ତ୍ରିପାଠୀ, ପଦ୍ମଶ୍ରୀ ଦୁର୍ଗାଚରଣ ରାଣବୀର ପ୍ରମୁଖ ଯୋଗଦେଇଥିଲେ। ପଦ୍ମଶ୍ରୀ ଦୁର୍ଗାଚରଣ ରାଣବୀରଙ୍କ ଦଳ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରେ ଜଳେଶ୍ୱର ଶ୍ରଦ୍ଧା କ୍ରିଏଟିଭ ପକ୍ଷରୁ କୋଲକାତା ଓ ମଣିପୁରରୁ ଆସିଥିବା କଳାକାରଙ୍କ ଲୋକ ନୃତ୍ୟ, ଶୁଭଶ୍ରୀ କ୍ରିଏଟିଭ ନୃତ୍ୟ, କେନ୍ଦ୍ରୀୟ ପୂର୍ବାଞ୍ଚଳ ସାଂସ୍କୃତିକ ପରିଷଦ ପକ୍ଷରୁ ପୁରୁଲିଆ ଛଉ, କଟକ ନୃତ୍ୟମ ଅନୁଷ୍ଠାନର ଫ୍ୟୁଜନ ଡ୍ୟାନ୍ସ ଓ ସୁକନ୍ୟା ଭାରତୀୟ ସାଂସ୍କୃତିକ ଟ୍ରଷ୍ଟ ପକ୍ଷରୁ କ୍ରିଏଟିଭ ନୃତ୍ୟ ପରିବେଷଣ ହୋଇଥିଲା। ପରେ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମୁଖପାତ୍ର ଲିଙ୍ଗରାଜ ସାହୁ, ଗୁରୁ ଡ.ଗଜେନ୍ଦ୍ର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

ଶ୍ରୀଲିଙ୍ଗରାଜ ମହୋତ୍ସବର ସୋମବାର ପଞ୍ଚମ ସନ୍ଧ୍ୟାରେ ରାଜ୍ୟ ବାହାରୁ ଆସିଥିବା ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଝିଣ୍ଟିରେ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ

ବାଲକାଟୀ,୩୦।୩(ମନୋଜ ମଣ୍ଡଳ)

ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଝିଣ୍ଟି ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୨୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୧୧ଟି, ଖାଉଟିକାର୍ଡ ସମ୍ବନ୍ଧୀୟ ୧ଟି, ଅନ୍ୟାନ୍ୟ ବିଭାଗୀୟ ସମ୍ବନ୍ଧୀୟ ୧୧ଟି ରହିଥିଲା। ଏହି କାର୍ଯ୍ୟକ୍ରମରେ ବିଡିଓ ରଶ୍ମିତା ନାଥ, ବ୍ଲକ ଉପାଧ୍ୟକ୍ଷା ଇତିଶ୍ରୀ ଜେନା, ସରପଞ୍ଚ ଅଜିତ କୁମାର ପାତ୍ର ଏବଂ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ଜିଲ୍ଲାସ୍ତରୀୟ ଖାଉଟି ସଚେତନତା ଶିବିର

ବାଲିପାଟଣା, ୩୦।୩
(ଅଭିମନ୍ୟୁ ନାୟକ)

ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଜିଲା ଯୋଗାଣ ଅଧିକାରୀଙ୍କ ସହାୟତାରେ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆସୋସିଏଶନ ଫର୍ ଇଣ୍ଟିଗ୍ରେଟେଡ୍ ଡେଭଲପମେଣ୍ଟ ସଂଯୋଜନାରେ ସୋମବାର ଜିଲାସ୍ତରୀୟ ଖାଉଟି ସଚେତନତା ଶିବିର ବାଲିପାଟଣା ଛକ ନିକଟସ୍ଥ ଦୁର୍ଗାମାଧବ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଲୋକକଳା ଦାସକାଠିଆ ପରିବେଷଣ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଯୋଗାଣ ଅଧିକାରୀ ସୁନିତା ବେହେରା ଯୋଗଦେଇ। ବାଲିପାଟଣା ପ୍ରେସ କ୍ଲବ ସଭାପତି ଦିଲୀପ କୁମାର ଓଝା, ସମବାୟବିତ୍ ସୋମନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ରେଡ଼ିଓ କିସାନର ମୁଖ୍ୟ ପ୍ରଦୀପ୍ତ ଦତ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଖାଉଟି ସଚେତନତା ଉପରେ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ଡା. ଦିଲୀପ କୁମାର ପରିଡା ଏମ୍ସ ଡିନ୍

ଭୁବନେଶ୍ୱର, ୩୦।୩ (ବନ୍ଦନା ସେଠୀ)

ଭୁବନେଶ୍ୱରସ୍ଥିତ ଅଲ ଇଣ୍ଡିଆ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଏମ୍ସ)ର ଡିନ୍ ହେଲେ ଡା. ଦିଲୀପ କୁମାର ପରିଡା। ସୋମବାର ଏମ୍ସ ଅଧ୍ୟକ୍ଷ ଓ ନିର୍ଦ୍ଦେଶକ ଡା. ପଣ୍ଡାଙ୍କୁ ଡିନ୍ (ଏକାଡେମିକ) ଭାବେ ନିଯୁକ୍ତ କରିଥିବା ନେଇ ପ୍ରତିଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଡା. ପରିଡା ୨୦୧୩ରେ ଏମ୍ସ ଭୁବନେଶ୍ୱରରେ ପ୍ରତିଷ୍ଠାପକ ସଦସ୍ୟ ଏବଂ ବିକିରଣ ଅଙ୍କୋଲୋଜି ବିଭାଗର ମୁଖ୍ୟ ଭାବେ ଯୋଗ ଦେଇଥିଲେ। ସେ ଦିଲ୍ଲୀ ଏମ୍ସ ଓ ମେଘାଳୟସ୍ଥିତ ନର୍ଥ ଇଷ୍ଟର୍ନ ଇନ୍ଦିରାଗାନ୍ଧୀ ରିଜିଓନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ହେଲ୍ଥ ଆଣ୍ଡ୍ ମେଡିକାଲ ସାଇନ୍ସ (ଏନ୍ଇଆଇଗ୍ରୀହମ୍ସ)ରୁ ଶିକ୍ଷା ଓ ଚିକିତ୍ସା ଅଭିଜ୍ଞତା ହାସଲ କରିଛନ୍ତି। ତେବେ ଡା. ପରିଡା ୨୦୧୩ରେ କ୍ୟାନ୍ସର ରୋଗୀଙ୍କ ପାଇଁ ଏମ୍ସର ପ୍ରଥମ କ୍ଲିନିକାଲ ସୁବିଧା ଭାବେ ଅଙ୍କୋଲୋଜି ଡେ' କେୟାର ଆରମ୍ଭ କରିଥିଲେ। ୨୦୧୬-୧୭ ଓ ୨୦୨୨ରୁ ୨୦୨୬ ପର୍ଯ୍ୟନ୍ତ ସେ ଅତିରିକ୍ତ ଭାବେ ଏମ୍ସର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇଥିଲେ। ଡା. ପରିଡା କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସବ୍ଡିଭିଜନର ସ୍ୱର୍ଗତା ଶାନ୍ତିଲତା ଓ ସତ୍ୟବାନ୍ ପରିଡାଙ୍କ ଜ୍ୟେଷ୍ଠ ପୁତ୍ର।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com

@ ଦେବପ୍ରସାଦ

@ ରାମ

@ କାହ୍ନୁ

@ ସୁଶ୍ରୀ



@ ଓମ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ମାଧ୍ୟମିକ ଶିକ୍ଷକଙ୍କୁ ଏକାଧିକ ଥର ମ୍ୟୁଚୁଆଲ୍ ବଦଳି ପାଇଁ ସୁଯୋଗ ଦିଆଯାଉ

ଭୁବନେଶ୍ୱର,୩୦।୩(ସୁଚିସ୍ମିତା ସାହୁ)

ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ଟିଜିଟି ଶିକ୍ଷକଙ୍କ ଏକାଧିକଥର ମ୍ୟୁଚୁଆଲ ଆନ୍ତଃଜିଲା ବଦଳିରେ ବିଭାଗ ପକ୍ଷରୁ ପ୍ରତିବନ୍ଧକ ଲଗାଯାଇଛି। ଅନ୍ୟ ସମସ୍ତ ବିଭାଗରେ ରାଜ୍ୟ କ୍ୟାଡର କର୍ମଚାରୀମାନେ ଚାକିରୀ ସମୟ ମଧ୍ୟରେ ଏକାଧିକଥର ଆନ୍ତଃଜିଲା ମ୍ୟୁଚୁଆଲ ବଦଳି ହେଉଥିବାବେଳେ ଗଣଶିକ୍ଷା ବିଭାଗ ଟିଜିଟି କର୍ମଚାରୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛି। ରାଜ୍ୟ କ୍ୟାଡର କର୍ମଚାରୀ ହୋଇଥିଲେ ମଧ୍ୟ ସେମାନଙ୍କୁ ମାତ୍ର ଥରେ ମ୍ୟୁଚୁଆଲ୍ ବଦଳି ପାଇଁ ସୁଯୋଗ ଦିଆଯାଉଛି। ଏହାଦ୍ୱାରା ଶିକ୍ଷୟିତ୍ରୀଶିକ୍ଷକମାନେ ମାନସିକ ଅଶାନ୍ତିରେ ରହୁଛନ୍ତି। ମ୍ୟୁଚୁଆଲ ବଦଳିରେ ସ୍କୁଲ ବା ଜିଲାସ୍ତରରେ କୌଣସି ଅଭାବ ବା ଅତିରିକ୍ତ ପଦ ସୃଷ୍ଟି ହେବ ନାହିଁ। ଅନେକ ଶିକ୍ଷକଙ୍କୁ ଗତବର୍ଷ ମ୍ୟୁଚୁଆଲ ବଦଳିରେ ବିଭିନ୍ନ ଜିଲାରୁ ଅନ୍ୟ ଜିଲାକୁ ସ୍ଥାନାନ୍ତର କରାଯାଇଛି। କିନ୍ତୁ ସେମାନେ ସେମାନଙ୍କ ବୃଦ୍ଧ ଏବଂ ଅସୁସ୍ଥ ପିତାମାତାଙ୍କ ଯତ୍ନ ନେବା ପାଇଁ ନିଜ ଜିଲାକୁ ଯାଇପାରୁ ନାହାନ୍ତି। ତେଣୁ ହଜାର ହଜାର ଶିକ୍ଷକଙ୍କ ପାଇଁ ନିଜ ଜିଲାକୁ ପହଞ୍ଚିବା ଅତ୍ୟନ୍ତ ଅନିବାର୍ଯ୍ୟ ହୋଇପଡ଼ିଛି। ମାଧ୍ୟମିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବୃହତ୍ତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆସନ୍ତା ଶିକ୍ଷାବର୍ଷରେ ମ୍ୟୁଚୁଆଲ୍ ବଦଳି ପାଇଁ ଅନୁମତି ଦେବାକୁ ଓଡିଶା ସରକାରୀ ହାଇସ୍କୁଲ ଏନ୍ପିଏସ୍ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ଗଣଶିକ୍ଷାମନ୍ତ୍ରୀ, ବିଭାଗୀୟ ସଚିବ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିକଟରେ ଦାବି କରିଛି। ନଚେତ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ, ଅବାହାକ ବିଶ୍ୱଜିତ୍ ବିଶ୍ୱାଳ, କୋଷାଧ୍ୟକ୍ଷ ପଞ୍ଚାନନ ଜେନା, ଉପସଭାପତି ଗିରିଜା କୁଣ୍ଡ ପ୍ରମୁଖ ଚେତାବନୀ ଦେଇଛନ୍ତି।

ବାଉଁଶ ସ୍ଥାୟୀ ଜୀବିକା, ଅର୍ଥନୈତିକ ଅଭିବୃଦ୍ଧିର ସାମର୍ଥ୍ୟ ରଖିଛି

ଭୁବନେଶ୍ୱର, ୩୦।୩ (ବନ୍ଦନା ସେଠୀ)

ବାମ୍ବୁ ଫରୱାର୍ଡ ସମିଟ୍: ଫ୍ରମ୍ ଗ୍ରାଉଣ୍ଡ୍ ଟୁ ଗ୍ରୋଥ୍

ଓଡ଼ିଶାରେ ବାଉଁଶ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ଏବଂ ରାଜ୍ୟର ପ୍ରାକୃତିକ ସମ୍ପଦକୁ ଏକ ସୁଦୃଢ଼ ଉଦ୍ୟୋଗଭିତ୍ତିକ ପରିବେଶରେ ପରିଣତ କରିବା ଉଦ୍ଦେଶ୍ୟରେ 'ବାମ୍ବୁ ଫରୱାର୍ଡ ସମିଟ୍: ଫ୍ରମ୍ ଗ୍ରାଉଣ୍ଡ ଟୁ ଗ୍ରୋଥ୍' ଅନୁଷ୍ଠିତ ହୋଇଯାଇଛି। ସୋମବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବାଉଁଶ ସ୍ଥାୟୀ ଜୀବିକା ଏବଂ ଅର୍ଥନୈତିକ ଅଭିବୃଦ୍ଧିର ଏକ ପ୍ରମୁଖ ଶକ୍ତି ହେବାର ସାମର୍ଥ୍ୟ ରଖିଛି। ଏହାର ବିକାଶ ପାଇଁ ଏକ ସମନ୍ୱିତ ଏବଂ ଶିଳ୍ପୋନ୍ମୁଖୀ ଆଭିମୁଖ୍ୟ ଆବଶ୍ୟକ, ଯେଉଁଥିରେ ମୂଲ୍ୟ ବୃଦ୍ଧି ଏବଂ ବଜାର ସଂଯୋଗୀକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ଉଚିତ ବୋଲି ପ୍ରମୁଖ ଶାସନ ସଚିବ କହିଥିଲେ।

ବୈଷୟିକ ଅଧିବେଶନଗୁଡ଼ିକରେ ବାଉଁଶର ସମ୍ଭାବନାକୁ ନେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ବିଶେଷକରି ଗୋଷ୍ଠୀ ଜଙ୍ଗଲ ଅଧିକାର ଅଞ୍ଚଳରେ ବାଉଁଶ ଚାଷ, କୋରାପୁଟର କ୍ଷେତ୍ରସ୍ତରୀୟ ଅଭିଜ୍ଞତା, ବାୟୋଚାର ଭଳି ଶିଳ୍ପ ପ୍ରୟୋଗ ଏବଂ ଗୁଣବତ୍ତା ନିଶ୍ଚିତ କରିବା ପାଇଁ ପ୍ରମାଣପତ୍ର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାବ୍ୟତୀତ ଓଏଫ୍ଏସ୍ଡିପି କାମ୍ପା, ଓଏଫ୍ଡିସି, ମିଶନ ଶକ୍ତି ଏବଂ ଅନ୍ୟାନ୍ୟ ଜୀବିକା ମିଶନ ଭଳି ପ୍ରମୁଖ ସରକାରୀ କାର୍ଯ୍ୟକ୍ରମଗୁଡ଼ିକ ସହ ସମନ୍ୱୟ ରକ୍ଷା କରି ବାଉଁଶ କ୍ଷେତ୍ରର ସମନ୍ୱିତ ବିକାଶ ପାଇଁ ଏକ ବଳିଷ୍ଠ ରୋଡ୍ମ୍ୟାପ ପ୍ରସ୍ତୁତ କରାଯାଇଥିଲା। ସେହିପରି ବଜାର ସଂଯୋଗୀକରଣ ଏବଂ ବ୍ୟବସାୟୀମାନଙ୍କ ସହ ଆଲୋଚନା ଉପରେ ମଧ୍ୟ ଧ୍ୟାନ ଦିଆଯାଇଥିଲା। ବାଉଁଶଭିତ୍ତିକ ଉଦ୍ୟୋଗଗୁଡ଼ିକୁ ବୃଦ୍ଧି କରିବା ପାଇଁ ବଜାରର ସ୍ଥିତି, କ୍ଲଷ୍ଟର ବିକାଶ, ଡିଜାଇନଭିତ୍ତିକ ଉତ୍ପାଦ ଏବଂ ପୁଞ୍ଜିର ସହଜ ଉପଲବ୍ଧତା ବିଷୟରେ ଆଲୋଚନା ହୋଇଥିଲା। ସମ୍ମିଳନୀରେ ଓଡ଼ିଶା ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ଡ. କେ. ମୁରୁଗେଶନ, ଓଏଫ୍ଡିସି ନିର୍ଦ୍ଦେଶକ ସ୍ୱୟମ ମଲ୍ଲିକ, ଓଡ଼ିଶା ବାମ୍ବୁ ଡେଭଲପ୍ମେଣ୍ଟ ଏଜେନ୍ସିର ଏସ୍ଏମ୍ଡି କାର୍ତ୍ତିକ ଭି. ଏବଂ ଆଞ୍ଚଳିକ ନିର୍ଦ୍ଦେଶକ (ଦକ୍ଷିଣ ଏସିଆ) ସଙ୍ଗୀତା ଅଗସ୍ତି ପ୍ରମୁଖ ଯୋଗଦେଇ ବାଉଁଶ କ୍ଷେତ୍ରର ରୂପାନ୍ତରଣ ଉପରେ ଆଲୋଚନା କରିଥିଲେ।

ଜଙ୍ଗଲ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କ ସହ ଅନ୍ୟ ଅଧିକାରୀମାନେ।

୩୦ ସ୍ଥାନରେ ବକୁଳ ସେବା ଦିବସ

ଭୁବନେଶ୍ୱର,୩୦।୩ (ସୌମ୍ୟରଞ୍ଜନ ରାଉତ)

ବକୁଳ ଫାଉଣ୍ଡେଶନ ପକ୍ଷରୁ ରବିବାର ଭୁବନେଶ୍ୱରର ୩୦ ସ୍ଥାନରେ ବକୁଳ ସେବା ଦିବସ ପାଳିତ ହୋଇଯାଇଛି। ସେବା ଦିବସର ମୁଖ୍ୟ ସମନ୍ୱୟକାରୀ ଶ୍ରୁତି କାନୁନ୍ଗୋ କହିଥିଲେ, ଯୁବମାନଙ୍କୁ ସ୍ୱେଚ୍ଛାସେବା ପାଇଁ ଆକୃଷ୍ଟ କରିବା, ଶିଶୁଙ୍କୁ କଳା, କାହାଣୀ ଓ ଖେଳ ମାଧ୍ୟମରେ ଆନନ୍ଦମୟ ଶିକ୍ଷା ଦେବା ଏବଂ ବସ୍ତିର ସମସ୍ୟାଗୁଡ଼ିକ ପ୍ରତି ଯୁବବର୍ଗଙ୍କୁ ସଚେତନ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଏଏସ୍ବିଏମ୍ ୟୁନିଭର୍ସିଟିର ଆଇନ୍ ଛାତ୍ର ସଂସ୍କାର ମିଶ୍ର କହିଲେ, ୨ ବର୍ଷ ପୂର୍ବେ ବସ୍ତିର ଲୋକମାନେ ବକୁଳକୁ ଏକ ସମ୍ପନ୍ନ ଏନ୍ଜିଓ ଭାବି ସମସ୍ତ ସୁବିଧା ଦେବାକୁ ଆଶା କରୁଥିଲେ। କିନ୍ତୁ ସମୟ ସହିତ ସ୍ୱେଚ୍ଛାସେବକଙ୍କ ନିରନ୍ତର ପ୍ରୟାସ ଦେଖି ସେମାନେ ଅତ୍ୟନ୍ତ ସହଯୋଗୀ ଓ ସ୍ନେହଶୀଳ ହୋଇଛନ୍ତି। ସେବା ଦିବସକୁ ଆତିଥ୍ୟ ଦେବାକୁ ଉତ୍ସାହିତ ହୋଇଛନ୍ତି। ଚଳିତ ବର୍ଷ ପ୍ରାୟ ୬ଶହ ସ୍ୱେଚ୍ଛାସେବକ ଅଂଶଗ୍ରହଣ କରି ସହରର ବିଭିନ୍ନ ବସ୍ତିରୁ ୩୫ଶହରୁ ଅଧିକ ଶିଶୁଙ୍କ ସହିତ ଉତ୍ସବ ପାଳନ କରିଥିଲେ। ସେହିପରି ଛାତ୍ରୀ ଆଂଶିକା ପ୍ରଧାନ ଓ ବିଦ୍ୟା ନିଜର ସେବା ଅନୁଭୂତି ବଖାଣିଥିଲେ। କାର୍ଯ୍ୟକ୍ରମରେ ଫାଉଣ୍ଡେଶନ୍ର ପ୍ରତିଷ୍ଠାତା ସୁଜିତ୍ ମିଶ୍ର ଉପସ୍ଥିତ ରହି ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ।

ବକୁଳ ସେବା ଦିବସ ପାଳନ ଅବସରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନଙ୍କ ଗହଣରେ ସ୍ୱେଚ୍ଛାସେବୀମାନେ।

ଅଙ୍ଗ ପ୍ରତିରୋପଣରେ ଭାରତ ତୃତୀୟ

କର୍ମଶାଳାରେ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ଅତିରିକ୍ତ ଶାସନ ସଚିବ ସୁଭାଶିଷ ପଣ୍ଡା, ଭୁବନେଶ୍ୱର ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୩୦।୩ (ବନ୍ଦନା ସେଠୀ)

ଭାରତ ଅଙ୍ଗ ପ୍ରତିରୋପଣରେ ବିଶ୍ୱସ୍ତରରେ ତୃତୀୟ ଅଗ୍ରଣୀ ଦେଶ ଭାବରେ ସ୍ଥାନ ପାଇଛି। ଗତବର୍ଷ ଦେଶରେ ପ୍ରାୟ ୨୦ହଜାର ଅଙ୍ଗ ପ୍ରତିରୋପଣ କରାଯାଇଥିଲା। ପ୍ରାୟ ୮୨ ପ୍ରତିଶତ ଅଙ୍ଗଦାନ ଜୀବିତ ଦାତାଙ୍କଠାରୁ ଆସିଥାଏ। ଏ କ୍ଷେତ୍ରରେ ମହିଳାମାନେ ସବୁଠାରୁ ବଡ଼ ଦାତା ଗୋଷ୍ଠୀ। ପ୍ରତିରୋପଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଘରୋଇ କ୍ଷେତ୍ରରେ ଘଟେ, ଯାହା ସୁଲଭତାକୁ ସୀମିତ କରେ। ତେଣୁ ଜନସଚେତନତା ବୃଦ୍ଧି ଏବଂ ସରକାରୀ ପ୍ରତିଷ୍ଠାନରୁ ଅଧିକ ଅଂଶଗ୍ରହଣର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ଅତିରିକ୍ତ ଶାସନ ସଚିବ ସୁଭାଶିଷ ପଣ୍ଡା ମତବ୍ୟକ୍ତ କରିଛନ୍ତି। ସୋମବାର ଏମ୍ସ ଭୁବନେଶ୍ୱର ପକ୍ଷରୁ ଜାତୀୟ ଚିକିତ୍ସା ବିଜ୍ଞାନ ଏକାଡେମୀ (ନାମ୍ସ) ସହଯୋଗରେ 'ଅଙ୍ଗ ପ୍ରତିରୋପଣ ଏବଂ ସ୍ୱାସ୍ଥ୍ୟସେବାରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ଉପଯୋଗ ସମ୍ପର୍କିତ ଆଞ୍ଚଳିକ କର୍ମଶାଳା' ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଶାସନ ସଚିବ ପଣ୍ଡା ଅଙ୍ଗ ପ୍ରତିରୋପଣରେ ଏଆଇର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ବିଶାଳ ଡାଟାବେସ୍କୁ ଏକୀକୃତ କରିବା, ବିଶେଷଜ୍ଞଙ୍କୁ ନିଷ୍ପତ୍ତି ନେବାରେ ସହାୟତା ପୂର୍ବକ ଅଙ୍ଗ ପ୍ରତିରୋପଣକୁ ବ୍ୟବସ୍ଥିତ ଏବଂ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ଏଆଇ ଉତ୍ପ୍ରେରକ ଭୂମିକା ନିର୍ବାହ କରିବ ବୋଲି ସେ କହିଥିଲେ।

ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡା. ଆଶୁତୋଷ ବିଶ୍ୱାସ ଡାଟାପୁଲ୍କୁ ବିସ୍ତାର କରିବା, ସଂସ୍ଥାଗତ ପ୍ରସ୍ତୁତିକୁ ମଜଭୁତ କରିବା, ଜାତୀୟ ନୀତି ରଣନୀତି ସହିତ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ। ନାମ୍ସ ସଭାପତି ଡା. ଦିଗମ୍ବର ବେହେରା କହିଲେ, ଭାରତରେ ବାର୍ଷିକ ପ୍ରାୟ ୫ଲକ୍ଷ ଅଙ୍ଗ ଆବଶ୍ୟକ। ଏହାର ମାତ୍ର ୩% ପୂରଣ ହେଉଛି। ତଥ୍ୟ ଅନୁସାରେ ୮୨ ହଜାରରୁ ଅଧିକ ରୋଗୀ ସକ୍ରିୟ ପ୍ରତୀକ୍ଷା ତାଲିକାରେ ଥିବା ଡା. ବେହେରା ସୂଚନା ଦେଇଛନ୍ତି।

କାର୍ଯ୍ୟକ୍ରମରେ ଏମ୍ସ ଋଷିକେଶର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ମୀନୁ ସିଂହ, ଏମ୍ସ ଅବନ୍ତିପୋରାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ସଚ୍ଚିଦାନନ୍ଦ ମହାନ୍ତି, ଏମ୍ସ କଲ୍ୟାଣୀର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡା. ଅରବିନ୍ଦ ସିହ୍ନା, ପିଜିଆଇଏମଇଆର ଚଣ୍ଡିଗଡର ପୂର୍ବତନ ନିର୍ଦ୍ଦେଶକ ତଥା ନାମ୍ସ ଟାସ୍କଫୋର୍ସର ଅଧ୍ୟକ୍ଷ ଡା. ଯୋଗେଶ କୁମାର ଚାୱଲା ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଓ ଝାଡ଼ଖଣ୍ଡରୁ ୩ଶହରୁ ଅଧିକ ଚିକିତ୍ସକଙ୍କ ସମେତ ଅଙ୍ଗ ପ୍ରତିରୋପଣ ଏବଂ ସ୍ୱାସ୍ଥ୍ୟସେବାରେ ଅଭିଜ୍ଞତା ଥିବା ଏଆଇ ବିଶେଷଜ୍ଞମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ସଂଗଠନ ସମ୍ପାଦକ ଡ. ଭାଗୀରଥି ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ।

ଆକ୍ରମଣ ମାମଲାରେ ଅଭିଯୁକ୍ତ ଗିରଫ

କଟକ,(କାର୍ତ୍ତିକ ସାହୁ) ମାଲଗୋଦାମ ଥାନା ପୋଲିସ ଏକ ଆକ୍ରମଣ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଗୁରୁପ୍ରସାଦ ସେଠୀ ଓରଫ ଗୁନ ସେଠୀ (୨୦)। ଅଭିଯୁକ୍ତ ଗତ ୧୨ ତାରିଖରେ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିଥିଲେ। ଯଦ୍ୱାରା ସେ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ଏନେଇ ମାଲଗୋଦାମ ଥାନାରେ କେସ୍ ନଂ ୧୦୧/୨୦୨୬ ରୁଜୁ ହୋଇଛି।

ବିଧାନସଭା ଘେରାଉ ପାଇଁ ଚାଷୀଙ୍କ ପଦଯାତ୍ରା

ଅଟକାଇବାରୁ ରାସ୍ତାରେ ଶୋଇ ପ୍ରତିବାଦ

ଫୁଲନଖରା,୩୦।୩
(ସତ୍ୟରଞ୍ଜନ ଦାସମହାପାତ୍ର)

ଚାଷୀଙ୍କ ବିଭିନ୍ନ ସମସ୍ୟା ଓ ଦାବି ନେଇ ବିଧାନସଭା ଘେରାଉ ପାଇଁ ପଦଯାତ୍ରାରେ ଭୁବନେଶ୍ୱର ଯାଉଥିବା ନବନିର୍ମାଣ କୃଷକ ସଂଗଠନର ସଦସ୍ୟ ତଥା ଚାଷୀଙ୍କୁ ସୋମବାର ଫୁଲନଖରାଠାରେ ପୋଲିସ ରୋକିବା ସହ ଗିରଫ କରିଛି। ଏହା ପ୍ରତିବାଦରେ ସେମାନେ ସେଠାରେ ୧୬ନଂ. ଜାତୀୟ ରାଜପଥରେ ଶୋଇ ଧାରଣା ଦେଇଥିବାବେଳେ ପୋଲିସ ସେମାନଙ୍କୁ ଉଠାଇନେଇଥିଲା।

ସୂଚନା ଅନୁଯାୟୀ, ଗତ ୨୨ତାରିଖରେ ଘଟଗାଁ ତାରିଣୀ ମନ୍ଦିରରୁ ନବନିର୍ମାଣ କୃଷକ ସଙ୍ଗଠନର କାର୍ଯ୍ୟକର୍ତ୍ତା ଓ ସଦସ୍ୟଙ୍କ ସମେତ ଅନେକ ଚାଷୀ ପଦଯାତ୍ରାରେ ବାହାରି ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ସୋମବାର ଅପରାହ୍ନରେ ସେମାନେ ଫୁଲନଖରାଠାରେ ପହଞ୍ଚିଥିଲେ। ସେଠାରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ପୋଲିସ ସେମାନଙ୍କ ଆନ୍ଦୋଳନକୁ ବେଆଇନ କହିବା ସହ ସଂଗଠନର ରାଷ୍ଟ୍ରୀୟ ଆବାହକ ଅକ୍ଷୟ କୁମାର, ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, କଟକ ଜିଲା ସଂଯୋଜକ କୃଷ୍ଣଚନ୍ଦ୍ର ବେହେରା ଏବଂ ଚାଷୀ ନେତା ରାକେଶ ଟିକାୟତ ପ୍ରମୁଖଙ୍କୁ ଗିରଫ କରିଥିଲା। ଏହାର ପ୍ରତିବାଦରେ ୩୦୦ରୁ ଊର୍ଦ୍ଧ୍ୱ କର୍ମୀ ଏବଂ ଚାଷୀ ରାଜପଥରେ ବସି ଓ ଶୋଇରହି ଧାରଣା ଦେଇଥିଲେ। ପୋଲିସ ଆୟୁକ୍ତ, ଏସିପି, ଡିସିପି, ଫୁଲନଖରା ଆଇଆଇସିଙ୍କ ସମେତ ଶତାଧିକ ପୋଲିସ କର୍ମଚାରୀ ସେମାନଙ୍କୁ ବଳପୂର୍ବକ ଉଠାଇ ନେଇଥିଲେ। ରାଜପଥ ଅବରୋଧ ଯୋଗୁ ପ୍ରାୟ ଦୁଇଘଣ୍ଟା କାଳ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସୂଚନାଯୋଗ୍ୟ, ଚାଷୀଙ୍କ ବିଭିନ୍ନ ସମସ୍ୟା ଓ ଦାବି ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଏହି ଅଭିଯାନ ଆୟୋଜନ ହୋଇଥିଲା, ମାତ୍ର ପୋଲିସ ତାକୁ ବିଫଳ କରିଥିଲା।

ଫୁଲନଖରାଠାରେ ରାସ୍ତାରେ ଶୋଇ ପ୍ରତିବାଦ ଜଣାଉଥିବା ଚାଷୀଙ୍କୁ ପୋଲିସ ଉଠାଇ ନେଉଛି।

ଶିକ୍ଷା ବିଭାଗ ଯୁଗ୍ମ ନିର୍ଦ୍ଦେଶିକାଙ୍କ ଗୋପାଳ ସ୍ମୃତି ବିଦ୍ୟାପୀଠ ପରିଦର୍ଶନ

କଟକ ସଦର, ୩୦।୩(ସୁଶାନ୍ତ କୁମାର ଜେନା)

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ଯୁଗ୍ମନିର୍ଦ୍ଦେଶିକା ସସ୍ମିତା ସାହୁ ସୋମବାର କନ୍ଦରପୁର ପଞ୍ଚାୟତ ଅନ୍ତର୍ଗତ ସିଦ୍ଧେଶ୍ୱରପୁରସ୍ଥିତ ଗୋପାଳ ସ୍ମୃତି ବିଦ୍ୟାପୀଠ ପରିଦର୍ଶନ କରିଛନ୍ତି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ତ୍ରିପାଠୀ ଓ ପୁରାତନ ଛାତ୍ର ସଂସଦ ପକ୍ଷରୁ ତାପସ ରାଉତରାୟ ପ୍ରମୁଖ ତାଙ୍କୁ ସ୍ୱାଗତ ଜଣାଇ ବିଦ୍ୟାପୀଠର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ଅବଗତ କରିଥିଲେ। କଟକ ସଦର ଅଞ୍ଚଳର ଏହି ସର୍ବପୁରାତନ ବିଦ୍ୟାପୀଠରେ ୫-ଟି କାର୍ଯ୍ୟ ଅଦ୍ୟାବଧି ସରି ନ ଥିବା, ଦୀର୍ଘବର୍ଷ ଧରି ପ୍ରଧାନଶିକ୍ଷକ ପଦ ଖାଲିପଡ଼ିଥିବା ଇତ୍ୟାଦି ସମସ୍ୟା ସମ୍ପର୍କରେ ଜାଣିବାକୁ ପାଇ ନିର୍ଦ୍ଦେଶିକାଙ୍କ ସମେତ ଆସିଥିବା ଅନ୍ୟ ଅଧିକାରୀମାନେ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ଖୁବ୍‌ଶୀଘ୍ର ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସାହୁ କହିଛନ୍ତି। ଏହି ଦଳରେ କଟକ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ସନ୍ତୋଷ ସେଠୀ, ରାଜ୍ୟ ପ୍ରୋଗ୍ରାମର ଶୁଭଲକ୍ଷ୍ମୀ ପାଣିଗ୍ରାହୀ, ଜିଲା ପ୍ରୋଗ୍ରାମର ହୀରାମଣି ମହାନ୍ତି, ବାରଙ୍ଗ ବ୍ଲକ ଟି.ସି ପ୍ରଣତି ନାୟକଙ୍କ ସମେତ ବହୁ ଅଧିକାରୀ ସାମିଲ ଥିଲେ।

ନବ ନିର୍ମାଣ ସଂଗଠନ କର୍ମୀଙ୍କୁ ଘଉଡ଼ାଇଲା ପୋଲିସ

କଟକ,୩୦।୩(କାର୍ତ୍ତିକ ସାହୁ)

ନବ ନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତାଙ୍କୁ ନଖରାଠାରେ ପୋଲିସ ଗିରଫ କରିବା ପ୍ରତିବାଦରେ କଟକ ରେଳଷ୍ଟେଶନରେ ସୋମବାର ରାତିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଗଠନର ବହୁସଂଖ୍ୟକ କର୍ମୀ କଟକ ରେଳଷ୍ଟେଶନରେ ଓହ୍ଲାଇ ନାରା ଦେବା ସହ ଧାରଣାରେ ବସିଥିଲେ। ସେମାନଙ୍କ ନେତାଙ୍କୁ ଛାଡ଼ିବା ନିମନ୍ତେ ସେମାନେ ଦାବି କରିଥିଲେ। ଏ ବାବଦରେ ସୂଚନା ପାଇବା ପରେ ସ୍ଥାନୀୟ ପୋଲିସ ସେଠାରେ ପହଞ୍ଚି ରେଳଷ୍ଟେଶନ ପରିସରରୁ ଆନ୍ଦୋଳନକାରୀଙ୍କୁ ଘଉଡ଼ାଇଥିଲା। ସମସ୍ତଙ୍କୁ ବାହାରକୁ ଆଣିବା ପରେ ବସ୍ ଯୋଗେ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ପଠାଇ ଦେଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ରାଜ୍ୟର ବିଭିନ୍ନ ସ୍ଥାନରୁ ସଂଗଠନର କର୍ମୀମାନେ ଭୁବନେଶ୍ୱରରେ ହେବାକୁ ଥିବା ଆନ୍ଦୋଳନରେ ଯୋଗ ଦେବାକୁ ଆସିଥିଲେ।

୫୨ ଅଭିଯୋଗର ଶୁଣାଣିକଲେ ଜିଲାପାଳ

ଘରୋଇ ବିଦ୍ୟାଳୟକୁ ମିଳିବନି ମାଗଣା ପୁସ୍ତକ

କଟକ ସଦର, ୩୦।୩ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକସ୍ତରୀୟ ଜିଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେ ଓ ଅତିରିକ୍ତ ଜିଲାପାଳ କମଲ୍‌ଜିତ ଦାସ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, କଟକ ଗ୍ରାମାଞ୍ଚଳ ଏସ୍‌ପି ବିନୀତ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ୫୨ଟି ଅଭିଯୋଗର ଶୁଣାଣି କରିଥିଲେ। ଆସନ୍ତା ଏପ୍ରିଲ ୨ରେ ଓଡ଼ିଆ ମାଧ୍ୟମ ସରକାରୀ ଓ ଅନୁବନ୍ଧିତ ବେସରକାରୀ ବିଦ୍ୟାଳୟରେ ଶ୍ରେଣୀ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୨୦୨୬-୨୭ ଶିକ୍ଷାବର୍ଷରେ ପ୍ରଥମଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂଆ ପାଠ୍ୟକ୍ରମ ଅନୁଯାୟୀ ପୁସ୍ତକ ସରକାର ଯୋଗାଇଦେବେ। ମାତ୍ର ସରକାରଙ୍କ ଦ୍ୱାରା ମାନ୍ୟତାପ୍ରାପ୍ତ ସରସ୍ୱତୀ ଶିଶୁମନ୍ଦିର, ଗଣପତି ଶିଶୁମନ୍ଦିର ଏବଂ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଭଳି ବେସରକାରୀ ବିଦ୍ୟାଳୟକୁ ଚଳିତ ଶିକ୍ଷାବର୍ଷରେ ମାଗଣା ପୁସ୍ତକ ଦିଆଯିବ କି ନାହିଁ ସେ ସଂକ୍ରାନ୍ତ ନିର୍ଦ୍ଦେଶନାମା ଆସି ନ ଥିବା ଜିଲାପାଳ କହିଛନ୍ତି। ଏହି କଥାକୁ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଅଭିଜିତା ଭାସ୍କର ଏବଂ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅନନ୍ତ ଚରଣ ଦେହୁରୀ ସମର୍ଥନ କରିଥିଲେ। ଫଳରେ ଚଳିତ ଶିକ୍ଷାବର୍ଷରେ ଘରୋଇ ପିଲା ଠିକ୍ ସମୟରେ ନୂତନ ପାଠ୍ୟପୁସ୍ତକ ପାଇବେ ନାହିଁ ବୋଲି ନିଶ୍ଚିତ ହୋଇଯାଇଛି। ଠିକ୍ ସମୟରେ ଘରୋଇ ବିଦ୍ୟାଳୟକୁ ମାଗଣା ବହି ଦିଆଯାଉନାହିଁ ବୋଲି ଏକ ଅଭିଯୋଗର ଶୁଣାଣି ବେଳେ ଏହି ମତ ପଦାକୁ ଆସିଥିଲା। ଅନ୍ୟପକ୍ଷରେ ବୋଧପୁର ଗ୍ରାମର କୃଷ୍ଣଚନ୍ଦ୍ର ବ୍ଲକ କାର୍ଯ୍ୟାଳୟ ପରିସର ଆବର୍ଜନାପୂର୍ଣ୍ଣ ରହିଥିବା ଭଳି ଗୁରୁତର ଅଭିଯୋଗ ଆଣିଥିଲେ। ଅତିରିକ୍ତ ଜିଲାପାଳ ଦାସ ତ୍ୱରିତ ପଦକ୍ଷେପ ନେବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ପ୍ରତୀକ ସାହୁ, କଟକ ସଦର ତହସିଲଦାର ଦେବଦତ୍ତ ପ୍ରଧାନ, କିଶନନଗର ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାଶ, ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ।

ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ନାବାଳିକା ବଳାତ୍କାର ମାମଲା

କଟକ,୩୦।୩(କାର୍ତ୍ତିକ ସାହୁ)

ମର୍କତନଗର ଥାନା ଅଞ୍ଚଳରେ ୨୦୨୪ ସେପ୍ଟେମ୍ବର ୧୫ରେ ଘଟିଥିବା ୭ବର୍ଷୀୟା ନାବାଳିକା ବଳାତ୍କାର ମାମଲାର ରାୟ ସୋମବାର କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତରେ ପ୍ରକାଶ ପାଇଛି। ଅଦାଲତ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୨ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ, ବାରଙ୍ଗ ଥାନା ଅଧୀନ ନରଣପୁର ବସ୍ତିରେ ରହୁଥିବା ବଡ଼ମ୍ବା ଥାନା ଅନ୍ତର୍ଗତ ଖରିଆମାଡ଼ ଗ୍ରାମର କାଳିଆ ଓରଫ ଗୋପାଳ ବାଇ (୩୦)। ମାମଲାର ବିବରଣୀ ଅନୁସାରେ, ପିଡ଼ିତା ନାବାଳିକା ଘରେ ଏକୁଟିଆ ଥିବା ସୁଯୋଗରେ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିଲେ। ପରେ ନାବାଳିକାଙ୍କ ମାଆ ଏ ସମ୍ପର୍କରେ ଜାଣିବାକୁ ପାଇ ଥାନାରେ ଏତଲା ଦେଇଥିଲେ। ଏତଲା ଆଧାରରେ ପୋଲିସ ଏକ କେସ୍ ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ଜଳ ବିତରଣ କେନ୍ଦ୍ର ଉଦ୍‌ଘାଟିତ

ଚୌଦ୍ୱାର,୩୦।୩(ଆଶୁତୋଷ ଦାସ)

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପଥଚାରୀ ତୃଷାର୍ତ୍ତଙ୍କୁ ପାନୀୟଜଳ ଯୋଗାଇଦେବା ପାଇଁ ଚୌଦ୍ୱାର ପୌରପାଳିକା ଅଧୀନ ଦୌଲତାବାଦସ୍ଥିତ ଗନ୍ଧର୍ବନାଥ ସେବା ସମିତି ପକ୍ଷରୁ ଟିପିଏମ୍ ବଜାରରେ 'ଅମୃତ ଧାରା' ନାମକ ଜଳ ବିତରଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ସେବା ସମିତି ପ୍ରତିଷ୍ଠାତା ପ୍ରଶାନ୍ତ ମହାପାତ୍ର ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଲୋକେ ଏହି କେନ୍ଦ୍ରରୁ ଜଳପାନ କରି ଉପକୃତ ହେବେ ବୋଲି ସଭାପତି ପରେଶ ଦାସ କହିଛନ୍ତି। ସେବା ସମିତି ପ୍ରତିଷ୍ଠାତା ଓ ସଭାପତିଙ୍କ ସମେତ ବଳଭଦ୍ରମଣି ତିୱାରୀ, ବିଭୂତି ବେହେରା, ରଶ୍ମୀ ରଞ୍ଜନ ସାହୁ, ରାକେଶ ମହାପାତ୍ର, ନରେନ୍ଦ୍ର ବେଉରା, ସମୀର ନାୟକ, ରାକେଶ ସାହୁ, ବାବୁଆ ନାୟକ ପ୍ରମୁଖ ଜଳଦାନ କେନ୍ଦ୍ର ପରିଚାଳନା କରୁଛନ୍ତି ।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ଦେବପ୍ରସାଦ

@ ରାମ

@ କାହ୍ନୁ

@ ସୁଶ୍ରୀ

@ ଓମ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ମହିଳାଙ୍କ ଏକତା ପାଇଁ ଗାଁରେ ଘୋଡ଼ାନାଚ

ତ୍ରିଶୂଳିଆ,୩୦।୩(ତୁଷାର କାନ୍ତ ବେହେରା)

ଗ୍ରାମରେ ଶୃଙ୍ଖଳା ବଜାୟ ରଖିବା ସହ ମହିଳାଙ୍କ ମଧ୍ୟରେ ଏକତା ପାଇଁ ଚଳିତ ବର୍ଷ ନନ୍ଦନକାନନ ଥାନା ଅନ୍ତର୍ଗତ ଭଗବତୀନଗରର ମା'ମଙ୍ଗଳା ମହିଳା ଗୋଷ୍ଠୀ ପକ୍ଷରୁ ୧୦ମ ବାର୍ଷିକ ଚୈତାଳି ଘୋଡ଼ାନାଚ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ପାଖ ଖେଳପଡିଆରେ ସୋମବାର ପ୍ରଥମ ସନ୍ଧ୍ୟାରେ ମହାପ୍ରଭୁ ଜଗନ୍ନାଥଙ୍କ ବନ୍ଦନାରୁ ଘୋଡାନାଚ ଆରମ୍ଭ ହୋଇଥିଲା। ଉତ୍ସବକୁ ସରପଞ୍ଚ ନିଶିପଦ୍ମା କାଣ୍ଡି ଉଦ୍‌ଘାଟନ କରିଥିଲେ। ଚୈତାଳି ଘୋଡାନାଚ ଦର୍ଶକଙ୍କ ମନ ମୋହିଥିଲା। ମନୋରମା ଭୋଇ, କୁନି ଭଞ୍ଜ, ପ୍ରତିମା ଭଞ୍ଜ, ସଖା ସାମଲ, ବାସନ୍ତୀ ଭୋଇ, ମିନତୀ ସାମଲ, ପାଲି ବେହେରା, ବୁଧୂ ଭୋଇ ପ୍ରମୁଖ ପରିଚାଳନା କରିଥିଲେ।

ଏଏପି କଟକ ଜିଲା କାର୍ଯ୍ୟାଳୟ ଉଦ୍‌ଘାଟିତ

କଟକ,୩୦।୩(ଶିଳ୍ପା ପ୍ରିୟଦର୍ଶିନୀ)

ମେରିଆ ବଜାରସ୍ଥିତ ଶାନ୍ତି କ୍ଲବ ନିକଟରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) କଟକ ଜିଲା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଦିଲ୍ଲୀ କ୍ୟାଣ୍ଟର ବିଧାୟକ ତଥା ଓଡ଼ିଶା ପ୍ରଭାରୀ ବୀରେନ୍ଦ୍ର ସିଂ କାଡ଼ିୟନ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ପରେ କାର୍ଯ୍ୟକର୍ତ୍ତାଙ୍କ ସହ ପୌର ଓ ପଞ୍ଚାୟତ ନିର୍ବାଚନ ନେଇ ଆଲୋଚନ କରିଥିଲେ। ଏନେଇ ସିଂ କହିଛନ୍ତି ଯେ, ପାର୍ଟିର ବହୁ ନେତାଙ୍କ ବିରୋଧରେ ବର୍ତ୍ତମାନର ସରକାର ମିଥ୍ୟା ଆରୋପ ଲଗାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ହେଲେ କାର୍ଯ୍ୟକର୍ତ୍ତାମାନେ କେବେ ହାର୍ ମାନିବୁ ନାହିଁ। ରାଜ୍ୟ ସଭାରେ କ୍ରସ୍ ଭୋଟିଂ କରି ବିଜେଡି ଓ କଂଗ୍ରେସର ନେତାମାନେ ଦଳ ପ୍ରତି ଥିବା ମନୋଭାବକୁ ପ୍ରକାଶ କରିଛନ୍ତି। ତିନିଟି ଦଳରୁ ସମ୍ପୂର୍ଣ୍ଣ ଅଲଗା ରହିଛି ଆମ୍ ଆଦମୀ ପାର୍ଟି। ନିରପେକ୍ଷ ଭାବେ ଏହି ପାର୍ଟି କାର୍ଯ୍ୟକରି ଆସୁଛି। ଆଗାମୀ ଦିନରେ ସମସ୍ତ ନିର୍ବାଚନରେ ଲଢିବା ସହ ପ୍ରାର୍ଥୀ ଦେବୁ। ପାର୍ଟିକୁ ଅଧିକ ମଜବୁତ କରାଯିବା ଲକ୍ଷ୍ୟରେ ପ୍ରତ୍ୟେକ ଜିଲାରେ କାର୍ଯ୍ୟକର୍ତ୍ତାଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। କଟକ ଜିଲା ସଭାପତି ସବ୍ୟସାଚୀ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ସ୍ୱାଇଁ, ରାଜ୍ୟ ସଂଗଠନ ସମ୍ପାଦକ ଶ୍ରୀକାନ୍ତ ପାଣି, ସନ୍ଦୀପ୍ତ ଦାସ, ରାଜ୍ୟ ସଂଗଠନ ସମ୍ପାଦକ ତଥା କଟକ ଜିଲା ପ୍ରଭାରୀ ଭରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସାଧାରଣ ସମ୍ପାଦକ ସଞ୍ଜୀବ ପରିଡା ଧନ୍ୟବାଦ ଦେଇଥିଲେ।

ସୁସ୍ଥ ହେଲେ ୨ ଗୁରୁତର, ଜଣେ ଡିସ୍‌ଚାର୍ଜ

ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣା

କଟକ,୩୦।୩(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାରେ ଦୁଇ ଗୁରୁତର ଏବେ ସୁସ୍ଥ ହୋଇଛନ୍ତି। ସେଥିମଧ୍ୟରୁ ଜଣଙ୍କୁ ଡିସ୍‌ଚାର୍ଜ କରାଯାଇଥିବାବେଳେ ଆଉ ଜଣେ ଏବେ ନ୍ୟୁରୋସର୍ଜରି ୱାର୍ଡରେ ରହି ଚିକିତ୍ସିତ ହେଉଛନ୍ତି। ପ୍ରାୟ ଦୁଇସପ୍ତାହ ଚିକିତ୍ସା ପରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି। ଗତ ୧୫ ତାରିଖ ବିଳମ୍ବିତ ରାତିରେ ଟ୍ରମା କୋଠାର ପ୍ରଥମ ମହଲାରେ ଥିବା ଆଇସିୟୁରେ ନିଆଁ ଲାଗି ଆଇସିୟୁ ସମ୍ପୂର୍ଣ୍ଣ ଭାବେ ଜଳିଯାଇଥିଲା। ନିଆଁ ଲିଭାଇବାରେ ବିଳମ୍ବ ହେବାରୁ ଏହି ଘଟଣାରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ ନ୍ୟୁରୋସର୍ଜରି ଆଇସିୟୁରେ ଭର୍ତ୍ତି କରାଯାଇଥିଲା।

ନିଶିକାନ୍ତ ଦୁବେଙ୍କ କୁଶପୁତଳିକା ଦାହ, ବିକ୍ଷୋଭ

ବିଜେଡି ଯୁବ ପରିଷଦ ପକ୍ଷରୁ ବିଜୁ ପଟ୍ଟନାୟକ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

କଟକ,୩୦।୩(ଶିଳ୍ପା ପ୍ରିୟଦର୍ଶିନୀ)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ବିରୋଧରେ ଝାଡ଼ଖଣ୍ଡର ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଦେଇଥିବା ମନ୍ତବ୍ୟକୁ ବିଜେଡି ଯୁବ ପରିଷଦ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଏ ନେଇ ସୋମବାର ବିଜୁ ପଟ୍ଟନାୟକ ଛକଠାରେ ପରିଷଦ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ନିଶିକାନ୍ତଙ୍କ କୁଶପୁତଳିକା ଦାହ କରାଯାଇଛି। ଏହି ଅବସରରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିକୁ କ୍ଷୀରରେ ସ୍ନାନ କରାଯାଇଥିଲା। ବିଜୁବାବୁ ଓଡ଼ିଆଙ୍କ ଗର୍ବ। ତାଙ୍କ ଦେହାନ୍ତ ପରେ ଅମ୍ଳାନ୍ ସ୍ମୃତିକୁ ସମ୍ମାନ ଜଣାଇ ତାଙ୍କର ପାର୍ଥିବ ଶରୀରକୁ ଅନେକ ଦେଶର ଜାତୀୟ ପତାକା ଦ୍ୱାରା ସମ୍ମାନିତ କରାଯାଇଥିଲା। ତାଙ୍କ ଭଳି ଜଣେ ମହାନ୍ ବ୍ୟକ୍ତିତ୍ୱଙ୍କ ବିରୋଧରେ ଏପରି ମନ୍ତବ୍ୟ ଲଜ୍ଜାଜନକ। ଏହା କେବଳ ଜଣେ ମହାନ୍ ବ୍ୟକ୍ତିଙ୍କୁ ନୁହେଁ, ବରଂ ବରପୁତ୍ରଙ୍କୁ ଅପମାନ କରିବା ଏବଂ ଓଡ଼ିଆଙ୍କ ଭାବନାକୁ ଆଘାତ ଦେବା ସହ ସମାନ ବୋଲି ବିଜେଡି ଯୁବ ପରିଷଦର କର୍ମୀମାନେ କହିଛନ୍ତି। ସନ୍ତୋଷ ମହାପାତ୍ର, ସଞ୍ଜୀବ ପୃଷ୍ଟି, ସୌମ୍ୟଦୀପ ଘୋଷ, ରବି ପୃଷ୍ଟି, ଆସିଫ ଅମିନ, ଦେବବ୍ରତ ବେହେରା, ଶୋଭେନ୍ ମହାନ୍ତି, ଜଗତ୍‌ଜ୍ୟୋତି ପଟ୍ଟନାୟକ ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

କଟକ ଜିଲା ଚାମ୍ପିୟନ୍, ଖୋର୍ଦ୍ଧା ରନର ଅପ୍

ରାଜ୍ୟସ୍ତରୀୟ ଆନ୍ତଃବିଦ୍ୟାଳୟ କୁଡ଼ୋ ପ୍ରତିଯୋଗିତା

କଟକ,୩୦।୩(କାର୍ତ୍ତିକ ସାହୁ)

ରାଜ୍ୟସ୍ତରୀୟ ଆନ୍ତଃବିଦ୍ୟାଳୟ କୁଡ଼ୋ ପ୍ରତିଯୋଗିତା କଟକ ନରଣପୁରସ୍ଥିତ ଶିବମନ୍ଦିର ପ୍ରାଙ୍ଗଣରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲାରୁ ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ କଟକ ଜିଲା ୫୫ଟି ସ୍ୱର୍ଣ୍ଣ, ୨୭ଟି ରୌପ୍ୟ ଓ ୨୩ଟି ବ୍ରୋଞ୍ଜ ମିଶି ମୋଟ ୧୦୫ଟି ପଦକ ପାଇ ଚାମ୍ପିୟନ୍ ହୋଇଛି। ଅପରପକ୍ଷରେ ଖୋର୍ଦ୍ଧା ଜିଲା ୧୫ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଓ ୧୨ ବ୍ରୋଞ୍ଜ ମିଶି ମୋଟ ୩୫ଟି ପଦକ ପାଇ ରନରଅପ୍ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍‌ର ଚେୟାରମ୍ୟାନ୍ ଡ. ଦେବଦତ୍ତ ସ୍ୱାଇଁ, କୁଡ଼ୋ ଆସୋସିଏଶନ୍ ଅଫ୍ ଓଡ଼ିଶାର ସଭାପତି ଶିବାଶିଷ କର ଏବଂ ସମ୍ପାଦକ ତଥା ମୁଖ୍ୟ ପ୍ରଶିକ୍ଷକ ସିହାନ୍ ନିତାଇ ଶଙ୍କର ଗୁଇଁ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଲକିଡ୍ର ମାଧ୍ୟମରେ ଦୁଇ ବିଜେତା ଶୁଭଲକ୍ଷ୍ମୀ ଆଚାର୍ଯ୍ୟ ଓ ସାୟାନ୍ ବଳଙ୍କୁ ସାଇକେଲ ଉପହାର ଦିଆଯାଇଥିଲା।

ନବୀନଙ୍କୁ ଭେଟିଲେ ଚୌଦ୍ୱାର-କଟକର କର୍ପୋରେଟର

୮ ଉପସ୍ଥିତ, ଅନ୍ୟ ୮ଜଣଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା

କଟକ, ୩୦।୩(ଶିଳ୍ପା ପ୍ରିୟଦର୍ଶିନୀ)

ନବୀନ ନିବାସରେ ସୋମବାର ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର କର୍ପୋରେଟରମାନଙ୍କ ମେଳି ଦେଖିବାକୁ ମିଳିଛି। ଏଥିରେ କେତେଜଣ ବିଜେଡି କର୍ମୀ ଉପସ୍ଥିତ ଥିଲେ। ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ନେତୃତ୍ୱରେ ଓ ବିଧାୟକ ବ୍ୟୋମକେଶ ରାୟଙ୍କ ଉପସ୍ଥିତିରେ ମୋଟ ୮ଜଣ କର୍ପୋରେଟର ନବୀନଙ୍କୁ ଭେଟିଛନ୍ତି। ତେବେ ଆଉ ୮ଜଣ କର୍ପୋରେଟରଙ୍କୁ ସେଠାରେ ଦେଖିବାକୁ ମିଳି ନ ଥିଲା। ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଓ ବିଜେଡି କର୍ମୀମାନେ ଟଣାଓଟରା ହେଉଥିବା ଏଥିରୁ ସ୍ପଷ୍ଟ ବାରି ହୋଇଯାଇଛି। ଅନ୍ୟପକ୍ଷେ ନବୀନ ନିବାସରେ କର୍ପୋରେଟରମାନେ ନବୀନଙ୍କୁ ଭେଟି ଦଳ ସହ ଯୋଡ଼ିହୋଇ ରହିବା ନେଇ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ପ୍ରଭାତଙ୍କ ରୁଦ୍ଧଦ୍ୱାର ବୈଠକ ପରେ ବିଜେଡିରେ ଏକପ୍ରକାର ଛନକା ପଶିଛି। ଏ ସମ୍ପର୍କରେ ପ୍ରତାପ କହିଛନ୍ତି, ଚୌଦ୍ୱାର ଅଞ୍ଚଳର କର୍ପୋରେଟରମାନେ ସଭାପତିଙ୍କୁ ଭେଟି ଖୁସି ବ୍ୟକ୍ତ କରିଛନ୍ତି। ଏଠାକୁ କାହାକୁ ଡକାଯାଇନାହିଁ ବରଂ ସ୍ୱଇଚ୍ଛାରେ କର୍ପୋରେଟରମାନେ ଆସିଛନ୍ତି। ଦଳରୁ ଟିକେଟ ପାଇ କର୍ପୋରେଟର ହୋଇଥିବାବେଳେ ଦଳ ସହ ଯୋଡ଼ିହୋଇ ରହିବା ନେଇ ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି। ସେହିପରି ବ୍ୟୋମକେଶ କହିଛନ୍ତି, ଚୌଦ୍ୱାରରେ ଯେଉଁଭଳି ବିଜେଡିର ସ୍ଥିତି ଥିଲା ଆଗାମୀ ଦିନରେ ସେହିପରି ହିଁ ରହିବ। କର୍ପୋରେଟରମାନେ ଏକଜୁଟ ହୋଇ ରହିଛନ୍ତି। ଯେଉଁମାନେ ଆସିନାହାନ୍ତି, ସେମାନେ ଆଗାମୀ ଦିନରେ ଆସି ଭେଟିବାର ଯୋଜନା ରହିଛି।

ଏ ନେଇ କର୍ପୋରେଟର ପ୍ରଦୀପ ଖୁଣ୍ଟିଆ କହିଛନ୍ତି, ଚୌଦ୍ୱାର ଅଞ୍ଚଳର ସଂଗଠନ ଦାୟିତ୍ୱ ପ୍ରସଙ୍ଗରେ ଆଲୋଚନା କରାଯାଇଛି। ଦଳରୁ ଟିକେଟ ପାଇ ଆମେ ବିଜୟୀ ହୋଇଛୁ ଏବଂ ଆଗାମୀ ଦିନରେ ଦଳ ସହ ରହି କାମ କରିବୁ। ଦଳ ଛାଡ଼ିବା ନେଇ ପ୍ରଚାର ହେବା ପରେ ସମସ୍ତଙ୍କୁ ଏ ବିଷୟରେ ପଚରାଯାଇଛି। ଏଠାକୁ ଆସି ନ ଥିବା କର୍ପୋରେଟରମାନେ ନିଜର ବ୍ୟକ୍ତିଗତ କାର୍ଯ୍ୟ ଥିବାରୁ ଆସିପାରିନାହାନ୍ତି, ସେମାନେ ଆଗାମୀ ଦିନରେ ନବୀନ ବାବୁଙ୍କୁ ଭେଟିବେ।

ପ୍ରଭାତ ବିଶ୍ୱାଳଙ୍କ ପ୍ରତି ସମ୍ମାନ ରହିଛି, କିନ୍ତୁ ଆମେ ବିଜେଡି ସହ ରହିଛୁ ବୋଲି ସେ କହିଛନ୍ତି। ଅନ୍ୟପଟେ ନବୀନ ନିବାସ ଯାଇ ନ ଥିବା କର୍ପୋରେଟର ସୁବ୍ରତ ଘଡେଇ କହିଛନ୍ତି, ଦଳରେ ଆମକୁ ଅଲୋଡ଼ା କରାଯାଇଛି। ବିଜେଡି ଟିକେଟ ଦେଇଛି, କିନ୍ତୁ ପ୍ରଭାତ ବିଶ୍ୱାଳ ଆମକୁ ସହଯୋଗ କରିଛନ୍ତି। ପ୍ରଭାତ ବାବୁଙ୍କୁ ସର୍ବଦା ସପୋର୍ଟ କରିବୁ। ନବୀନ ନିବାସ ଯିବା ବିଷୟରେ ଆମକୁ କୁହାଯାଇନାହିଁ କିମ୍ବା ଆଲୋଚନା କରାଯାଇନାହିଁ। ଏପରିକି ଭବିଷ୍ୟତରେ କେବେ ଡକାଗଲେ ବି ଆଉ ଯିବୁନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

୭ ମାସ ପରେ ବି ସମାଧାନ ବାଟ ଫିଟୁନି

ଓସ୍ତପୁର-କୋଟପଲା ଗାଁ ସୀମା ବିବାଦ ପ୍ରସଙ୍ଗ

- ବଜାରରେ ଲାଗିଛି ବିଏନ୍ଏସ୍ଏସ୍ ଧାରା ୧୬୩
- ସାମଗ୍ରୀ କିଣାବିକା ପାଇଁ ଲୋକେ ହଇରାଣ

ଖୋର୍ଦ୍ଧା,୩୦।୩ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅଧୀନ ପୋଡ଼ାଡ଼ିହ ପଞ୍ଚାୟତର ଓସ୍ତପୁର-କୋଟାପଲା ଗ୍ରାମ ମଧ୍ୟରେ ସୀମା ବିବାଦ ଏବଂ ନାମଫଳକ ପୋତିବାକୁ ନେଇ ବିବାଦ ଲାଗି ରହିଛି। ଦୀର୍ଘ ୭ମାସରୁ ଊର୍ଦ୍ଧ୍ୱ ସମୟ ଧରି ଓସ୍ତପୁର-କୋଟାପଲା ବଜାରରେ ଲାଗିଛି ବିଏନ୍ଏସ୍ଏସ୍ ଧାରା ୧୬୩। ସମାଧାନ ବାଟ ଫିଟୁ ନ ଥିବା ବେଳେ ଦୋକାନ ବଜାର ବନ୍ଦ ରହିଛି। ରାସ୍ତାଘାଟ ଖାଁ ଖାଁ ହେବା ସହ ବଜାର ଶୂନଶାନ୍ ହୋଇପଡ଼ିଛି। ଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିତ୍ୟ ବ୍ୟବହାର ସାମଗ୍ରୀ ପାଇଁ ଅନ୍ୟ ବଜାର ଉପରେ ନିର୍ଭର କରୁଛନ୍ତି। ଅନ୍ୟପଟେ ପିଲାମାନଙ୍କ ପାଠପଢ଼ା ଉପରେ ମଧ୍ୟ ପ୍ରଭାବ ପଡ଼ିଛି।

ସୂଚନାଥାଉ କି, ଓସ୍ତପୁର-କୋଟାପଲା ଗ୍ରାମ ମଧ୍ୟରେ ସୀମା ବିବାଦ ଏବଂ ନାମଫଳକ ପୋତିବାକୁ ନେଇ ଗତ ଅଗଷ୍ଟ ୬ରେ ବିବାଦ ହେବା ସହ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଫଳରେ ଉକ୍ତ ଅଞ୍ଚଳରେ ଶାନ୍ତି ଫେରାଇ ଆଣିବା ଉଦ୍ଦେଶ୍ୟରେ ପ୍ରଶାସନ ପକ୍ଷରୁ ବଜାରର ୧କିଲୋମିଟର ପରିଧିରେ ବିଏନ୍ଏସ୍ଏସ୍ ଧାରା ୧୬୩ ଅନିର୍ଦ୍ଦିଷ୍ଟକାଳ ପାଇଁ ଲାଗୁ କରାଯାଇଥିଲା। କିଛିଦିନ ପରେ ପରିସ୍ଥିତିରେ ସୁଧାର ଆସିବାରୁ ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ବଜାର ଖୋଲିବାକୁ ଅନୁମତି ଦେଇଥିଲା ଜିଲା ପ୍ରଶାସନ। ସ୍ୱାଭାବିକ ଭାବେ ବଜାର ଚାଲିବା ପରେ ଲୋକମାନଙ୍କ ମଧ୍ୟରେ ପରିବର୍ତ୍ତନ ମନଭାବକୁ ଦୃଷ୍ଟିରେ ରଖି ବାଘମାରୀ ଥାନା ଅଧିକାରୀଙ୍କ ରିପୋର୍ଟକୁ ଆଧାର କରି ଗତ ଅକ୍ଟୋବର ୩୦ରେ ଉପଜିଲାପାଳ ବିଏନ୍ଏସ୍ଏସ୍ ଧାରା ୧୬୩କୁ ଅପସାରଣ କରି ନେଇଥିଲେ। ପୁଣି ନଭେମ୍ବର ୫ରେ ଉଭୟ ଗାଁ ମଧ୍ୟରେ ବିବାଦ ଉଗ୍ରରୂପ ନେଇଥିଲା। ଟେକା, ପଥରମାଡ଼ ସହ ଏକାଧିକ ଦୋକା ବଜାର ଭଙ୍ଗାରୁଜା ସହ ପୋଡ଼ାଜଳା ହୋଇଥିଲା। ଜିଲା ପ୍ରଶାସନପକ୍ଷରୁ ଓସ୍ତପୁର-କୋଟପଲା ବଜାରରେ ଅନିର୍ଦ୍ଦିଷ୍ଟକାଳ ପାଇଁ ବିଏନ୍ଏସ୍ଏସ୍ ଧାରା ୧୬୩ ଲାଗୁ କରାଯାଇଛି। ଏହି ଘଟଣାରେ ଉଭୟ ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନାମରେ ମାମଲା ରୁଜୁ ହୋଇଥିଲା।

ଏନେଇ କୋଟପଲ୍ଲାର ସୂର୍ଯ୍ୟ ନାରାୟଣ ମିଶ୍ର କହିଛନ୍ତି, ବିଏନ୍ଏସ୍ଏସ୍ ଧାରା ୧୬୩ ଲାଗୁ ହେବାରୁ ଲୋକମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଲୋକେ ବାହାର ବଜାର ଉପରେ ନିର୍ଭର କରୁଛନ୍ତି। ପ୍ରଶାସନ ଚାହିଁଲେ ସମାଧାନ ହୋଇପାରିବ। ତେବେ ପୂର୍ବରୁ ଏସ୍ପି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କୌଣସି ସମାଧାନ ହୋଇପାରିଲା ନାହିଁ। ସେହିପରି ଓସ୍ତପୁରର ଦାଶରଥି ପଣ୍ଡା କହିଛନ୍ତି, ଏହି ବିବାଦ ଦୀର୍ଘଦିନ ଧରି ଲାଗି ରହିଛି। ପ୍ରଶାସନ ଅବହେଳା ପାଇଁ ଏଭଳି ପରିସ୍ଥିତି ହୋଇଛି। ଆମ ଗାଁ ଦୋକାନ ଭାଙ୍ଗି ନିଆଁ ଲଗାଇଦେଲେ, ଏଥିପାଇଁ ପ୍ରଶାସନ ଦାୟୀ। ଅନ୍ୟପକ୍ଷରେ ଏନେଇ ଜିଲାପାଳ ଅମ୍ରିତ୍ ଋତୁରାଜ କହିଛନ୍ତି ଯେ, ଦୁଇ ଗାଁ ମଧ୍ୟରେ ସମାଧାନ ପାଇଁ ବୈଠକ କରାଯାଇଛି। ଆଲୋଚନା ବିଫଳ ହେବାରୁ ୧୬୩ ଧାରା ବଳବତ୍ତର ରହିଛି। ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ପଠାଯାଇ ବିବାଦର ସମାଧାନ ବାଟ ବାହାର କରାଯିବ। ପୂର୍ବ ଭଳି କିଭଳି ଭାଇଚାରା ଫେରିବ, ଦୋକାନ ବଜାର ଖୋଲିବ ସେ ନେଇ ଦୃଷ୍ଟି ଦିଆଯିବ।

ବଜାର ବନ୍ଦ ଯୋଗୁ ରାସ୍ତା ଖାଁ ଖାଁ ହୋଇପଡ଼ିଛି।

୧୦୪ ଅଭିଯୋଗରୁ ୯୦ର ତତ୍କାଳ ସମାଧାନ

ବୋଲଗଡ଼,୩୦।୩ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସାନପଦର ପଞ୍ଚାୟତ ସ୍ତରୀୟ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଏହି ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତହସିଲଦାର ବିଜୟ କୁମାର ସେଠୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ରତିକାନ୍ତ ମିଶ୍ରଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗ ଅଧିକାରୀ ଓ କର୍ମଚାରୀ ଯୋଗଦେଇ ଲୋକଙ୍କ ଅଭିଯୋଗର ସମାଧାନ ଦିଗରେ ପଦକ୍ଷେପ ନେଇଥିଲେ। ମୋଟ୍ ୧୦୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ତନ୍ମଧ୍ୟରୁ ୯୦ଟି ତତ୍କାଳ ସମାଧାନ କରାଯାଇଛି। ଆଉ ୧୪ ଅଭିଯୋଗର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି। ପଞ୍ଚାୟତର ବିଭିନ୍ନ ଗ୍ରାମରେ ରାସ୍ତାପାର୍ଶ୍ୱ ଆଲୋକୀକରଣ ବ୍ୟବସ୍ଥା ପ୍ରାୟତଃ ଅସଜଡା ଥିବା, ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାମ କରି ପାଉଣା ପାଇ ନ ଥିବା ନେଇ ଅଭିଯୋଗ ସହ ଆବାସ, ରାଶନ କାର୍ଡ ଓ ଭତ୍ତା ସମ୍ପର୍କିତ ବହୁ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେହିପରି କୃଷକ ନିଧି ଯୋଜନାରେ ଆବେଦନ କରିଥିବା ଚାଷୀଙ୍କ ରେଜିଷ୍ଟ୍ରେସନ ହୋଇ ନ ଥିବା ବେଳେ ୩୫ରୁ ଊର୍ଦ୍ଧ୍ୱ ଭୂମିହୀନଙ୍କୁ ପଟ୍ଟା ପ୍ରଦାନ ନେଇ ୧୦ ଦିନ ମଧ୍ୟରେ ବ୍ୟବସ୍ଥା କରାଯିବା ନେଇ ପ୍ରତିଶ୍ରୁତି ମିଳିଥିଲା। ପୂର୍ବରୁ ଆବେଦନ କରିଥିବା କେତେଜଣ ଭୂମିହୀନଙ୍କୁ ପଟ୍ଟା ବଣ୍ଟନ କରାଯାଇଛି। ସ୍ଥାନୀୟ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମିତିସଭ୍ୟ ଦିଲୀପ ମହାପାତ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀ ସମରେନ୍ଦ୍ର ପଣ୍ଡା, ଏଡିଇଓ ସୁଶାନ୍ତ ଦାସଙ୍କ ସମେତ ବ୍ଲକ ମୁଖ୍ୟ କିରାଣୀ ଆଲୋକ ଜେନା, ତହସିଲ ମୁଖ୍ୟ କିରାଣୀ ସସ୍ମିତା ଭୂୟାଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଛୁରିରେ ସ୍ତ୍ରୀଙ୍କ ବେକ କାଟିଦେଲେ

ଟାଙ୍ଗୀ,୩୦।୩ (ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ବରୁଣପଡ଼ା ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ଦିବାକର ଘଡ଼େଇ ଏକ ଜାଲକଟା ଛୁରିରେ ତାଙ୍କ ସ୍ତ୍ରୀଙ୍କ ବେକ କାଟିଦେଇଛନ୍ତି। ଫଳରେ ସ୍ତ୍ରୀ ଲୀନା ଘଡ଼େଇ ଗୁରୁତର ହୋଇପଡ଼ିଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଦିବାକର ବଉଳାବନ୍ଧ ଗ୍ରାମର ଲୀନାଙ୍କୁ ବୈଦିକ ରୀତିରେ ବିବାହ କରିବା ସହ ଚିଲିକାରୁ ମାଛଧରି ଗୁଜୁରାଣ ମେଣ୍ଟାଉଥିଲେ। ପରବର୍ତ୍ତୀ ସମୟରେ ଦିବାକର କାମ କରିବା ପାଇଁ ବାହାର ରାଜ୍ୟକୁ ଯାଇଥିଲେ। ଏବେ ସେ ଘରକୁ ଫେରିଥିବା ବେଳେ କୌଣସି କଥାକୁ ନେଇ ସ୍ତ୍ରୀ ଲୀନାଙ୍କ ବେକକୁ କାଟିଦେଇଥିଲେ। ଗୁରୁତର ଅବସ୍ଥାରେ ଲୀନାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

ଠଣାପଲ୍ଲୀରେ ଦଣ୍ଡ ପର୍ବ ଆରମ୍ଭ

କଳାପଥର,୩୦।୩ (ଗଙ୍ଗାଧର ସାହୁ)

ଧଳାପଥର ପଞ୍ଚାୟତ ଅଧୀନ ଠଣାପଲ୍ଲୀ ଗ୍ରାମର ମା'କାଳିକା ଠାକୁରାଣୀଙ୍କ ପୀଠରେ ଦଣ୍ଡ ପର୍ବ ଆରମ୍ଭ ହୋଇଛି। ଠାକୁରାଣୀଙ୍କ ପୀଠରେ ଦଣ୍ଡୁଆମାନେ ଏକତ୍ରିତ ହେବା ପରେ ବିରାଟ ପଟୁଆରରେ ଗ୍ରାମ ପରିଭ୍ରମଣ କରିଥିଲେ। ପୋଖରୀ ତୁଠରେ ସନ୍ଧି ପୂଜା ପରେ ଦଣ୍ଡ କଳସ ମନ୍ଦିରରେ ସ୍ଥାପନ କରିଥିଲେ। ପୂଜକ ପ୍ରଭାକର ମିଶ୍ର, ପାଟଭାଗତା ସର୍ବେଶ୍ୱର ମହାପାତ୍ର ହୋମପୂଜା କଲା ପରେ ଦଣ୍ଡୁଆ ନାରାୟଣ ସାହୁ, ରଞ୍ଜନ ବେହେରା, ମା'ଙ୍କ କାଳିଶି ନାରଣ ବେହେରା, ଦୁଲଣା କାଳିଶି ବିଶୁନି ବେହେରା, ହରିହର ମହାପାତ୍ର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଦଣ୍ଡ ପର୍ବ ଆରମ୍ଭ ହୋଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ଫକିର ଚରଣ ପ୍ରଧାନ, ଭାଗୀରଥି ଦାଶ, ରାଜ ବେହେରା, ଅର୍ଜୁନ ମହାପାତ୍ର, ଧ୍ରୁବ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଗ୍ରାମ ଯୁବକ ସଂଘ କଳାକାରମାନେ ଦୁଇଦିନ ଧରି ଅପେରା ପରିବେଷଣ କରିବା ସହିତ ଦଣ୍ଡ ନାଚ କାର୍ଯ୍ୟକ୍ରମ ରହିଛି।

@ ଦେବପ୍ରସାଦ

@ ରାମ


@ କାହ୍ନୁ

@ ସୁଶ୍ରୀ

@ ଓମ୍

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com
ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ଅବକାଶ ସଭାପତି, ଗୋପାଳ ଚରଣ ସମ୍ପାଦକ

ବୋଲଗଡ଼,୩୦।୩ (ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ଗୋଲା ସମାଜର ସାମ୍ବିଧାନିକ ସମ୍ମିଳନୀ ବୋଲଗଡ଼ସ୍ଥିତ ନନ୍ଦିଘୋଷ ଭବନରେ ରବୀନ୍ଦ୍ର କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅଜୟ କୁମାର ପ୍ରଧାନ, ମୁଖ୍ୟ ବକ୍ତା ସ୍ନେହ ରଞ୍ଜନ ଦାସ ଜୟସିଂ, ସମ୍ମାନିତ ଅତିଥିଭାବେ ବିନୋଦିନୀ କର, ବସନ୍ତ ପାଢ଼ୀ, ଲଛମାନ ପରିଡ଼ା, ଦଣ୍ଡପାଣି ମହାରଣା, ପ୍ରମୋଦ କୁମାର ବିଶୋଇ, ଅବକାଶ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ମିତାଲି ପରିଡ଼ା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶିକ୍ଷାବିତ୍ ବୈକୁଣ୍ଠ ମହାରଣା ଅତିଥିଙ୍କ ପରିଚୟ ଏବଂ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗୋଲ ଜାତି ଭାଇଭଉଣୀଙ୍କ ସାମୂହିକ ବିକାଶ ପାଇଁ ଜାତିର ସଙ୍ଗଠନକୁ ମହାଦ୍ରୁମରେ ପରିଣତ କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। କୁନି ଗାୟକ ରୁଦ୍ର ନାରାୟଣ ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଖୋର୍ଦ୍ଧ ଜିଲା ଗୋଲା ସମାଜର ସଭାପତି ଭାବେ ଅବକାଶ ମହାନ୍ତି, ଉପସଭାପତି ବିନୋଦିନୀ ଦତ୍ତ, ସମ୍ପାଦକ ଗୋପାଳ ଚରଣ ମହାନ୍ତି , ସହ ସମ୍ପାଦକ ମାଧବ ଚନ୍ଦ୍ର ପାତ୍ର, କୋଷାଧ୍ୟକ୍ଷ ଭାବେ ପ୍ରମୋଦ କୁମାର ବିଶୋଇଙ୍କୁ ଚୟନ କରାଯାଇଛି। ରାଜ୍ୟ ସଂଘ ପାଇଁ ରବୀନ୍ଦ୍ର କୁମାର ପରିଡା, ବୈକୁଣ୍ଠ ମହାରଣା, ସେବତୀ ପରିଡା ଏବଂ ଚିନ୍ତାମଣି ବେହେରାଙ୍କୁ ସୁପାରିଶ କରାଯାଇଛି। ସଭାରେ ପୂର୍ଣ୍ଣଚନ୍ଦ୍ର କର, ଗୌରାଙ୍ଗ ପାତ୍ର, ଶ୍ରୀଧର ଦତ୍ତ, ଅରୂପ ପରିଡା, ଅନୁପ ପରିଡା, ସୁଦର୍ଶନ ଦେବତା, ରବିଚନ୍ଦ୍ର ମହାରଣା, ନକୁଳ କର ପ୍ରମୁଖ ଜାତିର ବିକାଶ ପାଇଁ ଅନେକ ପଦେକ୍ଷପ ଗ୍ରହଣ କରିବାକୁ ପ୍ରସ୍ତାବ ଦେଇଥିଲେ। ରାଜ୍ୟ ଯୁଗ୍ମ ସମ୍ପାଦକ ବୈକୁଣ୍ଠ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

ଜମି ଫେରିପାଇବା ପାଇଁ ଏକାଠି

ଜଟଣୀ,୩୦।୩ (ରବୀନ୍ଦ୍ରନାଥ ମହାକୁଡ଼)

'ମାଟି ବଞ୍ଚାଅ ଏକ ହୁଅ' ଅଭିଯାନ ପରିପ୍ରେକ୍ଷୀରେ ରବିବାର ଜଟଣୀ ପୌରାଞ୍ଚଳ ଅଧୀନ ବାଲିଛକସାହିର ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ବାପୁଜୀ ଆମ୍ବେଦକର ରୟତ ସୁରକ୍ଷା ମହାମଞ୍ଚ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପଦ୍ମଚରଣ ସୁବୁଦ୍ଧିଙ୍କ ନେତୃତ୍ୱରେ ବରିଷ୍ଠ ଅଧିବକ୍ତା ଉମାବଲ୍ଲଭ ମିଶ୍ର, କାଉନସିଲର ବିଷ୍ଣୁ ସାହୁ, ହରିରାଜପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ପ୍ରସନ୍ନ ମହାରଥୀ, ଦେବରାଜ ବେହେରା, ବାବୁଲି ଛୋଟରାୟ, ମନୋରଞ୍ଜନ ହରିଚନ୍ଦନ, ନୌସର ଅଲି, ମନୋରଞ୍ଜନ ସାମନ୍ତରାୟ, ଗୁଣନିଧି ବଳିୟାରସିଂ, ନରସିଂହ ପ୍ରସାଦ ସାହୁ, ପ୍ରଭାକର ସେଠୀ, ରଶ୍ମିରଂଜନ ଭଞ୍ଜ, ବାଳକୃଷ୍ଣ ସାମନ୍ତରାୟଙ୍କ ସହ ବହୁ ସ୍ଥାନୀୟ ଅଞ୍ଚଳବାସୀ ବୈଠକରେ ଯୋଗଦେଇ କିପରି ନିଜ ଜମି ଫେରିପାଇବେ ସେ ଦିଗରେ ଆଲୋଚନା କରିଥିଲେ। ସୂଚନାଥାଉ କି, ଗତ ୨୦୧୨-୧୩ ମସିହାରୁ ଜଟଣୀ ତହସିଲ ଅଧୀନ ୮ଟି ମୌଜାର ସ୍ଥିତିବାନ ପ୍ରଜାଙ୍କ ଜମି ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କ ନାମରେ ନାମିତ ହୋଇଯାଇଛି। ଫଳରେ ଦୀର୍ଘ ବର୍ଷ ଧରି ସ୍ଥିତିବାନ ପ୍ରଜା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିଜ ଅଧିକାର ପାଇବା ପାଇଁ ବିଭିନ୍ନ ସମୟରେ ବିଭିନ୍ନ ଫୋରମରେ ଦାବି ଉପସ୍ଥାପନ କରୁଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। 'ମାଟି ବଞ୍ଚାଅ ଏକ ହୁଅ' ଅଭିଯାନ ମାଧ୍ୟମରେ ଘର ଘର ବୁଲି କ୍ଷତିଗ୍ରସ୍ତ ପ୍ରଜାଙ୍କ ଦସ୍ତଖତ ଗ୍ରହଣ କରାଯାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ଅନୁଷ୍ଠାନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି।

ଶ୍ରୀରାମ ବଜାରର ବାର୍ଷିକୋତ୍ସବ

ବାଣପୁର,୩୦।୩ (ଦିଲୀପ କୁମାର ସ୍ୱାଇଁ)

ରାମନବମୀଠାରୁ ଆରମ୍ଭ ହୋଇ ୩ଦିନ ଧରି ଚାଲିଥିବା ବଡ଼ପଦର ରୋଡ଼ସ୍ଥିତ ଶ୍ରୀରାମ ବଜାରର ୨୫ତମ ବାର୍ଷିକ ଉତ୍ସବ ଏବଂ ଶ୍ରୀରାମ ନବମୀ ପୂଜା ଉତ୍ସବ ରବବାର ସନ୍ଧ୍ୟାରେ ଭସାଣି ସହିତ ସମାପନ ହୋଇଯାଇଛି। ସଭାପତି ପ୍ରଦୋଷ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଭାବେ ବଡ଼ପଦର ଗ୍ରାମ ସଭାପତି ମକରଧ୍ୱଜ ପଲାଇ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବଜାର ପୂଜା ମଣ୍ଡପରେ ସୁସଜ୍ଜିତ ମେଢରେ ପ୍ରଭୁ ଶ୍ରୀରାମଚନ୍ଦ୍ର, ମାତା ସୀତା, ଲକ୍ଷ୍ମଣଙ୍କ ସହିତ ବୀର ହନୁମାନଙ୍କ ମୃଣ୍ମୟ ମୂର୍ତ୍ତିକୁ ସ୍ଥାପନ କରାଯାଇ ବଡ଼ପଦରରେ ବିଜେ ରଘୁନାଥ ଦେବଙ୍କ ମନ୍ଦିରରୁ ପ୍ରଭୁଙ୍କୁ ବରଣ କରି ଆଣିବା ପରେ ପୂଜାର୍ଚ୍ଚନା ଓ ହୋମ ହୋଇଥିଲା। ପ୍ରତି ସନ୍ଧ୍ୟାରେ ବାଦି ପାଲା ଓ ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ରବିବାର ସନ୍ଧ୍ୟାରେ ପଟୁଆର ସହିତ ଠାକୁରଙ୍କୁ ବଜାର ପରିକ୍ରମା କରାଯାଇ ବିସର୍ଜନ କରାଯାଇଥିଲା। ଗୋଲଖି ନାୟକ, ରମେଶ ପଲାଇ, କାଳିଆ ଗୁରୁ, ଫକୁ ନାୟକ, ରାକେଶ ପଟ୍ଟନାୟକ, ଦିଲୀପ ସାହୁ, ନାରାୟଣ ବରାଳ, ଚନ୍ଦନ ଶତପଥୀ, ସିଲୁ ମହାରଣା, ଚିନୁ ମହାନ୍ତି, ଡା.ସୁଧାଂଶୁ ମହାରଣା, ଭାଗୀରଥି ବରାଳ, ଟୁନା ସେଣ, ଲକ୍ଷ୍ମୀଧର ପଲାଇ, ବିଶ୍ୱନାଥ ସାହୁଙ୍କ ସହିତ ସମସ୍ତ ସଭ୍ୟ ସହଯୋଗ କରିଥିଲେ।

ଶିବାଂଶୀ ୧୧ ଚାମ୍ପିୟନ

ଯାଁଳା,୩୦।୩ (ବୁଲା ବାରିକ)

ଜଟଣୀ ବ୍ଲକ ତୃତୀୟାପଡ଼ା ଠାରେ ୩ୟ ତମ ପ୍ରିମିୟର ଲିଗ ସିଜିନ ୩ରେ ଶିବାଂଶୀ ୧୧ ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ଓମ୍ ସାଇ ଏବଂ ଶିବାଂଶୀ ୧୧ ଟିମ୍ ମଧ୍ୟରେ ହୋଇଥିଲା। ଓମ୍ ସାଇ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ଓଭରରେ ୧୫୭ରନ ସଂଗ୍ରହ କରିଥିଲା। ଜବାବରେ ଶିବାଂଶୀ ୧୧ ଟିମ୍ ୧୧.୩ ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଦଳ ପକ୍ଷରୁ ସନ୍ତୋଷ ବିଶ୍ୱାଳ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିବା ବେଳେ ଆଦିତ୍ୟ ପ୍ରଧାନ ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ ହୋଇଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ସୁରଜ କୁମାର ପାଇକରାୟ, ଦିପକ ଜେନା, ଲୁଲୁ ବଡ଼ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୨୧ହଜାର ଟଙ୍କା ଏବଂ ରନରଅପ୍ ଟିମ୍‌କୁ ଟ୍ରଫି ସହ ୧୬ହଜାର ଟଙ୍କା ପ୍ରଦାନ କରିଥିଲେ।

ବାଇକ୍-ସାଇକେଲ ଧକ୍କା, ୨ ଗୁରୁତର

ବାଘମାରୀ,୩୦।୩ (ମିହିର ରଞ୍ଜନ ମହାପାତ୍ର)

ସାରୁଅସ୍ଥିତ ଏକ ଢାବା ସମ୍ମୁଖରେ ସୋମବାର ବାଇକ୍-ସାଇକେଲ ଧକ୍କା ହେବାରୁ ୨ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ସାରୁଅ ଲୋକନାଥପୁର ଗ୍ରାମର ଝରେନ୍ଦ୍ର ବିର (୫୨) ଏବଂ ବେଗୁନିଆ ଥାନା ତାଳତୁମ୍ବ ଗ୍ରାମର ହରି ଦାସ। ଚିକିତ୍ସା ପାଇଁ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସକାଳ ସାଢେ ୭ଟାରେ ଝରେନ୍ଦ୍ର ସାଇକେଲରେ କୌଣସି କାମରେ ବଜାରକୁ ଆସିଥିଲେ। ଢାବା ସମ୍ମୁଖରେ ରାସ୍ତା ପାର ହେଉଥିବା ବେଳେ ପଛପଟୁ ତାଙ୍କୁ ଏକ ବାଇକ୍ ଧକ୍କା ଦେଇଥିଲା। ଫଳରେ ଝରେନ୍ଦ୍ର ଓ ବାଇକ୍ ଚାଳକ ହରି ଗୁରୁତର ଆହତ ହୋଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ସାଇକେଲ ଓ ବାଇକକୁ ଜବତ କରି ତଦନ୍ତ ଜାରି ରଖିଛି।

କୁଶପଲ୍ଲା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ

ଜୟଦୁର୍ଗା କ୍ଲବ୍ ଖୋର୍ଦ୍ଧା ସେମିରେ

ବେଗୁନିଆ,୩୦।୩ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ କୁଶପଲ୍ଲା ଗ୍ରାମସ୍ଥିତ ଖେଳପଡ଼ିଆରେ ଆଥ୍ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସୋମବାର ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ନବକିଶୋର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ସୁନୀଲ ପଟ୍ଟନାୟକ, ପୀତବାସ ମହାପାତ୍ର, ଶିବ ପାତ୍ର, ଏସ୍.କେ ସୟଦ, ଲଡୁକେଶ୍ୱର ପଟ୍ଟନାୟକ, ଏସ୍.କେ ଇଜମତ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଖୋର୍ଦ୍ଧାର ଜୟଦୁର୍ଗା ଫୁଟ୍‌ବଲ କ୍ଲବ ଏବଂ ବାଲେଶ୍ୱରର ମିଶନ ଟାଇଗର କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ୫-୨ ଗୋଲରେ ଜୟଦୁର୍ଗା କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ପରିଚାଳକ ଦୟାନ ଖାଁଙ୍କ ଅଧକ୍ଷତାରେ ରାଜୁ ମହାନ୍ତି, ଗିରିଶ ଚନ୍ଦ୍ର ଜାନି, ବିଦେଶୀ ନାୟକ ଓ ପ୍ରଫୁଲ୍ଲ କୁମାର ବେହେରା ମ୍ୟାଚ ପରିଚାଳନା କରିଥିଲେ। ବିଜୟୀ ଟିମର ଖେଳାଳି ଜଳନ୍ଧରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ମଙ୍ଗଳବାର ଭୁବନେଶ୍ୱରର ସେଞ୍ଚୁରିଆନ ୟୁନିଭର୍ସିଟି ଫୁଟ୍‌ବଲ କ୍ଲବ ଏବଂ ଘାଟିକିଆର ବଜରଙ୍ଗବାଲି ସ୍ପୋର୍ଟିଂ କ୍ଲବ ମଧ୍ୟରେ ମ୍ୟାଚ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ କୁହାଯାଇଛି।

ଉଦ୍‌ଘାଟନୀ ଦିବସରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଓ ଅନ୍ୟମାନେ।

ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୩୦।୩।୨୦୨୬

୭,୨୦,୩୦୫ ଟଙ୍କା	
ସୁନା	୭.୩୦୦ ଗ୍ରାମ୍
ରୁପା	୪୪.୫୦୦ ଗ୍ରାମ୍

ସାହିଯାତର ୪ର୍ଥ ଦିବସ: ବନବାସ ନୀତି ଆଗତ

ପୁରୀ,୩୦।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରର ରୀତିନୀତି ଓ ପରମ୍ପରା ଅନୁଯାୟୀ, ରାମନବମୀ ଠାରୁ ରାମ ଅଭିଷେକ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ରରେ ସାହିଯାତ ଅନୁଷ୍ଠିତ ହୋଇଥାଏ। ଏହିକ୍ରମ ଅନୁସାରେ ଚୈତ୍ରମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ବନବାସ ନୀତି ସମ୍ପନ୍ନ ହୋଇଛି। ସାହିଯାତର ୪ର୍ଥ ସନ୍ଧ୍ୟାରେ ପିତୃସତ୍ୟ ପାଳନ କରିଛନ୍ତି ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର। ପିତୃସତ୍ୟ ପାଳନ କରି ୧୪ ବର୍ଷ ବନବାସରେ ବାହାରିଛନ୍ତି ପ୍ରଭୁ ରାମଚନ୍ଦ୍ର, ଲକ୍ଷ୍ମଣ ଏବଂ ମା ସୀତା। ବନବାସକୁ ନେଇ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା। ରାମାୟଣର ବନବାସକୁ ସାହିଯାତର ଚତୁର୍ଥ ଦିବସରେ ପ୍ରଦର୍ଶିତ କରାଯାଇଛି।

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟା ଧୂପ ବଢ଼ିବା ପରେ ଦକ୍ଷିଣୀ ଘରୁ ଶ୍ରୀରାମଚନ୍ଦ୍ର, ଶ୍ରୀଲକ୍ଷ୍ମଣ ଏବଂ ମା' ସୀତାଙ୍କ ପ୍ରତିମୂର୍ତ୍ତିକୁ ମହାଜନସେବକ ଭିତରକୁ ବିଜେ କରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ଆଣି ଶ୍ରୀରାମ, ଲକ୍ଷ୍ମଣ ଏବଂ ସୀତାଙ୍କୁ ପ୍ରଦାନ କରିଥିଲେ। ଠାକୁରଠାକୁରାଣୀ ଆଜ୍ଞାମାଳ ପ୍ରାପ୍ତ ହେବା ପରେ ମହାଜନସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ। ଠାକୁରମାନେ ଜଗନ୍ନାଥବଲ୍ଲଭ ପରିସରରେ ପହଞ୍ଚିବା ପରେ ଠାକୁରଙ୍କୁ ମଠର ଖଟଶେଜ ଉପରକୁ ବିଜେ କରାଯାଇଥିଲା। ଅପରପକ୍ଷରେ ସାହିଯାତର ୪ର୍ଥ ଦିବସରେ ମାର୍କଣ୍ଡେଶ୍ୱର ସାହି ଭବବତୀ କୋଟ ଆଖଡ଼ା ପକ୍ଷରୁ ବନବାସ ନୀତି ପ୍ରସ୍ତାବ ଆଗତ କରାଯାଇଥିଲା। ଭଗବତୀ କୋଟ ଆଖଡ଼ା ପକ୍ଷରୁ ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ରାହୁଲ ବରାଳ, ସୀତା ଭୂମିକାରେ ପ୍ରଜ୍ଞା ପ୍ରିୟଦର୍ଶିନୀ ରଥ, ଲକ୍ଷ୍ମଣଙ୍କ ଭୂମିକାରେ କାହ୍ନୁ ଚରଣ ସାହୁ ନୀତି ସମ୍ପାଦନ କରିଥିଲେ। ସେହିପରି ବିଶିଷ୍ଟ ଭୂମିକାରେ ଶଙ୍କର ପଣ୍ଡା, ଗୃହକ ଶବର ରାଜା ପୂର୍ଣ୍ଣଚନ୍ଦ୍ର ସାହୁ, ଡଗର ଭୂମିକାରେ ତପନ ସ୍ୱାଇଁ ଏବଂ ନାଉରିଆ ଭୂମିକାରେ ଜଗା ପ୍ରଧାନ ପ୍ରମୁଖ ରହିଥିଲେ। ନୀତି ସମ୍ପନ୍ନ ହେବା ପରେ ଠାକୁରଙ୍କୁ ଶୀତଳ ଭୋଗ ମଣୋହି କରାଯିବା ପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ଯାତ ବାଦିସାହି ଭ୍ରମଣ କରିବା ସହ ବିଭିନ୍ନ ପାରମ୍ପରିକ ଲୋକନୃତ୍ୟ ଓ ସମରକଳା ବୀରବାଦ୍ୟ ତାଳେ ତାଳେ ପ୍ରଦର୍ଶନ କରିଥିଲେ। ବନବାସ ରାମାୟଣର ଦୁଃଖଦ ଘଟଣା ହୋଇଥିବାରୁ ଅନ୍ୟସାହି ଭଳି ସେତେ ଭବ୍ୟ ପଟୁଆର ପୂର୍ବରୁ ବାହାରୁ ନ ଥିଲା। କେବଳ ନୀତି ସମ୍ପାଦନ କରାଯାଉଥିଲା। ତେବେ ଏବେ କିଛିବର୍ଷ ହେବ ସାହିର ବିଭିନ୍ନ ଯାଗା ଆଖଡ଼ାରୁ ପଟୁଆର ମାନ ବାହାରୁଛି। ବେଶଧାରୀମାନେ ବିଳମ୍ବିତ ରାତ୍ରପର୍ଯ୍ୟନ୍ତ ନୃତ୍ୟ ପ୍ରଦର୍ଶନ କରିଥିଲେ।

ସଂକ୍ଷେପରେ

ବଟି ଆଦାୟ ଅଭିଯୋଗରେ ଜଣେ ଗିରଫ

ପୁରୀ,୩୦।୩(ଅଜିତ୍ କୁମାର ମହାନ୍ତି)

ବଟି ଆଦାୟ ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ରାମଚଣ୍ଡୀ ସାହି ଅନ୍ତର୍ଗତ ବାଲିଉପରର ରଞ୍ଜନ ଚମ୍ପତି (୩୨)। ଏନେଇ ପୋଲିସ କେସ୍ ନଂ ୧୭୪/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସର ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନରେ ଜଣେ ବ୍ୟକ୍ତି ବଡ଼ଶଙ୍ଖ ପରିବା ମାର୍କେଟ ଠାରେ ଦୋକାନୀଙ୍କୁ ଛୁରି ଦେଖାଇ ଜୀବନରୁ ମାରିଦେବାକୁ ଧମକ ଦେଇ ବଟି ଆଦାୟ କରୁଥିବା ଖବର ମିଳିଥିଲା। ଖବରପାଇ ପୋଲିସ ଉକ୍ତ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କୁଗିରଫ କରିକୋର୍ଟଚାଲାଣ କରିଛି।

ବଜାରରେ ନାବାଳିକା ନିଖୋଜ

ବଳଙ୍ଗା,୩୦।୩(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ନାବାଳିକା ନିଖୋଜ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଳଙ୍ଗା ପୋଲିସ ୧୦୨/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ନାବାଳିକା ଗତ ୨୩ ତାରିଖ ଦିନ ମଧ୍ୟାହ୍ନରେ ଭାଇ ସହ ହରିପୁର ବଜାରକୁ ଯାଇଥିଲେ। ଭାଇଙ୍କୁ ରାସ୍ତା ଉପରେ ଠିଆ କରି କିଛି ଜିନିଷ କିଣିବା ପାଇଁ ବଜାର ଭିତରକୁ ଯାଇଥିଲେ। ଏକ ଘଣ୍ଟା ପରେ ଭଉଣୀ ନ ଆସିବାରେ ଭାଇ ବଜାର ଭିତରକୁ ଯାଇ ଖୋଜାଖୋଜି କରି ଭଉଣୀକୁ ନ ପାଇ ଘରକୁ ଯାଇଥିଲେ। ଚାରିଆଡ଼େ ଖୋଜାଖୋଜି କରିବାରେ ତାଙ୍କୁ ନ ପାଇବାରୁ ନାବାଳିକା ମାଉସୀ ସୋମବାର ବଳଙ୍ଗା ଥାନାରେ ଅଭିଯୋଗ କରିଛନ୍ତି।

ଉତ୍ତରପାର୍ଶ୍ୱ ମଠରେ ଆଧ୍ୟାତ୍ମିକ କବିତା ଆସର

ପୁରୀ,୩୦।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ରର ଉତ୍ତରପାର୍ଶ୍ୱ ମଠ ପରିସରରେ ପୁରୀର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ତରଫରୁ ସୋମବାର ଆଧ୍ୟାତ୍ମିକ ସାହିତ୍ୟ ଆଲୋଚନାଚକ୍ର ଓ କବିତା ଆସର ଅନୁଷ୍ଠାନର ସ୍ଥାୟୀ ସଭାପତି ସଦାଶିବ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ହିସାବରେ ମହନ୍ତ ନାରାୟଣ ରାମାନୁଜ ଦାସ, ମୁଖ୍ୟ ଅତିଥି ଭାବେ ଡ. ସୌଭାଗ୍ୟ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଅନାମ ଚନ୍ଦ୍ର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଡା. ପ୍ରମିଲ୍ କୁମାର ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସମ୍ପାଦକ ଶିବ ସୁନ୍ଦର ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସାହିତ୍ୟ ବିଷୟରେ ଅତି ସୁନ୍ଦର ସାରଗର୍ଭକ ଆଲୋଚନା କରାଯାଇଥିଲା। ଏହି ଭବ୍ୟ ସମାରୋହରେ ବରିଷ୍ଠ କବୟିତ୍ରୀ ଆଶାଲତା ପ୍ରଧାନ, ଚାରୁଲତା ମିଶ୍ର ଓ ମୀରା ମହାନ୍ତିଙ୍କ ସଂଯୋଜନାକ୍ରମେ ମହେଶ୍ୱର ଜେନା, ଅର୍ଜୁନ ପରାମ୍ ଗୁରୁ, ଅଶୋକ କୁମାର ମିଶ୍ର, କାଶୀନାଥ ଖୁଣ୍ଟିଆ, ଯୋଗେଶ୍ୱର ପ୍ରହରାଜ, ଯୋଗେନ୍ଦ୍ର ନାଥ ସାହୁ, ଅନନ୍ତ ପ୍ରଧାନ, ଅମୃତା ଦାଶ, ଦେବଦତ୍ତ ପ୍ରଧାନ, ଫୁଲରାଣୀ ପାଲ, ବୈକୁଣ୍ଠ ପ୍ରଧାନ, ରୋଜାଲିନ ପଣ୍ଡା, ଗଣେଶ୍ୱର ପ୍ରହରାଜ, ଭାଗୀରଥି ମହାନ୍ତି ଓ ଅଭିମନ୍ୟୁ ରାୟଗୁରୁ ପ୍ରମୁଖ ନିଜର ସ୍ୱରଚିତ କବିତା ପାଠ କରିଥିଲେ।

୨ ବାଇକ୍ ମୁହାଁମୁହିଁ ଧକ୍କା, ୨ ଆହତ

ଯୋଗେଶ୍ୱରପୁର,୩୦।୩(ରଶ୍ମି ରଞ୍ଜନ ସାହୁ)

ନୟାହାଟରୁ ଚାରିଛକ ରାସ୍ତାର ସିଙ୍ଗପାନିଆଁ ପେଟ୍ରୋଲ ଟାଙ୍କି ନିକଟରେ ଏକ ୟାମାହା ଗାଡ଼ି ସହ ବ୍ୟାଟେରି ଗାଡ଼ି ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୨ଜଣ ଆହତ ହୋଇଛନ୍ତି। ଉଭୟ ଆହତ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ଯୋଗେଶ୍ୱରପୁର ଅଞ୍ଚଳର ବିସ୍କୁଟ ବ୍ୟବସାୟୀ ଅନାମ ସାହୁ ଓ ଅନ୍ୟ ଜଣଙ୍କ ପରିଚୟ ମିଳିପାରିନାହିଁ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।

ଶିକ୍ଷା ହେଉଛି ଜାଗ୍ରତ ଜାତିର ମାପଦଣ୍ଡ

ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ଭଗବତୀ ବିଦ୍ୟା ନିକେତନର ୨୭ତମ ସାମ୍ବତ୍ସରିକ ସମାରୋହ

ପୁରୀ,୩୦।୩(ଅଜିତ୍ କୁମାର ମହାନ୍ତି)

ଭଗବତୀ ବିଦ୍ୟା ନିକେତନର ୨୭ତମ ସାମ୍ବତ୍ସରିକ ସମାରୋହ ଭୋଳାନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସଭାପତି ରମେଶ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହକୁ ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ଓସେପାର ଯୁଗ୍ମ ନିର୍ଦ୍ଦେଶିକା ମମତା ମିଶ୍ର, ସମ୍ମାନିତ ଅତିଥି ଭାବେ ହୋଟେଲ ଉଦ୍ୟୋଗୀ ଗିରୀଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଶିକ୍ଷା ହେଉଛି ଜାଗ୍ରତ ଜାତିର ମାପଦଣ୍ଡ। ଶିକ୍ଷା ହିଁ ଆଲୋକବର୍ତ୍ତିକା। ତେଣୁ ସମସ୍ତ ଶିଶୁ ଉପଯୁକ୍ତ ପ୍ରାଥମିକ ଶିକ୍ଷା ଗ୍ରହଣ କରିବା ଦିଗରେ ଅଭିଭାବକମାନେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଈ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ମହେନ୍ଦ୍ର ବିଶୋଇ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

ପ୍ରାରମ୍ଭରେ ଗୁରୁ ସତ୍ୟପ୍ରିୟ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ବିଦ୍ୟାର୍ଥୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ଅତିଥିଙ୍କ ଦ୍ୱାରା ବାର୍ଷିକ ମୁଖପତ୍ର 'ପ୍ରତିଜ୍ଞା' ଉନ୍ମୋଚନ ହୋଇଥିଲା। ସମାରୋହରେ ଯୋଗଗୁରୁ ତଥା ପ୍ରାକୃତିକ ଚିକିତ୍ସକ ଡା. ମଧୁସୂଦନ ରାୟଙ୍କୁ 'କୈଳାସ ରାୟ ସ୍ମୃତି ସମ୍ମାନ', ବନ୍ଧାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଦାନନ୍ଦ ସାମନ୍ତରାୟ, ଦତ୍ତତୋଟା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ରାଧାଶ୍ୟାମ ପଟ୍ଟନାୟକଙ୍କୁ 'ଶିକ୍ଷକ ଗୌରବ ସମ୍ମାନ' ଏବଂ ଗୁରୁ ରବୀନ୍ଦ୍ର ବେହେରା, ସୁସ୍ମିତା ବାରିକଙ୍କୁ ନୃତ୍ୟଗୁରୁ ସମ୍ମାନ ଏବଂ ଗୁରୁ ପ୍ରତାପ କୁମାର ବାରିକଙ୍କୁ ବିଶିଷ୍ଟ ତବଲା ବାଦକ ଭାବେ ସମ୍ମାନିତ କରାଯାଇଥିଲା। ଏତଦ୍‌ବ୍ୟତୀତ ଚଳିତବର୍ଷର ଶ୍ରେଷ୍ଠ ବିଦ୍ୟାର୍ଥୀ, ଶ୍ରେଷ୍ଠ କ୍ରୀଡ଼ାବିତ୍, ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଏବଂ ଗଣିତ, ସାହିତ୍ୟରେ ସର୍ବୋଚ୍ଚନମ୍ବରଧାରୀ ବିଦ୍ୟାର୍ଥୀମାନେ ପୁରସ୍କୃତ ହୋଇଥିଲେ। ସହ ସମ୍ପାଦକ ଲକ୍ଷ୍ମୀଧର ମାଝୀ ମଞ୍ଚ ସଂଯୋଜନା କରିଥିବା ବେଳେ ମମତା ଦାସ ଧନ୍ୟବାଦ ଦେଇଥିଲେ। ସଭା ପର୍ବ ପରେ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଜ୍ଞା ସାହୁଙ୍କ ସଂଯୋଜନାରେ କୁନି କୁନି ବିଦ୍ୟାର୍ଥୀଗଣ ଓଡ଼ିଶୀ ନୃତ୍ୟ, ଭଜନ ନୃତ୍ୟ, ଦେଶାତ୍ମବୋଧକ ନୃତ୍ୟ ସହିତ ରାଇମ୍ସ ଏବଂ ଘୋଡ଼ାନାଚ ଆଦି ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

କନ୍ଦର୍ପ ଅଧିବାସ ନୀତି ସମ୍ପନ୍ନ, ଆଜି ଦୟଣା ଚୋରି

ପୁରୀ,୩୦।୩(ଅଜିତ୍ କୁମାର ମହାନ୍ତି)

ଚୈତ୍ରମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ମଙ୍ଗଳବାର ମହାପ୍ରଭୁଙ୍କ ଦୟଣା ଚୋରି ନୀତି ଅନୁଷ୍ଠିତ ହେବ। ଏହି ନୀତି ଯୋଗୁ ଶ୍ରୀକ୍ଷେତ୍ରରେ ଚାଲିଥିବା ରାମଲୀଳା ବନ୍ଦ ରହିବ। ଦୟଣା ଚୋରି ନୀତି ପୂର୍ବରୁ ଶ୍ରୀମନ୍ଦିରରେ ସୋମବାର କନ୍ଦର୍ପ ପଟିକୁ ଅଧିବାସ କରାଯାଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଚନ୍ଦନଲାଗି ନୀତି ଲାଗି ସମ୍ପନ୍ନ ହେବା ପରେ ଦକ୍ଷିଣ ଘରେ କନ୍ଦର୍ପ ପଟି ଅଧିବାସ ନୀତି ଶେଷ ହୋଇଛି। ଅଧିବାସ ହୋଇଥିବା ଉକ୍ତ ଅଧିବାସ ପଟି ମଙ୍ଗଳବାର ମହାଜନ ସେବକମାନେ ଜଗନ୍ନାଥବଲ୍ଲଭକୁ ବୀଜେ କରାଇବେ। ସେହିପରି ପାଲିଙ୍କିରେ ରାମ କୃଷ୍ଣ ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରିବା ପରେ ସେଠାରେ ନୀତି ସମ୍ପନ୍ନ କରାଯିବ।

ନୀଳଚକ୍ର ଉପରେ ବସିଲା ଚିଲ

ପୁରୀ,୩୦।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଉପରେ ଏକ ଅଭାବନୀୟ ଘଟଣା ସୋମବାର ପୂର୍ବାହ୍ନରେ ଦେଖିବାକୁ ମିଳିଛି। ଲଗାତର ଭାବେ ଶ୍ରୀମନ୍ଦିର ନୀଳଚକ୍ର ଉପରେ ଚିଲ ବସୁଥିବା ଦେଖିବାକୁ ମିଳୁଛି। ଏକ ଚିଲ କିଛି ସମୟ ଧରି ଉଡ଼ିବା ପରେ ଅକ୍ଷୟଦଣ୍ଡରେ ବସିଥିବା ଦେଖିବାକୁ ମିଳିଥିଲା। ତେବେ ପତିତପାବନ ବାନା ଉପରେ ଚିଲ ବସିବା ଶୁଭ କି ଅଶୁଭ ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। କିଛି ସେବାୟତ ଏହାକୁ ମହାପ୍ରଭୁଙ୍କ ଅଶୁଭ ସଙ୍କେତ ବୋଲି କହିଛନ୍ତି। ଚିଲ ପତିତପାବନ ବାନା ଉପରେ ବସିଲେ ଦେଶରେ ବିପର୍ଯ୍ୟୟ ଘଟିଥାଏ। ଭୂମିକମ୍ପ, ଭୂସ୍ଖଳନ, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସହ ଖାଦ୍ୟାଭାବ, ଗୃହଯୁଦ୍ଧ ବୃଦ୍ଧି ପାଇଥାଏ ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷରେ ଏହା ଏକ ସାଧାରଣ କଥା ବୋଲି ଅନେକ ବ୍ୟକ୍ତିବିଶେଷ ମତ ଦେଇଛନ୍ତି। ତେବେ ପୂର୍ବରୁ ବାରମ୍ବାର ଶ୍ରୀମନ୍ଦିର ନୀଳଚକ୍ର ଉପରେ ଚିଲ ଉଡ଼ିବା, ବସିବା, ମାନସିକ ବାନା ଛିଡ଼ିବା ଏବଂ ଶହଶହ ସଂଖ୍ୟାରେ ଚିଲ ଶ୍ରୀମନ୍ଦିର ଚାରିପଟେ ବୁଲିବା ନଜର ରହିଛି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com

@ ଦେବପ୍ରସାଦ

@ ରାମ

@ କାହ୍ନୁ

@ ସୁଶ୍ରୀ



@ ଓମ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ଗ୍ୟାସ୍ ସମସ୍ୟାର ସମାଧାନ ପାଇଁ କଣ୍ଟ୍ରୋଲ ରୁମ୍

ପୁରୀ,୩୦।୩(ଅଜିତ୍ କୁମାର ମହାନ୍ତି)

ଜିଲାରେ ଆବଶ୍ୟକ ଗ୍ୟାସ୍ ସିଲିଣ୍ଡର ମହଜୁଦ୍ ରହିଛି। ତେଣୁ ଜନସାଧାରଣ ଅଯଥା ଆତଙ୍କିତ ନ ହେବା କିମ୍ବା ଅଯଥା ଗ୍ୟାସ ଡିଲର ପଏଣ୍ଟରେ ଭିଡ଼ ନ କରିବାକୁ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଅନୁରୋଧ କରିଛନ୍ତି। ସୋମବାର ଅପରାହ୍ନରେ ଏ ସମ୍ପର୍କରେ ଆଭାସୀ ମାଧ୍ୟମରେ ଏକ ବୈଠକ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜନସାଧାରଣଙ୍କୁ ଠିକ ଭାବେ ଗ୍ୟାସ ଯୋଗାଣ ସହ ସରକାରୀ ଓ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ଗ୍ୟାସ ଯୋଗାଣ ସମ୍ପର୍କରେ ଜିଲାପାଳ ସମୀକ୍ଷା କରିବା ସହ ବିହିତ ପଦକ୍ଷେପ ପାଇଁ ମୁଖ୍ୟ ଯୋଗାଣ ଅଧିକାରୀ ଓ ଗ୍ୟାସ ଡିଲରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ପରାମର୍ଶକ୍ରମେ ଏ ସମ୍ପର୍କରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ଲୋକଙ୍କ ସମସ୍ୟାକୁ ତୁରନ୍ତ ସମାଧାନ ପାଇଁ ବ୍ୟବସ୍ଥା କରାଯାଇଛି। ଯୋଗାଣ କାର୍ଯ୍ୟାଳୟ କଣ୍ଟ୍ରୋଲ ରୁମ୍ ନମ୍ବର-୦୬୭୫୨-୨୨୨୨୨୮ ଓ ଜିଲା କଣ୍ଟ୍ରୋଲ୍ ରୁମ୍ ନମ୍ବର ୦୬୭୫୨-୨୨୩୨୩୭ ପ୍ରଦାନ କରାଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ, ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ପ୍ରମୁଖ ଯୋଗଦେଇଥିଲେ।

ବାଲୁଙ୍କେଶ୍ୱର ଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ

ପିପିଲି,୩୦।୩(ପ୍ରଭାତ କୁମାର ମହାପାତ୍ର)

ପିପିଲି କୁଳଶେଖରପାଟଣା ପଞ୍ଚାୟତ ଅନ୍ତର୍ଗତ ରାଗଡ଼ ଏବଂ ମାଳିବରାହୀ ଗ୍ରାମର ଆରାଧ୍ୟ ଦେବତା ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ତୃତୀୟ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଉଭୟ ଗ୍ରାମର ଶତାଧିକ ମହିଳା, ପୁରୁଷ କଳସଯାତ୍ରାରେ ସାମିଲ ହୋଇଥିଲେ। ବିଶ୍ୱର କଲ୍ୟାଣ ପାଇଁ ଏହି ମହାଯଜ୍ଞ କରାଯାଉଛି ଏବଂ ଭାଇଚାରା ମଧ୍ୟରେ ବିଶ୍ୱଶାନ୍ତି ମହାଯଜ୍ଞ ତୃତୀୟ ବର୍ଷରେ ପଦାର୍ପଣ କରିଛି ବୋଲି ଅନୁଷ୍ଠାନର କର୍ମକର୍ତ୍ତାମାନେ କହିଛନ୍ତି। ଏହି ମହାଯଜ୍ଞ ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଗୋପୂଜା, ସୂର୍ଯ୍ୟପୂଜା, ରୁଦ୍ରାଭିଷେକ ସହ ସମସ୍ତ ରୀତିନୀତି ଅନୁସାରେ ଶତାଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହେବାର ବ୍ୟବସ୍ଥା ରହିଛି। ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଆଧ୍ୟାତ୍ମିକ କାର୍ଯ୍ୟରେ ଆଖପାଖର ଶତାଧିକ ଶ୍ରଦ୍ଧାଳୁ ଯୋଗଦେବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ଗ୍ରାମର କେଦାରସନ ଭୋଇ, ସୁଦାମ ବରାଳ, ବାପି ଭୋଇ, ସନ୍ତୋଷ ନାୟକ, ସୁବାସ ପରିଡ଼ା, ମନୋରଞ୍ଜନ ପରିଡ଼ା, ଲକ୍ଷ୍ମୀଧର ବରାଳ, ଭଜମନ ଭୋଇ, ଭଗବାନ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ରାୟଙ୍କ ସହ ମାଳିବରାହୀ ଓ ରାଗଡ଼ ଗ୍ରାମବାସୀଙ୍କ ସହଯୋଗରେ ପରିଚାଳିତ ହେଉଛି ବୋଲି ଗ୍ରାମବାସୀ କହିଛନ୍ତି।

ଜନଶୁଣାଣି ଶିବିରରେ ୬୩ ଅଭିଯୋଗ ଦାଖଲ

ଗୋପ,୩୦।୩ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକରେ ସରକାରୀ ଯୋଜନା ଠିକ ଭାବରେ କାର୍ଯ୍ୟକାରୀ ହେଉ ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଗୋପ ବ୍ଲକ ବୈଠକ ଗୃହରେ ସୋମବାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୬୩ଟି ଅଭିଯୋଗ ଦାଖଲ ହୋଇଥିବା ଜଣାପଡ଼ିଛି। ବିଶେଷ କରି ସରକାରୀ ଜମି ଜବରଦଖଲ, ପିଇବା ପାଣି ସମସ୍ୟା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବ୍ୟାପକ ଦୁର୍ନୀତି ସହିତ ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଆସିଥିଲା। ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଜିଲାପାଳ ରାଜକିଶୋର ଜେନା, ଏସ୍‌ପି ପ୍ରତୀକ ସିଂ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ, ଅତିରିକ୍ତ ଜିଲାପାଳ ନୀଳମାଧବ ଭୋଇ, ଗୋପ ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ, ନିମାପଡ଼ା ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ, ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଅଶୋକ କୁମାର ପୃଷ୍ଟିଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ଆରମ୍ଭରୁ ଗୋପ ବ୍ଲକ ଅଞ୍ଚଳର ୨ ମହିଳା ବିଭିନ୍ନ ସ୍ଥାନରେ ସରକାରୀ ଜମି ଜବରଦଖଲ ଓ ପୟରା ପଞ୍ଚାୟତରେ ପିଇବା ପାଣି ସମସ୍ୟାକୁ ନେଇ ହୋହଲ୍ଲା କରିବା ଫଳରେ କିଛି ସମୟ ପାଇଁ ବୈଠକ ଚାଲିପାରି ନ ଥିଲା। ଜିଲାସ୍ତରୀୟ ଅଧିକାରୀମାନେ ଏହି ଅଭିଯୋଗ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଶିବିରରେ ଅଭିଯୋଗ ମଧ୍ୟରେ ଭତ୍ତା, ଆଲୋକୀକରଣ ବ୍ୟବସ୍ଥା ଫେଲ୍, ସୁଭଦ୍ରା ଯୋଜନା, ସ୍ୱାସ୍ଥ୍ୟ ସମସ୍ୟା ବ୍ୟବସ୍ଥା, ରାଶନକାର୍ଡ ସହିତ ଅନ୍ୟାନ୍ୟ ଅଭିଯୋଗ ରହିଥିଲା।

ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟରେ ଦର୍ଶକ ବିଭୋର

ମକର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ପୁରୀ,୩୦।୩(ଅଜିତ୍ କୁମାର ମହାନ୍ତି)

କାର୍ଯ୍ୟକ୍ରମରେ ଅତିଥିମାନେ ପ୍ରତିଭାସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

ତାଳବଣିଆ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ତାଳବଣିଆ ପଡ଼ିଆଠାରେ ଅନୁଷ୍ଠିତ ମକର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପିପିଲି-ଡେଲାଙ୍ଗ ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତ, ମହିଳା ମୋର୍ଚ୍ଚା ସମ୍ପାଦିକା ରତ୍ନପ୍ରଭା ପଣ୍ଡା, ବରିଷ୍ଠ ସେବାୟତ ତଥା ଅନୁଷ୍ଠାନର ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ମଧୁସୂଦନ ସିଂହାରୀ, ପୁରୀ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କର ନିର୍ଦ୍ଦେଶକ ତଥା ଅନୁଷ୍ଠାନର ସଂଗଠନ ସଭାପତି ଉମାକାନ୍ତ ନାୟକ, ବରିଷ୍ଠ ଆଇନଜୀବୀ ତଥା ଅନୁଷ୍ଠାନର ଅଭ୍ୟର୍ଥନା କମିଟି ଉପସଭାପତି ଦିଗ୍‌ଦର୍ଶନ ପଟ୍ଟନାୟକ, ଅନୁଷ୍ଠାନର ସଂଗଠନ ଉପସଭାପତି ଜୟନ୍ତ କୁମାର ଦାସ, ଅନୁଷ୍ଠାନର ସଭାପତି ରାଜେଶ କୁମାର ନନ୍ଦ, ସାଧାରଣ ସମ୍ପାଦକ ସୁଜିତ୍ ପଟ୍ଟନାୟକ, ଆବାହକ ଶିବପ୍ରସାଦ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

ଅନୁଷ୍ଠାନର କାର୍ଯ୍ୟକ୍ରମ, ସମାଜ ପ୍ରତି ଏହାର ଭୂମିକା ଓ ଆସନ୍ତା ଭବିଷ୍ୟତରେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ସମସ୍ତେ ନିଜ ନିଜର ମୂଲ୍ୟବାନ ମତ ଉପସ୍ଥାପନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ଓ ଅନେକ ପ୍ରତିଭାସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସଭାପତି ରାଜେଶ କୁମାର ନନ୍ଦ, ଅନୁଷ୍ଠାନ ସଦସ୍ୟ ବିକାଶ ନାୟକ ଓ ବରିଷ୍ଠ ଶିକ୍ଷାବିତ୍ ଜନ୍ମେଞ୍ଜୟ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ମହୋତ୍ସବରେ ୪୦ଟି ଷ୍ଟଲ୍‌ରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉଦ୍ୟୋଗୀମାନେ ନିଜ ନିଜର ହସ୍ତଶିଳ୍ପ, ମସଲା, ଘରୋଇ ଉପକରଣ, ଖେଳଣା ଓ ନାନାଦି ସୁଖାଦ୍ୟ ସ୍ଥାନିତ କରାଯାଇଛି। ପଡ଼ିଆରେ ଏକ ସୁନ୍ଦର ବାଲୁକା ଚିତ୍ର ପ୍ରଦର୍ଶନ କରାଯାଇଥିଲା। ସନ୍ଧ୍ୟାରେ ମଞ୍ଚରେ ଅନେକ ସାଂସ୍କୃତିକ ଅନୁଷ୍ଠାନର କୁନି କଳାକାରମାନେ ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ, ଭଜନ ଓ ଅନ୍ୟାନ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ପରିଷଦର ବିଶୁଧାନନ୍ଦ ଜେନା, ବିଷ୍ଣୁଚରଣ ସ୍ୱାଇଁ, ସଚ୍ଚିଦାନନ୍ଦ ରଥ, କିଶୋର ପ୍ରଧାନ, ସଂଗ୍ରାମ ମହାପାତ୍ର, ନିହାର ରଞ୍ଜନ ପତି, ଦୀପ୍ତିରଞ୍ଜନ ବାରିକ, ରିଙ୍କୁ ମହାପାତ୍ର, ମନୋଜ ରଥ, ରୁଦ୍ରନାରାୟଣ ରଥ, ସଞ୍ଜୟ ଦାସ, ଅରକ୍ଷିତ ବେହେରା, ରବିନାରାୟଣ ଦାସ, ବନ୍ଦିତା ଦାଶ, ମଞ୍ଜୁଲତା ସ୍ୱାଇଁ ଓ ତନୁଜା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ବ୍ଲାକ୍‌ମେଲିଂ: ହଷ୍ଟେଲରେ ଏମ୍‌ବିଏ ଛାତ୍ରୀଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୩୦।୩(ତ୍ରିନାଥ ମହାନ୍ତି)

ଇନ୍‌ଫୋସିଟି ଛକରେ ଥିବା ଏକ ଘରୋଇ ଇଞ୍ଜିନିୟରିଂ କଲେଜ ହଷ୍ଟେଲରେ ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ମୃତା ଛାତ୍ରୀ ହେଲେ ଢେଙ୍କାନାଳ ଜିଲାର ମନୋଜିତା ପ୍ରିୟଦର୍ଶିନୀ। ସେ ସ୍ଥାନୀୟ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ଏମ୍‌ବିଏ ଦ୍ୱିତୀୟ ବର୍ଷ ଛାତ୍ରୀ ଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏକ ପୋଲିସ ଟିମ୍ ଛାତ୍ରୀ ଆତ୍ମହତ୍ୟା କରିଥିବା ହଷ୍ଟେଲକୁ ଯାଇ ଛାନ୍‌ଭିନ୍ କରିବା ସହ ମୋବାଇଲ୍ ଫୋନ୍‌କୁ ଜବତ କରିଛି। ହେଲେ ମନୋଜିତାଙ୍କ ଆତ୍ମହତ୍ୟା ଘଟଣାକୁ ତାଙ୍କ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏଥିପାଇଁ ଜଣେ ଯୁବକଙ୍କ ନାମରେ ପରିବାର ଲୋକେ ଅଭିଯୋଗ କରିଛନ୍ତି। ମନୋଜିତାଙ୍କ ବାପା କହିଛନ୍ତି, ସେ ଦିନ ୨ଟା ବେଳେ ସ୍ୱାଭାବିକ ଭାବେ ମା'ଙ୍କ ସହ କଥା ହୋଇଥିଲେ। ହଷ୍ଟେଲ ଭଲ ଲାଗୁ ନ ଥିବା କହି ଘରକୁ ଯିବାକୁ କହିଥିଲେ। ଏହା ଭିତରେ ସେ କେମିତି ଝୁଲି ପଡ଼ିଲେ ? ଜଣେ ପୁଅ ବ୍ଲାକ୍‌ମେଲିଂ କରୁଥିଲେ। ସେ ପୁଅ ହିଁ ତାଙ୍କୁ ଆତ୍ମହତ୍ୟା ପାଇଁ ବାଧ୍ୟ କରିଥିବା ସେ କହିଛନ୍ତି।

ପୋଲିସ ସୂଚନାନୁସାରେ, ରବିବାର ଛୁଟି ଥିବାରୁ ହଷ୍ଟେଲରେ ଥିବା ସାଙ୍ଗମାନେ ବାହାରକୁ ବୁଲିଯାଇଥିବା ବେଳେ ମନୋଜିତା ଦେହ ଭଲ ଲାଗୁ ନ ଥିବା

ଥାନାରେ ଯୁବକଙ୍କ ନାମରେ ଅଭିଯୋଗ କଲେ ପରିବାର

କହି ରହିଥିଲେ। ଅପରାହ୍ନ ୨ଟା ବେଳେ ସେ ତାଙ୍କ ମା'ଙ୍କ ସହ କଥା ହୋଇଥିଲେ। ହଷ୍ଟେଲରେ ତାଙ୍କୁ ଭଲ ଲାଗୁ ନ ଥିବା କହିବା ସହ ଘରକୁ ପଳାଇଯିବାକୁ କହିଥିଲେ। ହେଲେ ହଷ୍ଟେଲ ଛୁଟି ହେବା ପରେ ଘରକୁ ଆସିବାକୁ ମା' ପରାମର୍ଶ ଦେଇଥିଲେ। ଏପରି କି କିଛି ସମୟ କଥା ହେବା ପରେ ଅପରାହ୍ନ ୪ଟାରେ ଫୋନ୍ କରିବେ ବୋଲି ମନୋଜିତା ତାଙ୍କ ମା'ଙ୍କୁ କହିଥିଲେ। ହେଲେ ସେ ଆଉ ଫୋନ୍ ନ କରିବାରୁ ତାଙ୍କ ମା' ତାଙ୍କ ମୋବାଇଲ୍‌କୁ କଲ୍ କରିଥିଲେ। ହେଲେ ମନୋଜିତାଙ୍କ ଫୋନ୍ ବନ୍ଦ ଥିବାରୁ ସେ ତାଙ୍କ ରୁମ୍‌ରେ ରହୁଥିବା ସାଙ୍ଗ ଓ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଫୋନ୍ କରି ଜଣାଇବାକୁ କହିଥିଲେ। ହଷ୍ଟେଲ କର୍ମଚାରୀ ପହଞ୍ଚି ମନୋଜିତାଙ୍କ ରୁମ୍ କବାଟ ଭିତରପଟୁ ବନ୍ଦ ଥିବାରୁ ଡାକିଥିଲେ। ହେଲେ କେହି ନ ଶୁଣିବାରୁ କବାଟ ଲକ୍ ଭାଙ୍ଗି ଖୋଲିବା ପରେ ମନୋଜିତା ବେକରେ ଓଢ଼ଣି ବାନ୍ଧି ଫ୍ୟାନ୍‌ରେ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଏନେଇ ଇନ୍‌ଫୋସିଟି ଥାନା ଅଧିକାରୀ ମହେନ୍ଦ୍ର ସ୍ୱାଇଁ କହିଛନ୍ତି, ପୋଲିସ ଏକ ଯୁଡି ମାମଲା ରୁଜୁ କରି ତଦନ୍ତ କରୁଛି। ପରିବାର ଲୋକ ଜଣେ ପୁଅ ନାମରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ଆମେ ତଦନ୍ତ କରୁଛୁ ବୋଲି ସେ କହିଛନ୍ତି।

ଅର୍ଥ ଚିନ୍ତା: ମାନସିକ ସ୍ଥିତି ହରାଇ ୨ ଯୁବକଙ୍କ ଜୀବନହାନି

ଭୁବନେଶ୍ୱର,୩୦ ।୩(ତ୍ରିନାଥ ମହାନ୍ତି): ନୟାପଲ୍ଲୀ ବେହେରାସାହିରେ ଜଣେ ଅନ୍‌ଲାଇନ୍ ଖାଦ୍ୟ ଡେଲିଭରି ବଏ ଆତ୍ମହତ୍ୟା କରିଛନ୍ତି। ବେକରେ ରଶି ଲଗାଇ ଯୁବକ ଜଣଙ୍କ ଫ୍ୟାନ୍‌ରେ ଝୁଲି ପଡ଼ିଛନ୍ତି। ମୃତ ଡେଲିଭରି ବୟ ହେଲେ ବାଲେଶ୍ୱର ଜିଲାର ତପନ କୁମାର ଶିଅଳ। ଖବରପାଇ ପୋଲିସ କବାଟ ତାଲା ଭାଙ୍ଗି ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ କରୁଛି। ମୃତ ତପନ ୩ବର୍ଷ ହେବ ରାଜଧାନୀକୁ ଆସି ବେହେରା ସାହିରେ ରହିବା ସହ ଅନ୍‌ଲାଇନ୍ ଡେଲିଭରି ବୟ ଭାବେ କାମ କରି ଚଳୁଥିଲେ। ହେଲେ ଗତ କିଛି ମାସ ହେବ ସେ ବିଭିନ୍ନ ଜାଗାରେ ହାତ ଉଧାରି ଏବଂ ଋଣ ଆଣିଥିଲେ। ସେ ଯେତିକି ଦରମା ପାଉଥିଲେ ଋଣ ପରିଶୋଧ କରିବା ତାଙ୍କ ପାଇଁ କଷ୍ଟକର ଥିଲା। ଏକାଧିକ ଲୋକ ଫୋନ୍ କରି ଟଙ୍କା ମାଗୁଥିବାରୁ ସେ ମାନସିକ ଚାପରେ ରହି ଏଭଳି ଚରମ ନିଷ୍ପତ୍ତି ନେଇଥାଇ ପାରନ୍ତି ବୋଲି ତାଙ୍କର ଜଣେ ବନ୍ଧୁ କହିଛନ୍ତି।

ସେହିପରି ଅନ୍ୟ ଏକ ଘଟଣାରେ

ଋଣରେ ବୁଡ଼ି ରହି ଅନ୍‌ଲାଇନ୍ ଖାଦ୍ୟ ଡେଲିଭରି ବୟଙ୍କ ଆତ୍ମହତ୍ୟା

ଦରମା ଅର୍ଥରେ ଚଳିବା କଷ୍ଟକର ହେବାରୁ ଯୁବକ ଝୁଲିପଡ଼ିଲେ

ଲକ୍ଷ୍ମୀସାଗର ଥାନା ଖାରପଡ଼ାରେ ରହୁଥିବା ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟା କରିଥିବା ଯୁବକ ହେଲେ ଗୌତମ ପରିଡ଼ା। ସେ ବେକରେ ଗାମୁଛା ଲଗାଇ ଝୁଲି ପଡ଼ିଥିଲେ। ଖବର ପାଇ ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି।

ଗୌତମ ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ । କିନ୍ତୁ ସେ ଯେତିକି ଟଙ୍କା ରୋଜଗାର କରୁଥିଲେ ସେଥିରେ ପରିବାର ଚଳିବା କଷ୍ଟକର ହେଉଥିଲା, ଯାହାକୁ ନେଇ ସେ ଗତ କିଛି ଦିନ ହେବ ମାନସିକ ଚିନ୍ତାରେ ରହୁଥିଲେ। ରବିବାର ରାତିରେ ପରିବାର ଲୋକ ଖାଇ ସାରିବା ପରେ ଶୋଇଥିଲେ । ବିଳମ୍ବିତ ରାତିରେ ନିଜ ରୁମରେ ଗାମୁଛା ବେକରେ ଲଗାଇ ଝୁଲି ପଡିଥିଲେ ବୋଲି ପରିବାର ପକ୍ଷରୁ କୁହାଯାଇଛି।

ସିନ୍ ରିକ୍ରିଏଶନ ବେଳେ ଅଭିଯୁକ୍ତଙ୍କୁ ପିଟିଲେ ଲୋକେ

■ଘଟଣାର ୫୦ ଦିନ ପରେ ବି ଫିଲ୍‌ମନ୍‌ଙ୍କ ମିଳୁନି ପତ୍ତା

■ଜ୍ୱାଇଁଙ୍କୁ ହତ୍ୟା ଘଟଣାରେ ଶ୍ୱଶୁରଙ୍କ ସମେତ ୫ ଗିରଫ

ପୋଲିସ ଅଭିଯୁକ୍ତଙ୍କୁ ଧରି ସିନ୍ ରିକ୍ରିଏଶନ କରୁଛି।

ପୁରୀ/କଣାସ ୩୦।୩(ଅଜିତ୍ କୁମାର ମହାନ୍ତି/ବିଭୂତି ଭୂଷଣ ତ୍ରିପାଠୀ)

ପୋଲିସ ଅଭିଯୁକ୍ତଙ୍କୁ ସିନ୍ ରିକ୍ରିଏଶନ୍ କରୁଥିବାବେଳେ ଅଞ୍ଚଳବାସୀଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ଅଭିଯୁକ୍ତ। ପୋଲିସ ଉପସ୍ଥିତିରେ ଅଭିଯୁକ୍ତଙ୍କୁ ଲୋକମାନେ ନିସ୍ତୁକ ମାଡ଼ ମାରିଛନ୍ତି। ପୋଲିସ ଲୋକମାନଙ୍କୁ ଅଟକାଇବା ପାଇଁ ଚେଷ୍ଟା କରୁଥିଲେ ମଧ୍ୟ ପ୍ରଥମେ ବିଫଳ ହୋଇଥିଲା। କିଛି ସମୟ ଉତ୍ତେଜନା ଦେଖାଦେବା ପରେ ଲୋକଙ୍କ କବଳରୁ ପୋଲିସ ଅଭିଯୁକ୍ତଙ୍କୁ ଉଦ୍ଧାର କରିଥିଲା। ଏହି ସମୟର ଏକ ଭିଡିଓ ଭାଇରାଲ ହେବା ପରେ ପେଣ୍ଠକଟା ମେରାଇନ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ସୂଚନା ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ, କୃଷ୍ଣପ୍ରସାଦ ବ୍ଲକର ମୋହନ ବେହେରାଙ୍କ ଝିଅ ଝାନ୍ସୀ ବେହେରା କନ୍ଧମାଳ ଜିଲାରେ ଚାକିରି କରୁଥିବା ସମୟରେ ସେଠାରେ ତୁମୁଡ଼ିବନ୍ଧ ଥାନା କରୁକୁଡୁପା ଗ୍ରାମର ଫିଲ୍‌ମନ୍ ଦିଗାଲଙ୍କୁ ପ୍ରେମ ବିବାହ କରିଥିଲେ। ଉକ୍ତ ବିବାହକୁ ଝାନ୍ସୀଙ୍କ ପରିବାର ଲୋକେ ଖୁସି ନ ଥିଲେ। ତେବେ କଣାସ ବ୍ଲକକୁ ଝାନ୍ସୀଙ୍କ ବଦଳି ହେବା ପରେ ସେ ସ୍ୱାମୀ ଫିଲ୍‌ମନ୍‌ଙ୍କ ସହ କଣାସ ବ୍ଲକ କୋଟକଣା ଛକରେ ଭଡ଼ାଘରେ ରହୁଥିଲେ। ତେବେ ଫିଲ୍‌ମନଙ୍କ ଶ୍ୱଶୁର ମୋହନ ବେହେରା ଗତ ଫେବୃଆରୀ ୯ତାରିଖରେ ଝିଅଜ୍ୱାଇଁଙ୍କ କଣାସସ୍ଥିତ ଭଡା ଘରକୁ ବୁଲିବାକୁ ଆସିଥିଲେ। ପରେ ବଜାରକୁ ଯିବା ପାଇଁ ଜ୍ୱାଇଁଙ୍କୁ କହିଥିଲେ। ଗାଡ଼ିରେ ଜ୍ୱାଇଁ ଓ ଶ୍ୱଶୁର ବଜାର ଯାଇଥିଲେ। ଅଧରାସ୍ତାରେ ମୋହନ ଝାଡ଼ା ବସିବା କଥା କହି ସେଠାରେ ଅପେକ୍ଷା କରିବାକୁ ଫିଲ୍‌ମନ୍‌କୁ କହିଥିଲେ। ଫିଲ୍‌ମନ୍ ଅପେକ୍ଷା କରିଥିବା ସମୟରେ କେତେଜଣ ବ୍ୟକ୍ତି ଆସି ଫିଲ୍‌ମନ୍‌ଙ୍କୁ କେଉଁଆଡ଼େ ନେଇଯାଇଥିଲେ। ପରେ ଝାନ୍ସୀ ଫେବୃଆରୀ ୧୩ ତାରିଖରେ ତାଙ୍କ ବାପା ଫିଲ୍‌ମନ୍‌ଙ୍କୁ ଅପହରଣ କରି ହତ୍ୟା କରିଥିବା ନେଇ ଗଡ଼ିଶାଗଦା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଗଡ଼ିଶାଗଦା ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତେବେ ପୋଲିସ ପ୍ରାୟ ୧ ମାସ ପରେ ରାଜ୍ୟ ବହାରୁ ଫିଲ୍‌ମନ୍‌ଙ୍କ ଶ୍ୱଶୁର ମୋହନ ବେହେରାଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ଏଥିସହ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଚାରିଜଣଙ୍କୁ ମଧ୍ୟ ପୋଲିସ ଗିରଫ କରିଥିଲା। ଜେରା ବେଳେ ଫିଲ୍‌ମନ୍‌ଙ୍କୁ ପୁରୀ ଆଣି ନୂଆନଈଠାରେ ମାରି ପକାଇଥିବା ଅଭିଯୁକ୍ତ ମୋହନ ପୋଲିସକୁ ସୂଚନାଦେଇଥିଲେ। ଉକ୍ତ ତଥ୍ୟ ଆଧାରରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ସାଙ୍ଗରେ ନେଇ ସିନ୍‌ରିକ୍ରିଏଶନ ପାଇଁ ନୂଆନଈ ନିକଟକୁ ନେଇଥିଲେ। ଏହି ସମୟରେ ଫିଲ୍‌ମନ୍‌ଙ୍କ ସମ୍ପର୍କୀୟ ମଧ୍ୟ ଉପସ୍ଥିତ ଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀଙ୍କ ସହାୟତାରେ ନୂଆନଈରେ ଫିଲ୍‌ମନ୍‌ଙ୍କ ମୃତଦେହକୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ନ ମିଳିବାରୁ ପୋଲିସ ଅଭିଯୁକ୍ତଙ୍କୁ ଧରି ଫେରିବା ସମୟରେ ଲୋକମାନେ ଅଭିଯୁକ୍ତଙ୍କୁ ରାସ୍ତା ଉପରେ ମାଡ ମାରିଥିବା ସୂଚନା ମିଳିଛି।

ଘରୋଇ ଇଞ୍ଜିନିୟରିଂ କଲେଜରେ ଜୁନିୟର ଛାତ୍ରଙ୍କୁ ମାଡ଼

ଭୁବନେଶ୍ୱର,୩୦।୩(ତ୍ରିନାଥ ମହାନ୍ତି)

619	ବଡକେନ୍ଦୁଗୁଡା	80	1003	1.910	1.320	ବେର୍ଣ୍ଣା ଅଣଜଳସେଚିତ	ନିଜସ୍ୱ
620	ବଡକେନ୍ଦୁଗୁଡା	248	1004	2.500	0.280	ବେର୍ଣ୍ଣା ଅଣଜଳସେଚିତ	ନିଜସ୍ୱ
621	ବଡକେନ୍ଦୁଗୁଡା	277	1005	3.960	1.710	ମାଳ ଅଣଜଳସେଚିତ	ନିଜସ୍ୱ
622	ବଡକେନ୍ଦୁଗୁଡା	420	1001	1.190	0.075	ମାଳ ଅଣଜଳସେଚିତ	ନିଜସ୍ୱ
623	ବଡକେନ୍ଦୁଗୁଡା	183	1001/1665	0.370	0.150	ମାଳ ଅଣଜଳସେଚିତ	ନିଜସ୍ୱ
624	ବଡକେନ୍ଦୁଗୁଡା	334	1001/1664	1.230	0.740	ମାଳ ଅଣଜଳସେଚିତ	ନିଜସ୍ୱ
625	ବଡକେନ୍ଦୁଗୁଡା	159	1009	4.650	0.095	ମାଳ ଅଣଜଳସେଚିତ	ନିଜସ୍ୱ
626	ବଡକେନ୍ଦୁଗୁଡା	395	1001/1663	0.930	0.675	ମାଳ ଅଣଜଳସେଚିତ	ନିଜସ୍ୱ
627	ବଡକେନ୍ଦୁଗୁଡା	60	1001/1662	0.920	0.220	ମାଳ ଅଣଜଳସେଚିତ	ନିଜସ୍ୱ
628	ବଡକେନ୍ଦୁଗୁଡା	348	1001/1661	0.850	0.410	ମାଳ ଅଣଜଳସେଚିତ	ନିଜସ୍ୱ
629	ବଡକେନ୍ଦୁଗୁଡା	115	1001/1660	0.360	0.290	ମାଳ ଅଣଜଳସେଚିତ	ନିଜସ୍ୱ
630	ବଡକେନ୍ଦୁଗୁଡା	103	1001/1659	1.230	0.630	ମାଳ ଅଣଜଳସେଚିତ	ନିଜସ୍ୱ
631	ବଡକେନ୍ଦୁଗୁଡା	420/20	1141	0.310	0.015	ବେର୍ଣ୍ଣା ଅଣଜଳସେଚିତ	ନିଜସ୍ୱ
632	ବଡକେନ୍ଦୁଗୁଡା		1142	0.220	0.180	ଆଟ	ନିଜସ୍ୱ
633	ବଡକେନ୍ଦୁଗୁଡା	312	1143	1.150	0.790	ବେର୍ଣ୍ଣା ଅଣଜଳସେଚିତ	ନିଜସ୍ୱ
634	ବଡକେନ୍ଦୁଗୁଡା	420/20	1145	5.000	0.790	ବେର୍ଣ୍ଣା ଅଣଜଳସେଚିତ	ନିଜସ୍ୱ
635	ବଡକେନ୍ଦୁଗୁଡା	357	211	2.500	0.060	ବାହାଲ ଅଣଜଳସେଚିତ	ନିଜସ୍ୱ
636	ବଡକେନ୍ଦୁଗୁଡା	420/61	207	1.700	0.770	ମାଳ ଅଣଜଳସେଚିତ	ନିଜସ୍ୱ
637	ବଡକେନ୍ଦୁଗୁଡା	420/67	206	0.420	0.650	ମାଳ ଅଣଜଳସେଚିତ	ନିଜସ୍ୱ
638	ବଡକେନ୍ଦୁଗୁଡା	359	208	2.050	0.090	ମାଳ ଅଣଜଳସେଚିତ	ନିଜସ୍ୱ
639	ବଡକେନ୍ଦୁଗୁଡା	382	205	1.330	1.290	ଆଟ	ନିଜସ୍ୱ
640	ବଡକେନ୍ଦୁଗୁଡା	382	204	2.480	0.445	ମାଳ ଅଣଜଳସେଚିତ	ନିଜସ୍ୱ
641	ବଡକେନ୍ଦୁଗୁଡା	69	201	4.240	2.120	ବାହାଲ ଅଣଜଳସେଚିତ	ନିଜସ୍ୱ
642	ବଡକେନ୍ଦୁଗୁଡା	69	198	1.080	1.040	ବାହାଲ ଅଣଜଳସେଚିତ	ନିଜସ୍ୱ
643	ବଡକେନ୍ଦୁଗୁଡା	69	193	1.700	0.990	ଆଟ	ନିଜସ୍ୱ
644	ବଡକେନ୍ଦୁଗୁଡା	69	194	4.200	2.120	ବାହାଲ ଅଣଜଳସେଚିତ	ନିଜସ୍ୱ
645	ବଡକେନ୍ଦୁଗୁଡା	69	195	0.320	0.260	ଆଟ	ନିଜସ୍ୱ
646	ବଡକେନ୍ଦୁଗୁଡା	69	196	0.620	0.620	ଆଟ	ନିଜସ୍ୱ
647	ବଡକେନ୍ଦୁଗୁଡା		2	1.000	0.005	ଆଟ	ନିଜସ୍ୱ
648	ବଡକେନ୍ଦୁଗୁଡା	76	3	1.680	0.250	ଆଟ	ନିଜସ୍ୱ
649	ବଡକେନ୍ଦୁଗୁଡା		6	1.680	0.640	ଆଟ	ନିଜସ୍ୱ
650	ବଡକେନ୍ଦୁଗୁଡା		7	1.930	1.380	ଆଟ	ନିଜସ୍ୱ
651	ବଡକେନ୍ଦୁଗୁଡା	292	8	2.250	0.080	ମାଳ ଅଣଜଳସେଚିତ	ନିଜସ୍ୱ
652	ବଡକେନ୍ଦୁଗୁଡା	236	40	1.800	0.150	ବାହାଲ ଅଣଜଳସେଚିତ	ନିଜସ୍ୱ
653	ବଡକେନ୍ଦୁଗୁଡା	244	39	0.820	0.250	ବେର୍ଣ୍ଣା ଅଣଜଳସେଚିତ	ନିଜସ୍ୱ
654	ବଡକେନ୍ଦୁଗୁଡା		38	0.300	0.300	ଆଟ	ନିଜସ୍ୱ
655	ବଡକେନ୍ଦୁଗୁଡା	420/12	37	0.120	1.165	ଆଟ	ନିଜସ୍ୱ
656	ବଡକେନ୍ଦୁଗୁଡା		36	1.200	1.165	ଆଟ	ନିଜସ୍ୱ
657	ବଡକେନ୍ଦୁଗୁଡା		35	2.340	1.970	ବାହାଲ ଅଣଜଳସେଚିତ	ନିଜସ୍ୱ
658	ବଡକେନ୍ଦୁଗୁଡା	383	34	1.110	1.110	ବାହାଲ ଅଣଜଳସେଚିତ	ନିଜସ୍ୱ
659	ବଡକେନ୍ଦୁଗୁଡା	61	33	1.000	0.910	ବାହାଲ ଜଳସେଚିତ ଏକଫସଲି	ନିଜସ୍ୱ
660	ବଡକେନ୍ଦୁଗୁଡା	308	32	0.610	0.610	ବାହାଲ ଅଣଜଳସେଚିତ	ନିଜସ୍ୱ
661	ବଡକେନ୍ଦୁଗୁଡା	227	32/1623	0.600	0.360	ବାହାଲ ଅଣଜଳସେଚିତ	ନିଜସ୍ୱ
662	ବଡକେନ୍ଦୁଗୁଡା	111	13	0.750	0.380	ବାହାଲ ଜଳସେଚିତ ଏକଫସଲି	ନିଜସ୍ୱ
663	ବଡକେନ୍ଦୁଗୁଡା	420/12	44/1627	0.870	0.075	ବାହାଲ ଅଣଜଳସେଚିତ	ନିଜସ୍ୱ
664	ବଡକେନ୍ଦୁଗୁଡା		45/1628	0.300	0.205	ବାହାଲ ଅଣଜଳସେଚିତ	ନିଜସ୍ୱ
665	ବଡକେନ୍ଦୁଗୁଡା	270	46	1.500	1.000	ବାହାଲ ଅଣଜଳସେଚିତ	ନିଜସ୍ୱ
666	ବଡକେନ୍ଦୁଗୁଡା	3	48	4.000	0.070	ମାଳ ଜଳସେଚିତ ଏକଫସଲି	ନିଜସ୍ୱ
667	ବଡକେନ୍ଦୁଗୁଡା	39	80	0.900	0.005	ମାଳ ଅଣଜଳସେଚିତ	ନିଜସ୍ୱ
668	ବଡକେନ୍ଦୁଗୁଡା		81	0.400	0.120	ଆଟ	ନିଜସ୍ୱ
669	ବଡକେନ୍ଦୁଗୁଡା	389	82	1.423			ନିଜସ୍ୱ
670	ବଡକେନ୍ଦୁଗୁଡା	420/3	82/1704	0.977	1.094	ଆଟ	ନିଜସ୍ୱ
671	ବଡକେନ୍ଦୁଗୁଡା	420/21	82/1731	0.300			ନିଜସ୍ୱ
672	ବଡକେନ୍ଦୁଗୁଡା		83	0.540	0.520	ମାଳ ଅଣଜଳସେଚିତ	ନିଜସ୍ୱ
673	ବଡକେନ୍ଦୁଗୁଡା		84	0.540	0.540	ମାଳ ଅଣଜଳସେଚିତ	ନିଜସ୍ୱ
674	ବଡକେନ୍ଦୁଗୁଡା		85	1.180	1.110	ମାଳ ଅଣଜଳସେଚିତ	ନିଜସ୍ୱ
675	ବଡକେନ୍ଦୁଗୁଡା	39	86	0.660	0.480	ବେର୍ଣ୍ଣା ଅଣଜଳସେଚିତ	ନିଜସ୍ୱ
676	ବଡକେନ୍ଦୁଗୁଡା		87	0.130	0.130	ଆଟ	ନିଜସ୍ୱ
677	ବଡକେନ୍ଦୁଗୁଡା		88	0.380	0.380	ଆଟ	ନିଜସ୍ୱ
678	ବଡକେନ୍ଦୁଗୁଡା		89	0.280	0.280	ବେର୍ଣ୍ଣା ଅଣଜଳସେଚିତ	ନିଜସ୍ୱ
679	ବଡକେନ୍ଦୁଗୁଡା	329	90	2.480	2.020	ବେର୍ଣ୍ଣା ଅଣଜଳସେଚିତ	ନିଜସ୍ୱ
680	ବଡକେନ୍ଦୁଗୁଡା		91	0.660	0.660	ଆଟ	ନିଜସ୍ୱ
681	ବଡକେନ୍ଦୁଗୁଡା	39	92	0.720	0.360	ଆଟ	ନିଜସ୍ୱ
682	ବଡକେନ୍ଦୁଗୁଡା		93	1.570	0.730	ଆଟ	ନିଜସ୍ୱ
683	ବଡକେନ୍ଦୁଗୁଡା	375	26	2.550	0.940	ଆଟ	ନିଜସ୍ୱ
684	ବଡକେନ୍ଦୁଗୁଡା	238	31	0.270	0.070	ବାହାଲ ଅଣଜଳସେଚିତ	ନିଜସ୍ୱ
685	ବଡକେନ୍ଦୁଗୁଡା	389	109	0.095	0.270	ପଡିତ	ନିଜସ୍ୱ
686	ବଡକେନ୍ଦୁଗୁଡା	420/3	109/1705	0.955		ପଡିତ	ନିଜସ୍ୱ
687	ବଡକେନ୍ଦୁଗୁଡା	20	107	0.672	0.190	ମାଳ ଅଣଜଳସେଚିତ	ନିଜସ୍ୱ
688	ବଡକେନ୍ଦୁଗୁଡା	374	110	0.150	0.150	ମାଳ ଅଣଜଳସେଚିତ	ନିଜସ୍ୱ
689	ବଡକେନ୍ଦୁଗୁଡା	179	110/1635	0.100	0.100	ମାଳ ଅଣଜଳସେଚିତ	ନିଜସ୍ୱ
690	ବଡକେନ୍ଦୁଗୁଡା	267	111	0.380	0.350	ମାଳ ଅଣଜଳସେଚିତ	ନିଜସ୍ୱ
691	ବଡକେନ୍ଦୁଗୁଡା		112	0.260	0.050	ମାଳ ଅଣଜଳସେଚିତ	ନିଜସ୍ୱ
			ମୋଟ	**110.382**	**47.074**		
692	ବୋଡ୍ରିଆ	59	52	7.880	1.220	ବେର୍ଣ୍ଣା	ନିଜସ୍ୱ
693	ବୋଡ୍ରିଆ	6	47	0.100	0.100	ମାଳ	ନିଜସ୍ୱ
694	ବୋଡ୍ରିଆ		46	3.540	2.170	ବାହାଲ	ନିଜସ୍ୱ
695	ବୋଡ୍ରିଆ	131	44	2.620	1.060	ବାହାଲ	ନିଜସ୍ୱ
696	ବୋଡ୍ରିଆ	134	43/803	1.420	0.510	ବେର୍ଣ୍ଣା	ନିଜସ୍ୱ
697	ବୋଡ୍ରିଆ	108	43	3.570	2.690	ବାହାଲ	ନିଜସ୍ୱ
698	ବୋଡ୍ରିଆ	138/7	39	0.340	0.030	ବେର୍ଣ୍ଣା	ନିଜସ୍ୱ
699	ବୋଡ୍ରିଆ	138/47	30	0.400	0.400	ମାଳ	ନିଜସ୍ୱ
700	ବୋଡ୍ରିଆ	50	30/818	0.090	0.090	ମାଳ	ନିଜସ୍ୱ
701	ବୋଡ୍ରିଆ	49	29	1.150	1.150	ମାଳ	ନିଜସ୍ୱ
702	ବୋଡ୍ରିଆ	74	31	1.030	0.580	ମାଳ	ନିଜସ୍ୱ
703	ବୋଡ୍ରିଆ		28	1.240	1.130	ମାଳ	ନିଜସ୍ୱ
704	ବୋଡ୍ରିଆ	36	27	0.540	0.240	ଆଟ	ନିଜସ୍ୱ
705	ବୋଡ୍ରିଆ		26	1.050	0.860	ମାଳ	ନିଜସ୍ୱ
706	ବୋଡ୍ରିଆ		25	0.710	0.670		ନିଜସ୍ୱ
707	ବୋଡ୍ରିଆ	23	19	4.980	2.610	ମାଳ	ନିଜସ୍ୱ
708	ବୋଡ୍ରିଆ	58	18	0.380	0.320	ବାହାଲ	ନିଜସ୍ୱ
709	ବୋଡ୍ରିଆ	23	17	0.050	0.050	ମାଳ	ନିଜସ୍ୱ
710	ବୋଡ୍ରିଆ		16	0.160	0.160		ନିଜସ୍ୱ
711	ବୋଡ୍ରିଆ	58	15	0.060	0.040	ମାଳ	ନିଜସ୍ୱ
712	ବୋଡ୍ରିଆ	114	9	1.160	0.080		ନିଜସ୍ୱ
713	ବୋଡ୍ରିଆ	58	81	0.140	0.140	ମାଳ	ନିଜସ୍ୱ
714	ବୋଡ୍ରିଆ	114	89	0.640	0.005	ମାଳ	ନିଜସ୍ୱ
715	ବୋଡ୍ରିଆ		88	0.200	0.150	ମାଳ	ନିଜସ୍ୱ
716	ବୋଡ୍ରିଆ		112	0.280	0.015	ବାହାଲ	ନିଜସ୍ୱ
717	ବୋଡ୍ରିଆ		87	0.230	0.230	ମାଳ	ନିଜସ୍ୱ
718	ବୋଡ୍ରିଆ	3	86	0.240	0.060		ନିଜସ୍ୱ
719	ବୋଡ୍ରିଆ		114	0.730	0.075	ବାହାଲ	ନିଜସ୍ୱ
720	ବୋଡ୍ରିଆ		113	1.870	1.500		ନିଜସ୍ୱ
721	ବୋଡ୍ରିଆ		111	3.350	0.640	ମାଳ	ନିଜସ୍ୱ
722	ବୋଡ୍ରିଆ	34	116	1.870	0.525	ଜଳ ଏକଫସଲି	ନିଜସ୍ୱ
723	ବୋଡ୍ରିଆ	82	107	1.710	0.670	ବେର୍ଣ୍ଣା	ନିଜସ୍ୱ
724	ବୋଡ୍ରିଆ	102	117	3.110	0.175	ବାହାଲ	ନିଜସ୍ୱ
725	ବୋଡ୍ରିଆ	82	106	2.000	1.110	ବେର୍ଣ୍ଣା	ନିଜସ୍ୱ

ପରବର୍ତ୍ତୀ ପୃଷ୍ଠା ଦେଖନ୍ତୁ

ସାର କାରଖାନା ପାଇଁ ଗ୍ୟାସ୍ ଦରରେ ୬୦% ବୃଦ୍ଧି

ପଶ୍ଚିମ ଏସିଆ ଯୁଦ୍ଧର ପ୍ରଭାବ

ନୂଆଦିଲ୍ଲୀ, ୩୦।୩ (ପି.ଟି.)

ପଶ୍ଚିମ ଏସିଆରେ ଯୁଦ୍ଧ ଥମୁ ନ ଥିବା ଯୋଗୁ ଏହାର ପ୍ରଭାବ ଅନେକ କ୍ଷେତ୍ର ଉପରେ ପଡ଼ିଛି। ଏହି କ୍ରମରେ ସାର କାରଖାନାଗୁଡ଼ିକ ପାଇଁ ବ୍ୟବହୃତ ପ୍ରାକୃତିକ ଗ୍ୟାସ୍ ଦରରେ ୬୦ % ବୃଦ୍ଧି ଘଟିଛି। ଏହାଦ୍ୱାରା ସରକାରଙ୍କ ଉପରେ ସାର ସବ୍‌ସିଡି (ରିହାତି) ବୋଝ ବଢ଼ିବା ଆଶଙ୍କା ଦେଖାଦେଇଛି। ଶକ୍ତି ଯୋଗାଣ ବାଧାପ୍ରାପ୍ତ ହେବା ଫଳରେ ଆମୋନିଆ ପ୍ରସ୍ତୁତି ପାଇଁ ଆବଶ୍ୟକ ହେଉଥିବା ପ୍ରାକୃତିକ ଗ୍ୟାସ୍ ଯୋଗାଣ ଚାହିଦା ତୁଳନାରେ ୮୦ ପ୍ରତିଶତକୁ ହ୍ରାସ ପାଇଛି। ଏହି ଅଭାବକୁ ଦୂର କରିବା ପାଇଁ ସାର କମ୍ପାନୀଗୁଡ଼ିକ ସ୍ପଟ ମାର୍କେଟରୁ ମହଙ୍ଗା ଦରରେ ତରଳ ପ୍ରାକୃତିକ ଗ୍ୟାସ (ଏଲ୍‌ଏନ୍‌ଜି) କିଣୁଛନ୍ତି। ପୂର୍ବରୁ ପ୍ରତି ମିଲିୟନ ବ୍ରିଟିଶ୍ ଟର୍ମାଲ ୟୁନିଟ୍ (ଏମ୍‌ଏମ୍‌ବିଟିୟୁ) ଗ୍ୟାସ୍ ଦର ୧୧-୧୨ ଡଲାର ଥିବାବେଳେ ଏବେ ସ୍ପଟ ମାର୍କେଟରେ ଏହା ୧୯.୫-୧୯.୬ ଡଲାରକୁ ବୃଦ୍ଧି ପାଇଛି।

ଖରିଫ ୨୦୨୬ ପାଇଁ ଦେଶରେ ପ୍ରାୟ ୩୯ ନିୟୁତ ଟନ ସାର ଆବଶ୍ୟକ। ବର୍ତ୍ତମାନ ଦେଶରେ ୧୮ ନିୟୁତ ଟନ ସାର ମହଜୁଦ ଅଛି, ଯାହା ଗତବର୍ଷ ତୁଳନାରେ ଅଧିକ। ଗ୍ୟାସ ଦର ବଢ଼ିଲେ ମଧ୍ୟ ଚାଷୀଙ୍କ ପାଇଁ ସାର ଦର ବଢ଼ିବ ନାହିଁ। ୟୁରିଆ ପୂର୍ବଭଳି ୨୬୬ ଟଙ୍କା (୪୫ କିଲୋ ବ୍ୟାଗ) ଏବଂ ଡିଏପି ୧,୩୫୦ ଟଙ୍କା (୫୦ କିଲୋ ବ୍ୟାଗ) ରେ ଉପଲବ୍ଧ ହେବ ବୋଲି କୁହାଯାଉଛି। କେନ୍ଦ୍ର ସରକାରଙ୍କ ସାର ବିଭାଗର ଯୁଗ୍ମ ସଚିବ ଅପର୍ଣ୍ଣା ଏସ୍. ଶର୍ମା ଏକ ଆନ୍ତଃ ମନ୍ତ୍ରଣାଳୟ ବିବୃତିରେ କହିଛନ୍ତି ଯେ, ବର୍ତ୍ତମାନର ସ୍ଥିତି ଜଟିଳ ଥିଲେ ମଧ୍ୟ ସରକାର ଏହାକୁ ରଣନୈତିକ ଭାବେ ମୁକାବିଲା କରୁଛନ୍ତି। ଆସନ୍ତା ଖରିଫ ଋତୁ ପାଇଁ ଦେଶରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ଅଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ସରକାର ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଗଲ୍ଫ ଦେଶଗୁଡ଼ିକ ଉପରେ ନିର୍ଭରଶୀଳତା କମାଇବା ପାଇଁ ରୁଷିଆ, ମରକ୍କୋ, ଅଷ୍ଟ୍ରେଲିଆ, କାନାଡା ଏବଂ ଇଜିପ୍ଟ ଭଳି ଦେଶରୁ ସାର ଆମଦାନୀ ପାଇଁ ଉଦ୍ୟମ ଜାରି ରଖିଛନ୍ତି। ସାରର କଳାବଜାର ଏବଂ ମହଜୁଦକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟଗୁଡ଼ିକ ସହ ସମନ୍ୱୟ ରକ୍ଷା କରାଯାଉଛି। ଏଥିପାଇଁ ଏକ ସ୍ୱତନ୍ତ୍ର 'ୱାର ରୁମ୍' ମଧ୍ୟ ସ୍ଥାପନ କରାଯାଇଛି।

୮ମ ତ୍ରୈମାସିକ ପାଇଁ ସ୍ୱଳ୍ପ ସଞ୍ଚୟ ଯୋଜନାର ସୁଧ ହାର ଅପରିବର୍ତ୍ତିତ

ନୂଆଦିଲ୍ଲୀ, ୩୦।୩ (ପି.ଟି.)

କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ସୋମବାର ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ (ପିପିଏଫ୍) ଏବଂ ନ୍ୟାଶନାଲ ସେଭିଙ୍ଗ୍ସ ସାର୍ଟିଫିକେଟ (ଏନ୍‌ଏସ୍‌ସି) ସମେତ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନାର ସୁଧହାରରେ କୌଣସି ପରିବର୍ତ୍ତନ କରିନାହାନ୍ତି। ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ପାଇଁ ଏହି ସୁଧ ହାର ସ୍ଥିର ରହିବ।

କ୍ରମାଗତ ଅଷ୍ଟମଥର ପାଇଁ ସରକାର ସୁଧ ହାରରେ 'ଯଥାସ୍ଥିତି' ବଜାୟ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ଡାକଘର ସଞ୍ଚୟ ଯୋଜନା ଉପରେ ନିର୍ଭର କରୁଥିବା ବହୁ କୋଟି କ୍ଷୁଦ୍ର ନିବେଶକ ଏବଂ ବରିଷ୍ଠ ନାଗରିକମାନେ ଉପକୃତ ହେବେ। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ୨୦୨୬ ଏପ୍ରିଲ ୧ରୁ ଜୁନ ୩୦ ପର୍ଯ୍ୟନ୍ତ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନାର ସୁଧହାର, ୨୦୨୫-୨୬ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକ (ଜାନୁଆରୀ-ମାର୍ଚ୍ଚ) ପାଇଁ ଧାର୍ଯ୍ୟ ହୋଇଥିବା ହାର ସହ ସମାନ ରହିବ। ବିଜ୍ଞପ୍ତି ମୁତାବକ, ସୁକନ୍ୟା ସମୃଦ୍ଧି ଯୋଜନା (ଏସ୍‌ଏସ୍‌ଏ)ରେ ସର୍ବାଧିକ ୮.୨ ପ୍ରତିଶତ ସୁଧ ମିଳୁଥିବାବେଳେ, ନ୍ୟାଶନାଲ ସେଭିଙ୍ଗ୍ସ ସାର୍ଟିଫିକେଟ (ଏନ୍‌ଏସ୍‌ସି) ଉପରେ ସୁଧହାର ୭.୭ ପ୍ରତିଶତ ରହିଛି। ଦୀର୍ଘକାଳୀନ ଟିକସ ସଞ୍ଚୟ ପାଇଁ ଲୋକପ୍ରିୟ ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ (ପିପିଏଫ୍)ରେ ସୁଧହାର ୭.୧ ପ୍ରତିଶତ ଅପରିବର୍ତ୍ତିତ ରହିଛି। ସେହିପରି ଡାକଘର ମାସିକ ଆୟ ଯୋଜନା (ଏମ୍‌ଆଇଏସ୍) ରେ ନିବେଶକମାନଙ୍କୁ ପୂର୍ବଭଳି ୭.୪ % ସୁଧ ମିଳିବ। ଅନ୍ୟାନ୍ୟ ଯୋଜନା ମଧ୍ୟରେ ୩ ବର୍ଷିଆ ଟାଇମ୍ ଡିପୋଜିଟ ଉପରେ ୭.୧ ପ୍ରତିଶତ ଏବଂ କିଷାନ ବିକାଶ ପତ୍ର (କେଭିପି) ଉପରେ ୭.୫ ପ୍ରତିଶତ ସୁଧ ମିଳିବ (ଯାହା ୧୧୫ ମାସରେ ପରିପକ୍ୱ ହେବ)। ସାଧାରଣ ଡାକଘର ସଞ୍ଚୟ ଆକାଉଣ୍ଟରେ ସୁଧ ହାର ୪ ପ୍ରତିଶତ ରଖାଯାଇଛି।

ବଜାର ବିଶେଷଜ୍ଞଙ୍କ ମତରେ ନୂତନ ଆର୍ଥିକ ବର୍ଷ ଆରମ୍ଭରେ ସରକାର ଆର୍ଥିକ ସ୍ଥିରତାକୁ ଗୁରୁତ୍ୱ ଦେଇ ଏହି ନିଷ୍ପତ୍ତି ନେଇଛନ୍ତି। ସରକାର ଶେଷଥର ପାଇଁ ୨୦୨୩-୨୪ ଆର୍ଥିକ ବର୍ଷର ଶେଷ ତ୍ରୈମାସିକରେ କିଛି ଯୋଜନାର ସୁଧହାରରେ ପରିବର୍ତ୍ତନ କରିଥିଲେ। ସାଧାରଣତଃ ସରକାରୀ ସିକ୍ୟୁରିଟି (ଜି-ସେକ୍)ର ରିଟର୍ନକୁ ଆଧାର କରି ପ୍ରତି ୩ ମାସରେ ଏହି ସୁଧ ହାରର ସମୀକ୍ଷା କରାଯାଇଥାଏ।

ବିଜିୟୁ ପକ୍ଷରୁ ମାନବ ଅଧିକାର ଓ ଅଭିବ୍ୟକ୍ତି ସ୍ୱାଧୀନତା ସମ୍ପର୍କିତ ସମ୍ମିଳନୀ

ଭୁବନେଶ୍ୱର,୩୦।୩(ଅନୁରାଧା ମହାରଣା)

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ)ର ବିର୍ଲା ସ୍କୁଲ୍ ଅଫ୍ ଲ' ପକ୍ଷରୁ 'ମାନବ ଅଧିକାର ଓ ଅଭିବ୍ୟକ୍ତି ସ୍ୱାଧୀନତାରେ ସମ୍ପ୍ରତିକ ଆହ୍ୱାନ, ସମସ୍ୟା ଓ ସୁଯୋଗ' ବିଷୟବସ୍ତୁ ଆଧାରିତ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ସମାରୋହରେ ଜାତୀୟ ମାନବାଧିକାର କମିଶନର ସଦସ୍ୟ ତଥା ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ମାନବାଧିକାର କମିଶନର ପୂର୍ବତନ ସଦସ୍ୟ ଅସୀମ ଅମିତାଭ ଦାସ ଯୋଗ ଦେଇଥିବା ବେଳେ ନ୍ୟାଶନାଲ ଲ' ୟୁନିଭରସିଟି ଓଡ଼ିଶାର ରେଜିଷ୍ଟ୍ରାର ପ୍ରଫେସର ଡ. ରଙ୍ଗିନ ପଲ୍ଲବ ତ୍ରିପାଠୀ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଜଷ୍ଟିସ ଷଡ଼ଙ୍ଗୀ ଆନୁଷଙ୍ଗିକ ବ୍ୟବସ୍ଥା ଏବଂ ସଚେତନତାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ବିଜିୟୁର କୁଳପତି ପ୍ରଫେସର ଡ. କୁଳଭୂଷଣ ବାଲୁନି କହିଥିଲେ ଯେ, 'ଶହେ କୋଟିରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଏହି ଦେଶରେ ନ୍ୟାୟପାଳିକା ହେଉଛି ଆଶାର ଏକ ସ୍ତମ୍ଭ, ଯାହା ଉପରେ ଅଧିକାରର ସୁରକ୍ଷା ଏବଂ ଏକ ନ୍ୟାୟପୂର୍ଣ୍ଣ ତଥା ସମାନତା ଭିତ୍ତିକ ସମାଜ ଗଠନର ଦାୟିତ୍ୱ ନ୍ୟସ୍ତ ଅଛି। ବିର୍ଲା ସ୍କୁଲ ଅଫ୍ ଲ' ର ଡିନ୍ ପ୍ରଫେସର ଡ. ଏସ୍.କେ. ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ରେଜିଷ୍ଟ୍ରାର ପ୍ରଫେସର ଡ.ବି.କେ. ଦାସ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ଅଲୋକପାତ କରିଥିଲେ।

ଅଏଲ୍ ଇଣ୍ଡିଆ, ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ମଧ୍ୟରେ ଏମ୍‌ଓୟୁ

ଭୁବନେଶ୍ୱର,୩୦।୩(ଅନୁରାଧା ମହାରଣା)

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଦ୍ୱାରା 'ଜାତୀୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ମିଶନ' (ଏନ୍‌ସିଏମ୍‌ଏମ୍) ଅଧୀନରେ ସର୍ବବୃହତ 'କ୍ରିଟିକାଲ ମିନେରାଲ୍ସ ସେଣ୍ଟର ଅଫ୍ ଏକ୍ସଲେନ୍ସ' ଭାବେ ସ୍ୱୀକୃତିପ୍ରାପ୍ତ ସିଏସ୍‌ଆଇଆର-ଇନ୍‌ଷ୍ଟିଚ୍ୟୁଟଅଫ୍‌ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି) ସହ ଅଏଲ ଇଣ୍ଡିଆ ଲିମିଟେଡ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଅଏଲ ଇଣ୍ଡିଆର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମଡି) ରଞ୍ଜିତ ରଥଙ୍କ ଉପସ୍ଥିତିରେ ଅଏଲ ଇଣ୍ଡିଆର ନିର୍ଦ୍ଦେଶକ (ଅନ୍ୱେଷଣ ଏବଂ ବିକାଶ) ସାଲୋମାୟୋମଦୋ ଏବଂ ସିଏସଆଇଆର-ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ରାମାନୁଜ ନାରାୟଣ ଏହି ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। କାର୍ଯ୍ୟକ୍ରମରେ ସିଏସଆଇଆର-ଆଇଏମଏମଟିର ବରିଷ୍ଠ ବୈଜ୍ଞାନିକ କାଳୀ ସଞ୍ଜୟ ଏବଂ ସତ୍ୟଜିତ ରଥ ଉପସ୍ଥିତ ଥିଲେ। ଏହି ଅବସରରେ ରଞ୍ଜିତ ରଥ କହିଛନ୍ତି ଯେ, ଏହି ଏମ୍‌ଓୟୁ ଫଳରେ ଏନସିଏମ୍‌ଏମ୍ ଅଧୀନରେ କେବଳ ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦ ନୁହେଁ ବରଂ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଅଏଲ ଇଣ୍ଡିଆର ସହଭାଗିତା ବୃଦ୍ଧି ପାଇବ। ସେ ଆହୁରି ସୂଚନା ଦେଇଛନ୍ତି ଯେ, ଅଏଲ ଇଣ୍ଡିଆ ପୂର୍ବରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ଲକ - ଅରୁଣାଚଳ ପ୍ରଦେଶର 'ଫୋସ୍ଫାଫାଇଟ-ଭାନାଡିୟମ୍ବିଏଲ ବ୍ଲକ' ଏବଂ ରାଜସ୍ଥାନର 'ଜୋରକିଆନ ପୋଟାସ ବ୍ଲକ' ହାସଲ କରିସାରିଛି। ଏହି ସମ୍ପତ୍ତିଗୁଡ଼ିକର ଖଣିଜ ପ୍ରକ୍ରିୟାକରଣ ଏବଂ ଉନ୍ନତୀକରଣ ଅଧ୍ୟୟନରେ ସିଏସଆଇଆର-ଆଇଏମଏମଟି ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଡ. ରାମାନୁଜ ନାରାୟଣ କହିଛନ୍ତି, ସିଏସଆଇଆର-ଆଇଏମଏମଟି ପାଖରେ ମୌଳିକ ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟା ଭିତ୍ତିକ କାର୍ଯ୍ୟକ୍ରମରେ ବ୍ୟାପକ ଅଭିଜ୍ଞତା ରହିଛି, ଯାହା ବିଶେଷ କରି ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ସ୍ଥାୟୀ ବିକାଶ କ୍ଷେତ୍ରରେ ଖଣି ଓ ଧାତୁ ଶିଳ୍ପର ଆହ୍ୱାନଗୁଡ଼ିକର ସମାଧାନ କରିବାରେ ସକ୍ଷମ।

ଏୟାରଟେଲ ପେମେଣ୍ଟସ୍ ବ୍ୟାଙ୍କକୁ ୩୧.୮ ଲକ୍ଷର ଜରିମାନା

ନୂଆଦିଲ୍ଲୀ, ୩୦।୩

ଆର୍ଥିକ ବିବରଣୀରେ ନିୟମ ଉଲ୍ଲଂଘନ କରିବାରୁ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆରବିଆଇ) ଏୟାରଟେଲ ପେମେଣ୍ଟସ୍ ବ୍ୟାଙ୍କକୁ ୩୧.୮ ଲକ୍ଷ ଟଙ୍କା ଜରିମାନା ଲଗାଇଛି। ଆରବିଆଇ ସୋମବାର ଏହି ତଥ୍ୟ ପ୍ରକାଶ କରି କହିଛି ଯେ, ୨୦୨୫ ମାର୍ଚ୍ଚ ୩୧ର ଆର୍ଥିକ ସ୍ଥିତି ଉପରେ ତଦାରଖ ପରୀକ୍ଷଣ କରାଯାଇଥିଲା। ପରୀକ୍ଷଣରେ ଆରବିଆଇ ନିର୍ଦ୍ଦେଶର ଉଲ୍ଲଂଘନ ଜାଣିବା ପରେ ବ୍ୟାଙ୍କକୁ ନୋଟିସ ଜାରି କରାଯାଇଥିଲା। ବ୍ୟାଙ୍କର ଉତ୍ତର ଓ ଅତିରିକ୍ତ ବିବରଣୀ ବିଚାର କରି ଆରବିଆଇ କହିଛି ଯେ, ୨୦୨୪-୨୫ ଆର୍ଥିକବର୍ଷର ବାର୍ଷିକ ଆର୍ଥିକ ବିବରଣୀରେ କିଛି ଅଭିଯୋଗକୁ ପ୍ରକାଶ ନ କରିବା ଅଭିଯୋଗ ପ୍ରମାଣିତ ହୋଇଛି। ଏଥିପାଇଁ ଜରିମାନା ଲଗାଯାଇଛି।

ରାମଦେବ ବାବାଙ୍କ ୩୨ତମ ସନ୍ନ୍ୟାସ ଦିବସ

ହରିଦ୍ୱାର,୩୦।୩

ରାମନବମୀ ଅବସରରେ ପତଞ୍ଜଳି ଯୋଗପୀଠର ଅଧ୍ୟକ୍ଷ ରାମଦେବ ବାବାଙ୍କ ୩୨ତମ ସନ୍ନ୍ୟାସ ଦିବସ ଯୋଗଭବନରେ ପାଳନ କରାଯାଇଛି। ଏହି ଅବସରରେ ରାମଦେବ କହିଛନ୍ତି, ଆଜି ଆମେ ରାମନବମୀ, ନବରାତ୍ରିର ପୂର୍ଣ୍ଣତା ଓ ପତଞ୍ଜଳିର ସନ୍ନ୍ୟାସ ଦିବସ ଏକାଠି ପାଳନ କରୁଛୁ। ଗତ ୩୨ ବର୍ଷରେ ପତଞ୍ଜଳି ଶିକ୍ଷା, ଚିକିତ୍ସା, କୃଷି, ଯୋଗ, ଆୟୁର୍ବେଦ ଓ ସନାତନ ଧର୍ମର ସେବାରେ ଐତିହାସିକ ଯୋଗଦାନ ଦେଇଛି ବୋଲି ସେ କହିଛନ୍ତି। ଆଚାର୍ଯ୍ୟ ବାଲକ୍ରିଷ୍ଣ ରାମଦେବଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଭଗବାନ ଆମକୁ ସ୍ୱାମିଜୀଙ୍କର ସହଯୋଗୀ ଭାବେ କାର୍ଯ୍ୟ କରିବାର ସୌଭାଗ୍ୟ ଦେଇଛନ୍ତି। ଏହି ଅବସରରେ ଏନ.ପି. ସିଂହ ମଧ୍ୟ ଉପସ୍ଥିତ ଥିଲେ।

ବେସରକାରୀ ଅଣ-ଆର୍ଥିକ କମ୍ପାନୀଗୁଡ଼ିକର ବିକ୍ରୟ ୭.୮% ବୃଦ୍ଧି

ଭୁବନେଶ୍ୱର,୩୦।୩(ଅନୁରାଧା ମହାରଣା)

୨୦୨୪-୨୫ ଆର୍ଥିକ ବର୍ଷରେ ବଛା ବେସରକାରୀ ଅଣ-ଆର୍ଥିକ (ଏନ୍‌ଜିଏନ୍‌ଏଫ୍) ପବ୍ଲିକ ଲିମିଟେଡ କମ୍ପାନୀଗୁଡ଼ିକର ନେଟ୍ ସେଲ୍ସ ବୃଦ୍ଧି ୬.୩%ରୁ ବଢ଼ି ୭.୮%କୁ ପହଞ୍ଚିଛି । ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆରବିଆଇ) ସୋମବାର ଏହି ତଥ୍ୟ ପ୍ରକାଶ ପାଇଛି। ଉତ୍ପାଦନ (ମ୍ୟାନୁଫ୍ୟାକ୍ଚରିଂ) କ୍ଷେତ୍ରର ବିକ୍ରୟ ବୃଦ୍ଧି ୫%ରୁ ବଢ଼ି ୬.୩% ଏବଂ ସେବା କ୍ଷେତ୍ରର ବୃଦ୍ଧି ୭.୪% ରୁ ବଢ଼ି ୧୦.୧% ହୋଇଛି। ଆରବିଆଇ ଏହି ତଥ୍ୟ ଭାରତୀୟ ଆକାଉଣ୍ଟିଂ ଷ୍ଟାଣ୍ଡାର୍ଡ (ଇଣ୍ଡ-ଏଏସ୍) ଫର୍ମାଟରେ ରିପୋର୍ଟ କରିଥିବା ୭,୯୯୨ଟି କମ୍ପାନୀର ଅଡିଟ ହୋଇଥିବା ଆର୍ଥିକ ହିସାବରୁ ପ୍ରସ୍ତୁତ କରିଛି। ସେବା କ୍ଷେତ୍ରର ବିକ୍ରୟ ମୁଖ୍ୟତଃ 'ପରିବହନ ଓ ଷ୍ଟୋରେଜ ସେବା' ଏବଂ 'ସୂଚନା ଓ ଯୋଗାଯୋଗ' କ୍ଷେତ୍ରର ବିସ୍ତାର ଯୋଗୁ ବୃଦ୍ଧି ପାଇଛି ବୋଲି ଆରବିଆଇ କହିଛି। ବିକ୍ରୟ ବୃଦ୍ଧି ସହ ଅପରେଟିଂ ଖର୍ଚ୍ଚ ୮.୪% ବଢ଼ିଛି, ଯାହାର ମୁଖ୍ୟ କାରଣ ଉତ୍ପାଦନ ଖର୍ଚ୍ଚରେ ବୃଦ୍ଧି। ମୋଟ ଖର୍ଚ୍ଚ ବୃଦ୍ଧି ଯୋଗୁ ଅପରେଟିଂ ପ୍ରଫିଟ୍ ବୃଦ୍ଧି ୧୫.୩%ରୁ କମି ୮.୪%କୁ ଆସିଛି। ତଥାପି ଟ୍ୟାକ୍ସ ପରବର୍ତ୍ତୀ ଲାଭ (ପ୍ରଫିଟ ଆଫ୍ଟର୍ ଟ୍ୟାକ୍ସ) ୨୩.୧% ବୃଦ୍ଧି ପାଇଛି, ଯାହାର ମୁଖ୍ୟ କାରଣ ନନ୍ ଅପରେଟିଂ ଆୟ ଏବଂ କମ ଟ୍ୟାକ୍ସ ଖର୍ଚ୍ଚ। ସେବା କ୍ଷେତ୍ରର କମ୍ପାନୀଗୁଡ଼ିକର ଟ୍ୟାକ୍ସ ପରବର୍ତ୍ତୀ ଲାଭ ବୃଦ୍ଧି ୪୦.୨% ଥିବାବେଳେ ଉତ୍ପାଦନ କ୍ଷେତ୍ରରେ ଏହା ୧୨.୮% ରହିଛି। ଆରବିଆଇ କହିଛି ଯେ, ଆଭ୍ୟନ୍ତରୀଣ ଉତ୍ସ ହିଁ ମୁଖ୍ୟ ଫଣ୍ଡିଂ ଉତ୍ସ ରହିଛି, ଯାହା ମୋଟ ଫଣ୍ଡର ୫୭.୨% ଅଟେ। ଗ୍ରସ୍ ଫିକ୍ସଡ ଆସେଟ ଗଠନ ମଧ୍ୟ ମଜଭୁତ ରହି ୪୧.୧% ରେ ପହଞ୍ଚିଛି।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

କ୍ର. ନଂ.	ଗ୍ରାମର ନାମ	ଖାତା ନଂ.	ଖସରା / ପ୍ଲଟ୍ ନଂ.	ମୋଟ କ୍ଷେତ୍ରଫଳ (ଏକରରେ)	ଅଧିଗ୍ରହଣିତ ଅଞ୍ଚଳ (ଏକରରେ)	ଜମିର କିସମ	ଜମିର ପ୍ରକାର
01	02	03	04	05	06	07	08
726	ବୋତ୍ରିଆ	95	118	2.720	0.050	ବାହାଲ	ନିଜସ୍ୱ
727	ବୋତ୍ରିଆ	107	135	2.800	0.900	ଆଟ	ନିଜସ୍ୱ
728	ବୋତ୍ରିଆ	107	134	1.380	1.380	ଜଳ ଏକଫସଲି	ନିଜସ୍ୱ
729	ବୋତ୍ରିଆ	1	133	0.720	0.070	ବାହାଲ	ନିଜସ୍ୱ
730	ବୋତ୍ରିଆ	107	132	0.670	0.030	ବାହାଲ	ନିଜସ୍ୱ
731	ବୋତ୍ରିଆ	63	154	0.880	0.530	ଜଳ ଏକଫସଲି	ନିଜସ୍ୱ
732	ବୋତ୍ରିଆ	107	153	2.230	1.360	ବାହାଲ	ନିଜସ୍ୱ
733	ବୋତ୍ରିଆ		151	0.950	0.700		ନିଜସ୍ୱ
734	ବୋତ୍ରିଆ		149	0.800	0.720	ବାହାଲ	ନିଜସ୍ୱ
735	ବୋତ୍ରିଆ		140	1.390	0.020		ନିଜସ୍ୱ
736	ବୋତ୍ରିଆ		148	0.110	0.090	ଆଟ	ନିଜସ୍ୱ
737	ବୋତ୍ରିଆ	1	148/823	0.150	0.150		ନିଜସ୍ୱ
738	ବୋତ୍ରିଆ		147	0.950	0.865	ବାହାଲ	ନିଜସ୍ୱ
739	ବୋତ୍ରିଆ		199	1.420	0.230		ନିଜସ୍ୱ
740	ବୋତ୍ରିଆ		145	1.420	0.460	ଆଟ	ନିଜସ୍ୱ
741	ବୋତ୍ରିଆ	118	146	0.130	0.130	ଆଟ	ନିଜସ୍ୱ
742	ବୋତ୍ରିଆ	1	144/822	0.430	0.120	ଆଟ	ନିଜସ୍ୱ
743	ବୋତ୍ରିଆ	118	144	1.870	0.050	ଆଟ	ନିଜସ୍ୱ
744	ବୋତ୍ରିଆ	41	292	0.700	0.040	ଜଳ ଏକଫସଲି	ନିଜସ୍ୱ
745	ବୋତ୍ରିଆ		286	0.400	0.030	ଜଳ ଏକଫସଲି	ନିଜସ୍ୱ
746	ବୋତ୍ରିଆ	6	45	2.140	0.005	ମାଳ	ନିଜସ୍ୱ
747	ବୋତ୍ରିଆ	23	77	5.080	0.100	ବାହାଲ	ନିଜସ୍ୱ
748	ବୋତ୍ରିଆ	107	198	0.270	0.025	ବାହାଲ	ନିଜସ୍ୱ
			ମୋଟ	78.450	29.510		

ଗ୍ରାମ ଅନୁଯାୟୀ ସାରାଂଶ (ତହସିଲ: କୋକସରା)

କ୍ରମିକ ନଂ	ଗ୍ରାମର ନାମ	କ୍ଷେତ୍ରଫଳ (ଏକରରେ)
1	କୋକସରା	17.584
2	କୁସୁମଖୁଣ୍ଟି	35.214
3	କଚରପଦର	6.275
4	ପାଣିଗାଁ	33.720
5	ବଡପୋଡାଗୁଡା	38.454
6	ରେଙ୍ଗାଲପାଲି	32.720
7	ଡାଙ୍ଗରିଗୁଡା	24.422
8	ମୋଟର	6.580
9	ବାଙ୍ଗମୁଣ୍ଡା	15.806
10	କାର୍ଲାଗୁଡା	0.225
11	ମଝିଗୁଡା	17.790
12	ଡେଙ୍ଗାଗୁଡା	26.025
13	ବଡକେନ୍ଦୁଗୁଡା	47.074
14	ବୋତ୍ରିଆ	29.510
	ମୋଟ	331.400

PR-330/CI/25-26 ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ପୂର୍ବ ତଟ ରେଳପଥ, ଜଗଦଲପୁର

ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡରର ସଙ୍କଟ

କ୍ୟାଟରିଂ ଆସୋସିଏଶନକୁ ମନ୍ତ୍ରୀଙ୍କ ଆଶ୍ୱାସନା

ଭୁବନେଶ୍ୱର,୩୦।୩(ଅନୁରାଧା ମହାରଣା)

ରାଜ୍ୟରେ ଦେଖାଯାଇଥିବା ବାଣିଜ୍ୟିକ ଗ୍ୟାସ ସଙ୍କଟ ସମ୍ପର୍କରେ ଓଡ଼ିଶା କ୍ୟାଟରିଂ ଆସୋସିଏଶନ(ସିଏଓ)ର ଏକ ପ୍ରତିନିଧି ଦଳ ଖାଦ୍ୟ ଯୋଗାଣ ଓ ସାମାଜିକ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସୋମବାର ଅବଗତ କରାଇଛନ୍ତ। ଏନେଇ ମନ୍ତ୍ରୀ ପାତ୍ର ଏହି ପ୍ରତିନିଧି ଦଳକୁ ଆଶ୍ୱାସନା ଦେଇ କହିଛନ୍ତି, ଏହି ସଙ୍କଟ ସମୟରେ କେହି ମଧ୍ୟ ଆତଙ୍କିତ ହେବା ଆବଶ୍ୟକ ନାହିଁ। ସରକାର ଏହି ପରିସ୍ଥିତି ସମ୍ବନ୍ଧରେ ସଚେତନ ଓ ରାଜ୍ୟର ସମସ୍ତ ଶ୍ରେଣୀର ଲୋକଙ୍କ ଆବଶ୍ୟକତା ପୂରଣ ପାଇଁ କାମ କରୁଛନ୍ତି। ସିଏଓ ସଦସ୍ୟଙ୍କ କହିବାନୁସାରେ, ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ଅଭାବ ଏହାର ମୁଖ୍ୟ ସମସ୍ୟା ହୋଇଯାଇଛି। କ୍ୟାଟରିଂ ଆସୋସିଏଶନ ଓଡ଼ିଶା ରାଜ୍ୟରେ ନୀରବ ଭାବରେ ୧ ଲକ୍ଷରୁ ଅଧିକ ପରିବାର ଯେପରିକି ସଫେଇ କର୍ମଚାରୀ, ଡ୍ରାଇଭର, ରୋଷେୟା, ଅର୍ଦ୍ଧ-କୁଶଳୀ ଓ ପ୍ରଶିକ୍ଷିତ କର୍ମୀଙ୍କୁ ଜୀବିକା ଯୋଗାଇ ଆସୁଛି। ଏହି ସମସ୍ତ ପରିବାର କ୍ୟାଟରିଂ ବ୍ୟବସାୟ ଉପରେ ନିର୍ଭରଶୀଳ ବୋଲି ସିଏଓ ଅଧ୍ୟକ୍ଷ ବିନୟ ଭୂଷଣ ପଟ୍ଟନାୟକ କହିଛନ୍ତି। ସଚିବ ଦେବୀ ପ୍ରସାଦ ରଥ କହିଛନ୍ତି, ବିଭିନ୍ନ କାର୍ଯ୍ୟକ୍ରମରେ ଖାଦ୍ୟ ପରିବେଷଣ କରି ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ କାମ କରୁଛନ୍ତି। ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ଅଭାବରୁ ଅନେକ ସଦସ୍ୟ ତାଙ୍କର ବ୍ୟବସାୟ ବନ୍ଦ କରିଦେଇଛନ୍ତି। ଯଦି ଏହି ପରିସ୍ଥିତି ଲାଗିରହେ, ତେବେ କ୍ୟାଟରିଂ ଶିଳ୍ପ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯିବ ଓ ଏହା ସହିତ ସଂପୃକ୍ତ ଅନେକ ଲୋକ ରୋଜଗାର ହରାଇବେ।

ହାଇଟେକ୍‌ରେ ନୂତନ ପ୍ରତିରୋପଣ ୟୁନିଟ୍

ଅତ୍ୟାଧୁନିକ ଏକ୍ସ-ରେ ମେଶିନ ଉଦ୍‌ଘାଟିତ

ଭୁବନେଶ୍ୱର,୩୦।୩(ଅନୁରାଧା ମହାରଣା)

ହାଇ ଟେକ ମେଡିକାଲ କଲେଜ ଏବଂ ହସ୍ପିଟାଲ ପକ୍ଷରୁ ନୂତନ ପ୍ରତିରୋପଣ ବିଭାଗର ଶୁଭାରମ୍ଭ କରାଯିବା ସହ ଅତ୍ୟାଧୁନିକ ଏକ୍ସ-ରେ ମେଶିନ ଉଦ୍‌ଘାଟନ କରାଯାଇଛି। ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୂତନ ପ୍ରତିରୋପଣ ୟୁନିଟ ଓ ଅତ୍ୟାଧୁନିକ ୮୦୦ଏମ୍‌ଏ ଡିଆରଏଫ ଏକ୍ସ-ରେ ମେଶିନକୁ ହାଇ-ଟେକ୍ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଲୋକାର୍ପଣ କରିଛନ୍ତି। ହସ୍ପିଟାଲର ଦ୍ୱିତୀୟ ମହଲାରେ ଅତ୍ୟାଧୁନିକ ଟ୍ରାନ୍ସପ୍ଲାଣ୍ଟ ୟୁନିଟ ଏବଂ ଗ୍ରାଉଣ୍ଡ ଫ୍ଲୋରରେ ଅତ୍ୟାଧୁନିକ ଏକ୍ସ-ରେ ମେଶିନ ଲୋକାର୍ପଣ କରାଯାଇଛି। ଏହାଦ୍ୱାରା ରୋଗୀମାନେ ଉନ୍ନତ ଚିକିତ୍ସା ସୁବିଧା ପାଇବେ। ଅତ୍ୟାଧୁନିକ ପ୍ରତିରୋପଣ ବିଭାଗରେ ବହୁ ଜଟିଳ ରୋଗର ଚିକିତ୍ସା ସହ ମାନବ ଅଙ୍ଗ ପ୍ରତିରୋପଣ କରାଯାଇପାରିବ। ଏହା ସହିତ ଡର୍ମାଟୋଲୋଜି ଏବଂ ଜେନେରାଲ ସର୍ଜରି ବିଭାଗର ସମ୍ପ୍ରସାରିତ କୋଠା ମଧ୍ୟ କାର୍ଯ୍ୟକ୍ଷମ ହୋଇଛି। ଏହି ବ୍ୟବସ୍ଥା ଦ୍ୱାରା ରୋଗୀମାନେ କମ୍ ଖର୍ଚ୍ଚରେ ଉନ୍ନତମାନର ଚିକିତ୍ସା ପାଇପାରିବେ ଏବଂ ଅଙ୍ଗ ପ୍ରତିରୋପଣ ସୁବିଧା ପାଇପାରିବେ ବୋଲି ଡ. ପାଣିଗ୍ରାହୀ କହିଛନ୍ତି। ଉଦଘାଟନ ଉତ୍ସବରେ ମ୍ୟାନେଜିଂ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ, ନିର୍ଦ୍ଦେଶିକା ମଧୁସ୍ମିତା ତ୍ରିପାଠୀ, ପ୍ରଫେସର ରବୀନ୍ଦ୍ରନାଥ ବେହେରା,ଡାକ୍ତର ଜ୍ୟୋତିର୍ମୟୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ବ୍ରହ୍ମପୁରରେ ଖୋଲିଲା ଟାଇଟନ୍ ଆଇ ପ୍ଲସ୍

ଭୁବନେଶ୍ୱର,୩୦।୩(ଅନୁରାଧା ମହାରଣା)

ସିଲ୍କ ସିଟି ବ୍ରହ୍ମପୁରରେ ଟାଇଟନ୍ ଆଇ ପ୍ଲସ୍ ପକ୍ଷରୁ ଓଡ଼ିଶାର ପ୍ରଥମ ଫ୍ଲାଗଶିପ୍ ଶୋ'ରୁମ୍ ଖୋଲାଯାଇଛି। ସୋମବାର ଏହାର ଉଦଘାଟନୀ କାର୍ଯ୍ୟକ୍ରମରେ ଟାଇଟନ୍ ଆଇ ପ୍ଲସ୍‌ର ସିଇଓ ରାଘବ ଏନ୍ ଏସ୍ ଓ ରିଟେଲ ହେଡ୍ ଜ୍ୟୋତି ସ୍ୱରୂପ ଏହାର ଉଦଘାଟନ କରିଛନ୍ତି। ଏହି ଅବସରରେ ବିଜନେସ୍ ପାର୍ଟନର ପ୍ରତୀକ ଜେନା, ଆରବିଏମ୍(ଇଷ୍ଟ) କୁଶଳ ଦାସ ଏବଂ ଏବିଏମ୍(ଇଷ୍ଟ) ନିକେଶ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଷ୍ଟୋରରେ ଗ୍ରାହକ ୧୫ରୁ ଅଧିକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ବ୍ରାଣ୍ଡର ପ୍ରିମିୟମ୍ ଏବଂ ଲଗଜୁରି ଆଇୱେୟର ପାଇପାରିବେ। ଏହା ସହ ଅତ୍ୟାଧୁନିକ ଆଇ ଟେଷ୍ଟିଂ ଟେକ୍ନୋଲୋଜି, କଣ୍ଟାକ୍ଟ ଲେନ୍ସ, ଭିଜନ୍ କେୟାର ସଲ୍ୟୁଶନ ସହ ବିଶେଷଜ୍ଞ ଦ୍ୱାରା ଷ୍ଟାଇଲିଂ ସୁବିଧା ମଧ୍ୟ ପାଇପାରିବେ। ବ୍ରହ୍ମପୁର ସହ ଆଖପାଖ ଜିଲାର ଗ୍ରାହକ ମଧ୍ୟ ଏହା ଦ୍ୱାରା ଉପକୃତ ହୋଇପାରିବେ ବୋଲି କମ୍ପାନୀ ପକ୍ଷରୁ ଆଶା କରାଯାଇଛି।

୧୩ତମ ଆଇ-ୱିମେନ ଅଫ୍ ସବଷ୍ଟାନ୍ସ ପୁରସ୍କାର ପ୍ରଦାନ

ଭୁବନେଶ୍ୱର,୩୦।୩(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ସୂଚନା ଭବନରେ ଜାତୀୟ ମିଡିଆ କନକ୍ଲେଭ୍ ୨୦୨୬ ଏବଂ ୧୩ତମ 'ଆଇ-ୱିମେନ ଅଫ ସବଷ୍ଟାନ୍ସ' ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଛି। ଏହି ଅବସରରେ ୨୭ ଜଣ ମହିଳାଙ୍କୁ ଆଇ-ୱିମେନ ଅଫ ସବଷ୍ଟାନ୍ସ ପୁରସ୍କାର ଏବଂ ଓ ୩୧ ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନ୍ୟାଶନାଲ ବିଲ୍ଡର୍ ଆୱାର୍ଡ ପ୍ରଦାନ କରାଯାଇଥିଲା। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରମୁଖ ବ୍ୟକ୍ତିତ୍ୱ, ମିଡିଆ ବ୍ୟକ୍ତିତ୍ୱ ଓ ସାମାଜିକ କର୍ମୀ ଏଥିରେ ଯୋଗଦେଇଥିଲେ। ଉଦଘାଟନୀ ଅଧିବେଶନରେ ସାପ୍ତାହିକ ଖବରକାଗଜ 'ଆଜିର ସମ୍ପର୍କ' ଏବଂ କଳିଙ୍ଗ ଗୌରବ ଫାଉଣ୍ଡେଶନ' ଅଫିସିଆଲ ୱେବସାଇଟ ଉଦଘାଟନ କରାଯାଇଥିଲା। କନକ୍ଲେଭରେ ମିଡିଆ ଦାୟିତ୍ୱ, ରାଜନୈତିକ ଦୃଷ୍ଟିଭଙ୍ଗୀ ଓ ଜାତି ଗଠନରେ ମହିଳାଙ୍କ ଭୂମିକା ଭଳି ବିଷୟରେ ପ୍ୟାନେଲ ଆଲୋଚନା ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଚିତ୍ତାକର୍ଷକ ହୋଇଥିଲା।

ଜନ୍ମଦିନର ଶୁଭେଚ୍ଛା

ନାମ: ....

ବୟସ:..............................

ଜନ୍ମ ତାରିଖ: ....

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଚାପ ପକାଇଥିଲେ ଭାଲଙ୍କା: ଏଆଇଏଫ୍‌ଏଫ୍

ନୂଆଦିଲ୍ଲୀ,୩୦।୩(ପି.ଟି.)

ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପକ୍ଷରୁ ସୋମବାର ଏହାର କାର୍ଯ୍ୟକାରୀ କମିଟି ସଦସ୍ୟା ଭାଲଙ୍କା ଆଲେମାଓ ଓ ତାଙ୍କ ପରିବାର ବିରୋଧରେ ଶୀର୍ଷ ସ୍ତରୀୟ ଇଣ୍ଡିଆନ ସୁପର ଲିଗ୍‌ରେ ଚର୍ଚ୍ଚିଲ ବ୍ରଦର୍ସ ଏଫ୍‌ସିକୁ ସାମିଲ କରିବାକୁ ଚାପ ପକାଉଥିବା ଅଭିଯୋଗ କରାଯାଇଛି। ଭାଲଙ୍କା ହେଉଛନ୍ତି ଗୋଆରେ ଅବସ୍ଥିତ କ୍ଲବ

ଚର୍ଚ୍ଚିଲ ବ୍ରଦର୍ସଙ୍କୁ ଆଇଏସ୍‌ଏଲ୍‌ରେ ସାମିଲ କରିବା ପ୍ରସଙ୍ଗ

ଚର୍ଚ୍ଚିଲ ବ୍ରଦର୍ସର ସିଇଓ। ଏହି କ୍ଲବକୁ ଦୀର୍ଘ ଦଶନ୍ଧି ହେଲା ଉଦ୍ୟୋଗୀ ଓ ଗୋଆର ପୂର୍ବତନ ମୁଖ୍ୟମନ୍ତ୍ରୀ ଚର୍ଚ୍ଚିଲ ଆଲେମାଓ ପରିଚାଳନା କରୁଛନ୍ତି। ଚର୍ଚ୍ଚିଲ ବ୍ରଦର୍ସ ୨୦୨୪-୨୫ ସିଜନରେ ଦ୍ୱିତୀୟ ସ୍ତରର ଆଇ-ଲିଗ୍ ଟାଇଟଲ ହାସଲ କରିଥିବା ଦାବି କରିଥିଲା। ହେଲେ ପଏଣ୍ଟ ବିବାଦ କାରଣରୁ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ (କାସ) ଇଣ୍ଟର କାଶୀକୁ ଚାମ୍ପିୟନ ଘୋଷଣା କରିବା ସହ ଆଇଏସ୍‌ଏଲ୍‌କୁ ଉନ୍ନୀତ ହୋଇଥିଲା।

ଚଳିତବର୍ଷ ଜାନୁଆରୀ ୮ରୁ ଫେବୃଆରୀ ୧୫ ମଧ୍ୟରେ ଆଲେମାଓ ଓ ତାଙ୍କ ପରିବାର ସଦସ୍ୟ ଚର୍ଚ୍ଚିଲ ବ୍ରଦର୍ସ ଏଫ୍‌ସି ଗୋଆକୁ ଅସାଧାରଣ ଉପାୟରେ ଆଇଏସ୍‌ଏଲ୍‌ରେ ସାମିଲ କରିବାକୁ ଚାପ ପକାଇଥିଲେ। ହେଲେ ମହାସଂଘର ସମ୍ବିଧାନରେ ଥିବା ନିୟମ ଓ ସମସ୍ତ ଅଂଶୀଦାରଙ୍କ ସହ ହୋଇଥିବା ଚୁକ୍ତି କାରଣରୁ ଫେଡେରେଶନ ସେମାନଙ୍କ ଅନୁରୋଧକୁ ରଖିପାରି ନ ଥିଲା। ଜାନୁଆରୀ ୬ ତାରିଖରେ ସମସ୍ତ ଅଂଶୀଦାରଙ୍କ ଉପସ୍ଥିତିରେ ଆଇଏସ୍‌ଏଲ୍ ସିଜନରେ ୧୪ ଦଳ ଭାଗନେବେ ଓ ୯୧ ମ୍ୟାଚ୍ ଖେଳାଯିବ ବୋଲି ଘୋଷଣା କରାଯାଇଥିଲା। ଏହି ଲିଗ୍ ଢାଞ୍ଚା ପାଇଁ ଏଆଇଏଫ୍‌ଏଫ୍ ପକ୍ଷରୁ ଏସିଆନ ଫୁଟବଲ କନ୍‌ଫେଡେରେଶନ (ଏଏଫ୍‌ସି)ଠାରୁ ଅନୁମତି ନିଆଯାଇଥିଲା। ଏହାପରେ ଆଲେମାଓ ପରିବାର ସଦସ୍ୟଙ୍କ ଦ୍ୱାରା ଅନେକ ପିଟିଶନ ଦାଖଲ କରାଯାଇଥିଲା। କାର୍ଯ୍ୟକାରୀ କମିଟିର ସଦସ୍ୟ ହେବା ସତ୍ତ୍ୱେ ଆଲେମାଓ ବାରମ୍ବାର ବୈଠକର ପ୍ରକ୍ରିୟାକୁ ପ୍ରଭାବିତ କରିବାକୁ ଚେଷ୍ଟା କରିଥିଲେ। ନିଜ ସ୍ୱାର୍ଥ ହାସଲ କରିବା ପାଇଁ ଜରୁରିକାଳୀନ କାର୍ଯ୍ୟକାରୀ କମିଟି ବୈଠକ ଡକାଇଥିଲେ। ଫେବୃଆରୀ ୯ ତାରିଖରେ ଜରୁରିକାଳୀନ ବୈଠକ ବସିଥିଲା। ହେଲେ ଆବଶ୍ୟକ ଥିବା ସଦସ୍ୟ ଯୋଗ ନ ଦେବାରୁ ବୈଠକ ଆଗକୁ ବଢ଼ି ପାରି ନ ଥିଲା। ଏହାପରେ ଆଲେମାଓ ବ୍ୟକ୍ତିଗତ ଭାବେ ସମସ୍ତ ସଦସ୍ୟଙ୍କୁ ଫୋନ କରି ଆଉ ଏକ ଜରୁରିକାଳୀନ ବୈଠକ ଡକାଇଥିଲେ। ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ କାର୍ଯ୍ୟକାରୀ କମିଟି ଚର୍ଚ୍ଚିଲ ବ୍ରଦର୍ସଙ୍କୁ ଆଇଏସ୍‌ଏଲ୍‌ରେ ସାମିଲ କରିବାକୁ ଦେଇଥିବା ପ୍ରସ୍ତାବକୁ ଖାରଜ କରିଥିଲା। ଏହାସତ୍ତ୍ୱେ ଫେବୃଆରୀ ୧୪ ତାରିଖରେ ଲିଗ୍ ଆରମ୍ଭ ହେଲା ବେଳେ ମଧ୍ୟ ତୃତୀୟ ଜରୁରିକାଳୀନ ବୈଠକ ଲାଗି ଆଲେମାଓ ଚାପ ପକାଇଥିଲେ। ଏହାସତ୍ତ୍ୱେ ସେମାନଙ୍କ ଲକ୍ଷ୍ୟ ପୂରଣ ନ ହେବାରୁ ସେମାନେ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଥିଲେ ବୋଲି ଏଆଇଏଫ୍‌ଏଫ୍ ପକ୍ଷରୁ ବିବୃତିରେ କୁହାଯାଇଛି।

କଲ୍ୟାଣ ଚୌବେ



ଭାଲଙ୍କା ଆଲେମାଓ

ନିର୍ଯାତନା ଅଭିଯୋଗ

ଏଆଇଏଫ୍‌ଏଫ୍ ସୋମବାର ବିବାଦରେ ଘେରି ହୋଇଯାଇଛି। କାର୍ଯ୍ୟକାରୀ ସଦସ୍ୟାଙ୍କ ବିରୋଧରେ ଫେଡେରେଶନ ପକ୍ଷରୁ ଅଭିଯୋଗ କରାଯିବା ପରେ ଫେଡେରେଶନ ମୁଖ୍ୟ କଲ୍ୟାଣ ଚୌବେଙ୍କ ବିରୋଧରେ ଓମେନ୍ସ କମିଟି ମୁଖ୍ୟ ଭାଲଙ୍କା ଆଲେମାଓ ପାଲଟା ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଏଆଇଏଫ୍‌ଏଫ୍‌ର କାର୍ଯ୍ୟକାରୀ କମିଟି ସଦସ୍ୟ ତଥା ଆଇ-ଲିଗ୍ କ୍ଲବ ଚର୍ଚ୍ଚିଲ ବ୍ରଦର୍ସ ସିଇଓ ଆଲେମାଓ ଏକ ଚିଠି ଜରିଆରେ ଚୌବେ, ଉପ ସଭାପତି ଏନଏ ହାରିସ ଓ ଉପସମ୍ପାଦକ ଏମ୍. ସତ୍ୟନାରାୟଣଙ୍କ ବିରୋଧରେ ବଳ ପ୍ରୟୋଗ କରି ତାଙ୍କ ସ୍ୱରକୁ ଚାପିବାକୁ ଉଦ୍ୟମ କରିଥିବା ନେଇ ଅଭିଯୋଗ କରିଛନ୍ତି। ହେଲେ ଏଆଇଏଫ୍‌ଏଫ୍ ପକ୍ଷରୁ ସମସ୍ତ ଅଭିଯୋଗକୁ ଖଣ୍ଡନ କରାଯାଇଛି।

ଭାରତୀୟ ଦଳରେ ସ୍ୱସ୍ତିକ, ପ୍ରଶିକ୍ଷକ ଗୌରୀଶଙ୍କର

ସ୍ୱସ୍ତିକ ମହାପ୍ରସାଦ ପତି କୋଚ୍ ଗୌରୀଶଙ୍କରଙ୍କ ସହ।

ଭୁବନେଶ୍ୱର, ୩୦।୩ (ବିଜୟ ରଣା)

ଉଜ୍‌ବେକିସ୍ତାନର ସମରକନ୍ଦ ଠାରେ ମଙ୍ଗଳବାରଠାରୁ ଏପ୍ରିଲ ୭ ପର୍ଯ୍ୟନ୍ତ ପଞ୍ଚମ ସେଣ୍ଟ୍ରାଲ ଏସିଆନ ହ୍ୟାଣ୍ଡବଲ

ସେଣ୍ଟ୍ରାଲ ଏସିଆ ସିନିୟର ହ୍ୟାଣ୍ଡବଲ

ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିଲାଗି ଭାରତୀୟ ଦଳରେ ଓଡ଼ିଶାର ସ୍ୱସ୍ତିକ ମହାପ୍ରସାଦ ପତି ସ୍ଥାନ ପାଇଥିବା ବେଳେ ଗୌରୀଶଙ୍କର ଭାରତୀୟ ଦଳର ପ୍ରଶିକ୍ଷକ ଭାବେ ନିଯୁକ୍ତି ପାଇଛନ୍ତି। ସୂଚନାଯୋଗ୍ୟ ସ୍ୱସ୍ତିକ ଗତବର୍ଷ ସେପ୍ଟେମ୍ବରରେ ଏସିଆନ ଯୁବ ହ୍ୟାଣ୍ଡବଲ ଭାରତୀୟ ଦଳରେ ସ୍ଥାନ ପାଇ ଜୋର୍ଡାନ ଗସ୍ତ କରିଥିଲେ। ସ୍ୱସ୍ତିକ ଓ ପ୍ରଥମ ଅନ୍ତର୍ଜାତୀୟ ଓ ଷ୍ଟାର ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ ବ୍ରାହ୍ମିନଙ୍କ ଖେଳରେ ଅନୁପ୍ରାଣିତ ହୋଇ କୋଚ ଗୌରୀ ଶଙ୍କର ମିଶ୍ରଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି। ସ୍ୱସ୍ତିକ ଓ ଗୌରୀଶଙ୍କରଙ୍କୁ ଓଡ଼ିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ଅଭିନନ୍ଦନ ଜଣାଇଛନ୍ତି।

ମୁହଁ ଖୋଲିଲା କ୍ରିକେଟ ଅଷ୍ଟ୍ରେଲିଆ

ମୁମ୍ବାଇ,୩୦।୩

ଅଷ୍ଟ୍ରେଲିଆନ ଅଲରାଉଣ୍ଡର କାମେରନ ଗ୍ରୀନ ଚଳିତ ଆଇପିଏଲ୍‌ର ପ୍ରାରମ୍ଭିକ କିଛି ମ୍ୟାଚ୍‌ରେ କେବଳ ଜଣେ ବ୍ୟାଟର ଭାବେ ଖେଳିବେ। ଏ ନେଇ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ସୋମବାର ସ୍ପଷ୍ଟ କରାଯାଇଛି। ରବିବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ୨୨୧ ରନର ଟାର୍ଗେଟ ଛିଡ଼ା କରିବା ସତ୍ତ୍ୱେ ମୁମ୍ବାଇ ଇଣ୍ଡିଆନ୍ସଠାରୁ ୬ ଉଇକେଟରେ ପରାଜିତ ହୋଇଥିଲା। ଏହି ମ୍ୟାଚ୍‌ରେ ନଂ-୩ରେ ବ୍ୟାଟିଂ କରି ୧୦ ବଲରେ ୧୮ ରନ କରିଥିବା ଗ୍ରୀନଙ୍କୁ ଅଧିନାୟକ ଅଜିଙ୍କ୍ୟ ରାହାନେ ବୋଲର ଭାବେ ବ୍ୟବହାର କରି ନ ଥିଲେ। ଏ ସମ୍ପର୍କରେ ରାହାନେଙ୍କୁ ମ୍ୟାଚ୍ ପରେ ପ୍ରଶ୍ନ କରାଯିବା ପରେ ସେ କ୍ରିକେଟ ଅଷ୍ଟ୍ରେଲିଆକୁ ପଚାରିବାକୁ କହିଥିଲେ।

୧୮ତମ ଜନ୍ମ ବାର୍ଷିକ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।

ପ୍ରଜ୍ଞାଶ୍ରୀ ବେହେରା

ମା' ବାପାଙ୍କ ସମେତ ତନ୍ମୟ, ସାଇକ୍ରିଷ୍ଟା, ରାଜା ଓ ବେହେରା ପରିବାର ବର୍ଗଙ୍କ ପକ୍ଷରୁ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁକି ତୋର ଚଳାପଥ କୁସୁମିତ ହେଉ।

ଧ-୩୭୯୩

ଜାତୀୟ ଜୁନିୟର ଖୋଖୋ ଉଦ୍‌ଘାଟିତ

ଆଠଗଡ, ୩୦।୩(ସତ୍ୟ ପ୍ରସାଦ ରଥ)

ଖୋ-ଖୋ ଓଡ଼ିଶା ସଂଘ ଆନୁକୂଲ୍ୟରେ ଜାତୀୟ ଜୁନିୟର ଖୋ-ଖୋ ଚାମ୍ପିୟନଶିପ କଟକ ଜିଲା ଆଠଗଡ଼ ମହୋତ୍ସବ ପଡ଼ିଆରେ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ବାଳିକା ଓ ବାଳକ ବିଭାଗରେ ଦେଶର ୩୦ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୬୦ରୁ ଅଧିକ ଦଳ ଏଥିରେ ଅଂଶଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମକୁ ଆଠଗଡ଼ ଉପଜିଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ଖୋଖୋ ଓଡ଼ିଶାର ସଭାପତି ଲକ୍ଷ୍ମୀ ନାରାୟଣ ଭଞ୍ଜଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଶିଳ୍ପୋଦ୍ୟୋଗୀ ସବ୍ୟସାଚୀ ମିଶ୍ର, ଉତ୍କଳ ଅନ୍ତର୍ଜାତୀୟ ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରତ୍ୟୁଷ ବେହେରା, ସହ-ପ୍ରତିଷ୍ଠାତା ପ୍ରଗତି ବେହେରା, ଓଡ଼ିଶା କ୍ରୀଡା ସଂସଦର ସମ୍ପାଦକ ଜି.ଏସ ପଟ୍ଟନାୟକ, ଆଠଗଡ଼ କ୍ରୀଡା ସଂସଦର ସମ୍ପାଦକ ସୋମନାଥ ଭକ୍ତା, ସ୍ୱେଚ୍ଛାସେବୀ ସଙ୍ଗଠନର ସଭାପତି ବିଭୂତି ଭୂଷଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

ଓସିଏ କ୍ଲବ ଲିଗ୍: କ୍ୱାର୍ଟର ଲାଇନ୍‌ଅପ୍ ଚୂଡାନ୍ତ

କଟକ,୩୦।୩(କୁମାରଶ୍ରୀ)

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ଚାଲିଥିବା କ୍ଲବ ଲିଗ୍‌ର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ଚୂଡାନ୍ତ ହୋଇଛି। ଏପ୍ରିଲ ପହିଲାରେ ୪ଟି ଯାକ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। ବାରବାଟୀ ଷ୍ଟାଡିୟମରେ ରାଇଜିଂ ଷ୍ଟୁଡେଣ୍ଟ୍ସ ଏବଂ ଜଗତ୍‌ପୁର ଆଥଲେଟିକ ଆସୋସିଏଶନ, ଡ୍ରିମ୍ସ ଗ୍ରାଉଣ୍ଡରେ ଜୁଭେନାଇଲ କ୍ଲବ ଏବଂ ରୟାଲ କ୍ଲବ, ରେଭେନ୍‌ଶା ଗ୍ରାଉଣ୍ଡରେ ବିଶ୍ୱଭାରତୀ ଏବଂ ସନ୍‌ସାଇନ୍ କ୍ଲବ, ସନସାଇନ ଗ୍ରାଉଣ୍ଡରେ ବାରବାଟୀ କଲଚରାଲ ୟୁନିୟନ ଏବଂ ୟୁନିୟନ ସ୍ପୋର୍ଟିଂ ମଧ୍ୟରେ କ୍ୱାର୍ଟର ମୁକାବିଲା ହେବ। ୨ ତାରିଖରେ ଉଭୟ ସେମିଫାଇନାଲ ଏବଂ ୩ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ।

ସୋମବାର ଶେଷ ଲିଗ୍ ମ୍ୟାଚ୍ ଖେଳାଯାଇଥିଲା। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଜୟଦୁର୍ଗା କ୍ଲବ ୫ ଉଇକେଟରେ ଜୁଭେନାଇଲକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜୁଭେନାଇଲ୍ ୧୪୩ରନରେ ଅଲଆଉଟ ହୋଇଥିଲା। ଓପନର ସ୍ୱସ୍ତିକ ସାମଲ ସର୍ବାଧିକ ୪୩ରନ କରିଥିଲେ। ସନଭୀର ସିଂ ୩୦ରନ ଏବଂ ବାଦଲ ମଲ୍ଲିକ ୨୭ରନର ଉପଯୋଗୀ ଇନିଂସ ଖେଳିଥିଲେ। ଜୟଦୁର୍ଗା ପକ୍ଷରୁ ବି. ସଚେତ୍ ୩ଟି ଉଇକେଟ ଦଖଲ କରିଥିଲେ। ୩୪.୧ ଓଭରରେ ୫ ଉଇକେଟ ହରାଇ ଜୟଦୁର୍ଗା କ୍ଲବ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ତନ୍ମୟ ବିଶ୍ୱାଳ ସର୍ବାଧିକ ୪୯ରନ କରିଥିଲେ। ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଥିବା ସଚେତ୍ ମ୍ୟାଚ୍ ବିଜୟୀ ୨୫ରନର ଅପରାଜିତ ପାଳି ଖେଳିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ନିମନ୍ତେ ସଚେତ୍‌ଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।



ପ୍ଲେୟର ଅଫ୍ ଦି ମ୍ୟାଚ୍ ବି. ସଚେତ୍‌ଙ୍କୁ ପୁରସ୍କୃତ କରାଯାଉଛି।

କ୍ୱାର୍ଟରରେ ଓସ୍କାର, ପାରାମାଉଣ୍ଟ ସ୍ପୋର୍ଟିଂ

ଭୁବନେଶ୍ୱର,୩୦।୩(ଅନାଦି କର)

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ପାଣ୍ଡରା ନିକଟସ୍ଥ ହାଇଟେକ୍ ମେଡିକାଲ କଲେଜ ଖେଳପଡ଼ିଆରେ ଚାଲିଥିବା ପଣ୍ଡିତ ରାମକୃଷ୍ଣ ମହାପାତ୍ର ମେମୋରିଆଲ କ୍ରିକେଟ ପ୍ରତିଯୋଗିତାରେ ସୋମବାର ଦୁଇଟି ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ ଓସ୍କାର ଓ ପାରାମାଉଣ୍ଟ ସ୍ପୋର୍ଟିଂ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ପ୍ରଥମ ମ୍ୟାଚ୍‌ରେ ସହିଦ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ୧୭.୨ ଓଭରରେ ୮୮ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ମହେଶ ପଣ୍ଡା ସର୍ବାଧିକ ୨୦ ରନ କରିଥିବା ବେଳେ ୭ ବ୍ୟାଟର ଖାତା ଖୋଲି ପାରି ନ ଥିଲେ। ଓସ୍କାର ପକ୍ଷରୁ ଆର୍ଯ୍ୟବୀର ଲେଙ୍କା ଓ ସୋୟମ ଦାଶ ୩ ଲେଖାଏ ଏବଂ ଲୋକେଶ କୁମାର ୨ ଉଇକେଟ ନେଇଥିଲେ। ଜବାବରେ ଲୋକେଶ କୁମାରଙ୍କ ୪୦ ରନର ପାଳି ବଳରେ ଓସ୍କାର ଦଳ ୧୮.୩ ଓଭରରେ ୩ ଉଇକେଟ ହରାଇ ୯୦ ରନ କରି ମ୍ୟାଚ୍ ଜିତି ନେଇଥିଲା। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଲୋକେଶ କୁମାରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଦ୍ୱିତୀୟ ପ୍ରି-କ୍ୱାର୍ଟର ଫାଇନାଲରେ ଶେଖର ସ୍ପୋର୍ଟିଂ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୧୩୨ ରନ କରିଥିଲା। ଦଳ ପାଇଁ ଆୟାନ ନାୟକ ୬୨ ରନ କରିଥିଲେ। ଜବାବରେ ପାରାମାଉଣ୍ଟ ସ୍ପୋର୍ଟିଂ ୧୯.୩ ଓଭରରେ ୩ ଉଇକେଟ ହରାଇ ୧୩୬ ରନ କରି ନେଇଥିଲା। ଦଳ ପକ୍ଷରୁ କ୍ରିଷ୍ଣା ସାସମଲ ୬୦ ଓ ସ୍ୱାଗତ ମିଶ୍ର ୪୦ ରନ କରିଥିଲେ। ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିବା କ୍ରିଷ୍ଣା ସାସମଲଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

ପିଏସ୍‌ଏଲ୍‌ରେ ବଲ ଟାମ୍ପରିଂ: ଜମାନ, ଆଫ୍ରିଦି, ରଜାଙ୍କ ଅସ୍ୱୀକାର

ଲାହୋର,୩୦।୩(ପି.ଟି.)

ପାକିସ୍ତାନର ଭେଟେରାନ ବ୍ୟାଟର ଫଖର ଜମାନ, ପେସର ଶାହିନ ଶାହ ଆଫ୍ରିଦି ଓ ଜିମ୍ବାୱେର ସିକନ୍ଦର ରଜା ସ୍ଥାନୀୟ ଗଦ୍ଦାଫି ଷ୍ଟାଡିୟମରେ ଲାହୋର କଲନ୍ଦର୍ସ ଓ କରାଚୀ କିଙ୍ଗ୍ସ ମଧ୍ୟରେ ଖେଳାଯାଇଥିବା ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ) ମ୍ୟାଚ୍‌ରେ ବଲ ଟାମ୍ପରିଂ ନେଇ ଆସିଥିବା ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ୩୫ ବର୍ଷୀୟ ଜମାନ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ପିଏସ୍‌ଏଲ୍‌ର ପ୍ଲେଇଂ କଣ୍ଡିଶନର ଧାରା ୪୧.୩ ଉଲ୍ଲଂଘନ କରିଥିଲେ, ଯାହାକି ଖେଳାଳିଙ୍କୁ ବଲର କଣ୍ଡିଶନରେ ପରିବର୍ତ୍ତନ କରିବାରୁ ବାରଣ କରେ। ତେବେ ମ୍ୟାଚ୍ ରେଫରି ରୋଶନ ମହାନାମାଙ୍କ ସମ୍ମୁଖରେ ଜମାନ ବଲ ଟାମ୍ପରିଂ ଅଭିଯୋଗକୁ ଅସ୍ୱୀକାର କରିଥିଲେ।

ବ୍ୟାଟିଂ କରୁଥିବା କରାଚୀ କିଙ୍ଗ୍ସକୁ ଅନ୍ତିମ ଓଭରରେ ଜିତିବା ପାଇଁ ୧୪ ରନ ଦରକାର ଥିଲା। ଓଭର ଆରମ୍ଭ ହେବା ପୂର୍ବରୁ ଜମାନ ବୋଲର ହାରିସ ରୌଫ ଓ ଅଧିନାୟକ ଆଫ୍ରିଦିଙ୍କ ସହ ଆଲୋଚନା କରୁଥିବା ଦେଖିବାକୁ ମିଳିଥିଲା। ଏହାର କିଛି ସମୟ ପରେ ସେମାନଙ୍କଠାରୁ ଅମ୍ପାୟର ଫଇଜଲ ଆଫ୍ରିଦି ବଲ ମାଗିଥିଲେ। ଅନ୍ୟ ଫିଲ୍ଡ ଅମ୍ପାୟରଙ୍କ ସହ ବଲ ଯାଞ୍ଚ କରିବା ପରେ ବଲର କଣ୍ଡିଶନରେ ପରିବର୍ତ୍ତନ କରାଯାଇଥିବା ଜଣାପଡ଼ିଥିଲା। ଏ ଘଟଣା ସମ୍ପର୍କରେ ମ୍ୟାଚ୍ ରେଫରି ଆଗାମୀ ୪୮ ଘଣ୍ଟା ମଧ୍ୟରେ ପୁଣି ଥରେ ଶୁଣାଣି କରିବେ ବୋଲି ଆଶା କରାଯାଉଛି। ଯଦି ମ୍ୟାଚ୍ ରେଫରି ନିଶ୍ଚିତ ଯେ, ବଲ ସହ ଟାମ୍ପରିଂ ହୋଇଛି, ତେବେ ଜମାନ ଓ ଲାହୋର କଲନ୍ଦର୍ସ ଦଳକୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବ।

ବଲର କଣ୍ଡିଶନରେ ପରିବର୍ତ୍ତନ କରିବା ଲାଗି ଅମ୍ପାୟରମାନେ କଲନ୍ଦର୍ସ ଦଳକୁ ୫ ରନର ପେନାଲ୍ଟି ଦେଇଥିଲେ ଏବଂ ବଲ ବଦଳାଇଥିଲେ।

ସାବାଲେଙ୍କାଙ୍କ ପରେ ସିନରଙ୍କୁ 'ସନ୍‌ସାଇନ୍ ଡବଲ'

ମାୟାମି ଗାର୍ଡେନ୍ସ, ୩୦।୩ (ଏପି)

ଜିରି ଲେହେକାଙ୍କୁ ୬-୪, ୬-୪ ସେଟ୍‌ରେ ପରାସ୍ତ କରି ଜାନିକ ସିନର ମାୟାମି ଓପନ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଫଳତଃ ସିନର ଏଥର 'ସନସାଇନ୍ ଡବଲ୍' ସଫଳତା ହାସଲ କରିଛନ୍ତି। ଦିନକ ପୂର୍ବରୁ ଆରିନା ସାବାଲେଙ୍କା ମହିଳା ସିଙ୍ଗଲ୍ସ ଫାଇନାଲରେ କୋକୋ ଗଫ୍‌ଙ୍କୁ ପରାସ୍ତ କରିବା ପରେ ଏହି ସଫଳତା ହାସଲ କରିଥିଲେ। ଏହା ପୂର୍ବରୁ ଗୋଟିଏ ସିଜନରେ ଜଣେ ପୁରୁଷ ଖେଳାଳି ହିସାବରେ ପ୍ରଥମେ ଇଣ୍ଡିଆନ ୱେଲ୍ସ ଏବଂ ପରେ ମାୟାମିରେ ଟାଇଟଲ ଜିତି ଥିବା ଖେଳାଳି ହେଲେ ରୋଜର ଫେଡରର (୨୦୧୭)। ସିନର କିନ୍ତୁ ପ୍ରଥମ ଖେଳାଳି ଭାବେ ଉଭୟ ଟୁର୍ନାମେଣ୍ଟରେ ଗୋଟିଏ ହେଲେ ସେଟ୍ ଡ୍ରପ୍ କରି ନ ଥିଲେ। ସୂଚନାଯୋଗ୍ୟ, ଏହା ପୂର୍ବରୁ ୨୦୧୬ରେ ଦୁଇ ପୁରୁଷ ଓ ମହିଳା ଖେଳାଳି ନୋଭାକ ଜୋକୋଭିଚ୍ ଓ ଭିକ୍ଟୋରିଆ ଆଜାରେଙ୍କା 'ସନ୍ ସାଇନ୍' ଡବଲ ସଫଳତା ହାସଲ କରିଥିଲେ। ୩ବର୍ଷ ମଧ୍ୟରେ ସିନରଙ୍କର ଏହା ହେଉଛି ଦ୍ୱିତୀୟ ମାୟାମି ଓପନ ଟାଇଟଲ। ୨୦୨୪ପରଠାରୁ ହାର୍ଡ ରକ୍ ଷ୍ଟାଡିୟମରେ ତାଙ୍କର ବିଜୟ ଧାରା ୧୨ରେ ପହଞ୍ଚିଛି। ଗତବର୍ଷ ନିଷିଦ୍ଧ ପଦାର୍ଥ ପାଇଁ ଟେଷ୍ଟରେ ପଜିଟିଭ ଆସିବାରୁ ସସ୍‌ପେଣ୍ଡ ହୋଇଥିବାରୁ ଟୁର୍ନାମେଣ୍ଟରେ ଖେଳି ପାରି ନ ଥିଲେ। ୨୪ବର୍ଷୀୟ ଲେହେକାଙ୍କର ଏହାଥିଲା ପ୍ରଥମ ଏଟିପି ୧୦୦୦ ଫାଇନାଲ। ଟୁର୍ନାମେଣ୍ଟରେ ସେ ଜଣେ ବଡ଼ ଅଣ୍ଡରଡଗ୍ ଖେଳାଳି ଥିଲେ। ଏହା ପୂର୍ବରୁ ସିନରଙ୍କ ବିପକ୍ଷରେ ଖେଳିଥିବା ତାଙ୍କର ସମସ୍ତ ୩ଟି ମ୍ୟାଚରେ ପରାଜିତ ହୋଇଥିଲେ। ତୃତୀୟ ରାଉଣ୍ଡରେ ସେବାଷ୍ଟିଆନ କୋର୍ଡା ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ କାର୍ଲୋସ ଅଲ୍‌କାରାଜଙ୍କୁ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ଡାହାଣ କାନ୍ଧରେ ସମସ୍ୟା ଯୋଗୁ ନୋଭାକ୍ ଜୋକୋଭିଚ୍ ଇଭେଣ୍ଟରୁ ଓହରି ଯାଇଥିଲେ।

ଟ୍ରଫି ସହ ଜାନିକ ସିନର।

Classified Everyday
0674-2580101, 9692975378

REAL ESTATE
SALE

PRIME LAND FOR SALE AT ANGUL- Boundary wall plots near RIMIT College, just 100m from NH-16, 15ft. road, East/West facing. High growth area- perfect for home. Limited plots- grab fast! Best price. Contact: 8249696877. D-3781

DO U NEED TO INVEST on property/Immediately house purpose ???? At Brahmanjharilo, Phulanakhara, Cuttack in between middle of CUTTACK & BHUBANESWAR at a reduced price. 7809525452. D-249

LOST

କ୍ରୟ କବଲା ହଜିଥିବା ସମ୍ବନ୍ଧେ- ମୁଁ ସୁରେନ୍ଦ୍ର କୁମାର ଦୋରା, ପିତା ପଦ୍ମନାଭ ଦୋରା, ଗ୍ରାମ/ପୋଷ୍ଟ- ଉକ୍ରେଲା, ଥାନା- କେସିଙ୍ଗା, ଜିଲା- କଳାହାଣ୍ଡିର ସ୍ଥାୟୀ ବାସିନ୍ଦା ଅଟେ। ମୋର ଜମି କ୍ରୟ କବଲା Deed ସଂଖ୍ୟା- ୪୫/୧୯୯୯ ଗତ ତା୧।୩।୨୦୨୬ରିଖ ଦିନ କେଉଁଠି ହଜିଯାଇଛି। ଏଥିପାଇଁ କେସିଙ୍ଗା ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା Affidavit କରାଯାଇଛି, ଯାହାର ସଂଖ୍ୟା 671/7.1.26 ଓପି ଏସ୍‌ଡିଇ ନଂ. ୦୩/୧୭।୩।୨୦୨୬। ଉକ୍ରେଲା ଫାଣ୍ଡିରେ ସୂଚିତ କରାଯାଇଛି। ଯେକୌଣସି ସହୃଦୟ ବ୍ୟକ୍ତି ପାଇଥିଲେ ନିମ୍ନ ଠିକଣାରେ ଦେବାପାଇଁ ବିନମ୍ର ଅନୁରୋଧ।

ସୁରେନ୍ଦ୍ର କୁମାର ଦୋରା
ଉକ୍ରେଲା, କେସିଙ୍ଗା
ଧ-୩୩୯୨

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

I, Sarita Rungta, W/o- Subhash Chandra Rungta, R/o. Near Samada U.P. School, Belpahar, Jharsuguda, Odisha, PIN- 768217, declare by this affidavit No.-02, Date- 25.3.26 that now onwards I shall be known as Sarita Devi Rungta for all future purposes. D-3790

I, Subash Chandra Rungta, S/o- Ratan Lal Rungta, R/o. Near Samada U.P. School, Belpahar, Jharsuguda, Odisha, PIN- 768217, declare by this affidavit No.-01, Date- 25/3/26 that now onwards I shall be known as Subhash Chandra Rungta for all future purposes. D-3791

Email ମାଧ୍ୟମରେ କ୍ଲାସିଫାଏଡ଼କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ସୌନ୍ଦର୍ଯ୍ୟ

ଏମିତି ଲଗାନ୍ତୁ ଲିପ୍‌ଷ୍ଟିକ୍

ଅଧିକ ସୁନ୍ଦର ଦେଖାଯିବା ପାଇଁ ସାଧାରଣତଃ ମହିଳାମାନେ ଲିପ୍‌ଷ୍ଟିକ୍ ଲଗାଇଥାନ୍ତି। ହେଲେ ଠିକ୍ ଢଙ୍ଗରେ ନ ଲଗାଇଲେ ତାହା ଶୀଘ୍ର ଛାଡ଼ିଯିବା ସହ ଖରାପ ବି ଦେଖାଯାଇଥାଏ।

➔ ଋତୁ ଅନୁସାରେ ଓଠରେ ପ୍ରଥମେ କୌଣସି ଲିପ୍‌ବାମ୍ କିମ୍ବା ମଶ୍ଚରାଇଜର ଲଗାଇବା ପରେ ଲିପ୍‌ଷ୍ଟିକ୍ ଲଗାନ୍ତୁ। ଏହା ଫଳରେ ଲିପ୍‌ଷ୍ଟିକ୍ ସୁନ୍ଦର ଦେଖାଯିବ।

➔ପିଏଚ୍ ବାଲାନ୍ସ ଫର୍ମୁଲା ଦେଖି ଲିପ୍‌ଷ୍ଟିକ୍ ଆଣନ୍ତୁ। ଓଠର ପିଏଚ୍ ୪.୫ ରୁ ୭ ମଧ୍ୟରେ ରହିବା ଦରକାର। ଏହି ଆଧାରରେ ଲିପ୍‌ଷ୍ଟିକ୍ ଲଗାଇଲେ ତାହା ଅଧିକ ସୁନ୍ଦର ଦେଖାଯାଏ। ପିଏଚ୍ କମ୍ ହେଲେ ଲିପ୍‌ଷ୍ଟିକ୍ ଅଧିକ ପିଙ୍କ୍ କିମ୍ବା ୱାର୍ମ କଲର ଦେଖାଯାଏ। ଠିକ୍ ସେମିତି ଅଧିକ ପିଏଚ୍ ବାଲାନ୍ସ ଥିଲେ ଲିପ୍‌ଷ୍ଟିକ୍‌ର ରଙ୍ଗ ଟିକେ ହଳଦିଆ ଦେଖାଯାଏ।

➔ଯଦି ଲିକୁଇଡ୍ ଲିପ୍‌ଷ୍ଟିକ୍ ଲଗାଉଥାନ୍ତି ତେବେ ପ୍ରଥମେ ଉପର ଓଠରେ ଇଂରାଜୀ ଅକ୍ଷର ଏକ୍ସ ଭଳି କରନ୍ତୁ। ଏହାପରେ ଏହି ଅକ୍ଷର ଶେଷର ଗାରଠାରୁ ଓଠର ଶେଷ ଯାଏଁ ଲଗାନ୍ତୁ। ଏହାପରେ ଅନ୍ୟ ଅଂଶରେ ଲଗାନ୍ତୁ। କିନ୍ତୁ ଓଠର ତଳଭାଗରେ ଗୋଟିଏ ପ୍ରକାର ଢଙ୍ଗରେ ଏପଟରୁ ସେପଟ କରି ଲଗାନ୍ତୁ।

➔ ଲିପ୍‌ଷ୍ଟିକ୍‌ରେ ପାଉଡର ସାଣ୍ଡୱିଚ୍ ଟେକ୍‌ନିକ୍ ବ୍ୟବହାର କରନ୍ତୁ। ଅର୍ଥାତ୍ ଲିପ୍‌ଷ୍ଟିକ୍ ଲଗାଇବା ପରେ ସିଙ୍ଗଲ ଲେୟର ଟିସୁ ନେଇ ଓଠ ଉପରେ ଦବାନ୍ତୁ। ଏହା ଉପରେ ଟ୍ରାନ୍ସଲ୍ୟୁସେଣ୍ଟ ପାଉଡର ପକାନ୍ତୁ। ଏହା ପରେ ଟିସୁ କାଢ଼ି ପୁଣି ଥରେ ଲିପ୍‌ଷ୍ଟିକ୍ ଲଗାନ୍ତୁ।

➔ ଲିପ୍‌ଷ୍ଟିକ୍ ଅଧିକ ସମୟ ଓଠରେ ରହିବା ପାଇଁ ଚାହୁଁଥିଲେ ପ୍ରଥମେ ଏକ ହାଲ୍‌କା କୋଟ୍ ଲଗାନ୍ତୁ। ଏହାପରେ ଟିସୁ ବ୍ଲଟ୍ କରନ୍ତୁ। ଏହାପରେ ପୁଣିଥରେ ଗାଢ଼ା କରି ଲିପ୍‌ଷ୍ଟିକ୍ ଲଗାଇ ପୁଣି ଥରେ ଟିସୁ ବ୍ଲଟ୍ କରନ୍ତୁ। ଏପରି କଲେ ଓଠରେ ଅଧିକ ସମୟ ପର୍ଯ୍ୟନ୍ତ ଲିପ୍‌ଷ୍ଟିକ୍ ରହିପାରିବ। ଯଦି ଫିକା ଲାଗେ ତା'ହେଲେ ପୁଣି ଟଚ୍ ଅପ୍ ନିଅନ୍ତୁ।

➔ ଲିପ୍‌ଷ୍ଟିକ୍ ଛଡ଼ାଇବାବେଳେ ନଡ଼ିଆତେଲ କିମ୍ବା ଅଲିଭ୍ ଅଏଲ ବ୍ୟବହାର କରନ୍ତୁ। କ୍ଲିଞ୍ଜର ଲଗାଇ ମଧ୍ୟ ସଫା କରିପାରିବେ।

ଖାଦ୍ୟରୁଚି

ତନ୍ଦୁରୀ ଆଳୁ

ଆବଶ୍ୟକ ସାମଗ୍ରୀ: ଆଳୁ ୧୦-୧୨ଟି, ପନିର ୧ କପ୍ (କୋରା ହୋଇଥିବା), ପିଆଜ ୧ଟି, କଞ୍ଚାଲଙ୍କା୨ଟି, ଅଦା ରସୁଣ ପେଷ୍ଟ ୧ ଚାମଚ, ଗରମ ମସଲା ଅଧା ଚାମଚ, ଆମଚୁର ପାଉଡର ଅଧା ଚାମଚ, ଦହି ଅଧା କପ୍, ବେସନ ୨ କପ୍, ଲଙ୍କାଗୁଣ୍ଡ ୧ ଚାମଚ, ହଳଦୀ ଗୁଣ୍ଡ ଅଧା ଚାମଚ, ଧନିଆ ଗୁଣ୍ଡ ୧ ଚାମଚ, ଜୀରାଗୁଣ୍ଡ ଅଧା ଚାମଚ, ଗରମ ମସଲା ଅଧା ଚାମଚ, ଚାଟ୍ ମସଲା ଅଧା ଚାମଚ, କସ୍ତୁରୀ ମେଥି ୧ ଚାମଚ, ଆବଶ୍ୟକ ଅନୁସାରେ ଲୁଣ ଓ ସୋରିଷ ତେଲ।

ପ୍ରସ୍ତୁତି ପ୍ରଣାଳୀ:
ପ୍ରଥମେ ଆଳୁକୁ ସିଝାଇ ରଖନ୍ତୁ। ଅଳ୍ପ ଟାଣକରି ୮୦ ପ୍ରତିଶତ ସିଝାନ୍ତୁ। ଥଣ୍ଡା ହୋଇଯିବା ପରେ ଆଳୁର ଚୋପା ଛଡ଼ାଇ ଦିଅନ୍ତୁ। ଏହାର ମଝିରୁ ଅଳ୍ପ କାଟି ପୁର ଦେବା ଭଳି କରନ୍ତୁ। ପିଆଜ ଓ କଞ୍ଚାଲଙ୍କାକୁ ଛୋଟ ଛୋଟ କରି କାଟି ରଖନ୍ତୁ। ଏବେ ଅନ୍ୟ ଏକ ପାତ୍ରରେ ପନିର, କଟାହୋଇ ବାହାର କରାଯାଇଥିବା ଆଳୁର ଅଂଶ, କଟା ପିଆଜ, କଞ୍ଚାଲଙ୍କା, ଅଦା ରସୁଣ ପେଷ୍ଟ, ଗରମ ମସଲା ଓ ଲୁଣ ପକାଇ ଭଲଭାବରେ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ ଆଳୁ ମଝିରେ ପୁର ଦେବା ଭଳି ପୂରାଇ ସବୁ ଆଳୁକୁ ସଜାଡ଼ିଦିଅନ୍ତୁ। ଅନ୍ୟ ଏକ ପାତ୍ରରେ ଦହି, ବେସନ, ଅଦା ରସୁଣ ପେଷ୍ଟ ସହ ଲଙ୍କାଗୁଣ୍ଡ, ହଳଦୀ, ଧନିଆ ଗୁଣ୍ଡ, ଜୀରା ଗୁଣ୍ଡ, ଗରମ ମସଲା ଗୁଣ୍ଡ, ଚାଟ ମସଲା, କସ୍ତୁରୀ ମେଥି ସୋରିଷତେଲ ଓ ଲୁଣ ପକାଇ ଭଲଭାବରେ ମିଶାନ୍ତୁ। ଏବେ ଆଳୁଗୁଡ଼ିକୁ ଦହିର ଏହି ମିଶ୍ରଣରେ ପକାଇ ଭଲଭାବେ ଗୋଳାଇ ଫ୍ରିଜ୍‌ରେ ଅଧ ଘଣ୍ଟା ପର୍ଯ୍ୟନ୍ତ ରଖି ଦିଅନ୍ତୁ। ଫଳରେ ମସଲା ଆଳୁ ଭିତରକୁ ଭଲଭାବେ ଯାଇପାରିବ। ଏହାପରେ କଡ଼େଇରେ ତେଲ ଗରମ କରନ୍ତୁ। ଫ୍ରିଜ୍‌ରୁ ଆଳୁକୁ ବାହାରକରି ତେଲରେ ଭାଜି ନିଅନ୍ତୁ। ସାବଧାନତାର ସହ ଆଳୁକୁ ଏପଟ ସେପଟ କରି ବାଦାମୀ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଭାଜି ହୋଇଯିବା ପରେ ଆଳୁ ଉପରେ ଅଳ୍ପ ଚାଟ ମସଲା ପକାନ୍ତୁ। କଟା ପିଆଜ ଓ କୌଣସି ଚଟଣି ସହ ଏହାକୁ ଗରମ ଗରମ ଖାଆନ୍ତୁ।

ସ୍ଲିପ୍ ଡିଭୋର୍ସ

ଆଜିର ଲାଇଫ୍‌ଷ୍ଟାଇଲ୍ ପ୍ରଭାବରେ ଏବେ ଲୋକପ୍ରିୟ ହେବାରେ ଲାଗିଛି ସ୍ଲିପ୍ ଡିଭୋର୍ସ। ସମ୍ପର୍କ ସଜାଡ଼ି ଆଗକୁ ବଢ଼ିବାରେ ସାହାଯ୍ୟ କରୁଛି ଏହି ଟ୍ରେଣ୍ଡ। ତେଣୁ ସକାରାତ୍ମକ ଢଙ୍ଗରେ ଏହାକୁ ଆପଣେଇ ନେବାକୁ ପସନ୍ଦ କରୁଛନ୍ତି ଆଜିର ଆଧୁନିକ ଦମ୍ପତି...

ସ୍ଲିପ୍ ଡିଭୋର୍ସର ପ୍ରକୃତ ଅର୍ଥ ହେଉଛି ଭଲ ନିଦ ପାଇଁ ପତ୍ନୀପତି ଉଭୟ ଜାଣି ଜାଣି ପରସ୍ପର ବୁଝାମଣା ଭିତରେ ଅଲଗା ଅଲଗା ରୁମ୍‌ରେ ଶୋଇଥାନ୍ତି। ଅର୍ଥାତ୍ ରହିବା ଏକାଠି କିନ୍ତୁ ସପ୍ତାହରେ କିଛି ଦିନ ପାଇଁ ଶୋଇବା ଅଲଗା। ଏପରି ଅଲଗା ହୋଇ ଶୋଇବା ଫଳରେ ବୁଝାମଣା ରଖି ସମ୍ପର୍କ ସଜାଡ଼ିବାକୁ ସୁଯୋଗ ମିଳେ। ଏହା ସହ ଆବଶ୍ୟକ ସମୟ ବିଶ୍ରାମ ମିଳିପାରୁ ଥିବାରୁ ସ୍ୱାସ୍ଥ୍ୟ ବି ଭଲ ରହେ। ତେବେ ଏହି ପ୍ରକାର ଏକ ଟ୍ରେଣ୍ଡକୁ ଅଧିକ ଆପଣାଇବା ପଛରେ ଭିନ୍ନ ଭିନ୍ନ କାରଣ ରହିଛି।

କାମର ଚାପ: ତେବେ ଏଭଳି ଟ୍ରେଣ୍ଡ ଲୋକପ୍ରିୟ ହେବାର ଏକ ପ୍ରମୁଖ କାରଣ ହେଉଛି କାର୍ଯ୍ୟର ଚାପ। ଏବେ ଅଧିକାଂଶ ମହିଳା କର୍ମଜୀବୀ ପାଲଟିଛନ୍ତି। ତେଣୁ ପୁରୁଷଙ୍କ ଭଳି ସେମାନଙ୍କୁ ମଧ୍ୟ ବିଭିନ୍ନ ଶିଫ୍ଟରେ କାମ କରିବାକୁ ହେଉଛି। ଏଥିପାଇଁ ଉଭୟ ପତ୍ନୀପତିଙ୍କର ଘରକୁ ଫେରିବା ସମୟ ସମାନ ରହୁନାହିଁ କି ଶୋଇବା ସମୟ ମଧ୍ୟ ସମାନ ରହୁନାହିଁ। ତା' ସହ ଘରର ବିଭିନ୍ନ ଦାୟିତ୍ୱ ନେବାକୁ ବି ପଡୁଛି। ତେଣୁ ଜଣେ ଅନ୍ୟକୁ ଅପେକ୍ଷାକରି ସମୟ ନଷ୍ଟ କରିବାକୁ ପସନ୍ଦ କରୁନାହାନ୍ତି। ବରଂ ପରସ୍ପର ମଧ୍ୟରେ ବୁଝାମଣା ରକ୍ଷାକରି ନିଜ କ୍ୟାରିୟରରେ ସଫଳ ହେବାକୁ ଲକ୍ଷ୍ୟ ରଖୁଛନ୍ତି। ଫଳରେ ଉଭୟ ନିଜ ନିଜ ପାଇଁ ଖାଇବା, ଶୋଇବା ଆଦିର ଭିନ୍ନ ସମୟ ତାଲିକା ତିଆରି କରି ନେଉଛନ୍ତି। ଏହି ଅନୁସାରେ ଉଭୟଙ୍କର ସବୁ ଅଭ୍ୟାସ ବି ବଦଳିଯାଉଛି। ଏମିତିକି ବେଡ୍‌ରୁମ୍‌କୁ ଆସିବା ପରେ କିଏ ଫୋନ୍, ଟିଭି କିମ୍ବା ମୋବାଇଲରେ ବିଭିନ୍ନ ପ୍ରକାର କାମ କରୁଛନ୍ତି। ଏମିତି ଅନେକ କାରଣ ପାଇଁ ସ୍ଲିପ୍ ଡିଭୋର୍ସର ଟ୍ରେଣ୍ଡକୁ ଆପଣାଇବାକୁ ପସନ୍ଦ କରୁଛନ୍ତି ପତ୍ନୀପତି।

ଭିନ୍ନ ଲାଇଫ୍‌ଷ୍ଟାଇଲ: ସ୍ଲିପ୍ ଡିଭୋର୍ସର ଅନ୍ୟ ଏକ ପ୍ରମୁଖ କାରଣ ହେଉଛି ଉଭୟଙ୍କ ଲାଇଫଷ୍ଟାଇଲ୍ ଓ ଅଭ୍ୟାସ। ଉଭୟଙ୍କ ମଧ୍ୟରୁ ଯଦି କେହି ଶୋଇବା ସମୟରେ ଘୁଙ୍ଗୁଡ଼ି ମାରୁଥିବେ କିମ୍ବା କାହାକୁ ଏସି ଲଗାଇ ଶୋଇବା ପସନ୍ଦ ନ ଥିବ ତେବେ ପରସ୍ପର କଥା ଚିନ୍ତା କରି ଆଡ୍‌ଜଷ୍ଟ କରିବା ବଦଳରେ ଅଲଗା ହୋଇ ଶୋଇବା ଭଲ ବୋଲି ଭାବୁଛନ୍ତି। ଫଳରେ ରାତିର ନିଦ ଖରାପ ହେବ ନାହିଁ। ତେଣୁ ଦିନ ସାରା ପୁଣି ଥରେ ନୂତନ ଉର୍ଜାର ସହିତ କାମ କରିହେବ। ବିଶେଷକରି ଆଜିର କର୍ମଜୀବୀମାନଙ୍କ ପାଇଁ ଏହି ସ୍ଲିପ୍ ଡିଭୋର୍ସର ଆବଶ୍ୟକତା ବହୁ ଅଧିକ ରହିଛି। ତେଣୁ ପାଶ୍ଚାତ୍ୟ ଦେଶଗୁଡ଼ିକ ଭଳି ଆମ ଦେଶରେ ମଧ୍ୟ ଏଭଳି ଏକ ଟ୍ରେଣ୍ଡକୁ ଆପଣାଇବାରେ ଲାଗିଛନ୍ତି।

ସୁସ୍ଥତା: ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ନିଦ କମ୍ ହେଲେ କିମ୍ବା ଭଲ ନିଦ ନ ହେଲେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେବ। ଏକଥା ପ୍ରାୟ ସମସ୍ତେ ଜାଣନ୍ତି। ନିଦ କମ୍ ହେଲେ ମୁଡ୍ ଖରାପ ହୁଏ, ଚିଡ଼ଚିଡ଼ା ଲାଗେ, କାମ କରିବାର ଉତ୍ସାହ ସୃଷ୍ଟି ହୁଏନାହିଁ। ତେଣୁ ଉଭୟ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଖରାପ ହୋଇଥାଏ। ତେଣୁ ସ୍ଲିପ୍ ଡିଭୋର୍ସ ଦ୍ୱାରା ଉଭୟ ସ୍ୱାସ୍ଥ୍ୟ ଓ କ୍ୟାରିୟରରେ ସଫଳତା ମିଳିପାରୁଛି।

ସଚେତନତା ବି ଜରୁରୀ: ସ୍ଲିପ୍ ଡିଭୋର୍ସକୁ ଆପଣାଇ ଅନେକ ଦିନ ଧରି ଅଲଗା ଶୋଇବା ଫଳରେ ବେଳେବେଳେ କେତେକେ ଏକୁଟିଆପଣର ଶିକାର ହୋଇଥାନ୍ତି। ପ୍ରତ୍ୟେକ କଥାକୁ ନେଇ ଯଦି ଭଲଭାବରେ ପରସ୍ପର ସହ କଥାବାର୍ତ୍ତା ହୋଇ ବୁଝାମଣା କରି ନ ଥିବେ ତେବେ ହୁଏତ ଭାବନାତ୍ମକଭାବେ ଦୂରତା ସୃଷ୍ଟିହୋଇପାରେ। ତେଣୁ ସମ୍ପର୍କ ମଜଭୁତ ରଖିବା ନିମନ୍ତେ ପରସ୍ପରକୁ ବ୍ୟକ୍ତିଗତ ସମୟ ଦେବା ନିହାତି ଜରୁରୀ। ତେଣୁ ଅନ୍ତରଙ୍ଗତା ବଢ଼ାଇବା ନିମନ୍ତେ ଉଭୟ ପରସ୍ପର ମଧ୍ୟରେ କଥାବାର୍ତ୍ତା ହୋଇ ବୁଝାମଣା ରଖିବାକୁ ହେବ।

- ଖୋଲାଖୋଲି ଆଲୋଚନା କରନ୍ତୁ।
- ସବୁକାମ ପାଇଁ ରୁଟିନ୍ ତିଆରିକରି ପରସ୍ପର ନିମନ୍ତେ ସମୟ ବାହାର କରନ୍ତୁ।
- ଅଧିକ ଦିନ ସ୍ଲିପ୍ ଡିଭୋର୍ସ ଟ୍ରେଣ୍ଡରେ ରୁହନ୍ତୁ ନାହିଁ। ନିୟମିତ ଏକ ଗ୍ୟାପ୍‌ରେ ପରସ୍ପର ଏକାଠି ହୁଅନ୍ତୁ।
- ଶୋଇବା ସମୟରେ ପରସ୍ପର ମଧ୍ୟରେ କିଛି କଥାବାର୍ତ୍ତା ଓ ଆଲୋଚନା କରିବାର ସୁଯୋଗ ମିଳେ। ଫଳରେ ସମ୍ପର୍କ ନିବିଡ଼ ହୁଏ। ତେଣୁ ପରସ୍ପର ସହ ସମୟ ଓ ପରିବେଶ ନେଇ ଯଥାସମ୍ଭବ ଆଡ୍‌ଜଷ୍ଟ କରିବାକୁ ଚେଷ୍ଟା କରନ୍ତୁ।
- ସାଥୀଙ୍କ ମଧ୍ୟରୁ କାହାର ଯଦି ଘୁଙ୍ଗୁଡ଼ି ମାରିବାର ସମସ୍ୟା ଥାଏ ତା'ହେଲେ ଚିକିତ୍ସା କରାନ୍ତୁ।

ଏମାନେ କ'ଣ କରନ୍ତି

ଦରକାର ପଡ଼ିନି

ଆଧୁନିକ ଲାଇଫଷ୍ଟାଇଲ୍‌ରେ ହୁଏତ ଏହାକୁ କେତେକେ ଗ୍ରହଣକରି ନେଇଛନ୍ତି। କିନ୍ତୁ ମତେ ଏହି ଟ୍ରେଣ୍ଡ ଆଦୌ ପସନ୍ଦ ନୁହେଁ। ଅବଶ୍ୟ ଆମ ଦୁଇଜଣଙ୍କର ସେମ୍ ପ୍ରଫେସନ ଥିବାରୁ ଆମକୁ ସ୍ଲିପ୍ ଡିଭୋର୍ସ ଆପଣେଇବାକୁ ପଡ଼ିନାହିଁ। ଆମେ ଉଭୟ ଶୋଇବା ପୂର୍ବରୁ କିଛି ସମୟ ପରସ୍ପର କଥାବାର୍ତ୍ତା ହେଉ। ଦିନ ସାରାର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁ। ତେଣୁ ମୋ ମତରେ ଏକାଠି ଗୋଟିଏ ରୁମ୍‌ରେ ଶୋଇବା ନିହାତି ଜରୁରୀ। କାରଣ ଯଦି ବି କଥାବାର୍ତ୍ତା ପାଇଁ ସୁଯୋଗ ନ ମିଳେ ତା'ହେଲେ ପାଖରେ ଥିବାର ଏକ ଅନୁଭବ ବି ଆତ୍ମସନ୍ତୋଷ ଦେଇଥାଏ। ତେଣୁ ସେମିତି ନିହାତି ଆବଶ୍ୟକ ନ ହେଲେ କେହି ବି ଏଭଳି ଟ୍ରେଣ୍ଡକୁ ଗ୍ରହଣକରିବା କଥା ନୁହେଁ। ଆଉ ଯଦି କାହାର ଅଲଗା ସିଫ୍ଟରେ ଅଫିସ୍ ଯିବାକୁ ପଡୁଛି ଓ ଭଲ ନିଦ ନିହାତି ଦରକାର ସେମାନେ ହୁଏତ ଅଲଗା ଶୁଅନ୍ତୁ, କିନ୍ତୁ ସବୁବେଳେ ଏପରି କରିବା ଠିକ୍ ନୁହେଁ।

*– **ଡ. ଝାନ୍‌ସୀ ମିଶ୍ର,** ଅଧ୍ୟାପିକା, ପୂର୍ବାଞ୍ଚଳ ୟୁନିଭର୍ସିଟି, ଉତ୍ତରପ୍ରଦେଶ*

ଗ୍ରହଣ କରିପାରିବି ନାହିଁ

ଆମ ଓଡ଼ିଆ ସଂସ୍କୃତିରେ ଏଭଳି ଏକ ଚଳଣିକୁ ଗ୍ରହଣ କରିବାକୁ ଠିକ୍ ମନେ କରାଯାଏନାହିଁ। ହେଲେ ଚାକିରି ଓ ଘରକାମର ଚାପ ଯୋଗୁ ମୁଁ ଅନେକ ଥର ଆଗୁଆ ଶୋଇପଡ଼େ। କିନ୍ତୁ ଅଲଗା ରୁମ୍‌କୁ ଯାଏନାହିଁ। ଆଉ ଯେବେ ସମୟ ଥାଏ ଆମେ ପରସ୍ପରକୁ ଅପେକ୍ଷା କରୁ ଓ ଶୋଇବା ସମୟରେ ବିଭିନ୍ନ ବିଷୟରେ କଥାବାର୍ତ୍ତା ହେଉ। ଅଲଗା ରୁମ୍‌କୁ ଗଲେ ବିଭିନ୍ନ ପ୍ରକାର ସମସ୍ୟା ଆସିବ। ସ୍ଲିପ୍ ଡିଭୋର୍ସ ସମ୍ପର୍କରେ ମୁଁ ଶୁଣିଛି କିନ୍ତୁ ଆମ ଚଳଣିରେ ଏହାକୁ ଗ୍ରହଣ କରିପାରିବି ନାହିଁ। ଅବଶ୍ୟ ଘରକୁ କେହି ବନ୍ଧୁବାନ୍ଧବ ଆସିଲେ ଆମେ ଶୋଇବାରେ ଆଡଜଷ୍ଟ କରୁ। କିନ୍ତୁ ତାହା ଜୀବନରେ କିଛି ସାମୟିକ ସମୟ ପାଇଁ, ସବୁଦିନ ପାଇଁ ନୁହେଁ।

*– **ଡଲି ବେହେରା,** କର୍ମଜୀବୀ, ଏୟାରପୋର୍ଟ କଲୋନୀ, ଭୁବନେଶ୍ୱର*

ରାଶି ଚିହ୍ନର ଜୁଏଲେରି

ବିଭିନ୍ନ ପ୍ରକାର ଜୁଏଲେରିରେ ଏବେ ଆଷ୍ଟ୍ରୋଲୋଜିର ଛାପ ଦେଖିବାକୁ ମିଳୁଛି। ଯୁବପିଢ଼ିଙ୍କୁ ଏବେ ଜ୍ୟୋତିଷ ଶାସ୍ତ୍ର ତଥା ରାଶିର ବିଭିନ୍ନ ବିଭିନ୍ନ ଚିହ୍ନଥିବା ଡିଜାଇନ ଗହଣା ବେଶି ପସନ୍ଦ ହେଉଛି...

➔ଫ୍ୟାଶନ ଟ୍ରେଣ୍ଡରେ ଏବେ ରାଶି ଚିହ୍ନ ଥିବା ବିଭିନ୍ନ ପ୍ରକାର ଜୁଏଲେରିକୁ ଅଧିକ ପସନ୍ଦ କରୁଛନ୍ତି ମହିଳା। ଏଭଳି ଗହଣାକୁ ଫ୍ୟାଶନ୍ ଟ୍ରେଣ୍ଡଭାବେ ଗ୍ରହଣ କରି ବ୍ୟକ୍ତିତ୍ୱ ବୃଦ୍ଧି କରିହେବ।

➔ଏଭଳି ଡିଜାଇନ ଗହଣା ଉଭୟ ପାରମ୍ପରିକ ହେବା ସହ ଆଧୁନିକ ଲୁକ୍ ମଧ୍ୟ ଦେଇପାରିବ।

➔ରାଶି ଅନୁସାରେ ବିଭିନ୍ନ ରତ୍ନକୁ ନେଇ ଗହଣା ପୂର୍ବରୁ ମଧ୍ୟ ତିଆରି ହେଉଥିଲା। ଏବେର ଫ୍ୟାଶନ ଟ୍ରେଣ୍ଡରେ ସାମିଲ ହେବାକୁ ଚାହୁଁଥିଲେ ରାଶିଚକ୍ରର ବିଭିନ୍ନ ପ୍ରତୀକ ଅନୁସାରେ ଡିଜାଇନ କରି ଏହାର ବ୍ୟବହାର କରିପାରିବେ।

➔ନିଜ ରାଶି ଅନୁସାରେ ସେହିଭଳି ଚିହ୍ନ ବ୍ୟବହାରକରି ପ୍ରତ୍ୟେକ ଗହଣା ଲଗାଇପାରିବେ।

➔ରାଶି ଚିହ୍ନର ଗହଣା ପିନ୍ଧୁଥିଲେ ସିମ୍ପଲ ମେକ୍‌ଅପ୍ ନିଅନ୍ତୁ। ଟ୍ରାଡିଶନାଲ ପୋଷାକ ପିନ୍ଧନ୍ତୁ। ଏପରି ହେଲେ ପୋଷାକ ତୁଳନାରେ ଗହଣା ଅଧିକ ହାଇଲାଇଟ୍ ହୋଇପାରିବ।

➔ଗହଣା ଲଗାଇବା ପୂର୍ବରୁ କେଉଁ ଉତ୍ସବରେ ଯୋଗଦେବାକୁ ଯାଉଛନ୍ତି ସେଥିପ୍ରତି ଧ୍ୟାନଦେବାକୁ ହେବ। ଯଦି କୌଣସି ପୂଜା କିମ୍ବା ପାରିବାରିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥାନ୍ତି ତେବେ ହାଲ୍‌କା ଡିଜାଇନ ଜୁଏଲେରି ପିନ୍ଧନ୍ତୁ।

➔ରାଶି ଚିହ୍ନ ଥିବା ଗହଣାଗୁଡ଼ିକ ଆକର୍ଷଣୀୟ ଲୁକ୍ ଦେବା ସହ ବ୍ୟକ୍ତିଗତ ସନ୍ତୁଷ୍ଟି ପ୍ରଦାନ କରିଥାଏ।

➔ଏକ ସମୟରେ ଏହାକୁ ପିନ୍ଧି ଆପଣ ଫ୍ୟାଶନେବୁଲ ଟ୍ରେଣ୍ଡରେ ସାମିଲ ହୋଇପାରିବେ। ଏହା ସହ ଭିନ୍ନ ଭିନ୍ନ ତତ୍ତ୍ୱ ସହିତ ଜଡ଼ିତ ହୋଇଥିବାରୁ ସମସ୍ତଙ୍କ ପାଇଁ ବିଶେଷ ମହତ୍ତ୍ୱ ରହିଥାଏ।

➔ନିଜ ରାଶି ଅନୁସାରେ ସିଗ୍ନେଚର ରିଂ, ଟେନିସ୍ ବ୍ରେସ୍‌ଲେଟ୍, ଲେୟର୍ଡ ଜୁଏଲେରି, ମଲ୍‌ଟି ଷ୍ଟାଣ୍ଡ ନେକ୍‌ଲେସ୍ ଆଦି ଲଗାଇପାରିବେ। ତେବେ ଜ୍ୟୋତିଷଶାସ୍ତ୍ରର ପରାମର୍ଶ ନେଇ ଏସବୁ ଗହଣା ପିନ୍ଧିଲେ ଅଧିକ ଭଲ।

ଅଦା ରହିବ ଫ୍ରେଶ୍

ଅଦାକୁ କିଭଳି ରଖିଲେ ତାହା ଅଧିକ ଦିନ ଫ୍ରେଶ୍ ରହିପାରିବ ସେନେଇ ଗୃହିଣୀଙ୍କର ଚିନ୍ତା ରହିଥାଏ। ତେବେ ଜାଣନ୍ତୁ କେତେକ ଉପାୟ...

➤ ଅଦାକୁ କେବେ ବି ଧୁଅନ୍ତୁ ନାହିଁ। ଧୋଇ ସାରି ଫ୍ରିଜ୍‌ରେ ରଖିଲେ ସେଥିରେ ଶୀଘ୍ର ଫଙ୍ଗସ୍ ଲାଗି ଖରାପ ହୋଇଯିବ। ତେଣୁ ଅଦାକୁ ସେହିଭଳି ମାଟି ଲାଗିଥିବା ଅବସ୍ଥାରେ ଫ୍ରିଜ୍‌ରେ ରଖନ୍ତୁ।

➤ଯେଉଁ କଣ୍ଟେନର ଭିତରେ ରଖୁଛନ୍ତି ସେଥିରେ ପ୍ରଥମେ କିଛି ପେପର ପକାଇ ଦିଅନ୍ତୁ। ଏହାପରେ ଅଦାକୁ ମଧ୍ୟ ପେପରରେ ଗୁଡ଼ାଇ ସେଥିରେ ବନ୍ଦ କରି ରଖନ୍ତୁ। ନଚେତ୍ ଅଦାରୁ ବାହାରୁଥିବା ଜଳୀୟ ଅଂଶ ଦ୍ୱାରା ତାହା ଶୀଘ୍ର ନଷ୍ଟ ହୋଇପାରେ।

➤ଫ୍ରିଜ୍‌ରେ ଅଦାକୁ ଖୋଲା ରଖନ୍ତୁ ନାହିଁ। ଏକ ଏୟାର ଟାଇଟ୍ ଡବା ଭିତରେ ରଖନ୍ତୁ। ଯଦି ଏଭଳି ଡବା ନ ଥାଏ ତା'ହେଲେ ଏକ ଜିପ୍ ଲକ୍ ବ୍ୟାଗ୍ ଭିତରେ ରଖନ୍ତୁ।

➤ଫ୍ରିଜ୍ ଭିତରେ କ୍ରିସ୍ପର କିମ୍ବା ଭେଜିଟେବୁଲ ଡ୍ରୟାର ଭିତରେ ରଖନ୍ତୁ। ଏପରି କଲେ ଅଦା ନିମନ୍ତେ ଆବଶ୍ୟକ ତାପମାତ୍ରା ବାଲାନ୍ସ ହୋଇ ରହିବ।

➤କଟାହୋଇଥିବା ଅଦା ସହ ଅନ୍ୟ ସବୁ ଅଦାକୁ ଏକାଠି ରଖନ୍ତୁ ନାହିଁ।

➤ଯଦି ଅଧିକ ଅଦା ଥାଏ ତେବେ ଏହାକୁ ଶୁଖାଇ ଗୁଣ୍ଡକରି ରଖି ଦିଅନ୍ତୁ। ବହୁଦିନ ରହିପାରିବ।

➤ଅଦାକୁ ଧୋଇ ଛୋଟ ଛୋଟ ଖଣ୍ଡ କରି କାଚ ଜାର୍ ଭିତରେ ଲେମ୍ବୁରସ ମିଶାଇ ରଖନ୍ତୁ। ଅଧିକ ଦିନ ଫ୍ରେଶ୍ ରହିବ।

ଧରିତ୍ରୀ 52 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୩୧/୨୦୨୬ Bhubaneswar, Tuesday, March 31/ 2026

ରାଜସ୍ଥାନର ସହଜ ବିଜୟ

ବିସ୍ଫୋରକ ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ବୈଭବ ସୂର୍ଯ୍ୟବଂଶୀ।

ଗୁଆହାଟୀ,୩୦।୩

ବୋଲରଙ୍କ ପ୍ରଭାବୀ ବୋଲିଂ ପରେ ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ରାଜସ୍ଥାନ ରୟାଲ୍ସ ସୋମବାର ଖେଳାଯାଇଥିବା ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷ ମ୍ୟାଚ୍‌କୁ ୮ ଉଇକେଟରେ ଜିତି ନେଇଛି। ଚେନ୍ନାଇ ପକ୍ଷରୁ ଧାର୍ଯ୍ୟ ୧୨୮ ରନର ଛୋଟିଆ ଲକ୍ଷ୍ୟକୁ ରାଜସ୍ଥାନ ୧୨.୧ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା।

ମେଘୁଆ ପାଗ ଓ ବୋଲରଙ୍କୁ ସୁହାଉଥିବା ପିଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୯.୪ ଓଭରରେ ୧୨୭ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଜେମି ଓଭର୍ଟନ (୩୬ ବଲ, ୪୩ ରନ, ୨ ଲେଖାଏ ଚୌକା ଓ ଛକା), ସର୍ଫରାଜ ଖାନ (୧୭) ଓ କାର୍ତ୍ତିକ ଶର୍ମା (୧୮)ଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ଦୁଇ ଅଙ୍କ ସ୍କୋର ଛୁଇଁପାରି ନ ଥିଲେ। ଦଳର ସଞ୍ଜୁ ସାମସନ (୬), ଅଧିନାୟକ ଋତୁରାଜ ଗାଏକ୍ୱାଡ(୬), ଆୟୁଷ ମାହାତ୍ରେ (୦), ମାଥ୍ୟୁ ଶର୍ଟ (୨), ଶିବମ ଦୁବେ (୬) ବିଫଳ ହୋଇଥିଲେ। ଶେଷ ଆଡ଼କୁ ଓଭର୍ଟନ ଓ ଅଂଶୁଲ କାମ୍ବୋଜଙ୍କ ମଧ୍ୟରେ ଦଶମ ଉଇକେଟ ଲାଗି ସର୍ବାଧିକ ୩୩ ରନର ଭାଗୀଦାରି ହେବାରୁ ଦଳୀୟ ସ୍କୋର ୧୦୦ ଅତିକ୍ରମ କରିଥିଲା। ରାଜସ୍ଥାନ ପକ୍ଷରୁ ଜୋଫ୍ରା ଆର୍ଚ୍ଚର, ନାନ୍ଦ୍ରେ ବର୍ଗର ଓ ରବୀନ୍ଦ୍ର ଜାଡେଜା ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ରାଜସ୍ଥାନକୁ ସୂର୍ଯ୍ୟବଂଶୀ ଓ ଯଶସ୍ୱି ଜୟସ୍ୱାଲଙ୍କ ଓପନିଂ ଯୋଡ଼ି ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲା। ଦୁହେଁ ୬.୨ ଓଭରରେ ଦଳୀୟ ସ୍କୋରକୁ ୭୫ ରନରେ ପହଞ୍ଚାଇଥିଲେ। ୧୭ ବଲରେ ୫୨ ରନ କରି ଆଉଟ୍ ହୋଇଥିଲେ ବୈଭବ। ୧୫ ବଲରେ ଅର୍ଦ୍ଧଶତକ ପୂରଣ କରିଥିବା ବୈଭବଙ୍କ ଇନିଂସରେ ୪ ଚୌକା ଓ ୫ ଛକା ସାମିଲ ଥିଲା। ତାଙ୍କ ପରେ କ୍ରିଜ୍‌କୁ ଆସିଥିବା ଧ୍ରୁବ ଜୁରେଲ ୯ ବଲରେ ୧୮ (୪ ଚୌକା) ରନ କରି ପାଭିଲିଅନ ଫେରିଥିଲେ। ଏହାପରେ ଜୟସ୍ୱାଲ ଓ ଅଧିନାୟକ ରିଆନ ପରାଗ ଦଳକୁ ଜିତିବା ଲାଗି ଦରକାର ଥିବା ରନ ସଂଗ୍ରହ କରି ନେଇଥିଲେ। ଫଳରେ ରାଜସ୍ଥାନ ୧୨.୧ ଓଭରରେ ୨ ଉଇକେଟ ହରାଇ ୧୨୮ ରନ କରି ନେଇଥିଲା। ଜୟସ୍ୱାଲ ୩୬ ବଲରେ ୩୮ (୩ ଚୌକା ଓ ୧ ଛକା) ଓ ପରାଗ ୧୧ ବଲରେ ୧୪ (୧ ଲେଖାଏ ଚୌକା ଓ ଛକା) ରନ କରି ଅପରାଜିତ ରହିଥିଲେ।

ସଂକ୍ଷିପ୍ତ ସ୍କୋର

ଚେନ୍ନାଇ ସୁପର କିଙ୍ଗ୍ସ: ୧୯.୪ ଓଭରରେ ୧୨୭/ଅଲଆଉଟ୍ (ଜେମି ଓଭରଟନ-୪୩, କାର୍ତ୍ତିକ ଶର୍ମା-୧୮, ଜୋଫ୍ରା ଆର୍ଚ୍ଚର-୨/୧୯, ନାନ୍ଦ୍ରେ ବର୍ଗର-୨/୨୬, ରବୀନ୍ଦ୍ର ଜାଡେଜା-୨/୧୮)। ରାଜସ୍ଥାନ ରୟାଲ୍ସ: ୧୨.୧ ଓଭରରେ ୧୨୮/୨ (ବୈଭବ ସୂର୍ଯ୍ୟବଂଶୀ-୫୨, ଯଶସ୍ୱି ଜୟସ୍ୱାଲ-୩୮*, ଅଂଶୁଲ କାମ୍ବୋଜ-୨/୨୭)।

ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

ପଞ୍ଜାବ କିଙ୍ଗ୍ସ ବନାମ ଗୁଜରାଟ ଟାଇଟନ୍ସ

ସ୍ଥାନ: ଚଣ୍ଡିଗଡ଼

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଶୀତଲ ଦେବୀ 'ୱାର୍ଲ୍ଡ ପାରା ଆର୍ଚର ଅଫ୍ ଦି ଇୟର'

ଲାଉସାନେ, ୩୦।୩ (ପି.ଟି.)

ଭାରତୀୟ ତୀରନ୍ଦାଜ ଶୀତଲ ଦେବୀ ୱାର୍ଲ୍ଡ ଆର୍ଚେରୀ ଦ୍ୱାରା 'ୱାର୍ଲ୍ଡ ଆର୍ଚର ଅଫ୍ ଇୟର ୨୦୨୫' ବିବେଚିତ ହୋଇଛନ୍ତି। ଏହାଛଡ଼ା ସେ ଐତିହାସିକ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଥିବାରୁ ଏକ ଅସାଧାରଣ ସଫଳତା ହାସଲ କରିଛନ୍ତି। ଜମ୍ମୁ ଓ କଶ୍ମୀରର ଏହି ୧୯ ବର୍ଷୀୟା ମହିଳା ତୀରନ୍ଦାଜ ଗତବର୍ଷ ଦକ୍ଷିଣ କୋରିଆର ଗ୍ୱାଙ୍ଗଜୁରେ ଅନୁଷ୍ଠିତ ମହିଳା କମ୍ପାଉଣ୍ଡ ବ୍ୟକ୍ତିଗତ ଇଭେଣ୍ଟରେ ଶୀର୍ଷ ସମ୍ମାନ ହାସଲ କରି ବିଶ୍ୱ ପାରା ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଜିତିଥିବା ପ୍ରଥମ ଓ ଏକମାତ୍ର ବାହୁହୀନ ତୀରନ୍ଦାଜ ହୋଇଥିଲେ। ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ବ୍ୟତୀତ ଶୀତଲ ପ୍ୟାରିସ ପାରାଲିମ୍ପିକ୍ସ ମିକ୍ସଡ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ, ୨୦୨୨ ଏସିଆନ ପାରା ଗେମ୍ସ ଏବଂ ବ୍ୟାଙ୍କକ୍‌ରେ ୨୦୨୩ ଏସିଆନ ଚାମ୍ପିୟନଶିପ୍‌ରେ ରୌପ୍ୟ ଜିତିଛନ୍ତି। ଏହି ପୁରସ୍କାର ୨୦୧୧ରୁ ପ୍ରଦାନ କରାଯାଇ ଆସୁଛି। ଅନ୍ତର୍ଜାତୀୟ ସିଜନରେ କ୍ରୀଡ଼ା ପ୍ରତି ଉଲ୍ଲେଖନୀୟ ଅବଦାନ ରଖିଥିବା ଆଥ୍‌ଲେଟ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଉଛି। ଚଳିତବର୍ଷ ୮ଟି କାଟେଗୋରୀରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ତନ୍ମଧ୍ୟରେ ରହିଛି 'ଆର୍ଚର ଅଫ୍ ଦି ଇୟର'। ଏହି ପୁରସ୍କାର ତୁର୍କୀର ଏମିରକାନ ହାନେଙ୍କୁ ମିଳିଛି। ସେହିପରି ଫ୍ରାନ୍ସର ବାପ୍‌ଟିଷ୍ଟ ଆଡିସ 'ୟଙ୍ଗ ଆର୍ଚର ଅଫ୍ ଦି ଇୟର' ବିବେଚିତ ହୋଇଥିବା ବେଳେ କୋରିଆର ରିକର୍ଭ ପୁରୁଷ ଦଳ 'ବେଷ୍ଟ ଟିମ୍ ଅଫ୍ ଦି ଇୟର' ବିବେଚିତ ହୋଇଛନ୍ତି।

ବାଂଲାଦେଶରେ ଆଇପିଏଲ୍ ପ୍ରସାରଣ ହେବନି

ଢାକା,୩୦।୩

ଭାରତର ପ୍ରସାରଣକାରୀ ସଂସ୍ଥା ଜିଓଷ୍ଟାର ବାଂଲାଦେଶରେ ଚଳିତ ବର୍ଷର ଆଇପିଏଲ୍ ପ୍ରସାରଣ ଚୁକ୍ତିକୁ ବାତିଲ କରି ଦେଇଛି। ସ୍ଥାନୀୟ ସାଥି କମ୍ପାନୀ ପାଉଣା ଦେବାରେ ବିଫଳ ହୋଇଥିବାରୁ ଜିଓଷ୍ଟାର ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଜାନୁଆରୀରେ ବିସିସିଆଇର ନିର୍ଦ୍ଦେଶକ୍ରମେ କେକେଆର୍ ମୁସ୍ତାଫିଜୁର ରହମାନଙ୍କୁ ବାଦ୍ ଦେବା ପରେ ବାଂଲାଦେଶରେ ଆଇପିଏଲ୍ ପ୍ରସାରଣକୁ ବ୍ୟାନ କରାଯାଇଥିଲା। ମାତ୍ର ବର୍ତ୍ତମାନ ବାଂଲାଦେଶ ବ୍ୟାନ ନିଷ୍ପତ୍ତିକୁ ପୁନଃ ବିଚାର କରୁଛି। ହେଲେ ଜିଓଷ୍ଟାର ଚୁକ୍ତିକୁ ବାତିଲ କରିଥିବାରୁ ଚଳିତ ଆଇପିଏଲ୍‌କୁ କୌଣସି ସ୍ଥାନୀୟ ଚ୍ୟାନେଲ ପ୍ରସାରଣ କରିପାରିବେ ନାହିଁ। ବାଂଲାଦେଶର ପ୍ରସାରଣକାରୀ ଚ୍ୟାନେଲ ଟିସ୍ପୋର୍ଟ୍ସକୁ ଗତ ଫେବୃଆରୀ ୧୭ ତାରିଖରେ ଜିଓ ଷ୍ଟାର ପକ୍ଷରୁ ପଠାଯାଇଥିବା ମେଲରେ ଚୁକ୍ତିକୁ ତୁରନ୍ତ ବାତିଲ କରାଯାଉଥିବା ଉଲ୍ଲେଖ ରହିଥିଲା।

*₹ 10.99 lakh for e VITARA Delta. Battery EMI: ₹ 3.99/km (subject to financier terms). Taxes and statutory charges are extra. Visit dealership for full T&Cs. | *As certified by Kantar IMRB for an OEM platform for end-to-end usage as on November 28, 2025. | *543 km range: Certified range; actual results may vary by driving conditions and usage. | *ADAS features are for driver assistance only. Driver is responsible for safe and attentive driving. | *Always wear your seatbelt. | *Mentioned ownership plan is for e VITARA Delta variant. Calculation is done assuming vehicle is running 60 km per day, excluding charging cost. Valid on retail sales for the e VITARA till 31st March '26, capped at 1 000 units of electricity (kWh) per customer or 1 Year from the purchase of the vehicle, whichever is earlier. Assured buyback plan is available on payment basis with the option of 3 years/45 000 km or 4 years/60 000 km ownership plans (whichever is earlier). The program is offered through an Insurance company. e VITARA comes with standard warranty of 3 years/1 00 000 km with an option of extending the same on payment basis to 5 years/1 40 000 km and service activated coverage for 6th to 8th year for EV related components.

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ